# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁଆରୀ ୨୨/୨୦୨୪ (୧୮ ପୃଷ୍ଠା) | Bhubaneswar, Monday, January 22/2024 | Page 18 | ₹ 7.00

୫୦ଶ ଭାଗ ୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 60 | ମୂଲ୍ୟ ₹୭/-




### ସନ୍ଦୀପଙ୍କ ଶତକ

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଜମ୍ମୁ-କଶ୍ମୀର ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଓଡ଼ିଶାର ସନ୍ଦୀପ ପଟ୍ଟନାୟକ। ୧୬

୧୫

### ଆଦିତ୍ୟଙ୍କୁ ବିବାହ କରିବେ ଅନନ୍ୟା

ପୂର୍ବରୁ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏବଂ ଆଦିତ୍ୟ ରୟ କପୁରଙ୍କ ଡେଟିଂକୁ ନେଇ ଚର୍ଚ୍ଚା ହେଉଥିବାବେଳେ ଏବେ ଉଭୟଙ୍କ ବିବାହ ହେବ ବୋଲି ଜଣାପଡ଼ିଛି।





ଅଯୋଧ୍ୟାର ରାମକଥା ପାର୍କରେ ରବିବାର ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ରାମଲାଲାଙ୍କ କଳାକୃତି। ୫୦୦ ବର୍ଷ ପ୍ରତୀକ୍ଷାର ଅନ୍ତ ସ୍ୱରୂପ ନବନିର୍ମିତ ରାମମନ୍ଦିରର ୫୦୦ଟି ପ୍ରତିରୂପ ସ୍ଥାପିତ କରି ସୁଦର୍ଶନ ଏହି କ୍ଷେତ୍ରରେ ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି।

# କୋହଲା ପାଗକୁ ହାଲୁକା ବର୍ଷା

**ଭୁବନେଶ୍ୱର, ୨୧।୧ (ଅସମାପିକା ସାହୁ)**

ଓଡ଼ିଶା ଉପକୂଳ ବଙ୍ଗୋପ ସାଗରରେ ଏକ ଗୁରୁଚାପ ବଳୟ ସକ୍ରିୟ ରହିଛି। ଗୁରୁଚାପ ବଳୟ ପ୍ରଭାବରେ ସାରା ରାଜ୍ୟରେ କୋହଲା ପାଗ ଲାଗି ରହିଛି। ଉତ୍ତର ଓଡ଼ିଶା ସମେତ ଉପକୂଳ ଓଡ଼ିଶାରେ ହାଲୁକା ବର୍ଷା ମଧ୍ୟ ହୋଇଛି। ରବିବାର ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ, ଚାନ୍ଦବାଲି, ଭଦ୍ରକ, ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱରରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଉତ୍ତର ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର ଅଧିକାଂଶ ଜିଲାରେ ପାଗ ମେଘୁଆ ରହିବା ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ରବିବାର ଭଦ୍ରକରେ ସର୍ବାଧିକ ୧୨ମିମି ବର୍ଷା ହୋଇଥିବାବେଳେ ବାଲେଶ୍ୱର ୧୦.୬, ପାରାଦୀପ ୪, ସମ୍ବଲପୁର ☞ପୃଷ୍ଠା-୮

**ଆଜିର ସମ୍ପାଦକୀୟ**

ଖାଅନି ଆଣ୍ଟିବାୟୋଟିକ୍ସ






# ଆନ୍ଦୋଳନକୁ ଓହ୍ଲାଇବ ଓଷ୍ଟା

**ଭୁବନେଶ୍ୱର/କଟକ ୨୧।୧ (ଅସମାପିକା ସାହୁ/କାର୍ତ୍ତିକ ସାହୁ)**

ବିଭିନ୍ନ ସମସ୍ୟା ନେଇ ଫେବୃଆରୀ ପ୍ରଥମ ସପ୍ତାହରେ ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)। ଶିକ୍ଷକ, ଅଭିଭାବକ, ପୁରାତନ ଛାତ୍ର ଓ ପରିଚାଳନା କମିଟି ସଦସ୍ୟଙ୍କ ସହ ବିଭିନ୍ନ ସଙ୍ଗଠନ ଏହି ଆନ୍ଦୋଳନରେ ସାମିଲ ହେବେ। ଅବସର ନେଉଥିବା ଶିକ୍ଷକମାନଙ୍କୁ ପେନସନ୍ ପ୍ରଦାନ ଓଷ୍ଟାର ପ୍ରମୁଖ ଦାବି ରହିବ। ଏ ନେଇ ରବିବାର ଓଷ୍ଟା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ☞ପୃଷ୍ଠା-୮






# ଅଯୋଧ୍ୟାରେ ନୂଆ ସକାଳ

## ଆଜି ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା

**ଅଯୋଧ୍ୟା, ୨୧।୧**

ପ୍ରାୟ ୫୦୦ ବର୍ଷ ଧରି ଯେଉଁ ମହାର୍ଘ୍ୟ ମୁହୂର୍ତ୍ତକୁ ଦେଶବାସୀ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ, ସେହି ଐତିହାସିକ କ୍ଷଣ ଉପନୀତ। ଅଯୋଧ୍ୟା ରାମମନ୍ଦିରରେ ସୋମବାର ହେବାକୁ ଥିବା ପ୍ରାଣ ପ୍ରତିଷ୍ଠା ପାଇଁ ଉତ୍ତର ପ୍ରଦେଶ ସମେତ ସାରା ଦେଶ ଉତ୍ସବମୁଖର। ସନାତନ ସଂସ୍କୃତିର ଆତ୍ମା, ରଘୁନନ୍ଦନ ରାଘବ ରାମଲାଲା ନିଜ ଜନ୍ମଭୂମି ଅଯୋଧ୍ୟାପୁରୀର ଦିବ୍ୟ ସ୍ଥାନରେ ବିରାଜମାନ କରିସାରିଛନ୍ତି। ଅପରାହ୍ନ ୧୨ଟା ୨୦ରୁ ୪୦ ମିନିଟ ଧରି ଚାଲିବାକୁ ଥିବା ପ୍ରାଣ ପ୍ରତିଷ୍ଠା ଉତ୍ସବର ସାକ୍ଷୀ ହେବା ପାଇଁ ମୋକ୍ଷଦାୟିନୀ ଅଯୋଧ୍ୟାରେ କେବଳ ଭାରତ ନୁହେଁ, ସାରା ବିଶ୍ୱର କୋଣ ଅନୁକୋଣରୁ ରାମଭକ୍ତମାନେ ଆସିବାରେ ଲାଗିଛନ୍ତି। ସତେ ଯେମିତି ପ୍ରତ୍ୟେକ ରାସ୍ତା ରାମ ଜନ୍ମଭୂମିକୁ ଲମ୍ବିଛି। ସବୁରି ଆଖିରେ ଆନନ୍ଦ ଓ ସନ୍ତୋଷର ଅଶ୍ରୁ। ସମସ୍ତଙ୍କ ମୁହଁରେ 'ଜୟ ଶ୍ରୀରାମ' ଧ୍ୱନି। ଅଯୋଧ୍ୟା ହିଁ ପ୍ରଭୁ ରାମଙ୍କ ଜନ୍ମସ୍ଥାନ ବୋଲି ଭାରତବର୍ଷରେ ହିନ୍ଦୁମାନଙ୍କର ବିଶ୍ୱାସ ରହିଆସିଛି। ଅନେକ ବର୍ଷର ଆଇନଗତ ଲଢ଼େଇ ପରେ ୨୦୧୯ ନଭେମ୍ବରରେ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ପୂର୍ବରୁ ବାବ୍ରୀ ମସ୍‌ଜିଦ ଥିବା ବିବାଦୀୟ ସ୍ଥଳରେ ରାମମନ୍ଦିର ନିର୍ମାଣର ପଥକୁ ସୁଗମ କରିଥିଲା। ଶେଷରେ କେନ୍ଦ୍ର ଏବଂ ୟୁପିର ଯୋଗୀ ଆଦିତ୍ୟନାଥ ସରକାରଙ୍କ ଉଦ୍ୟମ କ୍ରମେ ରାମମନ୍ଦିର ନିର୍ମାଣ ହୋଇଛି। ନ୍ୟାୟ ଓ ସତ୍ୟର ବିଜୟ ତିକ୍ତ ସ୍ମୃତିଗୁଡ଼ିକୁ ଲିଭାଇ ସୁଲଳିତ ସମାଜ ଗଠନ ଦିଗରେ ଏକ ନୂଆ ଇତିହାସ ରଚୁଛି। ମହୀଶୂରର ସ୍ଥପତି ଅରୁଣ ଯୋଗୀରାଜଙ୍କ ଦ୍ୱାରା ଗୋଟିଏ କଳାମୁଗୁନି ପଥରରେ ☞ପୃଷ୍ଠା-୮

**ଆଜିର ମନ୍ତବ୍ୟ**

"ଅଯୋଧ୍ୟାରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ସହ ଭାରତବର୍ଷର ପୁନଃ ନିର୍ମାଣ ଅଭିଯାନ ଆରମ୍ଭ ହେବାକୁ ଯାଉଛି।

-ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ

## ୧୦୦ ସୋସିଆଲ ମିଡିଆ ଆକାଉଣ୍ଟ ବ୍ଲକ୍ କଲା କେନ୍ଦ୍ର

**ନୂଆଦିଲ୍ଲୀ, ୨୧।୧**

ଜାନୁଆରୀ ୨୨ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବ୍ୟବହିତ ପୂର୍ବରୁ ଅଯୋଧ୍ୟା ସମେତ ଦେଶର ବିଭିନ୍ନ ଭାଗରେ ଆଇନଶୃଙ୍ଖଳାକୁ କଡ଼ାକଡ଼ି କରାଯାଇଛି। କୌଣସି ପ୍ରକାର ସନ୍ଦିଗ୍ଧ କାର୍ଯ୍ୟକଳାପ କିମ୍ବା ସାମ୍ପ୍ରଦାୟିକ ସଦ୍ଭାବନାକୁ ନଷ୍ଟ କରିବା ଭଳି ସ୍ଥିତି ଯେମିତି ନ ଉପୁଜିବ, ସେଥିଲାଗି ଉଭୟ କେନ୍ଦ୍ର ଓ ଉତ୍ତର ପ୍ରଦେଶ ସରକାର ଉଦ୍ୟମ କରିଛନ୍ତି। ବିଶେଷକରି ସାମାଜିକ ଗଣମାଧ୍ୟମରେ ରାମମନ୍ଦିର ସମ୍ପର୍କରେ ପୋଷ୍ଟ କରାଯାଉଥିବା ବିଭ୍ରାନ୍ତିକର ତଥ୍ୟ ଉପରେ ସାଇବର ପୋଲିସ ☞ପୃଷ୍ଠା-୮

## ନିଶାବେପାରୀ ଶିବଙ୍କ ୭୪ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ହେବ

**ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ଜଟଣୀ, ୨୧।୧ (ରବୀନ୍ଦ୍ରନାଥ ମହାକୁଡ଼)**

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ହାତରେ ଧରାପଡିଥିବା ଜଟଣୀ ମୁଣ୍ଡିଆ ସାହିର ନିଶାବେପାରୀ ଶିବ ପ୍ରସାଦ ଦାସଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବ। ଜବତ ହୋଇଥିବା ୭୩.୭୫ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଏସ୍‌ଟିଏଫ୍ ପକ୍ଷରୁ କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥରିଟିଙ୍କ ନିକଟରେ ସୁପାରିସ କରାଯାଇଥିଲା। ଏଥିସହ ବେଆଇନ ଭାବେ ନିଶା ବେପାର କରି ଏସବୁ ସମ୍ପତ୍ତି ଠୁଳ କରିବା ନେଇ ଆବଶ୍ୟକ ପ୍ରମାଣ ଦାଖଲ କରାଯାଇଥିଲା। ତେବେ ଏହି ସମ୍ପତ୍ତି ବାଜ୍ୟାପ୍ତି ଲାଗି କମ୍ପିଟେଣ୍ଟ ଅଥରିଟି ନିର୍ଦ୍ଦେଶ ଦେଇଥିବା ଏସ୍‌ଟିଏଫ ☞ପୃଷ୍ଠା-୮

# ମାଡ଼ିଗଲା ଟ୍ରକ୍, ୩ ଯୁବକ ମୃତ

### ଏକାଦଶାହ କର୍ମରେ ଯୋଗଦେବାକୁ ଯାଉଥିଲେ

**ଭଦ୍ରକ/ତିହିଡ଼ି, ୨୧।୧ (ସନାତନ ରାଉତ/ସଞ୍ଜିତ ବଳ)**

ଏକାଦଶାହ କାର୍ଯ୍ୟରେ ଯୋଗଦେବାକୁ ଯାଉଥିଲେ। ହେଲେ ରାସ୍ତାରେ ଛକି ରହିଥିଲା ମୃତ୍ୟୁ। ଏକ ଟ୍ରକ୍ ମାଡ଼ିଯିବାରୁ ୩ ଯୁବକଙ୍କ ମୃତ୍ୟୁ ଘଟିଛି। ରବିବାର ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାଣୀତାଲ ହାଇଟେକ୍ କଲେଜ ନିକଟରେ। ପଛରୁ ଏକ ଦ୍ରୁତଗାମୀ ଟ୍ରକ୍ ମାଡ଼ିଯିବା ଫଳରେ ବାଇକ୍ ଆରୋହୀ ୩ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ତିହିଡ଼ି ଥାନା ଅଧୀନ ଭାଟପଡ଼ା ଗ୍ରାମର ଜିତୁ ପ୍ରଧାନ(୨୧), ବାପି ପ୍ରଧାନ(୧୯) ଓ ଶଙ୍କୁରୁ ପ୍ରଧାନ(୨୦)। ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ଝିପିଝିପି ବର୍ଷା ଲାଗି ରହିଥିବା ବେଳେ ଜିତୁଙ୍କ ପିଉସାଙ୍କ ଘରକୁ ଏକାଦଶାହ କର୍ମରେ ଯୋଗଦେବା ପାଇଁ ୩ଜଣ ଏକ ବାଇକ୍ (ଓଡି ୨୨ୱାଇ ୦୪୫୧)ରେ ବାଲେଶ୍ୱର ଜିଲା ସୋର ଅଞ୍ଚଳକୁ ଯାଉଥିଲେ। ହାଇଟେକ୍ କଲେଜ ନିକଟରେ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ବାଇକ୍‌ରୁ ଛିଟିକି ତଳେ ପଡ଼ିଯାଇଥିବା ବେଳେ ଟ୍ରକ୍‌ଟି ସେମାନଙ୍କ ଉପରେ ମାଡ଼ିଯାଇଥିଲା। ବର୍ଷା ଲାଗି ରହିଥିବାରୁ ରାସ୍ତାରେ କେହି ନ ଥିବାର ସୁଯୋଗରେ ଚାଳକ ଗାଡ଼ି ନେଇ ଖସି ପଳାଇ ଯାଇଥିଲେ। ଦମକଳ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

# ଏକସଙ୍ଗେ ନିର୍ବାଚନ ସପକ୍ଷରେ ୮୧% ମତ

## କମିଟିକୁ ମିଳିଛି ୨୧,୦୦୦ ପ୍ରସ୍ତାବ

**ନୂଆଦିଲ୍ଲୀ, ୨୧।୧ (ପି.ଟି.)**

ଦେଶରେ ଏକସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ସପକ୍ଷରେ ୮୧ ପ୍ରତିଶତ ମତ ଦେଇଛନ୍ତି। ଏକ ରାଷ୍ଟ୍ର ଏକ ନିର୍ବାଚନ ଯୋଜନାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବା ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ କମିଟି କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଉକ୍ତ କମିଟିକୁ ପାଖାପାଖି ୨୧,୦୦୦ ପ୍ରସ୍ତାବ ମିଳିଛି। ଏକସଙ୍ଗେ ନିର୍ବାଚନ ସପକ୍ଷରେ ୮୧ ପ୍ରତିଶତ ମତାମତ ଦେଇଥିବା ଏକ ସରକାରୀ ବିବୃତିରେ କୁହାଯାଇଛି। ୪୬ଟି ରାଜନୈତିକ ଦଳଠାରୁ ପ୍ରସ୍ତାବ ମଗାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୭ଟି ଦଳ ସେମାନଙ୍କର ମତାମତ ଜଣାଇଛନ୍ତି। କଂଗ୍ରେସ ଏବଂ ଟିଏମ୍‌ସି ସମେତ କେତେକ ବିରୋଧୀ ଦଳ 'ୱାନ୍ ନେଶନ, ୱାନ୍ ଇଲେକ୍ସନ' ପ୍ରସ୍ତାବକୁ ବିରୋଧ କରିଛନ୍ତି। କୋବିନ୍ଦଙ୍କ ନେତୃତ୍ୱରେ ଗଠିତ କମିଟି ଗତ ୫ ତାରିଖରେ ନୋଟିସ ଜାରିକରି ଏକସଙ୍ଗେ ନିର୍ବାଚନ ପାଇଁ ବର୍ତ୍ତମାନର ଆଇନଗତ ଓ ପ୍ରଶାସନିକ ବ୍ୟବସ୍ଥାରେ ଉପଯୁକ୍ତ ପରିବର୍ତ୍ତନ ନିମନ୍ତେ ନାଗରିକଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରିଥିଲା। ପ୍ରକାଶ ଯେ, ଏକକାଳୀନ ନିର୍ବାଚନ କରାଗଲେ ଏଥିପାଇଁ ଆବଶ୍ୟକ ନୂଆ ଇଭିଏମ୍ କିଣିବା ସକାଶେ ପ୍ରତି ୧୫ ବର୍ଷରେ ୧୦ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଦିନକ ପୂର୍ବରୁ ନିର୍ବାଚନ କମିଶନ ସରକାରଙ୍କୁ ଜଣାଇଥିଲେ।



# रामो विग्रहवान् धर्मः



# ଶ୍ରୀରାମୋତ୍ସବ

# अवधपुरी अति रुचिर बनाई...





ମହର୍ଷି ବାଲ୍ମୀକି ଅନ୍ତର୍ଜାତୀୟ ବିମାନ ବନ୍ଦର ଅଯୋଧ୍ୟା ଧାମ



ଅଯୋଧ୍ୟା ଧାମ ଜଙ୍କସନ୍



ଧର୍ମ ପଥ



ଭକ୍ତି ପଥ



ଶ୍ରୀରାମ ଜନ୍ମଭୂମି ପଥ



ରାମ ପଥ



ମହର୍ଷି ଅରୁନ୍ଧତୀ ପାର୍କିଂ ଏବଂ ବ୍ୟବସାୟିକ କମ୍ପ୍ଲେକ୍ସ



ଲକ୍ଷ୍ମଣ କୁଞ୍ଜ ସ୍ମାର୍ଟ ବାହନ ପାର୍କିଂ



ସୂର୍ଯ୍ୟ କୁଣ୍ଡ ଦ୍ୱାର



ଗୁପ୍ତାର ଘାଟ




"ରାମ ମନ୍ଦିର ନିର୍ମାଣର ଏହି ପ୍ରକ୍ରିୟା ରାଷ୍ଟ୍ରକୁ ଯୋଡ଼ିବାର ଉଦ୍ୟମ ଅଟେ ।"

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



ସପ୍ତପୁରୀଗୁଡ଼ିକ ମଧ୍ୟରେ ପ୍ରଥମ ଶ୍ରୀଅଯୋଧ୍ୟା ଧାମରେ

ପ୍ରଭୁ ଶ୍ରୀରାମଙ୍କ ବାଲ୍ୟ ରୂପ ବିଗ୍ରହର

प्राण प्रतिष्ठा

ସମାରୋହ



ଗରିମାମୟ ଉପସ୍ଥିତି

ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ

ଆନନ୍ଦୀବେନ ପଟେଲ | ଡା. ମୋହନରାଓ ଭାଗବତ | ଯୋଗୀ ଆଦିତ୍ୟନାଥ | ମହନ୍ତ ନୃତ୍ୟଗୋପାଳ ଦାସ

ରାଜ୍ୟପାଳ, ଉତ୍ତରପ୍ରଦେଶ | ସରସଂଘଚାଳକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ | ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ | ଅଧ୍ୟକ୍ଷ, ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ନ୍ୟାସ

ତଥା ଅନ୍ୟ ମାନ୍ୟଗଣ୍ୟ ମହାନୁଭବ

ଦିନାଙ୍କ: ୨୨ ଜାନୁଆରୀ, ୨୦୨୪ | ସମୟ: ଅପରାହ୍ନ ୧୨.୨୦ ଘଟିକା | ସ୍ଥାନ: ଶ୍ରୀରାମ ଜନ୍ମଭୂମି ମନ୍ଦିର, ଶ୍ରୀଅଯୋଧ୍ୟା ଧାମ

ସିଧା ପ୍ରସାରଣ DD NEWS ଓ Youtube.com/DDNEWS Youtube.com/dduttarpradesh ଏବଂ UPGovtOfficial CMOUttarpradesh CMOfficeUP

ସୂଚନା ଏବଂ ଜନସମ୍ପର୍କ ବିଭାଗ, ଉତ୍ତରପ୍ରଦେଶ

# ୨୦୨୩ ପାଇଁ ରାଜ୍ୟପାଳ ପଦକ ଘୋଷଣା

## ଦୁଇ ଆଇଜିଙ୍କ ସମେତ ୨୦ଜଣ ପୋଲିସ ମନୋନୀତ

ଭୁବନେଶ୍ୱର,୨୧।୧
(ସତ୍ୟଜିତ୍ ରାଉତ)

୨୦୨୩ ବର୍ଷ ପାଇଁ ପୋଲିସ ବିଭାଗ ଲାଗି ରାଜ୍ୟପାଳ ପଦକ ଘୋଷଣା କରାଯାଇଛି। ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଶନିବାର ଏ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶ ପାଇଛି। ୭ଟି ବର୍ଗରେ ଦୁଇ ଆଇଜିଙ୍କ ସମେତ ୨୦ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ସମ୍ମାନଜନକ ପଦକ ପ୍ରଦାନ କରାଯିବ। ପ୍ରଥମ ବର୍ଗରେ ରହିଥିବା ଦୁଇ ଆଇଜିଙ୍କ ମଧ୍ୟରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ୍ ଓ କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମ୍ମଦ୍ କେ. ରହିଛନ୍ତି। ସେହିପରି ଦ୍ୱିତୀୟ ବର୍ଗରେ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ଏବଂ ତୃତୀୟ ବର୍ଗରେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ଅତିରିକ୍ତ ଏସ୍‌ପି ଉଦୟଭାନୁ ମିଶ୍ର, ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ଏସିପି ମାନସ ରଞ୍ଜନ ଗଡ଼ନାୟକଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଚତୁର୍ଥ ବର୍ଗରେ କ୍ରାଇମବ୍ରାଞ୍ଚର ଇନ୍ସପେକ୍ଟର ଅନିଲା ଆନନ୍ଦ, ଗଞ୍ଜାମ ପାଟପୁର ଥାନାର ଇନ୍ସପେକ୍ଟର ସବ୍ୟସାଚୀ ମଲ୍ଲ, ସମ୍ବଲପୁର ଭିଜିଲାନ୍ସ ଡିଭିଜନ୍‌ର ଇନ୍ସପେକ୍ଟର ହେମାମାଳିନୀ ନାୟକ ଏବଂ ପଞ୍ଚମ ବର୍ଗରେ ରାଉରକେଲାସ୍ଥିତ ଓଏସ୍‌ଏପି ୪ର୍ଥ ବାଟାଲିଅନ୍‌ର ଏସ୍‌ଆଇ ଦିଲ୍ଲୀପ କୁମାର ନାୟକ, ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ଏସ୍‌ଆଇ ଯୁଗଳ ଚରଣ ସ୍ୱାଇଁ, ସମ୍ବଲପୁର ଭିଜିଲାନ୍ସ ଡିଭିଜନ୍‌ର ଏସ୍‌ଆଇ ସଞ୍ଜୟ କୁମାର ପଟ୍ଟନାୟକ ପଦକ ପାଇବେ। ଷଷ୍ଠ ବର୍ଗରେ ଷ୍ଟେଟ୍ ପୋଲିସ ସିଗ୍‌ନାଲ୍ ହେଡକ୍ୱାର୍ଟରର ଏଏସ୍‌ଆଇ (କମ୍ୟୁନିକେଶନ୍) ବିକାଶ କୁମାର ପାତ୍ର, ଭୁବନେଶ୍ୱରସ୍ଥିତ ସ୍ପେଶାଲ ବ୍ରାଞ୍ଚର ଏଏସ୍‌ଆଇ ପ୍ରଜାପତି ମେହେର, ପୁରୀର ଡ୍ରାଇଭର ହାବିଲଦାର ପ୍ରଶାନ୍ତ କୁମାର ବିଶ୍ୱାଳ ପଦକ ପାଇବେ। ସପ୍ତମ ବର୍ଗରେ କଳାହାଣ୍ଡିର କନ୍‌ଷ୍ଟେବଲ ରମେଶ କୁମାର ସାହୁ, କଟକସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟର କନ୍‌ଷ୍ଟେବଲ ସନାତନ ସାହୁ, ଝାରସୁଗୁଡାର କନ୍‌ଷ୍ଟେବଲ ନରେଶ କୁମାର ଚୌଧୁରୀ, ରାଉରକେଲାସ୍ଥିତ ଓଏସ୍‌ଏପି ୪ର୍ଥ ବାଟାଲିଅନ୍‌ର ସିପାହୀ ବିଶ୍ୱକର୍ମା ମୁଣ୍ଡା ଓ ଭୁବନେଶ୍ୱରସ୍ଥିତ ସ୍ପେଶାଲ ବ୍ରାଞ୍ଚର ସିପାହୀ (ଏସ୍‌ଡବ୍ଲ୍ୟୁ) କେଦାର ନାଥ ମିଶ୍ରଙ୍କୁ ରାଜ୍ୟପାଳ ପଦକ ପାଇଁ ମନୋନୀତ କରାଯାଇଛି। ମନୋନୀତ ହୋଇଥିବା ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଓଡ଼ିଶା ପୋଲିସ ପକ୍ଷରୁ ରବିବାର ସାମାଜିକ ଗଣମାଧ୍ୟମ ଜରିଆରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ବଜ୍ରକାପ୍ତା ଜବତ, ଜଣେ ଗିରଫ

ନବରଙ୍ଗପୁର,୨୧।୧(ସଦାଶିବ ପ୍ରହରାଜ)

ବଜ୍ରକାପ୍ତା ଚାଲାଣ ବେଳେ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ବି.ସିଂପୁର ଥାନା କେନ୍ଦୁଗୁଡା ଗାଁର ଅରୁଣ ମୁଦୁଲିଙ୍କୁ ଗିରଫ କରାଯାଇଛି। ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରାଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର, ରାଇଘର ଓ କୋଡ଼ିଙ୍ଗା ବନାଞ୍ଚଳ ଅଧିକାରୀମାନେ ବି.ମଳିଗୁଡା ନିକଟରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲେ। ତାଙ୍କଠାରୁ ବଜ୍ରକାପ୍ତା, ବାଇକ୍ ଓ ମୋବାଇଲ ଜବତ କରାଯାଇଛି। ଏହି ଚଢ଼ାଉରେ ସହ ବନ ସଂରକ୍ଷକ ମୁନମୁନ ଖେମୁଣ୍ଡୁ, କୋଡ଼ିଙ୍ଗା ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନନ୍ଦ, ନବରଙ୍ଗପୁର ବନାଞ୍ଚଳ ଅଧିକାରୀ ଗୋପୀନାଥ ସାହୁ, ବନପାଳ ଆକୁଳ ବୈରାଗୀ, ହରିହର ବ୍ରହ୍ମା, ରାମେଶ ବିଷୋୟୀ, ଲାଲୁ ବିଷୋୟୀ, ଉମାଶଙ୍କର ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

# ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ କରିବେ ରାଜ୍ୟପାଳ

ଭୁବନେଶ୍ୱର, ୨୧।୧
(ଅସମାପିକା ସାହୁ)

ଭୁବନେଶ୍ୱର ଗାନ୍ଧୀମାର୍ଗରେ ହେବାକୁ ଥିବା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳ ଜାତୀୟ ପତାକା ଉତ୍ତୋଳନ କରିବେ। ଅନ୍ୟ ସ୍ଥାନରେ ମନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ପତାକା ଉତ୍ତୋଳନ କରିବେ। ଏ ନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟପାଳ ରଘୁବର ଦାସ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରିବେ। କନ୍ଧମାଳ ଜିଲା ମୁଖ୍ୟାଳୟ ଫୁଲବାଣୀରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଜିଲାସ୍ତରୀୟ ଜାତୀୟ ପତାକା ଉତ୍ତୋଳନ କରିବେ। ସୁନ୍ଦରଗଡ଼ରେ ମନ୍ତ୍ରୀ ପ୍ରଦୀପ ଅମାତ, ପୁରୀରେ ପ୍ରଫୁଲ୍ଲ ମଲ୍ଲିକ, ଜଗତ୍‌ସିଂହପୁରରେ ଅତନୁ ସବ୍ୟସାଚୀ, ସୁବର୍ଣ୍ଣପୁରରେ ଉଷା ଦେବୀ, କେନ୍ଦୁଝରରେ ସାରଦା ପ୍ରସାଦ ନାୟକ, ମୟୂରଭଞ୍ଜରେ ଅଶୋକ ଚନ୍ଦ୍ର ପଣ୍ଡା, ବଲାଙ୍ଗୀରରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକରେ ସୁଦାମ ମାର୍ଣ୍ଡି, ଗଞ୍ଜାମରେ ଜଗନ୍ନାଥ ସାରକା, ସମ୍ବଲପୁରରେ ନିରଞ୍ଜନ ପୂଜାରୀ, କଳାହାଣ୍ଡିରେ ଟୁକୁନି ସାହୁ, ଅନୁଗୋଳରେ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱରରେ ବାସନ୍ତୀ ହେମ୍ବ୍ରମ, ଝାରସୁଗୁଡ଼ାରେ ପ୍ରୀତିରଞ୍ଜନ ଘଡ଼ାଇ, ନୂଆପଡ଼ାରେ ରୀତା ସାହୁ ଓ କୋରାପୁଟରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆର୍‌ଡିସି, ରାଉରକେଲାରେ ଉତ୍ତରାଞ୍ଚଳ ଆର୍‌ଡିସି ଏବଂ ବରଗଡ଼, ଭଦ୍ରକ, ବୌଦ୍ଧ, ଦେବଗଡ଼, ଯାଜପୁର, ଢେଙ୍କାନାଳ, ଗଜପତି, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଆଦି ୧୩ ଜିଲା ମୁଖ୍ୟାଳୟରେ ସମ୍ପୃକ୍ତ ଜିଲାପାଳମାନେ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ସାଢ଼େ ୫ ଇଞ୍ଚର ଶ୍ରୀରାମମନ୍ଦିର ପ୍ରତିକୃତି

ଖୋର୍ଦ୍ଧା,୨୧।୧
(ପ୍ରଭାତ ପାଣିଗ୍ରାହୀ)



ଏଲ୍.ଈଶ୍ୱର ରାଓଙ୍କ ଦ୍ୱାରା ପ୍ରସ୍ତୁତ ସାଢ଼େ ୫ ଇଞ୍ଚର ଶ୍ରୀରାମମନ୍ଦିର ପ୍ରତିକୃତି।

ସୋମବାର ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ। ଏନେଇ ସାରାଦେଶ ଉତ୍ସବମୁଖର ହୋଇଉଠିଛି। କିଏ ଚାଲି ଚାଲି ଅଯୋଧ୍ୟାରେ ପହଞ୍ଚିଲାଣି ତ' ଆଉ କେଉଁଠି ପୂଜାପାଠ, ମନ୍ଦିରରେ ହୋମଯଜ୍ଞ, ସାମୂହିକ ହନୁମାନ ଚାଳିଶା ପାଠ କରାଯାଉଛି। ଏହି ପରୀପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଜଟଣୀ ହାଟବଜାର ଗୋପୀନାଥପୁରର ସୂକ୍ଷ୍ମ କଳାକାର ଏଲ୍.ଈଶ୍ୱର ରାଓ ସାଢେ ୫ ଇଞ୍ଚ ଲମ୍ବ ଓ ୨ଇଞ୍ଚ ଚଉଡ଼ାର ଶ୍ରୀରାମ ମନ୍ଦିର ପ୍ରତିକାତ୍ମକ ମନ୍ଦିର ନିର୍ମାଣ କରିଛନ୍ତି। ଦିଆସିଲି କାଠି, ଚକ୍‌ପିସ୍‌କୁ ବ୍ୟବହାର କରି ସେ ଏହି ମନ୍ଦିର ନିର୍ମାଣ କରିଥିବା ବେଳେ ତାଙ୍କୁ ଏଥିଲାଗି ଏକ ସପ୍ତାହ ଲାଗିଥିବା ରାଓ କହିଛନ୍ତି। ମନ୍ଦିର ବେଢ଼ାରେ ଚକ୍‌ପିସରେ ଏକ ଇଞ୍ଚ ହନୁମାନ ଦଣ୍ଡାୟମାନ ହୋଇଛନ୍ତି। ଏହି ପ୍ରତିକୃତି ମାଧ୍ୟମରେ ଶ୍ରୀରାମଙ୍କ ପ୍ରତି ଆସ୍ଥା ବିଶ୍ୱାସ ପ୍ରକଟ କରିଛନ୍ତି। ସୋମବାର ଘରେ ଘରେ ଦୀପ ଜାଳି, ଶ୍ରୀରାମଙ୍କ ଆଗମନର ଉତ୍ସବ ପାଳନ କରିବାକୁ ସେ ନିବେଦନ କରିଛନ୍ତି।

# ୧୦ କମିଟି ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

## ରାଜ୍ୟ ବାର୍ କାଉନ୍‌ସିଲ୍‌ରେ କମିଟି ନିର୍ବାଚନ

କଟକ,୨୧।୧ (କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍‌ର ତୃତୀୟ ବୈଠକ ରବିବାର ବାର୍ କାଉନ୍‌ସିଲ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କମିଟି ପାଇଁ ସଦସ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବାର୍ କାଉନ୍‌ସିଲ୍‌ର ମୋଟ ୧୧ଟି କମିଟି ମଧ୍ୟରୁ ଗୋଟିଏ କମିଟିର ନିର୍ବାଚନ ହୋଇଥିବାବେଳେ ଅନ୍ୟ କମିଟିର ସଦସ୍ୟମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ବାର୍ କାଉନ୍‌ସିଲ୍‌ର ସମସ୍ତ ୨୫ ଜଣ ସଦସ୍ୟ ନିର୍ବାଚନରେ ମତଦାନ କରିଥିଲେ।

ସୂଚନା ଅନୁସାରେ, ନିର୍ବାଚନ ହୋଇଥିବା ଗୋଟିଏ କମିଟିର ୫ଟି କାର୍ଯ୍ୟକାରୀ କମିଟି ସଦସ୍ୟ ପଦବୀ ନିମନ୍ତେ ଭୋଟଗ୍ରହଣ ହୋଇଥିଲା। ଏଥିରେ ୬ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ବିଜୟୀ ହୋଇଥିବା ୫ ଜଣ ହେଲେ ଅରୂପାନନ୍ଦ ଦାସ, ବିଭୁ ପ୍ରସାଦ ତ୍ରିପାଠୀ, ଧନଞ୍ଜୟ ମୁଣ୍ଡ, ସଞ୍ଜିତ କୁମାର ପାଣିଗ୍ରାହୀ ଓ ତପନ କୁମାର ବିଶ୍ୱାଳ। ନିର୍ବାଚନ ଲଢୁଥିବା ୬ ସଦସ୍ୟଙ୍କ ପ୍ରାପ୍ତ ଭୋଟ ଫଳାଫଳ ଅନୁସାରେ, ଅରୂପାନନ୍ଦ ଦାସଙ୍କୁ ୨୦, ବିଭୁପ୍ରସାଦ ତ୍ରିପାଠୀଙ୍କୁ ୨୧, ଧନଞ୍ଜୟ ମୁଣ୍ଡଙ୍କୁ ୨୧, ପ୍ରସନ୍ନ କୁମାର ପାଢ଼ୀଙ୍କୁ ୯, ସଞ୍ଜିତ କୁମାର ପାଣିଗ୍ରାହୀଙ୍କୁ ୧୭ ଓ ତପନ କୁମାର ବିଶ୍ୱାଳଙ୍କୁ ୨୨ଖଣ୍ଡ ଭୋଟ ମିଳିଥିଲା। ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରମଥ ପଟ୍ଟନାୟକ ରିଟର୍ନିଂ ଅଫିସର ଭାବେ ନିର୍ବାଚନ ପରିଚାଳନା କରିଥିଲେ। ସହକାରୀ ରିଟର୍ନିଂ ଅଫିସର ଭାବେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ଓ ଆଇନଜୀବୀ ବାସୁଦେବ ପୂଜାରୀ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତ ଗୁରୁତର

ମଙ୍ଗୁଳି–ଜଗତପୁର,
୨୧।୧ (ମାନସ ସାମଲ)



ଦୁର୍ଘଟଣାଗ୍ରସ୍ତ କାର୍ ଓ ସୁଧାକର ବସନ୍ତ(ଇନ୍‌ସେଟ୍)।

୧୬ନଂ. ଜାତୀୟ ରାଜପଥର କଟକ ଜିଲା ଟାଙ୍ଗୀ ଥାନା ଅଧୀନ ମଙ୍ଗୁଳି ଛକ ନିକଟରେ ଏକ ଟ୍ରକ୍ ପଛରେ କାର୍ ପିଟି ହୋଇଯାଇଛି। ଏଥିରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତ ଗୁରୁତର ହୋଇଥିବାବେଳେ ତାଙ୍କ ସହଯୋଗୀ ଓ କାର ଚାଳକ ଆହତ ହୋଇଛନ୍ତି। ଚିକିତ୍ସାଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। କାଜୁଆଲ୍‌ଟିରେ ସୁଧାକରଙ୍କ ପ୍ରାଥମିକ ଚିକିତ୍ସା ପରେ ସିଟିସ୍କାନ କରାଯାଇଥିଲା। ରିପୋର୍ଟ ଲେଖାଯିବାବେଳକୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ମେଡିକାଲ ସୂତ୍ରରୁ ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ସୁଧାକର ଓ ତାଙ୍କ ସହଯୋଗୀ ଚଳଚ୍ଚିତ୍ର କାମ ସାରି ଏକ କାର୍‌ରେ ବାରିପଦାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ରାତି ପ୍ରାୟ ୩ଟାରେ ମଙ୍ଗୁଳି ଛକ ନିକଟରେ ଛିଡା ହୋଇଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍ ପଛରେ କାର୍‌ଟି ପିଟି ହୋଇଯାଇଥିଲା। କାର ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ସେମାନେ କାର ଭିତରେ ଚାପି ହୋଇରହିଥିଲେ। ସୁଧାକରଙ୍କ ମୁଣ୍ଡ, ଛାତି ସମେତ ଅନ୍ୟ ସ୍ଥାନରେ ଆଘାତ ଲାଗିଛି। ଖବରପାଇ ଟାଙ୍ଗୀ ପୋଲିସ ଓ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ଗ୍ୟାସ୍ କଟର ସାହାଯ୍ୟରେ କାର୍‌କୁ କାଟିବା ପରେ ଗୁରୁତରମାନଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲେ। ରାସ୍ତାରେ ବେଆଇନ ପାର୍କିଂ ଓ ଘନ କୁହୁଡି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି।



ଅନ୍ୟମାନଙ୍କଠାରୁ ଯାହା ଆସେ -ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ- ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ- ସେତେବେଳେ ଆଗେ ତାଙ୍କର ଅଦ୍‌ଭୂତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। **-ଶ୍ରୀମା**

# ଖାଉନି ଆଣ୍ଟିବାୟୋଟିକ୍ସ

ଶୁଣିବାକୁ ମିଳେ ସମ୍ରାଟ ଆକବର କାଳେ ଥରେ ବୀରବଲ୍‌ଙ୍କୁ ପଚାରିଲେ, କୁହ ଭାରତରେ କେଉଁ ବୃତ୍ତିର ଅଧିକ ଲୋକ ଅଛନ୍ତି। ବୀରବଲ୍ ତତ୍‌କ୍ଷଣାତ୍ ଉତ୍ତର ଦେଲେ-ବୈଦ୍ୟଙ୍କ ସଂଖ୍ୟା ବେଶି। ଏହା ଶୁଣିବା ପରେ ଏହାର ପ୍ରମାଣ ଦେବାକୁ ଆକବର କହିବାରୁ ସେ ତାଙ୍କୁ ଶସ୍ୟକ୍ଷେତ୍ର ଆଡ଼କୁ ନେଇଯାଇଥିଲେ। ହିଡ଼ ଉପରେ ଚାଲୁଥିବା ବେଳେ ଆକବର ତଳେ ପଡ଼ିଯିବାରୁ ସେଠାରେ ଚାଷ କରୁଥିବା ଓ ଅନ୍ୟାନ୍ୟ କାର୍ଯ୍ୟରେ ଜଡ଼ିତ କିଛି ବ୍ୟକ୍ତି ଆସି କହିଲେ, ସମ୍ରାଟ ଅମୁକ ଗଛର ରସ ଲଗାଇ ଦିଅନ୍ତୁ, ଆଉ କିଛି ସମୁକ ଗଛର ଚେରକୁ ଘୋରି ଲଗାଇବା ଲାଗି ପରାମର୍ଶ ଦେଇଥିଲେ। ଏହା ଦେଖି ଆକବରଙ୍କୁ ବୀରବଲ୍ କହିଲେ, ସମ୍ରାଟ ନିଶ୍ଚୟ ପ୍ରଶ୍ନର ଉତ୍ତର ପାଇଥିବେ। ସେତେବେଳର ସେହି ବୈଦ୍ୟମାନଙ୍କ ପେସାକୁ ଆଧୁନିକ ଭାରତରେ ଦୀର୍ଘକାଳ ପାଠପଢ଼ିବା ପରେ ଲୋକେ କହୁଛନ୍ତି 'ଡାକ୍ତର'। ଏଠାରେ ଏହା କହିବାର ଅର୍ଥ ହେଲା ଭାରତରେ ଅଧିକାଂଶ ଲୋକ ଡାକ୍ତରଙ୍କ ଭଳି ଏଇ ଔଷଧ ଖାଇଲେ ରୋଗ ଭଲ ହୋଇଯିବ କିମ୍ବା ସେଇ ଔଷଧ ଖାଇଲେ ସବୁ ଠିକ୍ ହୋଇଯିବ ଭାବି ଔଷଧ ଦୋକାନରୁ ତାହାକୁ କିଣିଆଣି ଖାଇଥାଆନ୍ତି। ଓଭର ଦି କାଉଣ୍ଟର (ଓଟିସି) ବେପାର ଏଠି ବେଶି ଚାଲେ। କେତେକ ରୋଗୀ କ୍ୱାକ୍‌ଙ୍କ ଉପରେ ଭରସା କରୁଥିବା ବେଳେ ଔଷଧ ଦୋକାନରୁ ମଧ୍ୟ ପଚାରି ଔଷଧ କିଣି ନେଇ ଖାଇଥାଆନ୍ତି। ପୁଣି ଦେଖାଯାଉଛି ଦୋକାନରେ ଅଧିକ ଆଣ୍ଟିବାୟୋଟିକ୍ସ ବିକ୍ରି ହେଉଛି। କୋଭିଡ୍-୧୯ ପରେ କେବଳ ଡୋଲୋ ନୁହେଁ, ଆଣ୍ଟିବାୟୋଟିକ୍ସର ବହୁଳ ବ୍ୟବହାର ହୋଇଚାଲିଛି। ଏହାକୁ ରୋକିବା ଲାଗି ନିକଟରେ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ ଯେ, ରୋଗୀଙ୍କୁ ଡାକ୍ତର ଆଣ୍ଟିବାୟୋଟିକ୍ସ ପ୍ରେସ୍‌କ୍ରାଇବ୍ କରିବା ବେଳେ ତାହାର କାରଣ ଦର୍ଶାଇବେ। ଏହା ପରେ ଓଡ଼ିଶା ସରକାରଙ୍କ ଡିରେକ୍ଟୋରେଟ୍ ଅଫ୍ ଡ୍ରଗ୍ କଣ୍ଟ୍ରୋଲ ଆଉ ପାଦେ ଆଗେଇ ଯାଇ ଔଷଧ ଦୋକାନୀମାନଙ୍କୁ ଚେତାବନୀ ଦେଇଛନ୍ତି ଯେ, ବିନା ପ୍ରେସ୍‌କ୍ରିପ୍‌ଶନରେ କେହି ଆଣ୍ଟିବାୟୋଟିକ୍ସ ବିକ୍ରି କରିପାରିବେ ନାହିଁ।

ସାଧାରଣତଃ ବ୍ୟାକ୍ଟେରିଆଜନିତ ସଂକ୍ରମଣରେ ପୀଡ଼ିତ ରୋଗୀଙ୍କ ପାଇଁ ଆଣ୍ଟିବାୟୋଟିକ୍ସ ଖାଇବା ଲାଗି ଡାକ୍ତର ପରାମର୍ଶ ଦେଇଥାଆନ୍ତି। ସେଥିରେ ରୋଗୀଙ୍କୁ କେତେ ଥର, କେତେ ପରିମାଣର ଓ କେତେ ଦିନ ଖାଇବାକୁ ପଡ଼ିବ ତାହା କୁହାଯାଇଥାଏ। ହେଲେ ଅନେକ କ୍ଷେତ୍ରରେ ଦେଖାଯାଉଛି, ରୋଗୀ ଏହାର ସମ୍ପୂର୍ଣ୍ଣ ଡୋଜ୍ ନ ଖାଇ ସାମାନ୍ୟ ରୋଗ ଉପଶମ ହେବା ମାତ୍ରେ ତାହାକୁ ବନ୍ଦ କରିଦେଉଛନ୍ତି। ଏହା ଦ୍ୱାରା ପାଥୋଜେନ୍ (ବୀଜାଣୁ ବା ଭୂତାଣୁ, ଯାହାଦ୍ୱାରା ରୋଗ ସୃଷ୍ଟି ହୋଇଥାଏ)ର ଶକ୍ତି ହ୍ରାସ ପାଇବା ଅପେକ୍ଷା ବଢ଼ିଯାଉଛି। ଅନ୍ୟପକ୍ଷରେ ମଣିଷ ଦେହରେ ରୋଗ ପ୍ରତିରୋଧକ ଶକ୍ତି କମିଯାଉଥିବା ବେଳେ ରୋଗକାରକ ଶକ୍ତି ଅଧିକ ବଳ ପାଇଯାଉଛି। ଏହା ଅନୁମାନ କରାଗଲାଣି ଯେ, ପୃଥିବୀରେ ଯେଉଁଭଳି ଭାବେ ରୋଗ ସୃଷ୍ଟି ହେଲାଣି ତାହାକୁ ପ୍ରତିରୋଧ କରିବା ଲାଗି ଅଳ୍ପମାତ୍ରାର ଆଣ୍ଟିବାୟୋଟିକ୍ସ ଥିବାରୁ ତାହା ଚାହିଦା ମେଣ୍ଟାଇବାରେ ଆଦୌ ସଫଳ ହେବ ନାହିଁ। ତେଣୁ ଆଣ୍ଟିବାୟୋଟିକ୍ସର ବହୁଳ ବ୍ୟବହାର ରୋଗୀର ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଚାଲିବା ଥୟ।

ଅନ୍ୟପକ୍ଷରେ ଜ୍ୱର, ଥଣ୍ଡା ଭଳି ଭୂତାଣୁଜନିତ ରୋଗର ଆୟୁଷ ଅଳ୍ପଦିନ ଥାଏ ବୋଲି ସମସ୍ତେ ଜାଣନ୍ତି। ସେଥିପାଇଁ କୁହାଯାଇଥାଏ ଭାଇରାଲ ହୋଇଛି ତିନି ଚାରିଦିନ ହେବା ପରେ ଛାଡ଼ିଯିବ। ଏହା ମଧ୍ୟ ଅନେକାଂଶରେ ସତ ହୋଇଥାଏ। ହେଲେ ବହୁ ରୋଗୀ ବ୍ୟସ୍ତ ହୋଇଯାଇ ଡାକ୍ତରଙ୍କୁ ଆଣ୍ଟିବାୟୋଟିକ୍ସ ପ୍ରେସ୍‌କ୍ରାଇବ୍ କରିବାକୁ କହିଥାଆନ୍ତି କିମ୍ବା ସିଧାସଳଖ ଦୋକାନକୁ ଯାଇ ତାହା କଣିଆଣିଥାଆନ୍ତି। ସ୍ଥଳବିଶେଷରେ ଔଷଧ ଦୋକାନୀ ମଧ୍ୟ ରୋଗୀକୁ ଆଣ୍ଟିବାୟୋଟିକ୍ସ ଖାଇବା ଲାଗି ପରାମର୍ଶ ଦେଇ ନିଜ ବେପାର ବଢ଼ାଇଥାଆନ୍ତି। ଏଥିସହିତ ଏଠାରେ ମନେପକାଇ ଦିଆଯାଇପାରେ ଯେ, କୋଭିଡ୍ ସମୟରେ ପ୍ରବଳ ମାତ୍ରାରେ 'ଆଜିଥ୍ରୋମାଇସିନ୍' ବିକ୍ରି ହୋଇଥିଲା। ସେତେବେଳେ ଡାକ୍ତର ଯାହାଙ୍କୁ ଏହା ଖାଇବା ଲାଗି ପରାମର୍ଶ ଦେଇଥିଲେ ସେହି ଲୋକ ଅନ୍ୟଜଣଙ୍କଠାରେ ସେଭଳି ଲକ୍ଷଣ ଦେଖିବା ପରେ ସେ ଚିକିତ୍ସକଙ୍କ ଭଳି ତାହା ଖାଇବାକୁ କହିଦେଉଥିଲେ। ଯଦିଓ କରୋନା ସମୟରେ ଏହାର ଅଧିକ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା, ତଥାପି ସାଧାରଣରେ ଅନେକ ଔଷଧକୁ ରୋଗୀ ବିନା ପ୍ରେସ୍‌କ୍ରିପଶନରେ ଖାଇ ଦେଇଥାଆନ୍ତି। ଏହା ନିଶ୍ଚିତ ଭାବେ ରୋଗୀ ପାଇଁ କ୍ଷତିକାରକ।

ଉଭୟ କେନ୍ଦ୍ର ହୁଅନ୍ତୁ ବା ରାଜ୍ୟ ସରକାର ଆଣ୍ଟିବାୟୋଟିକ୍ସ ଅପବ୍ୟବହାର ରୋକିବା ଲାଗି ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଯେଉଁ ଡାକ୍ତର ବା ଔଷଧ ଦୋକାନୀ ସରକାରୀ ନିର୍ଦ୍ଦେଶକୁ ଅବମାନନା କରିବେ ସେମାନଙ୍କୁ ଦଣ୍ଡିତ କରାଯିବା ଦରକାର। ଏଥିସହିତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ଏ ଦିଗରେ ଏକ ଅଭିଯାନ ଚଳାଇବାର ଆବଶ୍ୟକତା ପଡ଼ିଲାଣି।

# ବନ୍ଦାଉଁ ବାଲ୍‌ରୂପ ସୋଇ ରାମୁ



ଯୋଗୀ ଆଦିତ୍ୟନାଥ

ଜା ସୁ ବିରହ ସୋଚାହୁ ଦିନ୍ ରାତି। ରହାହୁ ନିରନ୍ତର ଗୁନ୍ ଗାନ୍ ପତି...
ରଘୁକୁଳ ତିଳକ ସୁଜନ ସୁଖଦାତା। ଆୟାଉ କୁଶଲ ଦେବ ମୁନି ତ୍ରାତା...

ଅର୍ଥାତ୍ ଯିଏ ଦିନରାତି ମୋ ଭାବନାରେ ବାସ କରୁଛନ୍ତି, ଯାହାଙ୍କ ପ୍ରଶଂସା ମୁଁ ନିରନ୍ତର ଗାନ କରିଚାଲୁଛି, ସେ ହେଉଛନ୍ତି ରଘୁକୁଳ ତିଳକ -ଭଗବାନ ଶ୍ରୀରାମ। ସେ ହିଁ ଉତ୍ତମ ଓ ଧାର୍ମିକ ବ୍ୟକ୍ତିଙ୍କୁ ସୁଖ ବାଣ୍ଟିଥାଆନ୍ତି।

ଅଯୋଧ୍ୟାର ନିଜ ଜନ୍ମସ୍ଥାନ ଅଓ୍ୱଧ ପୁରୀରେ ନିର୍ମିତ ଭବ୍ୟ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କର ଆଜି ପ୍ରାଣ ପ୍ରତିଷ୍ଠା କରାଯାଉଛି। ଏଭଳି ଐତିହାସିକ ତଥା ପବିତ୍ର ଉତ୍ସବକୁ ଭାରତବାସୀ ସ୍ୱର୍ଗୀୟ ଆବେଗର ସହ ଅପେକ୍ଷା କରି ରହିଥିଲେ, ଯାହା ଦୀର୍ଘ ୫୦୦ ବର୍ଷ ପରେ ଫଳବତୀ ହୋଇଛି। ସାରା ବିଶ୍ୱର ଆଖି ଆଜି ଅଯୋଧ୍ୟା ଉପରେ ନିବଦ୍ଧ, ଯେଉଁଠାରୁ ମଣିଷ ଜନ୍ମମୃତ୍ୟୁ ଚକ୍ରରୁ ଉଦ୍ଧାର ପାଇ ମୋକ୍ଷ ଲଭିବାର ବାଟ ପାଇପାରିବେ। ଆଜି ସବୁ ପଥ ରାମ ଜନ୍ମଭୂମିଆଡ଼କୁ ମୁହାଁଇଛି। ସନ୍ତୁଷ୍ଟି ଓ ପୂର୍ଣ୍ଣତା ଲାଗି ସମସ୍ତଙ୍କ ଆଖି ଏବେ ଆନନ୍ଦାଶ୍ରୁରେ ଭିଜିଯାଇଛି। ପ୍ରତ୍ୟେକଙ୍କ ଜିହ୍ୱାଗ୍ରେ 'ରାମନାମ'। ସତେଯେମିତି ରାମନାମରେ ସମଗ୍ର ଦେଶ ପ୍ରକମ୍ପିତ।

ଏହି ଦିନକୁ ଭାରତ ଅପେକ୍ଷା କରିଥିଲା। ଆଜି କେବଳ ଶିଶୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାର ଦିନ ନୁହେଁ, ନିଜ ଦେବତାଙ୍କ ପ୍ରତି ଲୋକଙ୍କ ରହିଥିବା ପ୍ରଗାଢ଼ ବିଶ୍ୱାସର ମୁହୂର୍ତ୍ତ ଆଣିଦେଇଛି। ଆଜି ଅଯୋଧ୍ୟା ନୂତନ ବୈଭବରେ ଝଲସୁଛି। ଏଠାରେ ନ୍ୟାୟ ଓ ସତ୍ୟର ବିଜୟବାନା ଫରଫର ଉଡ଼ି ଇତିହାସ ରଚିଛି। ଏହି ପବିତ୍ର ମୁହୂର୍ତ୍ତ ସାମାଜିକ ସଦ୍‌ଭାବ ସୃଷ୍ଟି କରିଛି।

ଶ୍ରୀରାମ ଜନ୍ମଭୂମି ମହାଯଜ୍ଞ କେବଳ ଆମ ସନାତନ ଧର୍ମ ଓ ବିଶ୍ୱାସ ପାଇଁ ପରୀକ୍ଷାର ମୁହୂର୍ତ୍ତ ହୋଇଛି ତାହା ନୁହେଁ, ଜାତିର ସାମଗ୍ରିକ ବିବେକକୁ ଜାଗ୍ରତ କରିଛି। ଯେତେବେଳେ ପୃଥିବୀର ଅନେକ ରାଷ୍ଟ୍ର ବିଭିନ୍ନ ସ୍ତରରେ ନିଜ ଦେବତାଙ୍କ ଜନ୍ମସ୍ଥାନ ପାଇବା ପାଇଁ ଲଢ଼େଇ କରୁଛନ୍ତି, ସେତେବେଳେ ଶ୍ରୀରାମଜନ୍ମଭୂମି ବିଶ୍ୱରେ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିପାରିଛି। ଜାତି, ବର୍ଣ୍ଣ, ଭାବନା ଓ ପୂଜା ଆଦି ନିର୍ବିଶେଷରେ ସବୁ ସାଧୁ, ସନ୍ନ୍ୟାସୀ, ନାଗା, ଶିଖ୍, ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତି, ବନବାସୀ ସମସ୍ତେ ଭଗବାନ ରାମଙ୍କ ପାଇଁ ସମର୍ପିତ ହୋଇଯାଇଛନ୍ତି। ସାଧୁ ସନ୍ଥଙ୍କ ଆଶୀର୍ବାଦ ପାଇ ଆର୍‌ଏସ୍‌ଏସ୍ ଓ ଭିଏଚ୍‌ପି ଭଳି ସାମାଜିକ, ସାଂସ୍କୃତିକ ସଙ୍ଗଠନ ଏକ ଲକ୍ଷ୍ୟ ରଖି ସମସ୍ତଙ୍କୁ ଯୋଡ଼ିପାରିଛନ୍ତି।

ପୃଥିବୀପୃଷ୍ଠର ସ୍ୱର୍ଗ ବୋଲି ଯେଉଁ ଅଯୋଧ୍ୟାକୁ କୁହାଯାଇଥାଏ, ତାହା ଶତାବ୍ଦୀବ୍ୟାପୀ ବହୁ ନିନ୍ଦା ଓ କୁତ୍ସାରଟନାର ଶିକାର ହୋଇଆସିଛି। ଯେଉଁ ଭୂଖଣ୍ଡରୁ ଆଦର୍ଶ ଶାସନ ଓ ସାମାଜିକ ସଦ୍‌ଭାବନାର ରାମରାଜ୍ୟ ଭଳି ଚିନ୍ତାଧାରାର ସୃଷ୍ଟି ହୋଇଥିଲା, ସେହିଠାରେ ରାମଙ୍କୁ ଆଜି ତାଙ୍କର ନିଜର ସ୍ଥିତି ଲାଗି ପ୍ରମାଣ ଦେବାକୁ ପଡ଼ିଛି। ରାମଙ୍କ ଜୀବନ ଆମକୁ ମାନବୀୟ ଚରିତ୍ର ଓ ଉଦାରତାର ଶିକ୍ଷା ଦେଇଥାଏ। ଦିନ, ମାସ, ବର୍ଷ ଏବଂ ଶତାବ୍ଦୀ ବିତିଚାଲିଛି, କିନ୍ତୁ ପ୍ରତିଟି ସକାଳ ଆସିଲେ ରାମଙ୍କ ଭକ୍ତମାନଙ୍କଠାରେ ନୂତନ ଶକ୍ତି ସଞ୍ଚାର ହୋଇଥାଏ। ଆଜି ଯେତେବେଳେ ଅଯୋଧ୍ୟାରେ ରାମମନ୍ଦିର ନିର୍ମିତ ହେବା ସହ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ହେଉଛି, ସେତେବେଳେ ସମସ୍ତେ ଖୁସିରେ ଆତ୍ମହରା। ଶ୍ରୀରାମଙ୍କ ଉତ୍ସବ ଦେଖିବାର ସୁଯୋଗ ପାଇଥିବା ଆଜିର ପିଢ଼ି ବିଶେଷ ଆଶୀର୍ବାଦ ପାଇଥିବା ବେଳେ ଯେଉଁମାନେ ପ୍ରଭୁ ରାମଙ୍କ ପାଇଁ ଜୀବନ ଉତ୍ସର୍ଗ କରିଛନ୍ତି, ସେମାନେ ଅଧିକ ସୌଭାଗ୍ୟବନ୍ତ। ଏହି ଐତିହାସିକ କାର୍ଯ୍ୟ ସମାପନ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ମାର୍ଗଦର୍ଶନ ପାଇଁ ଆମେ ସମସ୍ତେ ତାଙ୍କୁ ହୃଦୟଭରା କୃତଜ୍ଞତା ଜଣାଉଛୁ।

୨୨ ଜାନୁଆରୀ ୨୦୨୪ ହେଉଛି ମୋ ବ୍ୟକ୍ତିଗତ ଜୀବନର ଏକ ଐତିହାସିକ ଆନନ୍ଦର ଦିବସ। ଏହି ଅବସରରେ ମୋ ମନକୁ ଅନେକ ସ୍ମୃତି ଆଲୋଡ଼ନ କରୁଛି। ସମ୍ଭବତଃ ଏହିଭଳି ମୁହୂର୍ତ୍ତ ଭାଗ୍ୟ ମୋ ପାଇଁ ଲେଖିଥିଲା, ଯେଉଁଥିରେ ମୋର ଆଧ୍ୟାତ୍ମିକ ତଥା ସ୍ୱର୍ଗୀୟ ଗୁରୁ ମହନ୍ତ ଅବ୍‌ବୈଦ୍ୟନାଥ ମହାରାଜାଙ୍କର ଆଶୀର୍ବାଦ ରହିଛି। ଆଜିର ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାର ପ୍ରତିମୂର୍ତ୍ତିକୁ ମୋର ଆଦ୍ୟ ଗୁରୁ ସ୍ୱର୍ଗତ (ବ୍ରହ୍ମଲୀନ) ମହନ୍ତ ଶ୍ରୀ ଦିଗ୍‌ବିଜୟନାଥ ଜୀ ମହାରାଜ ଓ ମହନ୍ତ ଶ୍ରୀ ଅବ୍‌ବୈଦ୍ୟନାଥଙ୍କ ସମେତ ଅନ୍ୟ ସମ୍ମାନୀୟ ସାଧୁ ସନ୍ଥ ଯଦିଓ ସଶରୀରରେ ଏହାକୁ ଦେଖିପାରିନାହାନ୍ତି; କିନ୍ତୁ ସେମାନଙ୍କ ଆତ୍ମା ନିଶ୍ଚିତ ଭାବେ ଅଫୁରନ୍ତ ଆନନ୍ଦରେ ଭରିଯାଉଥିବ। ମୋ ଗୁରୁମାନେ ସେମାନଙ୍କ ଜୀବନବ୍ୟାପୀ ଯେଉଁ ଉତ୍ସବକୁ ଅପେକ୍ଷା କରି ରହିଥିଲେ, ସେହି ପୂର୍ଣ୍ଣତାକୁ ଦେଖିବାର ସୌଭାଗ୍ୟ ମୋତେ ଜୁଟିଛି।

ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ୨୨ ଜାନୁଆରୀରେ ହେବ ବୋଲି ସାଧାରଣରେ ଘୋଷଣା ହେବା ପରେ ତାହାକୁ ପ୍ରତ୍ୟେକ ସନାତନୀ ଆକାଂକ୍ଷାର ସହ ଅପେକ୍ଷା କରି ରହିଥିଲେ। ଏଭଳି ଭବ୍ୟ ଉତ୍ସବ ଦେଖିବାର ଆନନ୍ଦ ଭାରତୀୟଙ୍କ ମଧ୍ୟରେ ଯେଭଳି ଦେଖିବାକୁ ମିଳିଛି, ତାହା ବିଗତ କେତେକ ଶତାବ୍ଦୀରେ ଦେଖାଯାଇ ନ ଥିବ।

ଶୈବ, ବୈଷ୍ଣବ, ଗାଣପତ୍ୟ, ଶିଖ୍, ବୌଦ୍ଧ, ଜୈନ, ଦଶମୀ ଶଙ୍କର, ରାମାନନ୍ଦୀ, ରାମାନୁଜ, ନିମ୍ବାର୍କ, ମାଧବ, ବିଷ୍ଣୁନାମୀ, ରାମସାନେହୀ, ଘିସାପନ୍ଥୀ, ଘାର୍ବାଦାସୀ, ଅକାଳୀ, ନିରହକାଂରୀ, ଗୌଡ଼ୀୟ, କବୀରପନ୍ଥୀ, ଆଧ୍ୟାତ୍ମିକତା, ଧର୍ମୀୟ ଏବଂ ବିଭିନ୍ନ ପୂଜାବିଧିରେ ବିଶ୍ୱାସ କରୁଥିବା ଆଚାର୍ଯ୍ୟଗଣ, ୧୫୦ ପରମ୍ପରାର ପ୍ରତିନିଧି, ବିଶିଷ୍ଟ ବନବାସୀ, ଗିରିବାସୀ, ଦ୍ୱୀପବାସୀ, ପ୍ରଜ୍ଞା ପୁରୁଷ, ରାଜନୀତି, ବିଜ୍ଞାନ, ଶିଳ୍ପ, କ୍ରୀଡ଼ା, କଳା, ସଂସ୍କୃତି, ସାହିତ୍ୟ କ୍ଷେତ୍ରରୁ ଆସିଥିବା ବିବିଧତାରେ ପୂର୍ଣ୍ଣ ମହାନୁଭବ ଶ୍ରଦ୍ଧାଳୁ ଏଭଳି ଏକ ଉତ୍ସବରେ ଗୋଟିଏ ଛାତ ତଳେ ଏକତ୍ରିତ ହେବା ଅଭୂତପୂର୍ବ। ଆଜି ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୪୦ କୋଟି ଭାରତୀୟଙ୍କ ଭାବନାକୁ ପ୍ରତିନିଧିତ୍ୱ କରି ଏଭଳି ବିରାଟ ଆଧ୍ୟାତ୍ମିକ ମହୋତ୍ସବ ଆୟୋଜନ କରିବାରେ ସଫଳ ହୋଇଛନ୍ତି।

ଭାରତୀୟ ଇତିହାସରେ ଏହା ପ୍ରଥମ ଘଟଣା ଯେ, ପାହାଡ଼, ପର୍ବତ, ଉପକୂଳ ଅଞ୍ଚଳ, ଦ୍ୱୀପ ଆଦି ବିଭିନ୍ନ ଆଡୁ ଶ୍ରଦ୍ଧାଳୁ ଆସି ଗୋଟିଏ ଜାଗାରେ ଏକତ୍ରିତ ହୋଇଛନ୍ତି। ଏହା ଅତୁଳନୀୟ। ଅଯୋଧ୍ୟା ଧାମ ଏବେ ମିନି ଭାରତରେ ପରିଣତ ହୋଇଯାଇଛି। ଉତ୍ତରପ୍ରଦେଶର ୨୫ କୋଟି ଲୋକଙ୍କ ତରଫରୁ ଏଠାକାର ପବିତ୍ର ମାଟିରେ ମୁଁ ସମସ୍ତଙ୍କୁ ସ୍ୱାଗତ ଜଣାଉଛି।

ଅଯୋଧ୍ୟା ଧାମ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିରେ ଏବେ ରାମ ପର୍ଯ୍ୟଟକ ଏବଂ ସମଗ୍ର ବିଶ୍ୱର ବିଭିନ୍ନ କୋଣରୁ ଆସୁଥିବା ଗବେଷକମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧାର ବ୍ୟବସ୍ଥା କରାଯାଇଛି। ଏଠାରେ ଅନ୍ତର୍ଜାତୀୟ ବିମାନନ୍ଦର, ବିସ୍ତୀର୍ଣ୍ଣ ରେଳ ଷ୍ଟେଶନ, ଚାରିରୁ ଛ' ଲେନ୍ ବିଶିଷ୍ଟ ସଡ଼କ ସଂଯୋଗ, ହେଲିପ୍ୟାଡ୍, ସୁବିଧାଜନକ ହୋଟେଲ ଓ ଗେଷ୍ଟହାଉସ୍ ଉପଲବ୍ଧ ଅଛି। ଅଯୋଧ୍ୟାରେ ସମସ୍ତ ପ୍ରକାର ସହରୀ ବ୍ୟବସ୍ଥା ମିଳିପାରିବ। ପଞ୍ଚକୋଶୀ, ଚୌଦାହକୋଶୀ ଓ ଚୌରାଶୀକୋଶୀ ପରିକ୍ରମାର ଆଖପାଖରେ ଥିବା ସମସ୍ତ ଧର୍ମ, ପ୍ରାଚୀନ ଓ ଐତିହାସିକ ସ୍ଥାନଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇଚାଲିଛି। ଫଳରେ ସଂସ୍କୃତିର ସଂରକ୍ଷଣ, ପର୍ଯ୍ୟଟନର ପ୍ରସାର, ପ୍ରଚାର ଏବଂ ନିଯୁକ୍ତି ସୃଷ୍ଟି ଦିଗରେ ଏହା ବିଶେଷ ସହାୟକ ହୋଇପାରିବ।

ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଭାରତର ସାଂସ୍କୃତିକ ଜାଗ୍ରତର ଆଧ୍ୟାତ୍ମିକ ଘଟଣା ହୋଇଯାଇଛି। ନିଃସନ୍ଦେହରେ କୁହାଯାଇପାରେ ଯେ, ରାମଲାଲାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଜାତୀୟ ଗର୍ବର ଏକ ଐତିହାସିକ ମୁହୂର୍ତ୍ତ ଆଣିଦେଇଛି। କେହି ପାରମ୍ପରିକ ପରିକ୍ରମା ବଳୟକୁ ଆଘାତ ଦେଇପାରିବେ ନାହିଁ। ଅଯୋଧ୍ୟାର ରାସ୍ତାରେ ଗୁଳି ଫୁଟିବ ନାହିଁ। ସରଯୁ କେବେ ବି ଗାଢ଼ ଲାଲବର୍ଣ୍ଣରେ ପ୍ଲାବିତ ହେବ ନାହିଁ। ଅଯୋଧ୍ୟା କେବେ କର୍ଫ୍ୟୁର ସାମ୍ନା କରିବ ନାହିଁ। ଏଠାରେ କେବଳ ରାମନାମ ଚାରିଆଡୁ ଉଚ୍ଚାରିତ ହେଉଥିବ। ଅଓ୍ୱଧ ପୁରୀରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେଉଛି ଭାରତରେ ରାମରାଜ୍ୟର ଘୋଷଣା।

ଶିଶୁରାମଙ୍କ ଏଠାରେ ପ୍ରତିଷ୍ଠା ଲୋକଙ୍କୁ ପ୍ରେରଣା ଦେଇଚାଲୁଥିବ। ଏହି ଅବସରରେ ମୁଁ ସମସ୍ତଙ୍କୁ ମୋର ହୃଦୟଭରା ଶୁଭେଚ୍ଛା ଜଣାଉଛି। ଆମେ ସନ୍ତୁଷ୍ଟ ଯେ, ଯେଉଁଠାରେ ମନ୍ଦିର ପ୍ରତିଷ୍ଠା କରିବାକୁ ଶପଥ ନେଇଥିଲୁ ସେହିଠାରେ ତାହା ଗଢ଼ିଉଠିଛି। ପ୍ରଭୁ ରାମ ସମସ୍ତଙ୍କ ଉପରେ ଆଶୀର୍ବାଦର ବର୍ଷା କରନ୍ତୁ। ସବୁ ସମୟ ପାଇଁ ମୋତେ ସେ ଶରଣାଶ୍ରୟ କରି ରଖିଥାଆନ୍ତୁ।

ଜୟ ଶ୍ରୀରାମ

**(ଲେଖକ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ)**

# ଶ୍ରେୟରେ ସହଭାଗିତା



ଶୁଭନାରାୟଣ ଶତପଥୀ

ସବୁଠାରେ ପ୍ରତିଯୋଗିତାର ବଜାର। ବର୍ତ୍ତମାନ, ଭବିଷ୍ୟତ, ଚରିତ୍ର ଗଠନ, ଦକ୍ଷତା ସବୁ ପ୍ରତିଯୋଗିତା ବଜାରର ଗୋଟିଏ ଗୋଟିଏ ପଣ୍ୟରେ ପରିଣତ। ସେହିପରି ଉତ୍ତମ ଚରିତ୍ର ବ୍ୟକ୍ତିର ଚାହିଦା କେଉଁଠି ଅଧିକ, କେଉଁଠି କମ୍ ତାହା ମଧ୍ୟ ବଜାରର ପରିସ୍ଥିତି, ସ୍ୱଚ୍ଛତା ଉପରେ ନିର୍ଭର କଲାଣି। ଯେତେବେଳେ ପିଲାମାନଙ୍କ ଭବିଷ୍ୟତ ଗଢିବା ବା କ୍ୟାରିୟର ଗଠନ, ପାଠପଢା ବିଷୟ କଥା ଉଠେ, ସେତେବେଳେ କୋଚିଂଠାରୁ କମର୍ସିଆଲ ଶିକ୍ଷାନୁଷ୍ଠାନ ମାତାପିତା, ଅଭିଭାବକଙ୍କୁ ଯୋଗାଯୋଗ କରନ୍ତି। ମୋ ଅନୁଷ୍ଠାନ ଏତିକି ପୁରୁଣା, କ୍ରମାଗତ ଭାବେ ସେଠାରୁ ସଫଳ ଛାତ୍ରୀଛାତ୍ର ଅମୁକ, ଅମୁକ ପ୍ରତିଯୋଗିତାରେ ଟପ୍ପର ବା ବେଷ୍ଟ ଦଶଜଣଙ୍କ ମଧ୍ୟରେ ରହିଛନ୍ତି ବୋଲି କୁହନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ହେଉଛି, ପ୍ରଶାସନିକ ପରୀକ୍ଷାରେ ସଫଳତା ହେଉ ବା ମାଟ୍ରିକ ପରୀକ୍ଷାରେ କୃତିତ୍ୱ, ଶ୍ରେୟରେ ସହଭାଗିତା ପାଇଁ ହେଉଛି ପ୍ରତିଯୋଗିତା, ପ୍ରତିଯୋଗୀଙ୍କ ବ୍ୟତୀତ ଅନୁଷ୍ଠାନ ଅନୁଷ୍ଠାନ ମଧ୍ୟରେ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ। ଛାତ୍ରୀ ବା ଛାତ୍ର କୌଣସି ବିଭାଗରେ ସଫଳତା ପାଇବା ମାତ୍ରେ ଏହି ଦାବିଗୁଡିକ ଲୋକଲୋଚନକୁ ଆସିଥାଏ। ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଫଟୋ ଦେଇ ଉତ୍ତର ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରନ୍ତି। ଉଦାହରଣସ୍ୱରୂପ, ସେହି ଛାତ୍ରୀ ବା ଛାତ୍ର ଜଣକ ଆମ ଅନୁଷ୍ଠାନରେ ପାଠ ପଢିଛନ୍ତି। ମୋଠାରୁ ଅନେକ ସହଯୋଗ, ସାହାଯ୍ୟ ନେଇ ଏତେବାଟ ଆସିଛନ୍ତି ଇତ୍ୟାଦି। ଏମିତି ବି ହୁଏ ଏକାଧିକ ଅନୁଷ୍ଠାନ, ଗୋଟିଏ ବ୍ୟକ୍ତିଙ୍କ ସଫଳତା ବା କୃତିତ୍ୱକୁ ନେଇ ନିଜ ନିଜର ସଫଳତାର ବିଜ୍ଞାପନ ପ୍ରକାଶ କରନ୍ତି। ତେବେ ତାହା ପରବର୍ତ୍ତୀ ସମୟରେ ଅଭିଭାବକ ଓ ପିଲାମାନଙ୍କ ପାଇଁ ଗୋଲକଧନ୍ଦା ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି। ସେହିପରି ସଂଖ୍ୟାଧିକ ସଂସ୍ଥାଗୁଡିକ ନିଜ ପରିସରରେ ଆଡ୍‌ମିଶନ କରାଇବାର ପ୍ରୟାସସ୍ୱରୂପ ଭିନ୍ନ ଭିନ୍ନ ଉପାୟରେ ବାରମ୍ବାର କ୍ୟାରିୟର ପରାମର୍ଶ ଅଭିଭାବକଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରେ। ଏପରି ଗୋଲକଧନ୍ଦାରେ ପଡି ଶେଷରେ ଅଭିଭାବକ ବା ତାଙ୍କ ପିଲାମାନେ ଯେଉଁ ନିଷ୍ପତ୍ତି ନିଅନ୍ତି, ଭବିଷ୍ୟତର ପ୍ରତିକୂଳ ସ୍ଥିତି ସବୁ ସମ୍ମୁଖକୁ ଆସିଲାବେଳକୁ ପଶ୍ଚାତ୍ତାପ କରନ୍ତି।

ଗୋଟିଏ ଛାତ୍ରୀ ବା ଛାତ୍ରର ସଫଳ ବିଜ୍ଞାପନ ଅନେକ ଅନୁଷ୍ଠାନରେ ପ୍ରକାଶିତ ହେବା ଫଳରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ମନରେ ସାଧାରଣତଃ ଦ୍ୱନ୍ଦ୍ୱ ଉପୁଜେ। ବାସ୍ତବରେ ସଫଳ ଓ କୃତୀ ଛାତ୍ରୀଛାତ୍ର ଗଢିବାରେ ଯେଉଁ ଅନୁଷ୍ଠାନ ସମସ୍ତ ସହଯୋଗ ଯୋଗାଇଦେଇଛନ୍ତି ଓ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି, ସେହି ଅନୁଷ୍ଠାନର ସମ୍ମାନ ଗୌଣ ବିବେଚିତ ହୁଏ। ଏଣୁ ଅସଲ ଶିକ୍ଷାନୁଷ୍ଠାନ, ଯାହାର ସଫଳ ବ୍ୟକ୍ତିତ୍ୱ ଗଠନରେ ଯୋଗଦାନ ଥାଏ, ସେହି ଅନୁଷ୍ଠାନର ମହତ୍ତ୍ୱ ଓ ଗୁରୁମାନଙ୍କ ସମ୍ମାନରେ ଊଣା ହୁଏ। ଏଥିପାଇଁ ସରକାରୀ ଓ ସ୍ୱୀକୃତିପ୍ରାପ୍ତ ବେସରକାରୀ ସଂସ୍ଥାଗୁଡ଼ିକର ନିରୀକ୍ଷଣ, ଅଙ୍କୁଶ ତଥା ତତ୍ପରତା ରହିବା ଜରୁରୀ ମନେହୁଏ। ଶିକ୍ଷା ଏକ ସେବା। ଧନ୍ଦାମୂଳକଠାରୁ ବୃତ୍ତିଗତ ପର୍ଯ୍ୟନ୍ତ, କୃଷକଠାରୁ ଡାକ୍ତର ପର୍ଯ୍ୟନ୍ତ ବ୍ୟକ୍ତିତ୍ୱ ସୃଷ୍ଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନୁଷ୍ଠାନକୁ ସ୍ୱୀକୃତିପ୍ରାପ୍ତ ତୃତୀୟପକ୍ଷଙ୍କ ସମ୍ବର୍ଦ୍ଧନା ସ୍ପଷ୍ଟ କରିବ କେଉଁ ଛାତ୍ରୀ ବା ଛାତ୍ର କେଉଁ ଶିକ୍ଷାନୁଷ୍ଠାନରେ ସମ୍ପୂର୍ଣ୍ଣ ଶିକ୍ଷା ଗ୍ରହଣ କରିଛନ୍ତି। ଫଳରେ ସଫଳ ଛାତ୍ରୀ ବା ଛାତ୍ରଙ୍କୁ ନେଇ ଅନେକ ଶିକ୍ଷାନୁଷ୍ଠାନଗୁଡିକର ବିଜ୍ଞାପନରେ ରହିଥିବା ଦ୍ୱନ୍ଦ୍ୱ ଆଉ ରହିବ ନାହିଁ। ବିଶେଷକରି ଏହା ମାଟ୍ରିକ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ବୋର୍ଡ ପରୀକ୍ଷାରେ ସଫଳତା ସମେତ ବ୍ୟାଙ୍କିଙ୍ଗ୍, ଇଞ୍ଜିନିୟରିଂ, ଡାକ୍ତର, ପ୍ରଶାସନିକ ସେବା କ୍ଷେତ୍ରରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସର୍ବୋତ୍ତମ ଦଶଟି ସ୍ଥାନ ବା ଟପ୍ପର ହୋଇଥିବା କିମ୍ବା କୃତିତ୍ୱ ଅର୍ଜନ କରିଥିବା ଛାତ୍ର ବା ଛାତ୍ରୀଙ୍କୁ ନେଇ କରାଯାଇପାରେ।

ଗୋଟିଏ ଛାତ୍ରୀ ବା ଛାତ୍ରଙ୍କୁ ନେଇ ପ୍ରକାଶନ କରୁଥିବା ସଫଳ ବିଜ୍ଞାପନଗୁଡିକ ଉକ୍ତ ଅନୁଷ୍ଠାନଗୁଡିକର ଛଦ୍ମବେଶୀ ତଥା ଅନ୍ତର୍ନିହିତ ସ୍ୱାର୍ଥଭାବନାକୁ ପରିପ୍ରକାଶ କରୁନାହିଁ କି? ତେବେ ଏହି ବିଜ୍ଞାପନକୁ ନେଇ କୌଣସି ଛାତ୍ରୀଛାତ୍ର ଆଗାମୀ ଦିନରେ ସେମାନଙ୍କ ଲକ୍ଷ୍ୟକୁ ଚରିତାର୍ଥ କରିବାରେ ଅସଫଳ ହୁଅନ୍ତୁ, ଠକାମିର ଶିକାର ହୁଅନ୍ତୁ, ଗୋଲକଧନ୍ଦାରେ ଫସି ନ ଯାଆନ୍ତୁ ସେଥିପାଇଁ ନୀତି ନିର୍ଦ୍ଧାରଣ ଜରୁରୀ। ଏହାଦ୍ୱାରା ସ୍ୱଚ୍ଛ, ସରଳ, ସଫଳ କୃତିତ୍ୱକୁ ଦର୍ଶାଇବା କେବଳ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ହିଁ ଅଧିକାର ହେବ। ଯେଉଁଠି ସମ୍ପୃକ୍ତ ଛାତ୍ରୀ ବା ଛାତ୍ରଙ୍କର ଶିକ୍ଷାଗ୍ରହଣର ନଥିପତ୍ର ଥିବ, ପ୍ରମାଣ ଥିବ ଓ ସେଠାରେ ଅନୁଷ୍ଠିତ ଆଭ୍ୟନ୍ତରୀଣ ପରୀକ୍ଷାଗୁଡିକର ସଫଳ ପ୍ରଗତି କାର୍ଡ ଥିବ। ସଫଳ ଶିକ୍ଷାନୁଷ୍ଠାନ ସିଏ, ଯିଏ ସେହି ସଫଳ ବ୍ୟକ୍ତିତ୍ୱଙ୍କୁ ସମ୍ପୂର୍ଣ୍ଣ କୋର୍ସ ବା ଶିକ୍ଷା ପ୍ରଦାନ କରିଥିବେ। ଏ କ୍ଷେତ୍ରରେ ଉପଯୁକ୍ତ ଶିକ୍ଷାନୁଷ୍ଠାନ ଓ ଗୁରୁମାନଙ୍କ ସମ୍ମାନ ସମାଜ ପାଇଁ ଏକ ଆହ୍ୱାନ। ଏହା ଦୂର ହେଲେ, ଅନ୍ୟର ସଫଳତାକୁ ନିଜର ସଫଳତା କହି ସ୍ୱାର୍ଥସାଧନ ପାଇଁ କେହି ଆଗକୁ ଆସିବେ ନାହିଁ। ଇଣ୍ଡିଆ ଟୁଡେର ଏକ ସଦ୍ୟତମ ରିପୋର୍ଟ ଅନୁସାରେ ଭାରତରେ ନାମକରା ୨୦ଟି କୋଚିଂ ଶିକ୍ଷାନୁଷ୍ଠାନ ଏବେ ଯାଞ୍ଚ ପ୍ରକ୍ରିୟାରେ ଅଛି। ଏମିତିକି କେନ୍ଦ୍ରୀୟ ଖାଉଟି ସୁରକ୍ଷା ଅଥରିଟି ଦୁଇଟି କୋଚିଂ ସଂସ୍ଥା ଉପରେ ଏକ ଲକ୍ଷ ଟଙ୍କା ଜରିମାନା ଲାଗୁ କରିଛି। ତା'ଛଡା ଏହି ଅଥରିଟି ପଥଭ୍ରଷ୍ଟ ବିଜ୍ଞାପନ ଓ ଅନୈତିକ ବ୍ୟବସାୟ ଅଭ୍ୟାସ ବିପକ୍ଷରେ ଏକ ନିର୍ଦ୍ଦେଶନାମା ଜାରି କରିଛି। ଏପରି ସଂସ୍ଥାଗୁଡିକର ଅଯଥା ଦାବି, ମିଥ୍ୟା ସେବାର ଉପସ୍ଥାପନା ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ପ୍ରଭାବିତ କରେ ଓ ଖାଉଟିଙ୍କୁ ପଥଭ୍ରଷ୍ଟ କରାଏ ବୋଲି ଖାଉଟି ବ୍ୟାପାର ମନ୍ତ୍ରଣାଳୟ କହିଛି।

ସଫଳ ବ୍ୟକ୍ତିତ୍ୱଙ୍କୁ ଶୁଭେଚ୍ଛା ଜଣାଇବା ଉଦ୍ଦେଶ୍ୟରେ ଅନେକ ବ୍ୟକ୍ତି ତାଙ୍କର ଅବଦାନ ବଖାଣିଥାନ୍ତି। ଯେମିତିକି ତା'ର ସଫଳତା ପାଇଁ ମୋର ସୁପାରିସ ଥିଲା, ମୁଁ ତା' ପାଇଁ କେତେ ପରିଶ୍ରମ କରିଛି, ସମୟ ଦେଇଛି, କାହାକାହାକୁ ଧରିଛି ତାହା ମୁଁ ନିଜେ ଜାଣିଛି ଇତ୍ୟାଦି। ଅକାରଣରେ ସମୟ ନଷ୍ଟ କରି ଉଦ୍ଦେଶ୍ୟମୂଳକ ଭାବରେ ସୁପାରିସ କରିବା କିମ୍ବା ଧରାଧରି କରି ସଫଳତା ଅର୍ଜନ ପ୍ରକ୍ରିୟାର ବାଟ ବନ୍ଦଥିବା ଜାଣି ମଧ୍ୟ ଏମିତି କହିଥାନ୍ତି କିଛି ଲୋକ ବା ଅନୁଷ୍ଠାନ। ଏକଥା କହି ସଫଳ ବ୍ୟକ୍ତିଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁନାହାନ୍ତି ତ? ଯାହା ସଫଳ ବ୍ୟକ୍ତିଙ୍କ ମନରେ ଉକ୍ତ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ପ୍ରତି ନକାରାତ୍ମକ ଭାବନା ଜାଗ୍ରତ ହୁଏ। ଏଣୁ ନିଜ ତୁଣ୍ଡରେ ଏହି ସଫଳତାର ଶ୍ରେୟରେ ମୋର ସହଭାଗିତା ଅଛି ବୋଲି ନ କହି ସମ୍ପୃକ୍ତ ଛାତ୍ରୀଛାତ୍ର ତାଙ୍କ ସଫଳତାରେ କାହାକୁ କେତେ ମାତ୍ରାରେ ଶ୍ରେୟ ଦେଉଛନ୍ତି ତାହା ହିଁ ଅସଲ ସ୍ୱୀକୃତି ଓ ବିଶାଳ ବିଜ୍ଞାପନ, ବାକିସବୁ ବ୍ୟର୍ଥ ବଚନ ଓ ବିଜ୍ଞାପନ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**

## ଏଇ ଭାରତରେ

ସମାଜ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଏକ ଏନ୍‌ଜିଓରେ ଭଲ ଦରମାରେ ଚାକିରି କରିଥିଲେ କେରଳ ଏର୍ନାକୁଲମ ନିବାସୀ ଜିତୁ ଥୋମାସ୍। ଚାକିରି ଛାଡ଼ି ଏବେ ସେ ଛତୁଚାଷ କରି ଦିନକୁ ୪୦,୦୦୦ ଅର୍ଥାତ୍ ମାସକୁ ପାଖାପାଖି ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ମା' ଲିନା ତାଙ୍କୁ ସହଯୋଗ କରୁଛନ୍ତି। ଜିତୁ କୁମାରକୋମ୍ କୃଷି ବିଜ୍ଞାନ କେନ୍ଦ୍ରରୁ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେବା ପରେ ଏହି ଚାଷ ଆରମ୍ଭ କରିଥିଲେ। ପ୍ରଥମେ ଘରର ଏକ କୋଣରେ ଅଳ୍ପ ଜାଗାରେ ଓ ଏବେ ୫,୦୦୦ ବର୍ଗଫୁଟ ପରିମିତ ଜାଗାରେ ଚାଷ କରିବା ସହ ଲିନା ମସ୍‌ରୁମ୍ ଫାର୍ମା ପ୍ରତିଷ୍ଠା କରିଛନ୍ତି। ଦିନକୁ ୧୦୦ କେଜି ଛତୁ ଉତ୍ପାଦନ କରୁଛନ୍ତି। ଏହାସହ ନିଜ ଲାବ୍‌ରେ ଛତୁମଞ୍ଜି ମଧ୍ୟ ପ୍ରସ୍ତୁତ କରି ସେଥିରୁ ଲାଭ ପାଉଛନ୍ତି। ଏହି ଚାଷ ସମ୍ପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତିରେ କରାଯାଉଛି। ଯେତିକି ଜାଗାରେ ୫ ହଜାର ବେଡ୍ ରହିବା କଥା ସେତିକିରେ ସେ ୨୦,୦୦୦ ବେଡ୍ ରଖିଛନ୍ତି। ଏଣୁ କମ୍ ଖର୍ଚ୍ଚରେ ଅଧିକ ଲାଭ ମିଳୁଛି। ଛତୁକୁ ପ୍ୟାକେଟ୍ କରି ତାହାକୁ ୩୦ କି.ମି. ଭିତରେ ଥିବା ମାର୍କେଟ୍‌ଗୁଡ଼ିକରେ ବିକ୍ରିର ବ୍ୟବସ୍ଥା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୨ ଜାନୁଆରୀ ୧୯୭୫**

- ବିଜ୍ଞାନ କ୍ଷେତ୍ରରେ ପରସ୍ପର ସହିତ ସହଯୋଗ ବୃଦ୍ଧି ନେଇ ଭାରତ ଓ ପୋଲାଣ୍ଡ ମଧ୍ୟରେ ନୂତନ ଚୁକ୍ତି ସ୍ୱାକ୍ଷରିତ।
- ଜର୍ମାନ ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ବୈଦେଶିକ ବ୍ୟାପାର ମନ୍ତ୍ରୀ ୭୨ ବର୍ଷ ବୟସ୍କ ଓଟ୍ଟୋ ଉଇନନୋସଙ୍କ ସ୍ୱାସ୍ଥ୍ୟଗତ କାରଣରୁ ନିଜ ପଦରୁ ଇସ୍ତଫା ପ୍ରଦାନ।
- ଥାଇଲାଣ୍ଡର ଦକ୍ଷିଣାଞ୍ଚଳରେ ହୋଇଥିବା ଭୟଙ୍କରୀ ବନ୍ୟାରେ ୨୩୯ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ଚନ୍ଦନବୋଳି ଅଙ୍ଗେ ଆସ ହେ ବଇଶାଖେ
ଶରତ ପ୍ରଭାତରେ ନିରେଖି ମୋ ଗବାକ୍ଷେ
ଜପଇ ତବ ନାମ
ହୃଦୟେ ଅବିରାମ
ପ୍ରଦୋଷ ପ୍ରଭାତରେ
ଜପଇଁ ମୁଁ ଅନ୍ତରେ।
-(ଆଶ୍ୱାସନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 6 | | | | | 9 | |
| 1 | | 9 | | | | 8 | 2 | |
| | | | | 8 | | | | 7 |
| | | | 4 | | 5 | 3 | 6 | |
| | | | | 9 | 1 | 4 | | 8 |
| | | | | | | | | |
| 9 | | 1 | | | | | | 6 |
| | 6 | | | 3 | | | | |
| | | 5 | 9 | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 7 | 3 | 4 | 9 | 6 | 5 | 8 |
| 6 | 9 | 8 | 7 | 1 | 5 | 3 | 4 | 2 |
| 5 | 3 | 4 | 8 | 6 | 2 | 7 | 9 | 1 |
| 3 | 6 | 2 | 1 | 7 | 4 | 5 | 8 | 9 |
| 9 | 4 | 1 | 6 | 5 | 8 | 2 | 3 | 7 |
| 8 | 7 | 5 | 2 | 9 | 3 | 4 | 1 | 6 |
| 1 | 2 | 3 | 5 | 8 | 7 | 9 | 6 | 4 |
| 4 | 5 | 6 | 9 | 2 | 1 | 8 | 7 | 3 |
| 7 | 8 | 9 | 4 | 3 | 6 | 1 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନ୍ୟାୟାଳୟର ମର୍ଯ୍ୟାଦା ଅକ୍ଷୁଣ୍ଣ ରହୁ

ମହାଶୟ,

ଗୁଜରାଟ ଦଙ୍ଗାରେ ମହିଳା ବିଲ୍‌କିସ୍ ବାନୋଙ୍କ କ୍ଷେତ୍ରରେ ସର୍ବୋଚ୍ଚ ନ୍ୟାୟାଳୟ ନ୍ୟାୟ ପ୍ରଦାନକରି ଦେଶରେ ପ୍ରଶଂସିତ ହୋଇଛନ୍ତି। ୧୧ ଜଣ ଅପରାଧୀ କାରାଗାରରୁ ମୁକ୍ତ ହୋଇଥିଲେ ବି ସେମାନେ ପୁଣି କାରାଗାରକୁ ଫେରିବେ। ଗୁଜରାଟ ସରକାର ଜାଣିଶୁଣି ଆଇନର ଭୁଲ ତର୍ଜମା କରୁଥିଲେ ଏବଂ ଅନେକ ତଥ୍ୟ ଲୁଚାଇଥିଲେ। ସେମାନେ ଦଣ୍ଡିତ ନ ହେଲେ ନ୍ୟାୟ ମିଳିଲା ବୋଲି କେମିତି କହିବା। ତା'ଛଡ଼ା ସେହି ୧୧ ଜଣ ଯେ କାରାଗାରକୁ ଫେରିବେ ତା'ର ମଧ୍ୟ କୌଣସି ଗ୍ୟାରେଣ୍ଟି ନାହିଁ। ଆମେ ବିଗତ ଦିନରେ ଦେଖିଆସିଛୁ ଯେ ଅନେକ ଅପରାଧୀ ବିଦେଶରେ ଆରାମରେ ଅଛନ୍ତି। ଆମ ନ୍ୟାୟବ୍ୟବସ୍ଥା ସେମାନଙ୍କୁ ଧରି ଦଣ୍ଡ ଦେଇପାରୁନାହିଁ। ସମସ୍ତଙ୍କ ପାଇଁ ଆଇନର ଅଙ୍କୁଶ ସମାନ ରହୁ, ଏହା ହିଁ ତ ଗଣତନ୍ତ୍ରର ମୂଳକଥା। ମାତ୍ର କାର୍ଯ୍ୟପାଳିକା ଆଗରେ ନ୍ୟାୟାଳୟ ନରମ ହେବା ଯୁକ୍ତିସଙ୍ଗତ ଲାଗୁନାହିଁ। ନ୍ୟାୟାଳୟ ମର୍ଯ୍ୟାଦା ସର୍ବଦା ଅକ୍ଷୁଣ୍ଣ ରହିବା ଦରକାର।

**-ଡ. ରାଜୀବ ଷଡ଼ଙ୍ଗୀ, କୁଣ୍ଡି କୁମୁଡ଼ା, ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

‘ଜୟ ଶ୍ରୀରାମ’ ଧ୍ୱନିରେ ପ୍ରକମ୍ପିତ ଅଯୋଧ୍ୟା ନଗରୀ। ସ୍ଥାନେ ସ୍ଥାନେ ତୋରଣ ସଜ୍ଜା, ରଙ୍ଗବେରଙ୍ଗର ଆଲୋକମାଳା। ସବୁଠି ଐତିହ୍ୟ, ସଂସ୍କୃତିର ଅନନ୍ୟ ଝଲକ, ସାଧୁ ସନ୍ଥଙ୍କ ଗହଳି। ଦେଶବିଦେଶରୁ ଭକ୍ତ ଓ ଅତିଥିଙ୍କ ଆଗମନ। ଅଓ୍ୱଧପୁରୀରେ ସଭିଏ ଏକାକାର। ନିଜ ଜନ୍ମଭୂମିକୁ ପ୍ରଭୁଙ୍କ ଆଗମନରେ ଭକ୍ତିମୟ ହୋଇଉଠିଛି ଉତ୍ତର ପ୍ରଦେଶ। ସାରା ଭାରତରେ ଅଭୂତପୂର୍ବ ଉତ୍ସାହ ଓ ଉଦ୍ଦୀପନା। କେବଳ ଭାରତ ନୁହେଁ, ସାରା ବିଶ୍ୱର ରାମପ୍ରେମୀ ୫୦୦ ବର୍ଷ ଧରି ଅପେକ୍ଷା କରିଥିଲେ ଏହି ଅପୂର୍ବ ଦିବ୍ୟ ମୁହୂର୍ତ୍ତକୁ।



# ଅଓ୍ୱଧପୁରୀ ଅଭେଦ୍ୟ ଦୁର୍ଗ

**ଅଯୋଧ୍ୟା,୨୧।୧**

ଅଯୋଧ୍ୟା ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ପୂର୍ବରୁ ସହରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୩ ହଜାର ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଥିବାରୁ ଅଯୋଧ୍ୟା ସହର ଏକ ଦୁର୍ଗରେ ପରିଣତ ହୋଇଛି। ରାଜ୍ୟ ପୋଲିସ ସମେତ ଆର୍‌ପିଏଫ୍ ଯବାନ, ଅର୍ଦ୍ଧସାମରିକ ଯବାନ, ଏନ୍‌ଡିଆର୍‌ଏଫ୍ ଟିମ୍, ବମ୍ ସ୍କ୍ୱାଡ୍ ଏବଂ ଡଗ୍ ସ୍କ୍ୱାଡ୍ ମଧ୍ୟ ନିୟୋଜିତ ହୋଇଛନ୍ତି। ଏହା ବ୍ୟତୀତ ନାଇଟ୍ ଭିଜନ ଉପକରଣଠାରୁ ଆରମ୍ଭ କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପରିଚାଳିତ ସିସିଟିଭି କ୍ୟାମେରା ଲଗାଯାଇଛି। ମନ୍ଦିରକୁ ବହୁ ଟନ୍ ଫୁଲ ଏବଂ ରଙ୍ଗିନ ଆଲୋକମାଳାରେ ସଜାଯାଇଛି। ପ୍ରାଣପ୍ରତିଷ୍ଠା ଉତ୍ସବ ପୂର୍ବରୁ ସାଧୁସନ୍ଥ, ନିମନ୍ତ୍ରିତ ଅତିଥି ଏବଂ ସେଲିବ୍ରିଟିମାନେ ଅଯୋଧ୍ୟାରେ ପହଞ୍ଚିବାରେ ଲାଗିଛନ୍ତି। ପୂର୍ବରୁ ଶୂନ୍‌ଶାନ ଦେଖାଯାଉଥିବା ଏହି ସହରରେ ଏବେ ପ୍ରବଳ ଗହଳି ହେବା ସହ ଏକ ଆଧ୍ୟାତ୍ମିକ ଭକ୍ତି ପରିବେଶ ସୃଷ୍ଟି ହୋଇଛି। ଡାକବାଜି ଯନ୍ତ୍ରରେ ରାମଧୁନ୍ ବାଜିବା ସହ ବିଭିନ୍ନ ରଙ୍ଗରେ ଫୁଲରେ ସହର ସଜେଇ ହୋଇଛି। ଭକ୍ତମାନେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ଶୋଭାଯାତ୍ରାରେ ଯାଉଛନ୍ତି। ପ୍ରାଣପ୍ରତିଷ୍ଠା ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ରାମମନ୍ଦିର ଆନ୍ଦୋଳନରେ ସାମିଲ ଥିବା କେତେଜଣଙ୍କୁ ମଧ୍ୟ ଉତ୍ସବକୁ ନିମନ୍ତ୍ରଣ କରାଯାଇଛି। ଏହା ବ୍ୟତୀତ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନ, ବିଶିଷ୍ଟ ବ୍ୟବସାୟୀ ମୁକେଶ ଅମ୍ବାନୀ, ଗୌତମ ଆଦାନୀ, କ୍ରିକେଟର ସଚିନ ତେନ୍ଦୁଲକର ଏବଂ ଏମ୍.ଏସ୍. ଧୋନୀ ପ୍ରମୁଖଙ୍କୁ ନିମନ୍ତ୍ରଣ କରାଯାଇଛି।

**ଏଆଇ ସିସିଟିଭି, ଡ୍ରୋନ୍, ୧୩ ହଜାର ସୁରକ୍ଷା କର୍ମୀ**




# ରାମସେତୁ ଉତ୍ପତ୍ତିସ୍ଥଳ ଦର୍ଶନ କଲେ ମୋଦି

ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠାର ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସକାଳେ ତାମିଲନାଡୁର ରାମେଶ୍ୱରମସ୍ଥିତ କୋଦଣ୍ଡରାମସନବାମୀ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଛନ୍ତି। ଏହା ପୂର୍ବରୁ ସେ ରାମସେତୁର ଉତ୍ପତ୍ତିସ୍ଥଳ ଧନୁଶକୋଡି ନିକଟ ଆରିଚଲ ମୁନାଇ ଦର୍ଶନ କରିଥିଲେ। ସେହିଠାରୁ ରାମସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ବେଳାଭୂମିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ଏବଂ ଆରିଚଲ ମୁନାଇରେ ଅନୁଲୋମ ବିଲୋମ କରୁଥିବା ଦେଖାଯାଇଥିଲା। ଶନିବାର ସେ ଶ୍ରୀରଙ୍ଗମ୍‌ସ୍ଥିତ ଶ୍ରୀରଙ୍ଗନାଥସ୍ୱାମୀ ମନ୍ଦିର ଏବଂ ରାମେଶ୍ୱରମ୍‌ର ଅରୁଲମିଗୁ ରାମନାଥସ୍ୱାମୀ ମନ୍ଦିର ଯାଇଥିଲେ।



# ରିକି କେଜ୍‌ଙ୍କ ନିର୍ଦ୍ଦେଶିତ ଭଜନ ଗାଇଲେ ସୋନୁ, ମାଳିନୀ



ରିକି କେଜ୍



ସୋନୁ ନିଗମ ଓ ମାଳିନୀ ଅଓ୍ୱସ୍ତି

ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ପୂର୍ବରୁ ଅମିଶ ତ୍ରିପାଠୀଙ୍କ ଦ୍ୱାରା ଲିଖିତ ତଥା ଗ୍ରାମି ପୁରସ୍କାର ବିଜେତା ରିକି କେଜ୍‌ଙ୍କ ନିର୍ଦ୍ଦେଶିତ ଆଧ୍ୟାତ୍ମିକ ଗୀତ ‘ରାମ କେ ହୃଦୟ ମେ’କୁ ଲୋକପ୍ରିୟ କଣ୍ଠଶିଳ୍ପୀ ସୋନୁ ନିଗମ ଓ ମାଳିନୀ ଅଓ୍ୱସ୍ତି ଗାଇଛନ୍ତି। ଅଯୋଧ୍ୟାକୁ ରାମଙ୍କ ପ୍ରତ୍ୟାବର୍ତ୍ତନ ଉପରେ ଏହି ଭଜନ ଉତ୍ସର୍ଗୀକୃତ ହୋଇଛି। ଭଜନଟିକୁ ୟୁଟ୍ୟୁବ୍‌ରେ ରିଲିଜ୍ କରାଯାଇଛି। ରିକି ଏହାକୁ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି।

# ୧୨୧ ଆଚାର୍ଯ୍ୟଙ୍କ ପୂଜାର୍ଚ୍ଚନା

ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ପୂର୍ବରୁ ଗତ ୧୬ ତାରିଖରୁ ମନ୍ଦିରରେ ବିଭିନ୍ନ ରୀତିନୀତି ଜାରି ରହିଛି। ପଞ୍ଚମ ଦିନରେ ଅନ୍ୟୂନ ୧୨୧ ଆଚାର୍ଯ୍ୟ ବିଭିନ୍ନ ଧର୍ମୀୟ ଉତ୍ସବ ଅନୁଷ୍ଠାନ କରିଛନ୍ତି। ପ୍ରଥମ ଦୁଇଦିନରେ ଧାର୍ମିକ କ୍ରିୟାକର୍ମ ମନ୍ଦିର କମ୍ପ୍ଲେକ୍ସ ବାହାରେ ହୋଇଥିଲା। ଗୁରୁବାର ରାମମନ୍ଦିର ଗର୍ଭଗୃହରେ ଭଗବାନ ରାମଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ରାମମନ୍ଦିର ଟ୍ରଷ୍ଟି ଅନୀଲ ମିଶ୍ର ଓ ତାଙ୍କ ସ୍ତ୍ରୀ ଯଜମାନ ଭାବେ ସମସ୍ତ ରୀତିନୀତି ସମ୍ପନ୍ନ କରୁଥିବାବେଳେ ଅଶୋକ ସଂଘଲ ଫାଉଣ୍ଡେଶନର ମହେଶ ଚାନ୍ଦଭାଗ୍‌କା ଏଥିରେ ସହଯୋଗ କରୁଛନ୍ତି। ପ୍ରଥମେ ଭଗବାନ ଗଣେଶଙ୍କ ପୂଜା ପରେ ଭଗବାନ ରାମଙ୍କ ମହାପୂଜା ହେବା ସହ ମନ୍ତ୍ର ଓ ଶ୍ଳୋକ ଆବୃତ୍ତି କରାଯାଇଥିଲା।

# ୬ ରାମମନ୍ଦିରରେ ହୋଇଥାଏ ଭକ୍ତଙ୍କ ସମାଗମ

ଭଗବାନ ରାମଙ୍କ ଜନ୍ମଭୂମି କୁହାଯାଉଥିବା ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣ ସହ ବହୁ ଆଡ଼ମ୍ବର ସହକାରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ଏଥିପାଇଁ ଗଣମାଧ୍ୟମଠାରୁ ସୋସିଆଲ ମିଡିଆରେ ଜୋର୍‌ଦାର ପ୍ରଚାର ଜାରି ରହିଛି। ଫଳରେ ଅଯୋଧ୍ୟା ସହର ସମେତ ସାରା ଦେଶରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ଏବଂ ରାମମନ୍ଦିର ଯାଇ ଭଗବାନ ରାମଙ୍କୁ ଦର୍ଶନ ଲାଗି ହିନ୍ଦୁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ପ୍ରକାଶ ପାଇଛି। ତେବେ ଦେଶରେ ଅନେକ ରାମମନ୍ଦିର ରହିଛି। ସେଥିରୁ କେତେକ ମନ୍ଦିର ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିବାବେଳେ ସେଠାକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରିବାକୁ ଆସିଥାନ୍ତି। ଏହିଭଳି ୬ଟି ମନ୍ଦିର ହେଲେ ଜମ୍ମୁ-କଶ୍ମୀରର ରଘୁନାଥ ମନ୍ଦିର, ଉତ୍ତରପ୍ରଦେଶ କାନପୁରର ରାମ୍‌ଜୀ ମନ୍ଦିର, ବାରାଣସୀର ରାମନଗର ଦୁର୍ଗ ମନ୍ଦିର, ମଧ୍ୟପ୍ରଦେଶର ଓର୍ଚ୍ଛାରେ ଥିବା ରାମମନ୍ଦିର, ତେଲଙ୍ଗାନାର ସୀତା ରାମଚନ୍ଦ୍ରସ୍ୱାମୀ ମନ୍ଦିର ଏବଂ ଆନ୍ଧ୍ରପ୍ରଦେଶର ରାମତୀର୍ଥମ୍ ମନ୍ଦିର।

ଜମ୍ମୁ ସହରରେ ରହିଥିବା ରଘୁନାଥ ମନ୍ଦିର ଉତ୍ତର ଭାରତର ଅନ୍ୟତମ ସର୍ବବୃହତ୍ ମନ୍ଦିର। ୧୮୫୩ରୁ ୧୮୬୦ ମଧ୍ୟରେ ମହାରାଜା ଗୁଲାବ ସିଂ ଓ ତାଙ୍କ ପୁଅ ମହାରାଜା ରଣବୀର ସିଂ ଉକ୍ତ ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିରର ୭ଟି ଶିଖରରେ ୭ ମୂର୍ତ୍ତି ରହିଥିବାବେଳେ ମୁଖ୍ୟ ମୂର୍ତ୍ତି ହେଉଛି ଭଗବାନ ରାମଙ୍କର। ୨୦୦୨ ନଭେମ୍ବର ୨୪ରେ ହିନ୍ଦୁମାନେ ଉକ୍ତ ମନ୍ଦିର କମ୍ପ୍ଲେକ୍ସରେ ପୂଜାର୍ଚ୍ଚନା ଆରମ୍ଭ କରିବା ପରେ ଏହା ଲୋକଲୋଚନକୁ ଆସିଥିଲା। ମନ୍ଦିରରେ ମୋଗଲ ସମୟର କାରୁକାର୍ଯ୍ୟ ଦେଖିବାକୁ ମିଳିଥାଏ।



ରଘୁନାଥ ମନ୍ଦିର, ଜମ୍ମୁ



ରାମଜୀ ମନ୍ଦିର, କାନପୁର



ରାମମନ୍ଦିର, ଓର୍ଚ୍ଛା



ସୀତା ରାମଚନ୍ଦ୍ରସ୍ୱାମୀ ମନ୍ଦିର, ଭଦ୍ରାଚଳମ୍

ତେଲଙ୍ଗାନାର ଭଦ୍ରାଚଳମ୍ ସହରରେ ତଥା ଗୋଦାବରୀ ନଦୀକୂଳରେ ରହିଛି ଶ୍ରୀ ସୀତା ରାମଚନ୍ଦ୍ରସ୍ୱାମୀ ମନ୍ଦିର। ରାମନବମୀ ଦିନ ଏଠାରେ ଉତ୍ସବ ପାଳନ କରାଯାଇଥାଏ। ପ୍ରତିଦିନ ଏହି ମନ୍ଦିରକୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥାନ୍ତି। ଏହାକୁ ଗୋଦାବରୀର ଦିବ୍ୟ କ୍ଷେତ୍ରମ୍ ତଥା ଦକ୍ଷିଣ ଅଯୋଧ୍ୟା କୁହାଯାଇଥାଏ। ମନ୍ଦିରରେ ଚତୁର୍ଭୁଜ ବୈକୁଣ୍ଠ ରାମ, ପତ୍ନୀ ସୀତା ଓ ଭାଇ ଲକ୍ଷ୍ମଣଙ୍କ ମୂର୍ତ୍ତି ରହିଛି। ସପ୍ତଦଶ ଶତାବ୍ଦୀରେ ସନ୍ଥ କାଞ୍ଚେର୍ଲା ଗୋପନ୍ନା ଏହା ନିର୍ମାଣ କରିଥିଲେ। ଭଦ୍ରାଚଳମ୍‌ର ରାଜସ୍ୱ ଅଧିକାରୀ ଥିବା ଗୋପନ୍ନା ମନ୍ଦିର ନିର୍ମାଣରେ ସୁଲତାନେଟ୍ ରାଜକୋଷର ଅର୍ଥ ବିନିଯୋଗ କରିଥିବା ଅଭିଯୋଗରେ ଗିରଫ ହୋଇ ୧୨ ବର୍ଷ ଜେଲରେ ରହିଥିଲେ। ସେଠାରେ ସେ ଲେଖିଥିବା ଭକ୍ତି ସଙ୍ଗୀତ ଏପର୍ଯ୍ୟନ୍ତ ମନ୍ଦିରରେ ଗାନ କରାଯାଉଛି।

ଆନ୍ଧ୍ରପ୍ରଦେଶର ରାମତୀର୍ଥମ୍ ମଧ୍ୟ ଭଗବାନ ଶ୍ରୀରାମଙ୍କ ସହ ସମ୍ପୃକ୍ତ ଥିବା ପବିତ୍ର ସ୍ଥାନ। ପର୍ବତମାଳାର ପାଦଦେଶରେ ମନ୍ଦିର ଓ ଗାଁ ରହିଥିବାବେଳେ ସେଠାର ବିଭିନ୍ନ ସ୍ଥାନର ନାମ ରାମଙ୍କ ସହ ଜଡ଼ିତ। ସେଠାରେ ପୂର୍ବରୁ ଜୈନମାନେ ରହୁଥିଲେ। ସେଠାରେ ଅନେକ ପ୍ରାକୃତିକ ଗୁମ୍ଫା ଓ ଛୋଟ ମନ୍ଦିର ରହିଛି। ବହୁ ପୁରାତନ ରାମଚନ୍ଦ୍ରସ୍ୱାମୀ ମନ୍ଦିରରେ ରାମଙ୍କ ସହ ମାତା ସୀତା ଓ ଲକ୍ଷ୍ମଣଙ୍କ ମୂର୍ତ୍ତି ରୁପା କବଚରେ ରହିଛି। ସେଠାରେ ପ୍ରତିବର୍ଷ ରାମନବମୀ ଏବଂ ବୈକୁଣ୍ଠ ଏକାଦଶୀ ଉତ୍ସବ ଧୁମ୍‌ଧାମରେ ପାଳନ କରାଯାଇଥାଏ।

ଉତ୍ତରପ୍ରଦେଶର ବାରାଣସୀ ରାମନଗରରେ ରହିଛି ରାମନଗର ଦୁର୍ଗ ମନ୍ଦିର। ତୁଳସୀ ଘାଟ ବିପରୀତ ପାର୍ଶ୍ୱ ଗଙ୍ଗାନଦୀର ପୂର୍ବ କୂଳରେ ଏହା ଅବସ୍ଥିତ। ୧୭୫୦ରେ କାଶୀ ନରେଶ ମହାରାଜା ବଲୱନ୍ତ ସିଂ ଏହାକୁ ନିର୍ମାଣ କରିଥିଲେ, ଯାହା ମୋଗଲ ଢାଞ୍ଚାରେ ଗଢ଼ାଯାଇଛି। ଦୁର୍ଗ ପରିସରରେ ବେଦବ୍ୟାସ ମନ୍ଦିର, ସଂଗ୍ରହାଳୟ, ରାଜପ୍ରାସାଦ କମ୍ପ୍ଲେକ୍ସ ଏବଂ ଦକ୍ଷିଣମୁଖୀ ହନୁମାନ ମନ୍ଦିର ରହିଛି। ସେହିପରି ମଧ୍ୟପ୍ରଦେଶର ଓର୍ଚ୍ଛାଠାରେ ଏକ ରାମମନ୍ଦିର ରହିଛି। ଷୋଡ଼ଶ ଶତାବ୍ଦୀରେ ବୁନ୍ଦେଲା ରାଜପୁତ୍ ଏହାକୁ ନିର୍ମାଣ କରିଥିଲେ। ମନ୍ଦିରରେ ସୁନ୍ଦର କାରୁକାର୍ଯ୍ୟ ଦେଖିବାକୁ ମିଳେ। ସେହିପରି ଉତ୍ତରପ୍ରଦେଶର କାନପୁରରେ ମଧ୍ୟ ଭଗବାନ ରାମଙ୍କର ଏକ ଭବ୍ୟ ମନ୍ଦିର ରହିଛି, ଯେଉଁଠିକୁ ବହୁସଂଖ୍ୟାରେ ଭକ୍ତ ପୂଜାର୍ଚ୍ଚନା କରିବାକୁ ଆସିଥାନ୍ତି।

# ଅଯୋଧ୍ୟାରେ ସୁଦର୍ଶନଙ୍କ ନୂଆ ବିଶ୍ୱ ରେକର୍ଡ

ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ପୂର୍ବରୁ ରବିବାର ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଅଯୋଧ୍ୟାର ରାମକଥା ପାର୍କରେ ସୁଦର୍ଶନଙ୍କ ଦ୍ୱାରା ପ୍ରସ୍ତୁତ ରାମମନ୍ଦିରର ୫୦୦ କ୍ଷୁଦ୍ର ପ୍ରତିରୂପ ସ୍ଥାନିତ ହୋଇଛି। ୫୦୦ ବର୍ଷ ଧରି ପ୍ରଭୁଙ୍କ ଆଗମନ ପାଇଁ କରାଯାଥିବା ପ୍ରତୀକ୍ଷାର ଅନ୍ତ ଘଟିଥିବା ସେ ଓ ତାଙ୍କ ୭ ଛାତ୍ରୀଛାତ୍ର ଏହି ବାଲୁକା କୃତୀ ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି। ମୁଖ୍ୟ ରାମମନ୍ଦିରର ଉଚ୍ଚତା ୨୩ ଫୁଟ୍ ଥିବାବେଳେ ଲମ୍ବ ୫୫ ଓ ଓସାର ୩୫ ଫୁଟ୍ ରହିଛି। ଏହାକୁ ଓ୍ୱାର୍ଲ୍ଡ ରେକର୍ଡ୍ସ ବୁକ୍ ଅଫ୍ ଇଣ୍ଡିଆ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ଅବସରରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମକଥା ପାର୍କ ପରିଦର୍ଶନ କରି ସୁଦର୍ଶନଙ୍କ କୃତି ସମ୍ମୁଖରେ ସେଲ୍ଫି ନେଇଛନ୍ତି।



**ବନ ବିଭାଗ ଦ୍ୱାରା ଉଦ୍ଧାର ଡଲଫିନ ମୃତ**

ରୂପସା: ବାଲେଶ୍ୱର ଜିଲା ବସ୍ତା ଥାନା ନଳବାହାର ଗୋଠଗଡ଼ିଆ ନିକଟରେ ପ୍ରବାହିତ ଜଳକା ନଦୀରୁ ଧରାପଡ଼ିଥିବା ଏକ ଡଲଫିନର ରବିବାର ମୃତ୍ୟୁ ହୋଇଛି। ଗତ ୧୮ ତାରିଖରେ ଗାଁ ଲୋକେ ଏହି ଡଲଫିନକୁ ଧରି ସ୍ଥାନୀୟ ଚନ୍ଦନ ପୋଖରୀରେ ଛାଡ଼ିଥିଲେ। ୪ଦିନ ପରେ ବନ ବିଭାଗ ଉକ୍ତ ପୋଖରୀରୁ ଡଲଫିନକୁ ଧରିବାରେ ସକ୍ଷମ ହୋଇଥିଲେ ମଧ୍ୟ ଅପରାହ୍ନରେ ତାର ମୃତ୍ୟୁ ହୋଇଛି।

## ଜଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଜଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ପଖାଳକୁ ଟାଣେ ବଡ଼ ଶୁଖୁଆ
ମାଆ ମନ ଟାଣେ କଅଁଳ ଛୁଆ
ଜୁଆଡିକୁ ଟାଣେ କପଟ ଜୁଆ
ଆଖିକୁ ଟାଣଇ ନାଗରୀ ନୂଆ।

ପଖାଳ ଭାତ ସହିତ ଶୁଖୁଆ ଖାଇବା ନେଇ ମନରେ ଲାଳସା ଭାବ ଜାଗ୍ରତ ହେବା ଭଳି କଅଁଳ ଛୁଆଟି ପାଖରେ ମା'ର ମନ ଲାଖି ରହୁଥିବା ଦେଖିବାକୁ ମିଳିଥାଏ। ଠିକ୍ ସେହିପରି ଜୁଆଖେଳ ପ୍ରତି ଜୁଆଡି ସର୍ବଦା ଆକୃଷ୍ଟ ରହୁଥିବାବେଳେ ସୁନ୍ଦରୀ ଯୁବତୀ ପ୍ରତି ଯୁବକଙ୍କ ମନ ଟାଣି ହୋଇଯାଉଥିବା ଉପଲକ୍ଷେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ପାଠ ପଢ଼ିବି
ଘୋଡ଼ା ଚଢ଼ିବି
ମଧୁ ବାବୁ ସଙ୍ଗେ ଲଢ଼ିବି।

ଓଡ଼ିଆ ଜାତିକୁ ଆତ୍ମପରିଚିତିର ସଙ୍କଟରୁ ଉଦ୍ଧାର କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭୂମିକା ଅବିସ୍ମରଣୀୟ। 'ମଧୁ ବାରିଷ୍ଟର' ନାମରେ ସେ ଘରେ ଘରେ ବେଶ୍ ପରିଚିତ। ଦେଶପ୍ରାଣ ମଧୁସୂଦନ ହିଁ ଓଡ଼ିଶାର ପ୍ରତ୍ୟେକ ଶିଶୁଙ୍କ ପାଇଁ ଅନୁପ୍ରେରଣାର ଉତ୍ସ ଥିବା ଉପଲକ୍ଷେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଜଗଡମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସମଲେଶ୍ୱରୀଙ୍କ ରୂପାନ୍ତରିତ ମନ୍ଦିର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

**୩୦ ପଣ୍ଡିତଙ୍କ ଦ୍ୱାରା ହେବ ପୂଜାର୍ଚ୍ଚନା**

ସମ୍ବଲପୁର,୨୧ା୧(ବି.ଶଙ୍କର)

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ସମ୍ବଲପୁରର ମା' ସମଲେଶ୍ୱରୀଙ୍କ ରୂପାନ୍ତରିତ ମନ୍ଦିର ଓ ପରିକ୍ରମା ପ୍ରକଳ୍ପ ଆସନ୍ତା ୨୭ରେ ଲୋକାର୍ପଣ ହେବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଭବ୍ୟ ପ୍ରକଳ୍ପର ଫଳକ ଉନ୍ମୋଚନ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହ ମୁଖ୍ୟମନ୍ତ୍ରୀ ହୋମ ଯଜ୍ଞରେ ସାମିଲ ହୋଇ ଦେବୀଙ୍କୁ ଆରାଧନା କରିବେ। ସମଲେଶ୍ୱରୀ ଅସ୍ଥାୟୀ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ସଞ୍ଜୟ କୁମାର ବାବୁ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ, ଏହି ଭବ୍ୟ କାର୍ଯ୍ୟକ୍ରମ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ୨୯ ଜିଲା ଓ ଛତିଶଗଡ ରାଜ୍ୟର ମନ୍ଦିରଗୁଡ଼ିକୁ ନିମନ୍ତ୍ରଣ ଦିଆହୋଇଛି। ଲୋକାର୍ପଣ ପରିପ୍ରେକ୍ଷୀରେ ଚାରି ଦ୍ୱାର ଓ ମନ୍ଦିର ସମ୍ମୁଖରେ ହୋମ ଯଜ୍ଞ ଓ ଚଣ୍ଡୀପାଠ ହେବ। ପଣ୍ଡିତ ମହେନ୍ଦ୍ର ପୂଜାହାରୀଙ୍କ ନେତୃତ୍ୱରେ ୩୦ଜଣ ପଣ୍ଡିତ ପୂଜାକାର୍ଯ୍ୟ ସମ୍ପାଦନ କରିବେ। ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି। ୨୨ ତାରିଖରେ ଅଙ୍କୁରାରୋପଣ, ୨୬ରେ କଳସ ଯାତ୍ରା ଓ ଅଧିବାସ ନୀତି ହେବ। ମହାନଦୀ ଅଯୋଧ୍ୟା ସରୋବର ଘାଟରୁ ୧ହଜାର ୧ଶହ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହେବେ। ୨୭ ତାରିଖ ଲୋକାର୍ପଣ ଦିବସରେ ମୁଖ୍ୟ ମଣ୍ଡପ ସମେତ ଅନ୍ୟ ୪ଟି ମଣ୍ଡପରେ ହୋମ କରାଯିବ। ସନ୍ଧ୍ୟାରେ ମହାନଦୀ ଆଳତି ହେବ।

# ଭିନ୍ନକ୍ଷମଙ୍କୁ ନିଯୁକ୍ତି କ୍ଷେତ୍ରରେ ଅବହେଳା

- ୩ ବର୍ଷରେ ୨୦୪ଙ୍କୁ ମିଳିଛି ନିଯୁକ୍ତି
- ପାଠପଢ଼ା ଶେଷ ପରେ ବେକାର ବୁଲୁଛନ୍ତି ଅନେକ

ଯାଜପୁର,୨୧ା୧
(ହର୍ଷବର୍ଦ୍ଧନ ବେହେରା)

ଭିନ୍ନକ୍ଷମ ଓ ସେମାନଙ୍କ ପରିବାରବର୍ଗଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ସେଥିମଧ୍ୟରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ, ଛାତ୍ରବୃତ୍ତି ଯୋଜନା, ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ମାଗଣା ଲାପଟପ୍ ଓ ଭଏସ୍ ରେକର୍ଡର ପ୍ରଦାନ, ଯାତାୟାତ ରିହାତି ଯୋଜନା, ଭିନ୍ନକ୍ଷମଙ୍କୁ ବିବାହ କରୁଥିବା ବ୍ୟକ୍ତିମାନଙ୍କୁ ପ୍ରୋତ୍ସାହନ ପ୍ରଦାନ, ସ୍ୱାବଲମ୍ବନ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଭିନ୍ନ ପେନସନ, ବରିଷ୍ଠ ନାଗରିକଙ୍କ ପାଇଁ ଭଳି ଇତ୍ୟାଦି ଯୋଜନା ହୋଇଛି। ଏହାବାଦ୍ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍ଏସ୍ଇପିଡି) ବିଭାଗ ପକ୍ଷରୁ ରାଜ୍ୟରେ ୧୦୪ଟି ସ୍ୱତନ୍ତ୍ର ବିଦ୍ୟାଳୟ ଚାଲିଛି। ଏଥିରେ ଆବାସିକ ସ୍କୁଲରେ ୬୪୭୧ ଓ ଅଣଆବାସିକ ସ୍କୁଲରେ ୩୪୪ ଭାବେ ସମୁଦାୟ ୬୮୧୫ ଜଣ ଭିନ୍ନକ୍ଷମଙ୍କ ପାଇଁ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ଅନ୍ୟପକ୍ଷେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୩୨୯ ଜଣ ଭିନ୍ନକ୍ଷମଙ୍କ ପାଇଁ ଖୋର୍ଦ୍ଧା ଓ ସମ୍ବଲପୁର ଜିଲାର ୪ ଏବଂ କେନ୍ଦ୍ର ସରକାରଙ୍କ ଅନୁଦାନରେ ୪୯ ସ୍ୱତନ୍ତ୍ର ସ୍କୁଲ ଚାଲିଛି। ତଥାପି ଭିନ୍ନକ୍ଷମଙ୍କୁ ନିଯୁକ୍ତି କ୍ଷେତ୍ରରେ ଅବହେଳା କରାଯାଉଛି। ଫଳରେ ପାଠ ଶେଷ କରିଥିବା ହଜାରରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ବେକାର ବୁଲୁଛନ୍ତି ବୋଲି ଅଭିଯୋଗ ହୋଇଛି।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଗତ ୩ ବର୍ଷରେ ଓଡ଼ିଶା ଲୋକସେବା ଆୟୋଗ ଓ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ମାଧ୍ୟମରେ ଯଥାକ୍ରମେ ୧୧୯ ଓ ୮୫(ମୋଟ ୨୦୪) ଜଣ ଭିନ୍ନକ୍ଷମଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। କେତେଜଣ ଭିନ୍ନକ୍ଷମ ନିଜର ଦକ୍ଷତା ବଳରେ ନିଯୁକ୍ତି ପାଇଥିବାବେଳେ ଏଥିରେ ସରକାରଙ୍କ ସ୍ୱତନ୍ତ୍ର କୋଟା ବ୍ୟବସ୍ଥା ନ ଥିବାରୁ ଶତାଧିକ ଉଚ୍ଚଶିକ୍ଷିତ ଭିନ୍ନକ୍ଷମ ନିଯୁକ୍ତିରୁ ବଞ୍ଚିତ ରହି ବେକାର ଜୀବନ ଅତିବାହିତ କରୁଛନ୍ତି। ଫଳରେ ଉପରୋକ୍ତ ସ୍କୁଲଗୁଡ଼ିକରୁ ଉତ୍ତୀର୍ଣ୍ଣ ହୋଇ ଭିନ୍ନକ୍ଷମମାନେ ସେଭଳି ଆର୍ଥିକ କ୍ଷେତ୍ରରେ ସଶକ୍ତ ହୋଇ ପାରୁ ନ ଥିବା ଜଣାପଡ଼ିଛି। ନିଯୁକ୍ତି ପ୍ରଦାନରେ ଏହି ପରିସଂଖ୍ୟାନ ସମୁଦ୍ରକୁ ଶଙ୍ଖେ ପଣା ସଦୃଶ୍ୟ ବିଭିନ୍ନ ଭିନ୍ନକ୍ଷମ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟରେ ୧୨,୪୪,୪୦୨ ଜଣ ଭିନ୍ନକ୍ଷମ ଥିବା ଚିହ୍ନଟ କରାଯାଇଛି। ଏବେ ଉକ୍ତ ସଂଖ୍ୟା ପ୍ରାୟ ୧୩ ଲକ୍ଷକୁ ଟପି ଯାଇଥିବା ମନେହେଉଛି। ଏଥିରେ ଦୃଷ୍ଟି ବାଧିତ, ବାକ୍ଶକ୍ତିହୀନ, ଶ୍ରବଣବାଧିତ, ମାନସିକ ଭିନ୍ନକ୍ଷମ ଓ ଅନ୍ୟାନ୍ୟ ବର୍ଗର ରହିଛନ୍ତି। ତଥାପି ଅଧିକାଂଶ ଭିନ୍ନକ୍ଷମ ହାର ନ ମାନି ବିଭିନ୍ନ କ୍ଷେତ୍ରରେ ଉଚ୍ଚଶିକ୍ଷା ଲାଭ କରି ପାରିଛନ୍ତି। ବିଭିନ୍ନ ବର୍ଗର ଭିନ୍ନକ୍ଷମ ରହି ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରୁଛନ୍ତି। ପ୍ରି-ପ୍ରାଇମେରୀ, ପ୍ରି-ଭୋକେଶନାଲ ଶ୍ରେଣୀର ଭିନ୍ନକ୍ଷମମାନଙ୍କୁ ବୁକ୍ ବାଇଣ୍ଡିଂ, ଟେଲରିଂ, ସ୍କ୍ରିନ ପେଟିଂ ଆଦି ଶିକ୍ଷାଦାନ ଦିଆଯାଉଛି। କେତେଜଣ ଭିନ୍ନକ୍ଷମ ମେଡିକାଲ, ଇଞ୍ଜିନିୟରିଂ, ସ୍ନାତକ ଓ ସ୍ନାତକୋତ୍ତର, ଡକ୍ଟରେଟ ଭଳି ଉଚ୍ଚଶିକ୍ଷା ଲାଭ କରି ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ନିଯୁକ୍ତି ପାଇଁ ଚାହିଁ ରହିଛନ୍ତି। କିନ୍ତୁ ବିଡମ୍ବନା ଯେ, ୨୦୨୦-୨୧ ବର୍ଷରେ ଓଡ଼ିଶା ସିଭିଲ ସର୍ଭିସରେ ୧୪ ଜଣ, ଆସିଷ୍ଟାଣ୍ଟ ଫିସେରି ଅଫିସର ଜଣେ, ଆସିଷ୍ଟାଣ୍ଟ ପବ୍ଲିକ ପ୍ରୋସିକ୍ୟୁଟର ୩ ଜଣ ଓ ଆସିଷ୍ଟାଣ୍ଟ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ଭାବେ ୩୧ ଜଣ ନିଯୁକ୍ତି ପାଇଛନ୍ତି। ସେହିପରି ୨୦୨୧-୨୨ରେ ପ୍ରଫେସର, ଇଞ୍ଜିନିୟର, ମେଡିକାଲ ଅଫିସର, ଅଧ୍ୟାପକ ଭାବେ ୩୬ ଜଣ, ଅନୁରୂପ ଭାବେ ୨୦୨୨-୨୩ରେ ୩୪ ଜଣ ନିଯୁକ୍ତି ପାଇଛନ୍ତି। ଏଥିରୁ ନିଜର ଦକ୍ଷତା ବଳରେ ନିଯୁକ୍ତି ପାଇଥିବା ମନେ ହେଉଥିବାବେଳେ କ୍ଲାସ ୩ ଓ କ୍ଲାସ ୪ ବର୍ଗରେ ଭିନ୍ନକ୍ଷମମାନଙ୍କୁ ଗୁରୁତ୍ୱ ମିଳି ପାରି ନଥିବା ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆର.ଏନ. ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ନିଯୁକ୍ତି ବିଜ୍ଞାପନରେ ଭିନ୍ନକ୍ଷମମାନଙ୍କ ପାଇଁ ୫% ସଂରକ୍ଷଣ କରାଯାଉଛି। ତଦନୁସାରେ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି। ତେବେ ସେମାନଙ୍କ ନିଯୁକ୍ତି ପାଇଁ ସେଭଳି କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନାହିଁ।

# 'ବିଭାଗୀୟ ପତ୍ରାଳାପରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଲୋଗୋ ବ୍ୟବହାର କର'

ଭୁବନେଶ୍ୱର,୨୧ା୧
(ଅସମାପିକା ସାହୁ)




ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉନ୍ମୋଚିତ ଲୋଗୋକୁ ବହୁଳ ଭାବେ ବ୍ୟବହାର କରାଯିବ। ସମସ୍ତ ବିଭାଗୀୟ ପତ୍ରାଳାପରେ ଏହାକୁ ପ୍ରମୁଖ ଭାବେ ସ୍ଥାନିତ କରାଯିବ। ଏତଦ୍ବ୍ୟତୀତ ସମସ୍ତ ସରକାରୀ ଗାଡ଼ିରେ ଏହି ସମ୍ମିଳନୀ ଲୋଗୋକୁ ବ୍ୟବହାର ସହ ରାଜ୍ୟର ବିଭିନ୍ନ ପ୍ରମୁଖ ସ୍ଥାନ, ବିଦ୍ୟାଳୟ ଓ ମହାବିଦ୍ୟାଳୟ କାନ୍ଥରେ ମଧ୍ୟ ଏହାକୁ ଚିତ୍ରଣ କରାଯିବ। ଏପରିକି ଜିଲାସ୍ତରରେ ମଧ୍ୟ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ। ଏ ନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଦେଶରେ ଅନ୍ୟତମ ଶାସ୍ତ୍ରୀୟ ଭଷାର ମାନ୍ୟତା ଲାଭ କରିଥିବା ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହିତ ଏହାର ପ୍ରଚାର-ପ୍ରସାର ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ନିମନ୍ତେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନିକଟରେ ଏହାର ଲୋଗୋ ଉନ୍ମୋଚିତ ହୋଇଥିଲା। ଲୋଗୋର ଟ୍ୟାଗ୍‌ଲାଇନ୍ ରହିଛି 'ଭାଷା ହିଁ ଭବିଷ୍ୟତ'। ଏକ ସ୍ୱତନ୍ତ୍ର ଐତିହ୍ୟର ଶକ୍ତିଶାଳୀ ବାହକ ଭାବରେ ଭବିଷ୍ୟତ ତଥା ଯୁବପିଢ଼ିଙ୍କ ପାଖରେ ଓଡ଼ିଆ ଭାଷା କିଭଳି ଆହୁରି ଆଦୃତି ଲାଭ କରିବ ଏବଂ ଆଧୁନିକ ଜ୍ଞାନକୌଶଳକୁ ପ୍ରୟୋଗ କରି ଆମ ଭାଷା କିପରି ଆଗକୁ ବଢ଼ିପାରିବ ଏହି ସମ୍ମିଳନୀ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବ। ଏ ସମ୍ପର୍କରେ ଭାଷାବିତ ଓ ବୁଦ୍ଧିଜୀବୀମାନେ ସମ୍ମିଳନୀର ବିଭିନ୍ନ ସୋପାନରେ ବିଚାର ବିମର୍ଶ କରିବେ। ବୁଦ୍ଧିଜୀବୀ, ଗବେଷକ, ବିଦ୍ୱାନ, ଛାତ୍ରୀଛାତ୍ର ଏବଂ ଭାଷାକୁ ନେଇ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏହି ସମ୍ମିଳନୀ ଏକ ବଳିଷ୍ଠ ମାଧ୍ୟମ ହେବ ବୋଲି ଆଶା କରାଯାଉଛି।

# ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ପୋଲିସ

**କ୍ରିପ୍ଟୋ ନାଁରେ ୧୫ କୋଟିର ଠକେଇ ମାମଲା**

ବଲାଙ୍ଗୀର, ୨୧ା୧
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୋଲିସ ହାତରେ ଧରାପଡ଼ିଥିବା ନକଲି କ୍ରିପ୍ଟୋ କରେନ୍ସି ର୍‍ୟାକେଟ୍‌ର ଅଧିକ ତଦନ୍ତ ପାଇଁ ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି। ଏହି ର୍‍ୟାକେଟର ଅଧିକ ଖୋଳତାଡ ପାଇଁ ଗିରଫ ୭ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ରିମାଣ୍ଡରେ ଅଣାଯିବ। ରବିବାର ଡାଏକନ୍ ବ୍ଲକ୍ ଚେନ୍ କମ୍ପାନୀର ଅର୍ଥ କାରବାର ଉପରେ ତନାଘନା କରାଯାଇଥିଲା। ଏହି ନକଲି କ୍ରିପ୍ଟୋ କରେନ୍ସି ଚଳାଇଥିବା ସଂସ୍ଥାର ସୁଦପଡାଠାରେ ଥିବା ପାକ୍‌ମାଟାଇଟ ଆଣ୍ଡ ସିଷ୍ଟେମ୍ ପ୍ରାଇଭେଟ୍ ଲିମିଟେଡ କମ୍ପାନୀର ଅଫିସ ଏବଂ ସିଡିଭିଓ ଅଫିସ ସମ୍ମୁଖ ଷ୍ଟଲରେ ଥିବା ଆମର୍ ସମ୍ବଲପୁରୀ ଶାଢ଼ି ସେଣ୍ଟର ଦୋକାନକୁ ପୋଲିସ ସିଲ୍ କରିଛି। ଡାଏକନ୍ ବ୍ଲକ ଚେନ୍ କମ୍ପାନୀର ଠକେଇ ବିଷୟରେ ଜାଣିବା ପରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଫଳରେ ଏହି କମ୍ପାନୀର ସିଇଓ ତଥା ନକଲି କ୍ରିପ୍ଟୋକରେନ୍ସି ଠକେଇ କାରବାରର ମୁଖ୍ୟ କୁହାଯାଉଥିବା ପ୍ରଶାନ୍ତ ମେହେର ଓ ତାଙ୍କର ଅନ୍ୟ ୬ ସହଯୋଗୀଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାର ପର୍ଦ୍ଦାଫାଶ ହେଲା ବେଳକୁ କମ୍ପାନୀ ପ୍ରାୟ ୨ ହଜାର ଲୋକଙ୍କଠାରୁ ୧୫ କୋଟି ଟଙ୍କା ଠକେଇ କରିବାରେ ସଫଳ ହୋଇଯାଇଥିଲା। ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କଠାରୁ ୮ ଲକ୍ଷ ୩୪ ହଜାର ୩ଶହ ନଗଦ ଟଙ୍କା ଜବତ କରିବା ସହ ବିଭିନ୍ନ ବ୍ୟାଙ୍କରେ ୫୫ ଲକ୍ଷରୁ ଅଧିକ ଟଙ୍କାର ଆକାଉଣ୍ଟକୁ ଫ୍ରିଜ୍ଡ କରିଥିଲା। ଅଭିଯୁକ୍ତମାନେ ବିନା ବ୍ଲକ ଚେନ୍ ଏବଂ ବେଙ୍କିଂରେ ୨୦୨୨ ଜୁଲାଇରେ ୧୦୦୦ କୋଟିର ଡାଏକନ୍ ଟୋକନ୍, ୨୦୨୨ ଅଗଷ୍ଟରେ ତାଲିକାଭୁକ୍ତ ନିଜସ୍ୱ କ୍ରିପ୍ଟୋ ଏକ୍ସଚେଞ୍ଜ ଏବଂ ୨୦୨୩ ଏପ୍ରିଲରେ ଡାଏଫିନେକ୍ସ ନାଁରେ ଏକ ନକଲି କ୍ରିପ୍ଟୋ ଏକ୍ସଚେଞ୍ଜ ବିକଶିତ କରିଥିଲେ। ଏହି କ୍ରିପ୍ଟୋ ଟୋକନ୍‌ର ୧.୫ ପ୍ରତିଶତ ବଜାରରେ ଉପଲବ୍ଧ କରି ୨୦୦୦ ନିବେଶକଙ୍କଠାରୁ ୧୨ରୁ ୧୫ କୋଟି ଟଙ୍କା ଠକେଇ କରିଛନ୍ତି। ଏନେଇ ଏସ୍‌ପି ଋଷିକେଶ ଖିଲାରୀଙ୍କୁ ପଚାରିବାରୁ ରବିବାର ଦିନତମାମ ତଦନ୍ତକାରୀ ଟିମ୍ ଅର୍ଥ କାରବାର ଏବଂ ବ୍ୟାଙ୍କ ଡକ୍ୟୁମେଣ୍ଟ ଭେରିଫିକେଶନ୍ କରିଛନ୍ତି। ର୍‍ୟାକେଟ୍‌ର ବିଭିନ୍ନ ଦିଗକୁ ଅଧିକ ଗମ୍ଭୀରତାର ସହ ଜାଣିବା ପାଇଁ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ ଦୁଇ ସହଯୋଗୀଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପ୍ରାଣ ପ୍ରତିଷ୍ଠା ସମୟ ନିର୍ଘଣ୍ଟ

| | |
|---|---|
| ପୂର୍ବାହ୍ନ ୧୦ଟା | ମଙ୍ଗଳ ଧ୍ୱନି |
| ପୂର୍ବାହ୍ନ ୧୦.୨୫ | ଅଯୋଧ୍ୟା ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପହଞ୍ଚିବେ |
| ପୂର୍ବାହ୍ନ୧୦ଟା ୫୫ | ମୋଦି ରାମ ଜନ୍ମଭୂମିକୁ ଯିବେ |
| ଅପରାହ୍ନ ୧୨ଟା ୨୦ରୁ ୧ଟା | ପ୍ରାଣ ପ୍ରତିଷ୍ଠା |
| ଅପରାହ୍ନ ୧ଟା | ସଭାକୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ |
| ଅପରାହ୍ନ ୨ଟା ୧୦ | କୁବେର ଟୀଲା ଦର୍ଶନ କରିବେ |

### ଅଯୋଧ୍ୟାରେ ନୂଆ ...

ନିର୍ମିତ ରାମଲାଲାଙ୍କ ୫୧ ଇଞ୍ଚ ବିଶିଷ୍ଟ ବାଳସ୍ୱରୂପ ବିଗ୍ରହ ଗର୍ଭଗୃହରେ ସ୍ଥାପିତ ହୋଇସାରିଛି। ଏଥିସହ ଧର୍ମନଗରୀ ଅଯୋଧ୍ୟା ନିଜ ହୃତ ଗୌରବ ଫେରିପାଇଛି ବୋଲି ସାଧୁସନ୍ଥ ଓ ଭକ୍ତମାନେ ଆତ୍ମହରା ହୋଇଉଠୁଛନ୍ତି।

### ୧୦୦ ସୋସିଆଲ ମିଡିଆ ...

କଡ଼ା ନଜର ରଖିଛି। ଇତିମଧ୍ୟରେ କେନ୍ଦ୍ର ସରକାର ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଏବଂ ଏକ୍ସ' ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପ୍ରାୟ ୧୦୦ ସନ୍ଦିଗ୍ଧ ଆକାଉଣ୍ଟକୁ ବ୍ଲକ୍ କରିଦେଇଛନ୍ତି। ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ବେଳେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ୍ ସେଣ୍ଟର (୧୪ସି)ର ବିଶେଷଜ୍ଞମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ସୂଚନା ପ୍ରଯୁକ୍ତି, ଭାରତୀୟ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍‌ପନ୍ସ ଟିମ୍ (ସିଇଆରଟି-ଆଇଏନ୍) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ଅଧିକାରୀମାନେ ସାମିଲ ଅଛନ୍ତି। ଉକ୍ତ ସାଇବର ବିଶେଷଜ୍ଞ ଦଳକୁ ବିଭିନ୍ନ ୱେବ୍‌ସାଇଟ୍ ଉପରେ ଅନୁଧ୍ୟାନ କରିବା ଲାଗି ଅଯୋଧ୍ୟାକୁ ପଠାଯାଇଛି। ରାମମନ୍ଦିର ସମ୍ପର୍କିତ କୌଣସି ଫେକ୍/ଡିପ୍‌ଫେକ୍ ଭିଡିଓ ନଜରକୁ ଆସିଲେ ତାକୁ ତତ୍‌କ୍ଷଣାତ୍ ହଟାଇ ନୂଆଦିଲ୍ଲୀର ନର୍ଥ ବ୍ଲକ୍‌ରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର କଣ୍ଟ୍ରୋଲ ରୁମ୍‌କୁ ରିପୋର୍ଟ କରିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ପକ୍ଷରୁ ଆକ୍ରମଣ ଆଶଙ୍କା ଥିବାରୁ ଅନ୍‌ଲାଇନ୍ ଗୁଜବ ରୋକିବା ପାଇଁ ପଦକ୍ଷେପ ନେବା ସକାଶେ ଗତ ୧୯ରେ ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୋଲିସ ମହାନିର୍ଦ୍ଦେଶକମାନଙ୍କୁ ପତ୍ର ଲେଖାଯାଇଥିଲା।

### ଆନ୍ଦୋଳନକୁ ଓହ୍ଲାଇବ...

ସୂଚନା ଦିଆଯାଇଛି। ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ଅବସର ନେଉଥିବା ଶିକ୍ଷକମାନଙ୍କୁ ପେନସନ୍ ପ୍ରଦାନ, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ସପ୍ତମ ବେତନ ଓ ନୂତନ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ ଇତ୍ୟାଦି ଦାବିକୁ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପାଳନ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏକ ଜନପ୍ରିୟ ସରକାର ଜନମଙ୍ଗଳ ରାଷ୍ଟ୍ରରେ ସବୁବର୍ଗର କର୍ମଚାରୀଙ୍କ କଥା ବିଚାର କରୁଥିବାବେଳେ ଶିକ୍ଷକମାନଙ୍କ ପ୍ରତି ଏ ଅବିଚାର କାହିଁକି ବୋଲି ଦାଶ ପ୍ରଶ୍ନ କରିଛନ୍ତି। ଆସନ୍ତା ୩୧ ସୁଦ୍ଧା ଯଦି ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ ନ କରନ୍ତି, ତେବେ ଫେବୃଆରୀ ପ୍ରଥମ ସପ୍ତାହରେ ଓଷ୍ଟା ମିଳିତ ଆନ୍ଦୋଳନକୁ ଓହ୍ଲାଇବ। ଓଷ୍ଟାର ଆହ୍ୱାନରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀମାନଙ୍କର ସାମାଜିକ ସୁରକ୍ଷା ପାଇଁ ହଜାର ହଜାର ସଂଖ୍ୟାରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ, ଅଭିଭାବକ, ପୁରାତନ ଛାତ୍ର ଓ ପ୍ରାଥମିକଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଏବଂ ଶିକ୍ଷାକର୍ମଚାରୀଙ୍କୁ ନେଇ ଏକ ମହାସମାବେଶ ଭୁବନେଶ୍ୱରସ୍ଥିତ ଗାନ୍ଧିମାର୍ଗରେ କରାଯିବ। ଶିକ୍ଷକମାନେ ଅହୋରାତ୍ର ଧାରଣାରେ ବସି ରହିବେ। ସରକାର ସମସ୍ୟାଗୁଡ଼ିକର ସମାଧାନ ନ କରି ଅଯଥା ଟାଳଟୁଳ ନୀତି ଅବଲମ୍ବନ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ନ କରିବା, ଚାକିରି ସର୍ତ୍ତାବଳୀ ଓ ଅବସର ପରେ ଶିକ୍ଷକମାନଙ୍କୁ ପେନସନ୍ ନ ଦେବା ଆଦି ବୈମାତୃକ ମନୋଭାବ ଶିକ୍ଷକମାନଙ୍କୁ ବାରମ୍ବାର ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ କରୁଛି ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି।

### କୋହଲା ପାଗକୁ ...

୫.୯, ବରଗଡ଼ ୫.୨, ଖୋର୍ଦ୍ଧା ୫, ତାଳଚେରରେ ୪ ମିମି ବର୍ଷା ରେକର୍ଡ କରାଯାଇଛି। ସେପଟେ ବର୍ଷା, କୋହଲା ପାଗ ସହ ଘନକୁହୁଡ଼ି ରାଜ୍ୟ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ଏପରି ସ୍ଥିତି ଲାଗି ରହିବ। ଘନ କୁହୁଡି ପାଇଁ ସୋମବାର ୧୩ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଥିବାବେଳେ ମଙ୍ଗଳବାରରୁ ବୁଧବାର ସକାଳ ପର୍ଯ୍ୟନ୍ତ ୧୦ଜିଲାକୁ ସତର୍କ କରାଯାଇଛି। ସୋମବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ଅନୁଗୋଳ, ଢେଙ୍କାନାଳ, କଟକ ଓ ଜଗତ୍‌ସିଂହପୁର ଆଦି ଜିଲାକୁ ଘନକୁହୁଡ଼ି ନେଇ ସତର୍କତା ଜାରି କରାଯାଇଛି। ବାୟୁମଣ୍ଡଳରେ ଜଳୀୟବାଷ୍ପ ପରିମାଣ ଅଧିକ ଥିବାରୁ ଘନକୁହୁଡ଼ି ଅନୁଭୂତ ହେଉଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

### ନିଶାବେପାରୀ ଶିବଙ୍କ ...

ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଶିବ ପ୍ରସାଦ ମାଛ ବ୍ୟବସାୟ କରୁଥିବା କହି ନୟାଗଡ଼ ଜିଲା ଟାଉନ୍ ଥାନା ଅନ୍ତର୍ଗତ ଉଦୟପଥ ଲେନ୍‌ରେ ଘରଭଡା ନେଇ ପରିବାର ସହ ରହୁଥିଲେ। ପ୍ରକୃତରେ ସେ ମାଛ ବେପାର ନାଁରେ ବ୍ରାଉନସୁଗାର ହୋଲ୍‌ସେଲିଂ କରୁଥିଲେ। ଏହି ବେଆଇନ କାରବାରରେ ସେ କେତେଜଣ ଲୋକଙ୍କୁ ମଧ୍ୟ ନିଯୁକ୍ତ କରିଥିଲେ। ଏନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ୨୦୨୨ ଜାନୁଆରୀ ୨୫ ରାତିରେ ସେଠାରେ ଚଢ଼ାଉ କରିଥିଲା। ହେଲେ ଚଢ଼ାଉ ପୂର୍ବରୁ ଶିବ ଫେରାର ହୋଇଯାଇଥିବାବେଳେ ତାଙ୍କ ସହଯୋଗୀ ଭିକି ରାଓଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ଏଥିସହ ଉକ୍ତ ଘରୁ ୩ କେଜି ୧୦୦ ଗ୍ରାମର ବ୍ରାଉନ୍‌ସୁଗର, ୬୫ ଲକ୍ଷ ୩୨ ହଜାର ଟଙ୍କା, ୩ ପିସ୍ତଲ, ୪୩ ରାଉଣ୍ଡ ଗୁଳି, ୭ ମାଗାଜିନ୍, ଗୋଟିଏ ଟଙ୍କା ଗଣିବା ମେଶିନ, ୪ଟି ମୋବାଇଲ ଫୋନ୍, ଏଟିଏମ୍ କାର୍ଡ ଓ ଗୋଟିଏ ଟାବ୍‌ଲେଟ ଜବତ ହୋଇଥିଲା। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୧/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଉପକଣ୍ଠ ୧୬ ନଂ. ଜାତୀୟ ରାଜପଥର ପାହାଳ କ୍ରସିଂ ନିକଟରୁ ଶିବଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ତେବେ ଇତିମଧ୍ୟରେ ଏହି ମାମଲାରେ ମୋଟ ୬ ଜଣଙ୍କୁ ଗିରଫ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଉନ୍ନତ ଚିନ୍ତା, ସୁଖସମ୍ମାନ, ବନ୍ଧୁ ମିଳନ, ଧର୍ମକାର୍ଯ୍ୟ ତଥା ପ୍ରତ୍ୟୁଷ ଯାତ୍ରାଦିରେ ସଫଳତା ହାସଲ କରିବେ। କୃତିକାର ଆକସ୍ମିକ ସମସ୍ୟା କାରଣରୁ ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିପାରେ। ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମକରି ସମସ୍ୟାକୁ ଡାକି ଆଣିପାରନ୍ତି।

**ବୃଷ** ଶ୍ରୀଚନ୍ଦ୍ର ହେତୁ ଆଜିର କର୍ମାରମ୍ଭ, ଧାର୍ମିକ କାର୍ଯ୍ୟ ତଥା ମନୋରଞ୍ଜନ ପ୍ରୀତିପ୍ରଦ ହେବ। ଯେକୌଣସି ପରିସ୍ଥିତିରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେଇପାରିବେ। ଅଫିସରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। ଆଜିର ଦିନଟିରେ ବିନା କାରଣରେ କାହା ସାଙ୍ଗରେ ଶତ୍ରୁତା କରନ୍ତୁ ନାହିଁ।

**ମିଥୁନ** କର୍ମକ୍ଷେତ୍ରରେ ସମ୍ମାନ ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ ଓ କାମ ମଧ୍ୟ ଅଟକିବ ନାହିଁ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଅସୁବିଧା ନ ହେଲେ ମଧ୍ୟ ଅଫିସ୍ କାମକୁ ନେଇ ଆଶଙ୍କା କରି ମନ ଅସ୍ଥିର ରହିବ। ବାଣିଜ୍ୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରେ ଟେନ୍‌ସନ ଲାଗି ରହିପାରେ।

**କର୍କଟ** ଦୁଃସ୍ଥାନରେ ଶନି ଥିବାରୁ ଛୋଟ ଛୋଟ କଥାକୁ କେନ୍ଦ୍ରକରି ଝମେଲାରେ ପଶନ୍ତୁ ନାହିଁ। ସକାଳ ସମୟଟି ଭଲ, ବନ୍ଧୁ ମିଳନ, ନୂତନ ବସ୍ତ୍ରଭୂଷଣ ପ୍ରାପ୍ତି ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନରେ ସାଧାରଣ କଥାକୁ କେନ୍ଦ୍ରକରି ଝଗଡାର ଆଶଙ୍କା ରହିଛି। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ଯୋଗୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**ସିଂହ** ରବି ଷଷ୍ଠଭାବରେ ଥିବାରୁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଚଳୁଥିଲେ ମଧ୍ୟ ନକାରାତ୍ମକ ଚିନ୍ତାଧାରା ବିବ୍ରତ କରିପାରିବ ନାହିଁ। ସତ୍ୟ ଭାଷଣ, ଦୃଢ଼ତା ଓ ଜିଦ୍ ନିକଟରେ ଅନ୍ୟମାନେ ହାର୍ ମାନିବେ। ପାରିବାରିକ ଜୀବନରେ ଉଚିତ ବୁଝାମଣା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ଜମିଜମା, ବ୍ୟବସାୟରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**କନ୍ୟା** ସ୍ୱାର୍ଥସାଧନ ସକାଶେ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ମୁହଁରେ ମିଠା କଥା କହି ଓ ନିଜକୁ ଅତି ବିଶ୍ୱସ୍ତକରାଇ ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। କର୍ମକ୍ଷେତ୍ରରେ ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ।

**ତୁଳା** ଆଜି ଯାହାକୁ ଯାହା କହିବେ ବୃହସ୍ପତିଙ୍କ ପ୍ରଭାବରୁ ତାହା ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ମାନସିକ ଦ୍ୱନ୍ଦ୍ୱ ପରିପ୍ରେକ୍ଷୀରେ ପରିବାରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହେବେ। ସାମାଜିକ ସ୍ତରରେ ସମ୍ମାନୀୟ ବ୍ୟକ୍ତି ସହାୟତା କରିବେ। ଶିଳ୍ପ, ପରିବହନ ଓ ହୋଟେଲ ଶିଳ୍ପରେ ପ୍ରଚୁର ପରିମାଣରେ ଲାଭବାନ ହେବେ।

**ବିଛା** ଷଷ୍ଠାଷ୍ଟମ ଚନ୍ଦ୍ର ଓ ମଙ୍ଗଳ ହେତୁ ଅଧିକାଂଶ ସମୟ ଅନ୍ୟମାନଙ୍କ ବିଷୟ ଚିନ୍ତାକରି ନିଜ ପ୍ରତି ଅବହେଳା କରିପାରନ୍ତି। ସହକର୍ମୀଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ପୂର୍ବ ଶତ୍ରୁତାର ଅବସାନ ଘଟି ପଡ଼ୋଶୀଙ୍କ ସହ ମିତ୍ରତା ସୃଷ୍ଟି ହେବ। ବିବାଦ କିମ୍ବା ମକଦ୍ଦମାର ରାୟ ନିଜ ପକ୍ଷରେ ଯିବାର ଆଶା କରିବେ।

**ଧନୁ** ବୃହସ୍ପତିଙ୍କ ସ୍ଥିତିରୁ ପାରିବାରିକ ପରିସ୍ଥିତିକୁ ଆଖି ଆଗରେ ରଖି ଜୀବନଯାତ୍ରା ଚାଲୁରହିବ। ଜଣେ ସମ୍ପର୍କୀୟଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସହଜରେ ସମ୍ପନ୍ନ ହେବ। କଥାଛଳରେ ତୀର୍ଥାଟନ କିମ୍ବା ପରିଦର୍ଶନ କଥା ଚିନ୍ତା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ମନୋରଞ୍ଜନ ତଥା ଖେଳକୁଦରେ ପ୍ରଶଂସା ପାଇବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। କେନ୍ଦ୍ରସ୍ଥ ଗୁରୁ ଯୋଗୁ ଦୀର୍ଘ ଦିନର ମନସ୍ତାପର ଅନ୍ତ ଘଟିବ ଓ ଝିଅ କିମ୍ବା ପୁଅ ପାଇଁ ବିବାହ ସ୍ଥିରୀକୃତ ହେବ। ରାଜନୀତି, କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ। ନିକଟସ୍ଥ ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**କୁମ୍ଭ** ପ୍ରତ୍ୟେକ କାମ ବିଳମ୍ବ ଓ ସମସ୍ୟା ମଧ୍ୟରେ ସମ୍ପନ୍ନ ହେଉଥିବାରୁ ଅନୁଶୋଚନା କରିପାରନ୍ତି। ଶନିଙ୍କ ରାଶ୍ୟାବସ୍ଥାନଜନିତ ସ୍ୱାସ୍ଥ୍ୟରେ ଉନ୍ନତି ଫଳରେ ଆଶ୍ୱସ୍ତି ଅନୁଭବ କରିବେ। ସକାଳର ଭ୍ରମଣ ସମୟରେ କାର୍ଯ୍ୟସିଦ୍ଧିର ସମ୍ଭାବନାକୁ ଦେଖି ମନ ପ୍ରଫୁଲ୍ଲିତ ହେବ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବ।

**ମୀନ** ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ ଓ ବନ୍ଧୁବତ୍ସଳ ହେବେ। ଆଇନ ଅଦାଲତରେ, ଆଲୋଚନାରେ ତଥା ବାଦବିବାଦରେ ଆପୋସ ସମାଧାନ ଘଟିପାରେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାକି ନିଜ ସକାଶେ ଅସୁବିଧା ପରିସ୍ଥିତି ସୃଷ୍ଟି କରିବ। ପରିବାରରେ ଅଶାନ୍ତି ଦୂର ହେବ ଓ ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବାର ସୂଚନା ରହିଛି।

ଆଜି ଜାନୁଆରୀ ୨୨ ତାରିଖ, ପୌଷ ଶୁକ୍ଳ ଦ୍ୱାଦଶୀ ସୋମବାର, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ମୃଗଶିରା ନକ୍ଷତ୍ରେ ବିବାହ ପାଣିଗ୍ରହଣ, ଦିବା ଘ.୦୬।୨୭ ଗତେ, ଘ.୦୭।୫୦ ମଧ୍ୟେ, ଘ.୧୦।୫୨ ମି. ଗତେ, ଘ.୦୧।୦୪ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୫୦ମି. ଗତେ, ଘ.୦୯।୧୨ ମଧ୍ୟେ ରାହୁକାଳ।

**ସଂକ୍ଷେପରେ**

## ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଅଙ୍ଗନୱାଡ଼ି କର୍ମୀ

**ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା):** ଭତ୍ତା ବୃଦ୍ଧି, ଏସ୍ଏନ୍‌ପି ଦର ସଂଶୋଧନ ଏବଂ ୱାର୍କର୍ସ ମାନ୍ୟତା ଦାବିରେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଅଙ୍ଗନୱାଡ଼ି କର୍ମୀ। ଫେବୃଆରୀ ୧୬ରେ ରାଜ୍ୟବ୍ୟାପୀ ବ୍ଲକ୍ ଓ ଜିଲାସ୍ତରରେ ଗଣଧାରଣା ଲାଗି ଆହ୍ୱାନ ଦିଆଯାଇଛି। ରବିବାର ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ରାଜ୍ୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଆଇଟିୟୁସି ରାଜ୍ୟ ସଭାପତି ତଥା ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ରାଜ୍ୟ ସଭାପତି ଅଶୋକ ଦାଶ ବୈଠକରେ ଅଧ୍ୟକ୍ଷତା କରିଥିଲେ। ୧୬ଟି ଅଣ୍ଡା ବାବଦରେ ସରକାର ମାତ୍ର ୮୦ ଟଙ୍କା ଦେଉଥିବାବେଳେ ବଜାରରେ କିନ୍ତୁ ୧୨୫ ଟଙ୍କାରୁ କମ୍‌ରେ ମିଳୁନାହିଁ। ୫ବର୍ଷ ହେବ ରାଜ୍ୟ ଓ କେନ୍ଦ୍ର ସରକାର ଭତ୍ତା ବୃଦ୍ଧି କରିନାହାନ୍ତି। ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିସ ସତ୍ତ୍ୱେ ସ୍କିମ ୱାର୍କର୍ସଙ୍କୁ ୱାର୍କର ମାନ୍ୟତା ଦେଉନାହାନ୍ତି। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ତଥା ସଂଘର କାର୍ଯ୍ୟକାରୀ ସଭାପତି ବିଜୟ ଜେନା, ସଂଘର ସାଧାରଣ ସମ୍ପାଦକ ହରପ୍ରିୟା ସ୍ୱାଇଁ ପ୍ରମୁଖ ଏ ସମସ୍ତ ଦାବିକୁ ନେଇ ଆଲୋଚନା କରିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ଆସନ୍ତା ୨ ସପ୍ତାହ ମଧ୍ୟରେ ସମସ୍ତ ବ୍ଲକସ୍ତରୀୟ ଜେନେରାଲ ବଡ଼ି ବୈଠକ କରାଇ ଏହି ରାଜ୍ୟବ୍ୟାପୀ ଧର୍ମଘଟର ସଫଳତା ପାଇଁ ଦୃଢ ସଂକଳ୍ପ ନିଆଯାଇଛି।

## ସ୍ୟାଣ୍ଡ ଆନିମେଶନ, ରିଭର୍ସ ପେଣ୍ଟିଙ୍ଗ୍ ମାଧ୍ୟମରେ ଶୁଭେଚ୍ଛା

**ପୁରୀ,୨୧।୧(ଅଜିତ୍ ମହାନ୍ତି):** ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସମାରୋହରେ ସାରା ଦେଶ ଉତ୍ସବମୁଖର ହୋଇଉଠିଛି। ଏହି ପରିପ୍ରେକ୍ଷୀରେ ପୁରୀ ବାସେଳି ସାହିର ଯୁବ କଳାକାର ଆୟୁଷ ମହାପାତ୍ର ତାଙ୍କ ଚିତ୍ର ମାଧ୍ୟମରେ ଦେଶବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଓଲଟା ଦ୍ରୁତଗାମୀ ଚିତ୍ରଶିଳ୍ପୀ ଭାବରେ ସାରା ଦେଶରେ ରେକର୍ଡ କରିଥିବା ଆୟୁଷ ମହାପାତ୍ର ଜନସାଧାରଣଙ୍କ ଓଲଟା ପେଣ୍ଟିଂ ଜରିଆରେ ଶ୍ରୀରାମ ଲାଲାଙ୍କୁ ସ୍ଥାପନ କରିଛି। ଓଲଟା ଭାବେ ଚିତ୍ରଟିକୁ ଆଙ୍କିବାକୁ ମହାପାତ୍ରଙ୍କୁ ୯ ମିନିଟ୍ ୩୦ ସେକେଣ୍ଡର ସମୟ ଲାଗିଥିଲା। ମହାପାତ୍ର ତାଙ୍କ ଚିତ୍ରରେ ଶ୍ରୀରାମଲାଲାଙ୍କ ବିଗ୍ରହ ରଙ୍ଗ ତୂଳୀ ସାହାଯ୍ୟରେ ଚିତ୍ରିତ କରିଛନ୍ତି। ସେ ତାଙ୍କ ହୃଦୟରୁ ରାମଙ୍କୁ ସ୍ମରଣ କରି ଏବଂ ଶ୍ରୀରାମଙ୍କ ଭଜନ ସହିତ ପେଣ୍ଟିଂ କରିଥିବା କହିଛନ୍ତି। ସମସ୍ତ ଭକ୍ତଙ୍କ ହୃଦୟକୁ ଏହା ଛୁଇଁବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଶ୍ରୀରାମଲାଲା ସମଗ୍ର ଦେଶବାସୀଙ୍କୁ ଭଲରେ ରଖନ୍ତୁ। ରାମଲାଲା ସମସ୍ତଙ୍କ ମନସ୍କାମନା ପୂରଣ କରନ୍ତୁ ବୋଲି ସେ ପ୍ରଭୁ ରାମଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିଛନ୍ତି। ସେହିପରି ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ଦାସ ରାମ ମନ୍ଦିର ପ୍ରତିଷ୍ଠା ଅବସରରେ ତାଙ୍କ ସ୍ୟାଣ୍ଡ ଆନିମେଶନ୍ ମାଧ୍ୟମରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ତାଙ୍କ ସ୍ୟାଣ୍ଡ ଆନିମେଶନରେ ଭଗବାନ ରାମଙ୍କ ପ୍ରତିଛବିଙ୍କୁ ସ୍ଥାନ ଦେଇଛନ୍ତି। ତାଙ୍କୁ ଛବିଟିକୁ କରିବାକୁ ୨ ଘଣ୍ଟା ସମୟ ଲାଗିଥିଲା। ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଅବସରରେ ସମଗ୍ର ଦେଶ ରାମମୟ ହୋଇଥିବା ସେ ସୂଚନା ଦେଇଛନ୍ତି।

# ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ନୂଆ କ୍ୟାମ୍ପସ

**ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୨୧।୧(ଅସମାପିକା ସାହୁ)



ସମ୍ ହସ୍ପିଟାଲର ଫୁଲନଖରା କ୍ୟାମ୍ପସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।

ଫୁଲନଖରା ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ନୂଆ କ୍ୟାମ୍ପସ ଖୋଲିଛି। ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ନୂତନ ହସ୍ପିଟାଲରେ ଜେନେରାଲ୍ ମେଡିସିନ୍, ରେସ୍ପିରେଟୋରୀ ମେଡିସିନ୍, ପେଡିଆଟ୍ରିକ୍ସ, ନିଓନାଟୋଲୋଜି, କ୍ରିଟିକାଲ୍ କେୟାର ମେଡିସିନ୍, ସାଇକିଆଟ୍ରି, ଆନେସ୍ଥେସିଓଲୋଜି, ରେଡିଓ-ଡାଏଗ୍ନୋସିସ୍, ଇମର୍ଜେନ୍ସି ମେଡିସିନ, ଇମ୍ୟୁନୋ ହେମାଟୋଲୋଜି ଆଣ୍ଡ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍, ରେଡିଏଶନ ଅଙ୍କୋଲୋଜି, ନ୍ୟୁକ୍ଲିୟର ମେଡିସିନ୍, ମେଡିକାଲ ଅଙ୍କୋଲୋଜି, ପେଡିଆଟ୍ରିକ୍ ଅଙ୍କୋଲୋଜି, ଜେନେରାଲ୍ ସର୍ଜରି, ଅର୍ଥୋପେଡିକ୍ସ, ଇଏନ୍‌ଟି, ପାଥୋଲୋଜି ଆଣ୍ଡ ମାଇକ୍ରୋବାୟୋଲୋଜି ଆଦି ବିଭାଗ ରହିବ। ୭୫୦ ଶଯ୍ୟା ସହ ୨୪ ଘଣ୍ଟିଆ ଚିକିତ୍ସା ସୁବିଧା ମିଳିବ। ଆଗାମୀ ଦୁଇବର୍ଷ ମଧ୍ୟରେ ୩ ହଜାର ବେଡ୍ ବୃଦ୍ଧି କରାଯିବ। ଖୁବ୍‌ଶୀଘ୍ର ଦ୍ୱିତୀୟ କ୍ୟାମ୍ପସ୍‌ରେ ଡାକ୍ତରୀ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ କରାଯିବାର ଯୋଜନା ରହିଥିବା ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ବିଧାୟକ ସୁଶାନ୍ତ କୁମାର ରାଉତ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ସୁରେଶ କୁମାର ମହାପାତ୍ର, ସୋଆ ଉପସଭାପତି ଶାଶ୍ୱତି ଦାସ ଏବଂ ପୂର୍ବତନ କୁଳପତି ତଥା ପ୍ରମୁଖ ଉପଦେଷ୍ଟା(ସ୍ୱାସ୍ଥ୍ୟବିଜ୍ଞାନ) ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସୋଆର କୁଳପତି କହିଥିଲେ, ଚଳିତ ମାସ ଶେଷ ସୁଦ୍ଧା ସମ୍ ହସ୍ପିଟାଲର ଅନ୍ୟ ଏକ କ୍ୟାମ୍ପସ୍ ଗଞ୍ଜାମ ଜିଲାର ଶିତଳାପଲ୍ଲୀଠାରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ ହେବାର ଯୋଜନା ରହିଛି। ୩୫୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲରେ ସମସ୍ତ ଆବଶ୍ୟକୀୟ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ନିମନ୍ତେ ଭିତ୍ତିଭୂମି ଉପଲବ୍ଧ ହେବ ବୋଲି ସେ କହିଛନ୍ତି। ଏହି ତିନୋଟି ହସ୍ପିଟାଲରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଦ୍ୱାରା ସ୍ୱାସ୍ଥ୍ୟସେବା ଉପଲବ୍ଧ ଏବଂ ତିନୋଟି ହସ୍ପିଟାଲ ଲୋକମାନଙ୍କୁ ଉତ୍ତମମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ନିମନ୍ତେ ପରସ୍ପରର ସହଯୋଗ କରିବେ ବୋଲି ପ୍ରଫେସର ନନ୍ଦ କହିଛନ୍ତି।

## ବାହାନଗା ଟ୍ରେନ୍ ଦୁର୍ଘଟଣା: ୨ ନିଲମ୍ବିତ ଅଫିସର ବହିଷ୍କୃତ

ଭୁବନେଶ୍ୱର,୨୧।୧
(ଅନୁରାଧା ମହାରଣା)

ବାହାନଗା ଟ୍ରେନ ଦୁର୍ଘଟଣାରେ ନିଲମ୍ବିତ ୨ ଅଫିସରଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ସିବିଆଇ ତଦନ୍ତ ରିପୋର୍ଟ ଆଧାରରେ ରେଳ ବିଭାଗ ଏହି ପଦକ୍ଷେପ ନେଇଛି। ବହିଷ୍କୃତ ଅଧିକାରୀ ଦ୍ୱୟ ହେଲେ ବାହାନଗା ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ଏସ୍. ବି. ମହାନ୍ତି ଏବଂ ଡିଭିଜନାଲ ଟ୍ରାଫିକ ଇନ୍ସପେକ୍ଟର ଏ.କେ. ଖୁଣ୍ଟିଆ। ସୂଚନାଯୋଗ୍ୟ, ୨୦୨୩ ଜୁନ୍ ୨ ରାତିରେ ବାଲେଶ୍ୱର ଜିଲା ବାହାନଗା ରେଳ ଷ୍ଟେଶନରେ ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ଏଥିରେ ୨୯୩ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବାବେଳେ ୧ ହଜାରରୁ ଅଧିକ ଆହତ ହୋଇଥିଲେ। ଏହା ଭାରତୀୟ ରେଳ ଇତିହାସରେ ଅନ୍ୟତମ ବଡ଼ ଦୁର୍ଘଟଣା ଥିଲା। ତଦନ୍ତ ଭାର ସିବିଆଇ ନେବା ପରେ ବହୁ ରେଳ ଅଧିକାରୀଙ୍କୁ ଜେରା କରାଯାଇଥିଲା। ଏହି ଦୁର୍ଘଟଣା ପାଇଁ ମାନବୀୟ ତ୍ରୁଟି ଓ ଭୁଲ୍ ସିଗ୍‌ନାଲିଂକୁ ଦାୟୀ କରାଯାଉଥିବାବେଳେ ଭିଜିଲାନ୍ସ ଉପରୋକ୍ତ ଦୁଇ ଅଧିକାରୀଙ୍କ ସହ ୩ଜଣଙ୍କୁ ଗିରଫ କରିଥିଲା।





**ପୁରୀ:** ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ପ୍ରରିପ୍ରେକ୍ଷୀରେ ସ୍ୟାଣ୍ଡ ଆନିମେଶନ ମାଧ୍ୟମରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ହାତୀ ଘଉଡ଼ାଇବେ ପ୍ରଶିକ୍ଷିତ ହାତୀ

**୫ ସ୍ଥାନରେ ହାତୀ ପାଠଶାଳା**

ଭୁବନେଶ୍ୱର, ୨୧।୧(ଅସମାପିକା ସାହୁ)

ଜନବସତିମୁହାଁ ବଣୁଆ ଓ ହିଂସ୍ର ହାତୀଙ୍କୁ ଘଉଡ଼ାଇବା ପାଇଁ ନିୟୋଜିତ ହେବେ ପ୍ରଶିକ୍ଷିତ ହାତୀ। ରାଜ୍ୟରେ ମାହୁନ୍ତ ଅଭାବ ଥିବାରୁ ବାହାର ରାଜ୍ୟର ମାହୁନ୍ତଙ୍କ ଦ୍ୱାରା ହାତୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ରାଜ୍ୟରେ ହାତୀ-ମଣିଷ ସଂଘର୍ଷ ପ୍ରତିହତ ଲାଗି ଏଭଳି ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି ବନ ବିଭାଗ। ପ୍ରାରମ୍ଭିକ ଭାବେ ଚନ୍ଦକା, ସାତକୋଶିଆ, କପିଳାସ ଓ ଶିମିଳିପାଳ ଭଳି ରାଜ୍ୟର ୪ଟି ସ୍ଥାନରେ ହାତୀ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଉଛି। ପରବର୍ତ୍ତୀ ସମୟରେ ଦେବ୍ରିଗଡ଼ ଅଭୟାରଣ୍ୟରେ ମଧ୍ୟ ହାତୀ ପ୍ରଶିକ୍ଷଣ ଦିଆଯିବ। ବନ ବିଭାଗର ସୂଚନାନୁସାରେ, ହାତୀଙ୍କ ପାଠଶାଳା ପାଇଁ ବିଭିନ୍ନ ରାଜ୍ୟ ସହ ଆଲୋଚନା ଚାଲିଛି। କୁମ୍‌କୀ ହାତୀଙ୍କ ପରି ଅନ୍ୟ ହାତୀଙ୍କୁ ମାହୁନ୍ତଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ। ସେମାନଙ୍କ ସାହାଯ୍ୟରେ ଜଙ୍ଗଲୀ ହାତୀକୁ ଆୟତ୍ତ କରାଯାଇ ପାରିବ। ଅଭୟାରଣ୍ୟରେ ଏମାନଙ୍କୁ ବ୍ୟବହାର କରାଯାଇ ପାରିବ। ଏଥିପାଇଁ ଆମ ରାଜ୍ୟରେ କିଛି ପ୍ରଶିକ୍ଷିତ ହାତୀ ଥିବାବେଳେ ଆଉ କିଛି ହାତୀଙ୍କୁ ପ୍ରଶିକ୍ଷଣ ଦେବାକୁ ବନ ବିଭାଗ କର୍ନାଟକ ଓ ଆସାମ ସହ ମଧ୍ୟ କଥାବାର୍ତ୍ତା ଚଳାଇଥିବା ସୂଚନା ଦିଆଯାଇଛି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଲିପ୍ସା



@ ଶକ୍ତିପ୍ରସନ୍ନ



@ ଗୋପାଳ



@ ଦୀପାଞ୍ଜଳି



@ ବିପ୍ଳବ



@ ଉମାକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବକୁଳରେ ଖୋଲିଲା ପାଣିପାଗ କେନ୍ଦ୍ର

ଭୁବନେଶ୍ୱର,୨୧।୧(ଶର୍ମିଷ୍ଠା ପାଣିଗ୍ରାହୀ)



ବକୁଳ ଲାଇବ୍ରେରିରେ ଏକ ପାଣିପାଗ କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଏହାକୁ ଉଦ୍‌ଘାଟନ କରିଛନ୍ତି। ଆମେରିକାର ସିଟି ୟୁନିଭର୍ସିଟି ଅଫ୍ ନ୍ୟୁୟର୍କର ବ୍ରୋନକ୍ସ କମ୍ୟୁନିଟି କଲେଜର ସହଭାଗିତାରେ ହାଇଦ୍ରାବାଦରେ ଅବସ୍ଥାପିତ ୟୁଏସ୍ କନ୍‌ସୁଲେଟ ଜେନେରାଲ ଦ୍ୱାରା ଏହି ପାଣିପାଗ କେନ୍ଦ୍ର ସ୍ଥାପନ କରାଯାଇଛି। ବ୍ରୋନକ୍ସ କମ୍ୟୁନିଟି କଲେଜ ଅଧ୍ୟକ୍ଷ ପ୍ରଫେସର ନୀଲ ଫିଲିପ୍ ପାଣିପାଗ କେନ୍ଦ୍ରର ବୈଶିଷ୍ଟ୍ୟ ଓ ଏହାକୁ କିପରି ବ୍ୟବହାର କରାଯାଇପାରିବ ସେ ବିଷୟରେ ଯୁବ ସ୍ୱେଚ୍ଛାସେବୀଙ୍କୁ ସୂଚନା ଦେଇଥିଲେ। ପାଣିପାଗ କେନ୍ଦ୍ରର ତଥ୍ୟ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବ। ସେହିପରି ଜଳବାୟୁ ତଥ୍ୟ ଏବଂ ଜଳବାୟୁ ପରିବର୍ତ୍ତନର ମହତ୍ତ୍ୱ ଉପରେ ସଚେତନତା ସୃଷ୍ଟି କରାଯିବ। ଏହା ତାପମାତ୍ରା, ବାୟୁ ପ୍ରଦୂଷଣ ସ୍ତର, ବାୟୁ ଗୁଣବତ୍ତା, ଆର୍ଦ୍ରତା, ସୌର ବିକିରଣ, ଅତିବାଇଗଣି ରଶ୍ମି, ପବନ ଏବଂ ବୃଷ୍ଟିପାତ ପରି ମାଇକ୍ରୋ-ଜଳବାୟୁ ପାରାମିଟର ଉପରେ ନଜର ରଖିବାରେ ସାହାଯ୍ୟ କରିବ। ଏହି ତଥ୍ୟ ଯେକୌଣସି ବ୍ୟକ୍ତି ଯେକୌଣସି ସ୍ଥାନରେ ଅନ୍‌ଲାଇନ୍‌ରେ ପାଇପାରିବେ। ଯୁକ୍ତରାଷ୍ଟ୍ରର କନ୍‌ସୁଲେଟର ସଲିଲ କାଦର କହିଛନ୍ତି, ବକୁଳରେ ଥିବା ପାଣିପାଗ କେନ୍ଦ୍ର ଯୁବକମାନଙ୍କୁ ଶିକ୍ଷିତ କରାଇବ। ଚିତ୍ରା ଅରୁମୁଗମ୍ ଏଭଳି ପଦକ୍ଷେପକୁ ପ୍ରଶଂସା କରି କହିଲେ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ପାଣିପାଗ କେନ୍ଦ୍ର ଚାରିପାଖରେ ଜଳବାୟୁ ବିଜ୍ଞାନ ଉପରେ ୧୦୦ଟି ଛୋଟ ପ୍ରକଳ୍ପ ସୃଷ୍ଟି କରିବାରେ ସାହାଯ୍ୟ କରିବାକୁ ବକୁଳକୁ ପ୍ରସ୍ତାବ ଦେଇଥିଲେ। ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କହିଲେ, ବକୁଳ ଏକ ଯୁବ ଜଳବାୟୁ ଉତ୍ସାହୀ ଦଳ ସୃଷ୍ଟି କରିସାରିଛି, ଯେଉଁମାନେ ସକ୍ରିୟ ଜଳବାୟୁ ମନିଟରିଂ ପାଇଁ ପାଣିପାଗ କେନ୍ଦ୍ର ବ୍ୟବହାର କରିବାକୁ ଆଗ୍ରହୀ ଅଛନ୍ତି। ସ୍କୁଲ ଓ କଲେଜ ପିଲାମାନଙ୍କୁ ଜଳବାୟୁ ପରିବର୍ତ୍ତନ ବିଷୟରେ ପାଣିପାଗ କେନ୍ଦ୍ରର ଭୂମିକା ସମ୍ପର୍କରେ ଜଣାଇବେ ବୋଲି ସେ ସୂଚନା ଦେଇଥିଲେ। ପାଣିପାଗ କେନ୍ଦ୍ରର ଉଦ୍‌ଘାଟନ ପୂର୍ବରୁ ଓଡ଼ିଶା କୁଇଜ ଆସୋସିଏଶନର ବିଭାସ ରଥ ଏବଂ ମୁକ୍ତି ପ୍ରଧାନଙ୍କ ଦ୍ୱାରା ପରିଚାଳିତ ଜଳବାୟୁ ପରିବର୍ତ୍ତନ ଉପରେ ଏକ କୁଇଜ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଦୂରଦର୍ଶନରେ ରାମ ମନ୍ଦିର ପ୍ରତିଷ୍ଠାର ସିଧା ପ୍ରସାରଣ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ସୋମବାର ଅଯୋଧ୍ୟାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀରାମ ମନ୍ଦିର ଉଦ୍‌ଘାଟନ କରିବେ। ଏହି ଶୁଭ ଉତ୍ସବର ସିଧା ପ୍ରସାରଣ ସମସ୍ତ ଦୂରଦର୍ଶନ ଡିଡି ଚ୍ୟାନେଲରେ ଲାଇଭ୍ ଟେଲିକାଷ୍ଟ କରାଯିବ। ଅତ୍ୟାଧୁନିକ ଯନ୍ତ୍ରପାତି ସହିତ ଲାଇଭ୍ କଭରେଜ୍ କରାଯିବା ଦ୍ୱାରା ସାରା ଦେଶବାସୀ ଏହାର ଦେଖିବାକୁ ସୁଯୋଗ ପାଇବେ। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ହୋଇଛନ୍ତି। ଏହା ଏକ ଐତିହାସିକ ପ୍ରସାରଣ ହେବ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ସମଗ୍ର ଦେଶ ଡିଡି ନ୍ୟାଶନାଲ ଏବଂ ଡିଡି ନ୍ୟୁଜ୍‌ରେ ଏହା ଦେଖିପାରିବେ।







ସୋମବାର ଅଯୋଧ୍ୟାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ଉଦ୍‌ଘାଟନ ହେବ। ଏହି ପରିପ୍ରେକ୍ଷୀରେ ରବିବାରଠାରୁ ଭୁବନେଶ୍ୱରସ୍ଥିତ ରାମମନ୍ଦିରକୁ ଫୁଲ ଓ ଆଲୋକରେ ସଜାଯାଇଥିବାବେଳେ ଭକ୍ତମାନେ ଛୋଟି ସହ ଶ୍ରୀରାମଙ୍କ ନାମ ଜପ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ଦିଲୀପଙ୍କ ଦୀପକୁ ନେଇ ଜୋର୍‌ଧରିଲା ରାଜନୀତି

ରାଉରକେଲା,୨୧।୧
(ସଙ୍ଗୀତା ଜେନା)


ରାଉରକେଲା ବନ୍ଧମୁଣ୍ଡାରେ ବିଶାଳ ଦୀପ ସହ ଦିଲୀପ ରାୟ।

ଆଗକୁ ସାଧାରଣ ନିର୍ବାଚନ। ଏଥିପାଇଁ ରାଉରକେଲା ରାଜନୀତି ଉଷ୍ମ ହେଲାଣି। ବିଭିନ୍ନ ରାଜନୈତିକ ଦଳର ନେତା ନିଜ ନିଜ ଶୈଳୀରେ ପ୍ରଚାର ଆରମ୍ଭ କରି ଲୋକମାନଙ୍କ ନିକଟରେ ପହଞ୍ଚିବାକୁ ଲାଗିପଡ଼ିଛନ୍ତି। ତେବେ ଏହି ଦୌଡ଼ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ପଛରେ ପଡ଼ିନାହାନ୍ତି। ଆସନ୍ତା ନିର୍ବାଚନ ପୂର୍ବରୁ ସେ ନିଜକୁ ଲଞ୍ଚ୍ କରିବା ପାଇଁ ନୂଆ ତରିକା ଆପଣେଇଛନ୍ତି। ଏହି କ୍ରମରେ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଉରକେଲାରେ ବିଶାଳ ଦୀପ ତିଆରି କରାଯାଇଛି। ସୋମବାର ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ହନୁମାନ ବାଟିକାରେ ଏହି ଦୀପ ଲଗାଯିବ। ଏଥିପାଇଁ ଉକ୍ତ ଦୀପକୁ କ୍ରେନ ସାହାଯ୍ୟରେ ଟ୍ରେଲରରେ ଲଦି ହନୁମାନ ବାଟିକାକୁ ନିଆଯାଇଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାୟ ୨୦୧୯ ନିର୍ବାଚନ ପୂର୍ବରୁ ଭାଜପାର ହାତ ଛାଡ଼ିଥିଲେ ମଧ୍ୟ ସାଧାରଣ ଲୋକଙ୍କ ସହ ସମ୍ପର୍କ ରଖି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଆସୁଥିଲେ। ତେବେ ଉକ୍ତ ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିବାବେଳେ ୨୦୨୪ ନିର୍ବାଚନ ଲଢ଼ିବା ନେଇ ଚର୍ଚ୍ଚା ଜୋର ଧରିଛି। ତେବେ କିଛି ବର୍ଷ ତଳେ ସେ ପ୍ରତ୍ୟକ୍ଷ ରାଜନୀତିରେ ସକ୍ରିୟ ହେବେ ନାହିଁ ବୋଲି କହିଥିଲେ। କିନ୍ତୁ ଦିଲୀପଙ୍କ ପ୍ରମୁଖ ସହଯୋଗୀ ଓ ସମର୍ଥକମାନେ ତାଙ୍କୁ ପୁଣି ରାଜନୀତି ପ୍ଲାଟଫର୍ମକୁ ଆଣିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏଥିରେ ଦିଲୀପଙ୍କ ପରୋକ୍ଷ ସମର୍ଥନ ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବର୍ତ୍ତମାନ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ରାଉରକେଲାରେ ବିଶାଳ ଦୀପକୁ ନେଇ ଚର୍ଚ୍ଚା ବଢ଼ିଲାଣି। ଗୋଟିଏ ସାମାଜିକ ସଙ୍ଗଠନ ଦ୍ୱାରା ଏହି ଦୀପ ନିର୍ମାଣ କରାଯାଇଥିଲେ ମଧ୍ୟ ସ୍ୱୟଂ ଦିଲୀପ ଏହାର ନେତୃତ୍ୱ ନେଇଛନ୍ତି। ଦୀପ ନିର୍ମାଣ ହେବା ଦିନଠାରୁ ସେ ଏହାର ପ୍ରସାର ପ୍ରଚାର ମଧ୍ୟ କରୁଥିବା କୁହାଯାଉଛି। ଏହି ଦୀପ ହନୁମାନ ବାଟିକାରେ ୪୫ ଦିନ ପର୍ଯ୍ୟନ୍ତ ଜଳିବ। ଏହାର ସମସ୍ତ ଦାୟିତ୍ୱ ହନୁମାନ ବାଟିକା ଚାରିଟେବୁଲ ଟ୍ରଷ୍ଟ ବହନ କରିବ। ୨୨ ତାରିଖ ଅର୍ଥାତ୍ ସୋମବାର ଉକ୍ତ ଟ୍ରଷ୍ଟ ଅଧ୍ୟକ୍ଷ ଦିଲୀପ ରାୟ ଦୀପ ଶୋଭାଯାତ୍ରାକୁ ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି। ଏହାଦ୍ୱାରା ସେ ଲୋକଙ୍କ ନିକଟତର ହୋଇପାରିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। କୌଣସି ରାଜନୈତିକ ଦଳରେ ନ ଥାଇ ମଧ୍ୟ ନିଜ ପତିଆରା ବୃଦ୍ଧି କରିବା ଏବଂ ନିର୍ବାଚନ ପୂର୍ବରୁ ତାଙ୍କର ହାଇପ୍ରୋଫାଇଲ ଲଞ୍ଚିଂ ଆଲୋଚନା ପାଇଁ ଖୋରାକ ଯୋଗାଇଛି।

ଉଲ୍ଲେଖନୀୟ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାୟ କଂଗ୍ରେସ, ଜନତା ଦଳ ଏବଂ ଭାଜପାରେ ରହି ନିଜ ରାଜନୈତିକ କ୍ୟାରିୟରରେ ସଫଳତା ପାଇଛନ୍ତି। ତେବେ ୨୦୧୯ ନିର୍ବାଚନ ପୂର୍ବରୁ 'ପ୍ରଥମେ ମାଟି ଓ ପରେ ପାର୍ଟି' ସ୍ଲୋଗାନ ଦେଇ ସେ ଭାଜପାକୁ ବାଏ ବାଏ କରିଥିଲେ। ତତ୍କାଳୀନ ଭାଜପା ସରକାର ଥାଇ ମଧ୍ୟ ଦିଲୀପଙ୍କ ବିରୋଧରେ ସିବିଆଇ କୋର୍ଟରେ ରାୟ ପ୍ରକାଶ ପାଇଥିଲା।

# ପୁଣି ଧର୍ମେନ୍ଦ୍ର-ପ୍ରଣବ କଥା କଟାକଟି

## କନିଷ୍ଠ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ପ୍ରସଙ୍ଗ

ଭୁବନେଶ୍ୱର, ୨୧।୧
(ଅସମାପିକା ସାହୁ)

କନିଷ୍ଠ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ପ୍ରସଙ୍ଗ ନେଇ ପୁଣି ରବିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମଧ୍ୟରେ କଥା କଟାକଟି ହୋଇଛି। ଧର୍ମେନ୍ଦ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି କହିଛନ୍ତି, ଯେଉଁମାନେ ପାରଦର୍ଶିତାର ଡିଣ୍ଡିମ ପିଟୁଛନ୍ତି, ସେମାନଙ୍କୁ ଉତ୍ତର ଦେବାକୁ ପଡ଼ିବ। ୨୦ହଜାର ଚାକିରି ନିଯୁକ୍ତି ବେଳେ କାହିଁକି ଏ ଅବ୍ୟବସ୍ଥା ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଭାରତ ସରକାରଙ୍କ ପରୀକ୍ଷା ଏଜେନ୍ସି ହେଲା ଏନ୍‌ଟିଏ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ବଳରେ ଏନ୍‌ଟିଏ ସଂସ୍ଥା ତିଆରି କରାଯାଇଛି। କିନ୍ତୁ ଶିକ୍ଷକ ନିଯୁକ୍ତିରେ ସମ୍ପୃକ୍ତ ସଂସ୍ଥା 'ଏଡସିଲ'ର କାମ ନୁହେଁ ଇଣ୍ଟରଭ୍ୟୁ ଆଦି କାର୍ଯ୍ୟ କରିବା। ପୂର୍ବରୁ ଏଡସିଲକୁ ନେଇ ଅଭିଯୋଗ ଆସିଥିଲା, କାର୍ଯ୍ୟାନୁଷ୍ଠାନ ନେଇଥିଲି। ଏଏସ୍‌ଓ ପରୀକ୍ଷାରେ କ'ଣ ହେଲା, ସେତେବେଳେ ତ ଏଡସିଲ ନ ଥିଲା। ଚାକିରି ପାଇଁ ପରୀକ୍ଷା କଲ, ପରୀକ୍ଷା ପରେ ସର୍ତ୍ତ ବଦଳାଇ ଦେଲ। ଓପିଏସ୍‌ସି ଅଧିକାରୀଙ୍କ ଦୁର୍ନୀତି ଧରାପଡ଼ିଲା, ଦଣ୍ଡର ବାହାନା କଲ। ମୁଁ ଏବେ ଶୁଣୁଛି ପୁନଃନିଯୁକ୍ତି ପ୍ରମୋଶନ ଦିଆଯାଇଛି। ତେଣୁ ଓଡ଼ିଆ ପିଲାମାନଙ୍କ ସ୍ୱାର୍ଥ ସାଙ୍ଗରେ କେହି ନ ଖେଳିବା ଉଚିତ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେପଟେ ଧର୍ମେନ୍ଦ୍ରଙ୍କ କଥାର କଡ଼ା ଜବାବ ଦେଇଛନ୍ତି ପ୍ରଣବ ପ୍ରକାଶ ଦାସ। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି, ଏଡସିଲ ସଂସ୍ଥା ଆପଣଙ୍କ ମନ୍ତ୍ରଣାଳୟ ଅଧୀନରେ ଆସୁଛି ନା ନାହିଁ? ଉକ୍ତ ସଂସ୍ଥା ଭୁବନେଶ୍ୱର ଏମ୍ସ, ଭାରତୀୟ ସେନା, କୋଲ୍ ଇଣ୍ଡିଆ, ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ, ଇଣ୍ଟେଲିଜେନ୍ସ ବ୍ୟୁରୋ, କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ପାଇଁ ନିଯୁକ୍ତି ପରୀକ୍ଷା କରିଛି କି ନାହିଁ? ଯଦି ଏଡସିଲ ଭୁଲ୍ କରିଥିଲା ତେବେ କ'ଣ ଆକ୍ସନ ନେଇଛନ୍ତି? ଏହାକୁ ବ୍ଲାକ୍ ଲିଷ୍ଟେଡ୍ କରିବାକୁ ପଦକ୍ଷେପ ନେଲେନି କି? ଏଡସିଲ ଭାରତୀୟ ସେନା ଏବଂ ଅଗ୍ନିବୀର ପାଇଁ ନିଯୁକ୍ତି ପରୀକ୍ଷା କରିଛି। ଏହି ସଂସ୍ଥା ଜରିଆରେ ବହୁ ସଂଖ୍ୟାରେ ଯବାନ ନିଯୁକ୍ତି ପାଇଛନ୍ତି ଓ ଦେଶର ସୁରକ୍ଷା ପାଇଁ ନିୟୋଜିତ ହୋଇଛନ୍ତି। ହେଲେ ନିଜ ରାଜନୈତିକ ସ୍ୱାର୍ଥ ପାଇଁ ଆଜି ଆପଣ କେବଳ ନିଜ ସଂସ୍ଥାର ସ୍ୱଚ୍ଛତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିନାହାନ୍ତି, ବରଂ ଦେଶର ସୁରକ୍ଷାକୁ ମଧ୍ୟ କାଠଗଡ଼ାକୁ ଟାଣି ଆଣିଛନ୍ତି। ପ୍ରଣବ ଆହୁରି ମଧ୍ୟ କହିଛନ୍ତି, ନ୍ୟାଶନାଲ ଟେଷ୍ଟିଙ୍ଗ ଏଜେନ୍ସି କ'ଣ କରେ, ତାହା ଗୋଟେ ଛୁଆକୁ ପଚାରିଲେ ବି ସେ କହିଦେବ। ଏହି ସଂସ୍ଥା ନିଯୁକ୍ତି ପରୀକ୍ଷା କରେନାହିଁ, କେବଳ ଏଣ୍ଟ୍ରାନ୍ସ ପରୀକ୍ଷା ପରିଚାଳନା କରିଥାଏ। ଦେଶର ଶିକ୍ଷାମନ୍ତ୍ରୀ ଥାଇ ମଧ୍ୟ ଆପଣ ଏକଥା ଜାଣିନାହାନ୍ତି, ଏହାଠାରୁ ଦୁର୍ଭାଗ୍ୟଜନକ କଥା ଆଉ କ'ଣ ହୋଇପାରେ। ଆଇନା ଆଗରେ ନିଜ ମୁହଁ ଦେଖିଲା ବେଳେ ଆପଣଙ୍କୁ କିଭଳି ଲଜ୍ଜା ଲାଗୁନାହିଁ ବୋଲି ପ୍ରଣବ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

ଏହାପୂର୍ବରୁ ସକାଳେ ମଧ୍ୟ ତିନି ରାଜନୈତିକ ଦଳର ନେତାମାନେ ଗଣମାଧ୍ୟମରେ ପରସ୍ପରକୁ ଟାର୍ଗେଟ କରିଥିଲେ। ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର କହିଥିଲେ, ଓଡ଼ିଶାରେ ମାହାଲ ମାଣ୍ଡା ସରକାର ଚାଲିଥିବାରୁ ରାଜ୍ୟର ଯୋଗ୍ୟ ନିଯୁକ୍ତି ଆଶାୟୀ ଯୁବତୀଯୁବକ ଏହି ଚାକିରି ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାର ଯେତେବେଳେ ଆବେଦନପତ୍ର ଗ୍ରହଣ କଲେ, ସେତେବେଳେ ମାହାଲ ମାଣ୍ଡା କେମିତି ଆସିଲେ, ମାହାଲ ମାଣ୍ଡା-ପ୍ରୋ କେମିତି ଆସିଲେ ବୋଲି ଭାଜପା ପ୍ରଶ୍ନ କରିଛି। ସେପଟେ ଉଭୟ ବିଜେଡି ଓ ଭାଜପାକୁ ଟାର୍ଗେଟ କରି କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଥିଲେ, ଯେହେତୁ ନିଯୁକ୍ତି ପ୍ରକ୍ରିୟା କେନ୍ଦ୍ରୀୟ ଏଜେନ୍ସି କରାଉଥିଲା, ପ୍ରଥମେ ଭାଜପା ସ୍ପଷ୍ଟୀକରଣ ରଖୁ। ଅନ୍ୟପଟେ ବିଜେଡି ବିଧାୟକ ସୁଧୀର ସାମଲ କହିଛନ୍ତି, ନିର୍ବାଚନ ଆଉ ମାତ୍ର ୩ ମାସ ରହିଲା। କିଏ ଫେକ୍ ତାହା ଓଡ଼ିଶାବାସୀ ଜାଣିଛନ୍ତି। ଆଗାମୀ ନିର୍ବାଚନରେ ଜନତା ଏହାର ଜବାବ ଦେବେ ବୋଲି ସେ କହିଥିଲେ।

# କୌଶଳ ମହୋତ୍ସବ ଯୁବବର୍ଗଙ୍କ ସ୍ୱପ୍ନ ପୂରଣ କରୁଛି: ଧର୍ମେନ୍ଦ୍ର



ଯୁବତୀଯୁବକଙ୍କୁ କେନ୍ଦ୍ରମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

ସମ୍ବଲପୁର,୨୧।୧(ବି.ଶଙ୍କର)

କୌଶଳ ମହୋତ୍ସବ (ରୋଜଗାର ମେଳା) ଯୁବବର୍ଗଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହ ସେମାନଙ୍କ ସ୍ୱପ୍ନ ପୂରଣ କରୁଛି। ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅନ୍ତର୍ଗତ ଏନ୍‌ଏସ୍‌ଡିସି ପକ୍ଷରୁ ସମ୍ବଲପୁର ଜିଲାର ଧନକଉଡ଼ା ଖେଳ ପଡିଆଠାରେ ରବିବାର ଆୟୋଜିତ କୌଶଳ ମହୋତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସ୍କିଲ୍ ଇଣ୍ଡିଆ ଓ ଡିଜିଟାଲ ଇଣ୍ଡିଆ ଯୁବକଙ୍କୁ ଆତ୍ମନିର୍ଭର ଓ ସ୍ୱାଭିମାନ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଭିନବ ଉପକ୍ରମ। ପ୍ରଧାନମନ୍ତ୍ରୀ ଓଡ଼ିଶା ସମେତ ସମଗ୍ର ଭାରତ ବର୍ଷରେ ବିଭିନ୍ନ ଯୋଜନା ମାଧ୍ୟମରେ ସାଧାରଣ ଘରର ଯୁବବର୍ଗଙ୍କୁ ଉଦ୍ୟମିତା ସହ ଯୋଡ଼ିବା ପାଇଁ ସର୍ବଦା ପ୍ରୟାସରତ। ଜାତୀୟ ଶିକ୍ଷା ନୀତିରେ କୌଶଳକୁ ସ୍କୁଲ ପାଠପଢ଼ାର ବିଷୟ ଭାବେ ଗ୍ରହଣ କରାଯିବା ସହ ଏକାଡେମିକ ବ୍ୟାଙ୍କ ଅଫ କ୍ରେଡିଟ ଭଳି ପଦକ୍ଷେପ ନିଆଯାଇଛି ବୋଲି ଧର୍ମେନ୍ଦ୍ର କହିଥିଲେ।

କୌଶଳ ମହୋତ୍ସବରେ ସାହି ଏକ୍ସପୋର୍ଟ, ଏଲ୍‌ଆଣ୍ଡ ଟି ଫାଇନାନ୍ସ, ରିଲାଇନ୍ସ ଜିଓ କମ୍ପାନୀ ସହ ବ୍ୟାଙ୍କିଙ୍ଗ, ଇଲେକ୍ଟ୍ରୋନିକ୍ସ, ଆଇଟି, ମ୍ୟାନେଜମେଣ୍ଟ, ମାଇନିଂ ଆଦି କ୍ଷେତ୍ରରେ ଚୟନ ହୋଇଥିବା ୧ହଜାର ୯୫ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏହି କ୍ରମରେ ସମ୍ବଲପୁରର ଖୁସି ସାହୁ ଓ ତନୁ ସୋନି, ଦିବ୍ୟାଙ୍ଗ ସୁଧୀର କୁମାର ସାହାଣୀ, ଗଞ୍ଜାମର ସ୍ମୃତିଶ ରଞ୍ଜନ ପଣ୍ଡା ଏବଂ ବଲାଙ୍ଗୀରର ଶିବୁ ପ୍ରଧାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାରାୟଣ ନାୟକ, ଏନ୍‌ଏସ୍‌ଡିସି ସିଇଓ ବେଦମଣୀ ତିୱାରୀ ଉପସ୍ଥିତ ରହି ନିଯୁକ୍ତି ବିଷୟରେ ଆଲୋକପାତ କରିଥିଲେ। ମୀମାଂସା ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଜେଡି ନେତାଙ୍କ ଫାଙ୍କା ଗୁଳିଚାଳନା ଭିଡିଓ ଭାଇରାଲ

ତାଳଚେର, ୨୧।୧ (ମନୋଜ ନନ୍ଦ)

ନିଜ ବିବାହ ଭୋଜି ସମୟରେ ଷ୍ଟେଜ ଉପରେ ଠିଆ ହୋଇ ବିଜେଡିର ଜଣେ ନେତା ଫାଙ୍କା ଗୁଳିଚାଳନା କରିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅନୁଗୋଳ ଜିଲା ତାଳଚେରରେ ଗତ ୧୯ରେ ଏପରି ଘଟଣା ଘଟିଥିବା କୁହାଯାଉଥିବା ବେଳେ ଫାଙ୍କା ଗୁଳି ଚଳାଉଥିବା ବିଜେଡି ନେତା ଜଣକ ତାଳଚେର ଅଞ୍ଚଳର ବୋଲି ଚର୍ଚ୍ଚା ହେଉଛି। ଏହି ଘଟଣାକୁ ନେଇ ଭାଜପା ପକ୍ଷରୁ ବିକ୍ରମପୁର ଥାନାରେ ରବିବାର ଏତଲା ଦିଆଯାଇଛି। ଭାଜପାର ବରିଷ୍ଠ ନେତାଙ୍କ ସହ ଅଭିଯୋଗକାରୀ ରାଜେନ୍ଦ୍ର କୁମାର ସିଂହ ବିକ୍ରମପୁର ଥାନା ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ତାଳଚେର ଏସ୍‌ଡିପିଓ ମାନସ କୁମାର ବାରିକ କହିଛନ୍ତି, ଅରିଜନାଲ ଭିଡିଓ ଦାଖଲ କରିବାକୁ ଅଭିଯୋଗକାରୀଙ୍କୁ କୁହାଯାଇଛି। ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଚାଲିଛି।

# ଲୋକ ସଭା, ବିଧାନସଭା ସଂଯୋଜକଙ୍କ ପ୍ରଶିକ୍ଷଣ ପରିଚାଳନା ପାଇଁ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର, ୨୧।୧
(ଅସମାପିକା ସାହୁ)

ଭୁବନେଶ୍ୱରରେ ଲୋକ ସଭା ଓ ବିଧାନସଭା ସଂଯୋଜକମାନଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆସନ୍ତା ୨୩ ଓ ୨୫ ତାରିଖରେ ଅନୁଷ୍ଠିତ ହେବ। ଏହି ଶିବିରର ସୁପରିଚାଳନା ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକ ଏକ ୬ ଜଣିଆ କମିଟି ଗଠନ କରିଛନ୍ତି। ଉକ୍ତ କମିଟିକୁ ଏଆଇସିସି କମିଟି ପକ୍ଷରୁ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଅନୁମୋଦନ କରିବା ପରେ ତାଲିକା ପ୍ରକାଶ ପାଇଛି। କମିଟିରେ ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଅଧ୍ୟକ୍ଷ ରହିଥିବାବେଳେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ପିପିସି ମୁଖପାତ୍ର ମନୋରଞ୍ଜନ ଦାସ, ପିସିସି ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦର ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ସନତ ଦାସ, ପିସିସି ସାଧାରଣ ସମ୍ପାଦକ ଶ୍ରୀନିବାସ ରାଉତରାୟ ସଂଯୋଜକ ଭାବେ ସ୍ଥାନ ପାଇଛନ୍ତି। ଏ ନେଇ ରବିବାର ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

# ଖାର୍ଗେଙ୍କ ସଭା ପାଇଁ କମିଟି ଗଢ଼ିଲା କଂଗ୍ରେସ

ଭୁବନେଶ୍ୱର, ୨୧।୧(ଅସମାପିକା ସାହୁ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆସନ୍ତା ୨୯ରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଭୁବନେଶ୍ୱରଠାରେ ଏକ ସାଧାରଣ ସଭା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର ସୂଚନା ରହିଛି। ତେବେ ଏହି ସାଧାରଣ ସଭା ସୁପରିଚାଳନା ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକ ଏକ କମିଟି ଗଠନ କରିଛନ୍ତି। କମିଟିକୁ ଏଆଇସିସି ପକ୍ଷରୁ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଅନୁମୋଦନ କରିଛନ୍ତି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କମିଟି ଅଧ୍ୟକ୍ଷ ରହିଛନ୍ତି। ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ବିଧାୟକ ତଥା ପିସିସି କୋଷାଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା, ଏଆଇସିସି ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନ୍‌ଗୋ, ଗଣେଶ୍ୱର ବେହେରା, ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟ, ତାରାପ୍ରସାଦ ବାହିନୀପତି, ରମେଶ ଚନ୍ଦ୍ର ଜେନା, ଅଧିରାଜ ମୋହନ ପାଣିଗ୍ରାହୀ, ସିଏସ୍‌ରାଜନ୍ ଏକ୍କା, ଦାଶରଥି ଗମାଙ୍ଗ, ଏଆଇସିସି ସମ୍ପାଦକ ତଥା ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା, ପୂର୍ବତନ ଏମ୍‌ପି ଭକ୍ତଚରଣ ଦାସ, ସୁଶିଳା ତିରିଆ, ଅନନ୍ତ ପ୍ରସାଦ ସେଠୀ, ଡ. ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଉକ୍ତ କମିଟିରେ ରହିଛନ୍ତି ବୋଲି ପିସିସି ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି।

# ୨ବର୍ଷ ପରେ ବାଲେଶ୍ୱରରୁ ବସ୍ କଣ୍ଡକ୍ଟର ଗିରଫ

## ରାଜଧାନୀରେ ଦ୍ୱିତୀୟ ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ଘଟଣା


ସମରେନ୍ଦ୍ର ବିଶ୍ୱାଳ

ଭୁବନେଶ୍ୱର,୨୧।୧
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଲିଙ୍ଗରାଜ ଥାନା ଅଞ୍ଚଳରେ ଘଟିଥିବା ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ସ୍ୱାମୀ ତଥା ବସ୍ କଣ୍ଡକ୍ଟରଙ୍କୁ ୨ବର୍ଷ ପରେ କମିଶନରେଟ୍ ପୋଲିସ ବାଲେଶ୍ୱରରୁ ଗିରଫ କରିଛି। ସେ ହେଲେ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ବାଲେଶ୍ୱର ବସ୍‌ଷ୍ଟାଣ୍ଡ ନିକଟରେ ରହୁଥିବା ଭଦ୍ରକ ଜିଲା ନାୟକାଣିଡିହି ଥାନା ଅଧୀନ ହାବେଳିସାହି ଗ୍ରାମର ସମରେନ୍ଦ୍ର ବିଶ୍ୱାଳ (୫୩)। ତାଙ୍କୁ ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମରେନ୍ଦ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ମୃତା ମହିଳା ଅନିତା ସାହୁଙ୍କ ଘର ଭଦ୍ରକ ଜିଲା କାସିଆ ମେରାଇନ୍ ଥାନା ଅଧୀନ ବିଦେଇପୁର ଗ୍ରାମରେ। ଅନିତାଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ଥିବାବେଳେ ପାରିବାରିକ ଝଗଡ଼ା ପାଇଁ ସେ ସ୍ୱାମୀଙ୍କୁ ଛାଡ଼ି ଭୁବନେଶ୍ୱରରେ ରହି କାମ କରୁଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ସମରେନ୍ଦ୍ରଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପରେ ଭୁବନେଶ୍ୱରରେ ଏକା ରହି ବସ୍ କଣ୍ଡକ୍ଟର ଭାବେ କାମ କରୁଥିଲେ। ତେବେ ଅନିତା ତାଙ୍କ ଗାଁକୁ ଯିବା ସମୟରେ ସମରେନ୍ଦ୍ରଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ପରେ ଉଭୟ ଭୁବନେଶ୍ୱର କେଦାରଗୌରୀ ମନ୍ଦିରରେ ପରିବାର ଲୋକଙ୍କୁ ନ ଜଣାଇ ଦ୍ୱିତୀୟ ବିବାହ କରିଥିଲେ। ବିବାହ ପରେ ଅନିତାଙ୍କୁ ସମରେନ୍ଦ୍ର ଗାଁକୁ ନେଇଯାଇଥିଲେ। ହେଲେ ପରିବାର ଲୋକ ବାରଣ କରିବାରୁ ସମସ୍ୟା ଦେଖାଦେଇଥିଲା। ତେଣୁ ଅନିତାଙ୍କୁ ସମରେନ୍ଦ୍ର ଭୁବନେଶ୍ୱର ଆଣି ଲିଙ୍ଗରାଜ ଥାନା ଅଧୀନ କୁଞ୍ଜପାଟଣାରେ ଘରଭଡ଼ା ନେଇ ରହିଥିଲେ। ତେବେ ସମରେନ୍ଦ୍ର କାମ ପାଇଁ ଅଧିକାଂଶ ସମୟ ବାହାରେ ରହୁଥିବାରୁ ସ୍ତ୍ରୀଙ୍କର କୌଣସି ଦାୟିତ୍ୱ ନେଉ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା। ୨୦୨୧ ଡିସେମ୍ବର ୯ରେ ଝଗଡ଼ା ଉଗ୍ରରୂପ ନେଇଥିଲା। ସମରେନ୍ଦ୍ର ଅତ୍ୟଧିକ ରାଗିଯାଇ ଅନିତାଙ୍କ ତଣ୍ଟିକୁ ଏକ ଓଢ଼ଣି ଦ୍ୱାରା ଭିଡ଼ି ହତ୍ୟାକରି ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ଘର ମାଲିକଙ୍କଠାରୁ ଖବର ପାଇବା ପରେ ଗାଁରେ ରହୁଥିବା ଅନିତାଙ୍କ ପୁଅ ତପନ କୁମାର ସାହୁ ଥାନାରେ ଏତଲା ଦେଇଥିଲେ। ପୋଲିସ ଡିସେମ୍ବର ୧୦ରେ ଏକ ମାମଲା (ନଂ.୩୨୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ସମରେନ୍ଦ୍ର ବାଲେଶ୍ୱରରୁ ପଶ୍ଚିମବଙ୍ଗ କାନ୍ଥିକୁ ଯାଉଥିବା ଏକ ବସ୍‌ରେ କଣ୍ଡକ୍ଟର କାମ କରୁଥିବା ପୋଲିସ ଜାଣିବା ପରେ ଶନିବାର ଚଢ଼ାଉ କରି ତାଙ୍କୁ ଧରିଥିଲା।

**ରାଜ୍ୟ ଖବର**

# ୧୩,୫୦୦ ପ୍ରାର୍ଥୀଙ୍କୁ ନିଯୁକ୍ତି ସୁଯୋଗ

## କନ୍ଧମାଳ ସଂସଦୀୟ କ୍ଷେତ୍ରରେ ନିଯୁକ୍ତି ମେଳା

ଫୁଲବାଣୀ,୨୧।୧
(ରାକେଶ କୁମାର ରାଉତ)

କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ କିଟ୍ ଆନୁକୂଲ୍ୟରେ କନ୍ଧମାଳ ଜିଲା ପ୍ରଶାସନ ସହଯୋଗରେ ଫୁଲବାଣୀରେ ମେଗା ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି। ଏଥିରେ କନ୍ଧମାଳ ଜିଲାର ସମସ୍ତ ବ୍ଲକ, ବୌଦ୍ଧ ଜିଲାର ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକ, ନୟାଗଡ଼ ଜିଲାର ଗଣିଆ, ଦଶପଲ୍ଲା ଓ ନୂଆଗାଁ, ଗଞ୍ଜାମ ଜିଲାର ଭଞ୍ଜନଗର ଓ ଜଗନ୍ନାଥ ପ୍ରସାଦ ବ୍ଲକରୁ ୨୦ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଯୋଗଦେଇଥିଲେ । ସେଥି ମଧ୍ୟରୁ ଗୋଟିଏ ଦିନରେ ମୋଟ ୧୩ ହଜାର ୫ଶହ ପ୍ରାର୍ଥୀ ବିଭିନ୍ନ କମ୍ପାନୀରେ ନିଯୁକ୍ତି ଅଫର ପାଇଛନ୍ତି ଓ ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଁ ୩ହଜାର ୫ଶହ ଜଣ ମନୋନୀତ ହୋଇଥିବା ବେଳେ ଭାରତର ଅନ୍ୟ କମ୍ପାନୀମାନେ ୧୦ ହଜାର ପ୍ରାର୍ଥୀଙ୍କୁ ଚୟନ କରିଛନ୍ତି। ସେମାନଙ୍କ ସର୍ବନିମ୍ନ ମାସିକ ବେତନ ୧୨ ହଜାର ଟଙ୍କା ଥିବାବେଳେ ସର୍ବାଧିକ ୩୫ ହଜାର ଟଙ୍କା ପ୍ରଦାନ କରାଯିବ। ୪୦ଟି କମ୍ପାନୀ ସମେତ ସମଗ୍ର ଦେଶରୁ ୧୨୦ଟି କମ୍ପାନୀ ଓ ଶିଳ୍ପ ସଂସ୍ଥା ଏହି ନିଯୁକ୍ତି ମେଳାରେ ଯୋଗ ଦେଇଥିଲେ। ସେମାନଙ୍କ ପାଇଁ ୧୨୦ଟି ଷ୍ଟଲ ଖୋଲାଯାଇ ପ୍ରାର୍ଥୀ ଚୟନର ବନ୍ଦୋବସ୍ତ କରାଯାଇଥିଲା। ବିଭିନ୍ନ ବ୍ଲକରେ ୧୨ ହଜାର ପଞ୍ଜୀକରଣ ହୋଇଥିବା ବେଳେ ସ୍ପଟ ପଞ୍ଜୀକରଣ ଓ ଅନ୍ୟାନ୍ୟ ପଞ୍ଜୀକରଣ ମିଶାଇ ପ୍ରାୟ ୨୦ ହଜାର ପଞ୍ଜୀକରଣ ହୋଇଥିଲା। ଏହି ଅବସରରେ ଅନ୍ୟତମ ନିଯୁକ୍ତିଦାତା ମହାରାଷ୍ଟ୍ର ଚାମ୍ବର୍ସ ଅଫ କମର୍ସ, ଇଣ୍ଡଷ୍ଟ୍ରି ଓ ଏଗ୍ରିକଲଚରର ସଭାପତି ଲଳିତ ଗାନ୍ଧୀ ଯୋଗଦେଇ ଭାରତର ଅନ୍ୟ ରାଜ୍ୟ ତୁଳନାରେ ଓ ଯୁବକମାନେ ଅଧିକ କୁଶଳୀ ଓ ଦକ୍ଷ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଜିଲା ବିକାଶ ଓ ନିୟୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଏମ୍‌ପି ଅଚ୍ୟୁତ ସାମନ୍ତ ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି।

# ୩ରେ ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ୍ ଉଦ୍‌ଘାଟନ କରିପାରନ୍ତି ପ୍ରଧାନମନ୍ତ୍ରୀ

■ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର,୨୧।୧
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଗୋଶାଳା ନିକଟରେ ଆଇଆଇଏମ୍ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ କାମ ଶେଷ ହୋଇଛି। ଆସନ୍ତା ଫେବୃଆରୀ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦ୍‌ଘାଟନ କରିବା ସମ୍ଭାବନା ରହିଛି। ଏଥିପାଇଁ ଆଇଆଇଏମ୍ ପରିସରରେ ପ୍ରସ୍ତୁତି ଆରମ୍ଭ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସମ୍ବଲପୁର ଗସ୍ତରେ ଆସିଥିବା ସମୟରେ ଆଇଆଇଏମ୍‌ର ନୂତନ କ୍ୟାମ୍ପସ୍ ପରିଦର୍ଶନ କରି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଉଦ୍‌ଘାଟନ କାର୍ଯ୍ୟକ୍ରମ ବିଷୟରେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲଙ୍କ ସହ ଆଲୋଚନା କରିଥିଲେ। କେଉଁ ସ୍ଥାନରେ କି ପ୍ରକାର ବ୍ୟବସ୍ଥା କରାଯିବ ସେ ନେଇ ନିର୍ଦ୍ଦେଶକଙ୍କ ସହ କ୍ୟାମ୍ପସ୍ ପରିସରରେ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। କିଛିଦିନ ଭିତରେ ଦିଲ୍ଲୀରୁ ଏକ ଟିମ୍ ଆସି ଆଇଆଇଏମ୍ ପରିଦର୍ଶନ କରି ତଦାରଖ କରିବା ପରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମର ଚୂଡ଼ାନ୍ତ ତାରିଖ ଘୋଷଣା କରାଯିବ ବୋଲି ଆଇଆଇଏମ୍ ପକ୍ଷରୁ ସୂଚନା ଦିଆଯାଇଛି।

# ସଡ଼କ ଦୁର୍ଘଟଣାରେ ଓଡ଼ିଆ ଧାରାବାହିକ ନିର୍ଦ୍ଦେଶକଙ୍କ ମୃତ୍ୟୁ

ସାଲେପୁର,୨୧।୧
(ଅରବିନ୍ଦ ଭୂୟାଁ)


ଦିଲୀପ କୁମାର ଦାଶ

କଟକ-ସାଲେପୁର ରାସ୍ତାର ନାନ୍ଦୋଳଗଡ଼ା ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ଓଡ଼ିଆ ଧାରାବାହିକ ନିର୍ଦ୍ଦେଶକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଲୀପ କୁମାର ଦାଶ(୩୨)। ସେ 'ବିଜୟିନୀ' ଓ 'ତୁ ମୋ ସାଥିରେ' ଭଳି ଓଡ଼ିଆ ଧାରାବାହିକରେ ନିର୍ଦ୍ଦେଶନା ଦେଇଛନ୍ତି। ଅପରାହ୍ନରେ କଟକ ସହରରୁ ମାହାଙ୍ଗା ଥାନା ଅନ୍ତର୍ଗତ ପଞ୍ଚୁପାଣ୍ଡବସ୍ଥିତ ବାସଭବନକୁ ଫେରୁଥିବାବେଳେ ନାନ୍ଦୋଳଗଡ଼ାଠାରେ ଏକ କ୍ଷୀରବୋଝେଇ ଟ୍ୟାଙ୍କର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦିଲୀପ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଦିଲୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଦିଲୀପଙ୍କ ଅକାଳ ବିୟୋଗରେ କଳାକାରମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ଟ୍ରାକ୍ଟର ଓଲଟି ୨୨ ଆହତ, ୮ ଗୁରୁତର

ନୟାଗଡ଼/ଭାପୁର,୨୧।୧ (ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ନୟାଗଡ଼ ଜିଲା ଫତେଗଡ଼ ଥାନା ଅଧୀନ ଗିରି ଗୋବର୍ଦ୍ଧନ ପାହାଡ଼ ଶୀର୍ଷରେ ନବ ନିର୍ମିତ ରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବକୁ ଶ୍ରଦ୍ଧାଳୁମାନଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ୨୨ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୮ଜଣଙ୍କ ଅବସ୍ଥା ଗୁରୁତର ରହିଛି । ରବିବାର ଅପରାହ୍ନରେ ଏହି ଅଘଟଣ ଘଟିଛି। ଟ୍ରାକ୍ଟରଟି ପାହାଡିଆ ରାସ୍ତାରେ ଯାଉଥିବାବେଳେ ହଠାତ୍ ଓଲଟି ପଡ଼ିଥିଲା । ଆହତମାନଙ୍କୁ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ୮ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ସେମାନଙ୍କ ମଧ୍ୟରୁ ବେଗୁନିଆର ପୁଷ୍ପଲତା ପ୍ରଧାନ(୩୮), ଆରିକମାର ମମତା ଜେନା(୪୭), ବେଗୁନିଆର ସୁଲୋଚନା ମାର୍ଥା(୬୦) ଓ ସୁଦୀପ୍ତା ମହାନ୍ତି(୩୮), କାଶିନାଥ ମାର୍ଥା(୬୩) ପ୍ରମୁଖ ୫ଜଣ ଏମ୍ସରେ ଚିକିତ୍ସିତ ହେଉଥିବାବେଳେ ଜଣେ ଶିଶୁଙ୍କ ସମେତ ୨ଜଣଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋମବାର ପ୍ରାଣ ପ୍ରତିଷ୍ଠା ହେବାକୁ ଥିବାବେଳେ ଗତ ୧୭ରୁ ଫତେଗଡ଼ ରାମମନ୍ଦିରରେ ଉତ୍ସବ ଚାଲୁ ରହିଛି।

# ମାଓବାଦୀ ଶିବିର ଧ୍ୱଂସ କଲେ ଯବାନ

ମାଲକାନଗିରି,୨୧।୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ସୁକ୍‌ମା ଜିଲାରେ କୋମ୍ବିଂ ଅପରେଶନ ବେଳେ ଯବାନମାନେ ଏକ ମାଓବାଦୀ ଶିବିରକୁ ଧ୍ୱଂସ କରି ଦେଇଛନ୍ତି। ସେଠାରୁ ଅନେକ ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ କରିଛନ୍ତି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ଥିବା ବୁର୍କଲଙ୍କା ଜଙ୍ଗଲରେ ମାଓବାଦୀଙ୍କ ଶିବିର ଚାଲିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ଡିଆରଜି ଓ କୋବ୍ରା ବାହିନୀର ଯବାନମାନେ ମିଳିତ ଭାବେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଯବାନମାନେ ପହଞ୍ଚିବା ପୂର୍ବରୁ ମାଓବାଦୀମାନେ ସେଠାରୁ ଖସି ପଳାଇଥିଲେ। ତେବେ ଯବାନମାନେ ସେମାନଙ୍କ ଶିବିରକୁ ଧ୍ୱଂସ କରି ବିଭିନ୍ନ ସାମଗ୍ରୀ ଜବତ କରି ଫେରିଥିଲେ। ଯବାନଙ୍କ ପକ୍ଷରୁ ସେଠାରେ କୋମ୍ବିଂ ଅପରେଶନକୁ ଜୋରଦାର କରଯାଇଥିବା ଏସ୍‌ପି କିରଣ ଚୌହାନ କହିଛନ୍ତି।

## ବର୍ଷକୁ ୨ ଥର ସିବିଏସ୍‌ଇ ବୋର୍ଡ ପରୀକ୍ଷା

**ନୂଆଦିଲ୍ଲୀ,୨୧।୧:** ୨୦୨୪-୨୫ ଶିକ୍ଷାବର୍ଷରୁ ସିବିଏସ୍‌ଇ (କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ) ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ଆୟୋଜନ କରିବ। ପ୍ରଥମ ସେଟ୍ ପରୀକ୍ଷା ଚଳିତ ବର୍ଷ ନଭେମ୍ବର-ଡିସେମ୍ବରରେ ହେବାକୁ ଥିବାବେଳେ ଦ୍ୱିତୀୟ ସେଟ୍ ପରୀକ୍ଷା ୨୦୨୫ ଫେବୃଆରୀ-ମାର୍ଚ୍ଚରେ ହେବ। ୨୦୨୪-୨୫ ଶିକ୍ଷାବର୍ଷରେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପଢ଼ା ଆରମ୍ଭ କରୁଥିବା ଛାତ୍ରୀଛାତ୍ର ଏହି ମଲ୍ଟିପୁଲ୍ ବୋର୍ଡ ଫର୍ମାଟ ପରୀକ୍ଷା ଦେବାର ସୁଯୋଗ ପାଇବେ। ତେବେ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷାର ନୂଆ ବ୍ୟବସ୍ଥା ବାଧ୍ୟତାମୂଳକ ନୁହେଁ। କେବଳ ପିଲାମାନଙ୍କ ଉପରୁ ପରୀକ୍ଷା ଚାପ କମାଇବା ଏହାର ଲକ୍ଷ୍ୟ। ଯଦି ଜଣେ ଛାତ୍ର ନିଜକୁ ପୂର୍ଣ୍ଣ ମାତ୍ରାରେ ପରୀକ୍ଷା ପାଇଁ ପ୍ରସ୍ତୁତ କରିଥିବେ ଏବଂ ପ୍ରଥମ ସେଟ୍ ପରୀକ୍ଷା ସ୍କୋରରେ ସନ୍ତୁଷ୍ଟ ଥିବେ, ସେ ପରବର୍ତ୍ତୀ ପରୀକ୍ଷା ଦେଇ ନ ପାରନ୍ତି। ଗତବର୍ଷ ମୋଟ ୩୮.୮୨ ଲକ୍ଷ ଛାତ୍ରୀଛାତ୍ର ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଦେଇଥିଲେ।

## ୟୁକ୍ରେନରେ ସେଲ୍‌ମାଡ଼: ୨୫ ନିହତ

**କ୍ୱିଭ୍, ୨୧।୧ (ପିଟି):** ରୁଷିଆ ଅଧିକୃତ ୟୁକ୍ରେନରେ ସେଲ୍‌ମାଡ଼ରେ ୨୫ରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଡୋନେସ୍କ ଉପାନ୍ତ ଏକ ବଜାରରେ ସେଲ୍‌ମାଡ଼ ହେବାରୁ ଦୁଇ ଶିଶୁଙ୍କ ସମେତ ପ୍ରାୟ ୨୦ ଜଣ ଆହତ ହୋଇଥିବା ସୂଚନା ଦେଇଛନ୍ତି ଡୋନେସ୍କ ସହରରେ ଥିବା ରୁଷିଆ ଅଧିକାରୀ। ୟୁକ୍ରେନ ସୈନ୍ୟ ଏହି ଆକ୍ରମଣ କରିଥବା ସେ କହିଛନ୍ତି। ତେବେ ଏହି ଅଞ୍ଚଳରେ ଜରୁରୀକାଳୀନ ସେବା ଯୋଗାଇ ଦିଆଯାଉଥିବା ସେ କହିଥିଲେ। ସେହିପରି ରବିବାର ରୁଷିଆର ଉଷ୍ଟ-ଲୁଗା ବନ୍ଦରରେ ଥିବା ଏକ ରାସାୟନିକ ପରିବହନ ଟର୍ମିନାଲରେ ଅଗ୍ନିକାଣ୍ଡ ଘଟିଛି। ଏହି ବନ୍ଦର ଉପରେ ୟୁକ୍ରେନ ଡ୍ରୋନ ଆକ୍ରମଣ କରିବାରୁ ସେଠାରେ ଥିବା ଏକ ଗ୍ୟାସ ଟାଙ୍କିରେ ବିସ୍ଫୋରଣରୁ ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।

# ‘କଂଗ୍ରେସ କର୍ମୀଙ୍କୁ ଡରାଉଛନ୍ତି ଆସାମ ସରକାର’



ଆସାମର ବିଶ୍ୱନାଥ ଜିଲାରେ ସମର୍ଥକମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ରାହୁଲ ଗାନ୍ଧୀ ।

### ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା

**ଗୁଆହାଟୀ,୨୧।୧**

କଂଗ୍ରେସର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଜନସାଧାରଣ ଯୋଗ ନ ଦେବା ପାଇଁ ଆସାମର ଭାଜପା ନେତୃତ୍ୱାଧୀନ ସରକାର ସେମାନଙ୍କୁ ଭୟ ଦେଖାଉଥିବା ରାହୁଲ ଗାନ୍ଧୀ ରବିବାର ଅଭିଯୋଗ କରିଛନ୍ତି। ଯାତ୍ରା ମାର୍ଗରେ କାର୍ଯ୍ୟକ୍ରମ ପାଇଁ ମଧ୍ୟ ସରକାର ଅନୁମତି ଦେଉ ନାହାନ୍ତି। ତେବେ ଜନସାଧାରଣ ଭାଜପାକୁ ଭୟ କରୁ ନ ଥିବା କଂଗ୍ରେସ ନେତା ରାହୁଲ ବିଶ୍ୱନାଥ ଚାଲିଆଲିଠାରେ ଉଦ୍‌ବୋଧନ ଦେଇ କହିଛନ୍ତି। ଆଗାମୀ ନିର୍ବାଚନରେ କଂଗ୍ରେସ ବିପୁଳ ଭୋଟରେ ବିଜୟୀ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ପ୍ରତିଦିନ ଆମେ ୭ରୁ ୮ ଘଣ୍ଟା ଯାତ୍ରା କରୁଥିବାରୁ ଦୀର୍ଘ ଭାଷଣ ଦେଉନାହୁଁ। ତେବେ ଜନସାଧାରଣଙ୍କ ସମସ୍ୟା ଶୁଣି ଏହାକୁ ସରକାରଙ୍କ ପାଖରେ ଉଠାଇବା ଆମର ଲକ୍ଷ୍ୟ।

ଆସାମର ସୋନିତ୍‌ପୁର ଜିଲାରେ କଂଗ୍ରେସ କର୍ମୀମାନେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଭାଗନେଇଥିବା ବରିଷ୍ଠ ନେତା ଜୟରାମ ରମେଶଙ୍କ କାର୍ ଏବଂ କ୍ୟାମେରାମ୍ୟାନ୍‌ଙ୍କ ଉପରେ ଆକ୍ରମଣ ହୋଇଛି। ଭାଜପା କର୍ମୀମାନେ ଏହି ଆକ୍ରମଣ କରିଥିବା କଂଗ୍ରେସ ଅଭିଯୋଗ କରିଛି। ନାଗାଁଓ ଜିଲାର କାଲିଆବୋରଠାରେ ଏକ ରାଲିକୁ ରାହୁଲ ସମ୍ବୋଧିତ କରିବା ପୂର୍ବରୁ ଏହି ଆକ୍ରମଣ ହୋଇଥିଲା।

# ଆଫଗାନିସ୍ତାନରେ ଦୁର୍ଘଟଣାଗ୍ରସ୍ତ ବିମାନ ଭାରତର ନୁହେଁ



ଆଫଗାନିସ୍ଥାନରେ ଦୁର୍ଘଟଣାଗ୍ରସ୍ତ ବିମାନ।

**ନୂଆଦିଲ୍ଲୀ,୨୧।୧(ପି.ଟି.)**

ଆଫଗାନିସ୍ତାନର ଏକ ଗ୍ରାମାଞ୍ଚଳ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନ ଭାରତର ନୁହେଁ ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସ୍ପଷ୍ଟ କରିଛି। ଏହା ରୁଷିଆର ଏକ ଘରୋଇ ଜେଟ୍ ଯେଉଁଥିରେ ୨ ଜଣ ଯାତ୍ରୀ ଓ ୪ କର୍ମଚାରୀ ଥିଲେ। ଉକ୍ତ ବିମାନ ଥାଇଲାଣ୍ଡରୁ ମସ୍କୋ ଯାଉଥିବାବେଳେ ଗୟା ବିମାନବନ୍ଦରରେ ତେଲ ପକାଇବା ପାଇଁ ଅଟକିଥିଲା। ପରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏହା ଭାରତୀୟ ବିମାନ ବୋଲି ପ୍ରଥମେ ଖବର ପ୍ରକାଶ ପାଇଥିଲା। ତେବେ ମରକ୍କୋରେ ପଞ୍ଜୀକୃତ ଡିଏଫ୍-୧୦ ବିମାନ ସହ ଭାରତୀୟ ଏୟାରଲାଇନ୍ସର କୌଣସି ସମ୍ପର୍କ ନ ଥିବା ଡିଜିସିଏ କହିଛି। କାବୁଲଠାରୁ ଉତ୍ତରପୂର୍ବରେ ୨୫୦ କିଲୋମିଟର ଦୂର ବଡ଼ାଖସ୍ତାନ ପ୍ରଦେଶ ଜେବାକ ଜିଲା ନିକଟ ପାର୍ବତ୍ୟାଞ୍ଚଳରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାସ୍ଥଳକୁ ଉଦ୍ଧାରକାରୀ ଟିମ୍ ପଠାଯାଇଥିବାବେଳେ ସ୍ଥାନୀୟ କର୍ତ୍ତୃପକ୍ଷ ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ କରୁଛନ୍ତି।

## ଛୁଟି ନିଷ୍ପତ୍ତି ବଦଳାଇଲା ଦିଲ୍ଲୀ ଏମ୍ସ

**ନୂଆଦିଲ୍ଲୀ,୨୧।୧**

ରାମମନ୍ଦିର ପ୍ରାଣପ୍ରତିଷ୍ଠା ପାଇଁ ସୋମବାର ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ଦିଲ୍ଲୀ ଏମ୍ସ ପକ୍ଷରୁ ଛୁଟି ଘୋଷଣା କରାଯାଇଥିଲା। ଏମ୍ସର ଏଭଳି ଘୋଷଣାକୁ ବିରୋଧୀ ନେତାଙ୍କ ସମେତ ବିଭିନ୍ନ ମହଲରେ ସମାଲୋଚନା କରାଯିବା ପରେ କେନ୍ଦ୍ରୀୟ ହସ୍ପିଟାଲ କର୍ତ୍ତୃପକ୍ଷ ରବିବାର ନିଷ୍ପତ୍ତି ବଦଳାଇଛନ୍ତି। ଶନିବାର ଦିଲ୍ଲୀ ଏମ୍ସର ପ୍ରଶାସନିକ ଅଧିକାରୀ ରାଜେଶ କୁମାର ଏକ ବିଜ୍ଞପ୍ତି ଜରିଆରେ ସୋମବାର ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ହସ୍ପିଟାଲ କର୍ମଚାରୀମାନଙ୍କ ପାଇଁ ଛୁଟି ଘୋଷଣା କରିଥିଲେ। ଜରୁରୀ କ୍ଲିନିକାଲ ସେବା ଜାରି ରହିବ ବୋଲି ବିଜ୍ଞପ୍ତିରେ କୁହାଯାଇଥିଲେ ମଧ୍ୟ ଓପିଡି ସେବା ଜାରି ରହିବ କି ନାହିଁ, କିଛି ଉଲ୍ଲେଖ କରାଯାଇ ନ ଥିଲା। ତେଣୁ ଏହି ସମୟରେ ଆଉଟ୍‌ଡୋର ରୋଗୀମାନେ ଡାକ୍ତରୀ ପରାମର୍ଶରୁ ବଞ୍ଚିତ ହେବା ଆଶଙ୍କା କରାଯାଇଥିଲା। ଏମ୍ସ ଡାକ୍ତରଙ୍କ ସହ ପରାମର୍ଶ ପାଇଁ ଆସୁଥିବା ରୋଗୀ ଦୀର୍ଘଦିନ ମାସ ମାସ ଅପେକ୍ଷା କରିଥାନ୍ତି। ଛୁଟି ଘୋଷଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ରବିବାର ସକାଳେ ଏମ୍ସ ପକ୍ଷରୁ ସାନି ବିଜ୍ଞପ୍ତି ଜାରି କରାଯାଇ ଓପିଡି ଖୋଲା ରହିବ ବୋଲି କୁହାଯାଇଛି।

## ଗୁଜରାଟରେ ରାମଙ୍କ ଶୋଭାଯାତ୍ରାକୁ ଟେକାମାଡ଼

**ନୂଆଦିଲ୍ଲୀ,୨୧।୧**

ଗୁଜରାଟର ମେହସନା ଜିଲାରେ ରବିବାର ରାମଙ୍କ ଶୋଭାଯାତ୍ରା ଯାଉଥିଲାବେଳେ ଟେକାମାଡ଼ ହୋଇଛି। ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଅଯୋଧ୍ୟାରେ ପ୍ରାଣପ୍ରତିଷ୍ଠା ପୂର୍ବରୁ ମେହସନା ଜିଲାର ଖେରାଲୁ ସହରରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ୩ଟି ଟିଅରଗ୍ୟାସ୍ ସେଲ୍ ପ୍ରୟୋଗ କରିଥିଲା। ପୋଲିସ ୧୫ ଜଣଙ୍କୁ ଡାକି ପଚରାଉଚରା କରୁଛି। ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁ ସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିଛି। ଟେକାମାଡ଼ରେ କେହି ଗୁରୁତର ଆହତ ହୋଇ ନ ଥିବା ଆଇଜି ବୀରେନ୍ଦ୍ରସିଂ ଯାଦବ କହିଛନ୍ତି।

## ରାମମନ୍ଦିର ଉଡ଼ାଇଦେବା ଧମକ, ଯୁବକ ଗିରଫ

**ପାଟନା, ୨୧।୧**

ଅଯୋଧ୍ୟା ରାମମନ୍ଦିରକୁ ବିସ୍ଫୋରଣରେ ଉଡ଼ାଇଦେବାକୁ ଧମକ ଦେଇଥିବା ବିହାର ଅରାରିଆ ଜିଲାର ଜଣେ ୨୧ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି। ଇନ୍ତେଖାବ୍ ଆଲାମ ନାମକ ଉକ୍ତ ଯୁବକ ଶୁକ୍ରବାର ପୋଲିସକୁ ଫୋନ୍ କରି ଏଭଳି ଧମକ ଦେଇଥିଲେ। ତାଙ୍କୁ ଶନିବାର ରାତିରେ ବଲୁଆ କାଳିଆଗଞ୍ଜସ୍ଥିତ ବାସଭବନରୁ ଗିରଫ କରାଯାଇଥିବା ଅରାରିଆ ଏସ୍‌ପି ଅଶୋକ କୁମାର ସିଂ କହିଛନ୍ତି। ଅଭିଯୁକ୍ତ ନିଜକୁ ଦାଉଦ୍ ଇବ୍ରାହିମ୍‌ର ଘନିଷ୍ଠ ସହଯୋଗୀ ଛୋଟା ସକିଲ ବୋଲି ଫୋନ୍‌ରେ କହିଥିଲେ। ଆଲାମଙ୍କ ନାଁରେ ଅପରାଧ ରେକର୍ଡ ନ ଥିବାବେଳେ ସେ ମାନସିକ ଅସ୍ଥିର ଥିବା ଜଣାପଡ଼ିଛି। ପ୍ରସଙ୍ଗର ସମ୍ବେଦନଶୀଳତା ଦୃଷ୍ଟିରୁ ତାଙ୍କ ନାମରେ ପଲାସି ଥାନାରେ ମାମଲା ରୁଜୁ କରାଯିବା ସହ ତାଙ୍କ ମୋବାଇଲ ଫୋନ୍‌କୁ ଜବତ କରାଯାଇଛି।

## ‘ରାମ୍ କେ ନାମ୍’ ଡକ୍ୟୁମେଣ୍ଟାରି ପ୍ରଦର୍ଶନ ଉପରେ ରୋକ

**ହାଇଦ୍ରାବାଦ,୨୧।୧**

୧୯୯୨ ଡିସେମ୍ବର ୬ରେ ଅଯୋଧ୍ୟାରେ ବାବ୍ରୀ ମସ୍‌ଜିଦ ଭଙ୍ଗା ଘଟଣା ଉପରେ ଆଧାରିତ ଆନନ୍ଦ ପଟବର୍ଦ୍ଧନଙ୍କ ବୃତ୍ତଚିତ୍ର ‘ରାମ କେ ନାମ୍’କୁ ପ୍ରଦର୍ଶନ କରାଇବା ଅଭିଯୋଗରେ ହାଇଦ୍ରାବାଦ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ହାଇଦ୍ରାବାଦ ସିନେଫିଲେସ୍ କ୍ୟାଫେରେ ଏହାକୁ ପ୍ରଦର୍ଶନ ପାଇଁ ଆୟୋଜନ ଚାଲିଥିବାବେଳେ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଏନେଇ ନେରେଡ୍‌ମେଟ୍ ଥାନାରେ ଅଭିଯୋଗ କରାଯାଇଥିଲା। କ୍ୟାଫେ ମାଲିକ ସୃଜନଙ୍କ ସହମ ଆନନ୍ଦ ସିଂ ଓ ପରାଗ ବର୍ମାଙ୍କୁ ପୋଲିସ ଗିରଫ କରିଛି।

## ଭାରତୀୟ ବିମାନ ବ୍ୟବହାର କଲାନି ମାଳଦ୍ୱୀପ

### ୧୪ ବର୍ଷୀୟ ବାଳକର ମୃତ୍ୟୁ

**ନୂଆଦିଲ୍ଲୀ, ୨୧।୧**

ଭାରତ ଓ ମାଳଦ୍ୱୀପ ମଧ୍ୟରେ କୂଟନୀତି ସ୍ତରରେ ତିକ୍ତତା ଲାଗିରହିଛି। ଭାରତୀୟ ବିମାନକୁ ବ୍ୟବହାର ପାଇଁ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୋଇଜ୍ଜୁ ଅନୁମତି ନ ଦେବାରୁ ଗୁରୁତର ଥିବା ଜଣେ ୧୪ ବର୍ଷୀୟ ବାଳକ ହସ୍ପିଟାଲରେ ପହଞ୍ଚି ନ ପାରି ମୃତ୍ୟୁମୁଖରେ ପଡ଼ିଛି। ସୂଚନା ଅନୁଯାୟୀ ବ୍ରେନ୍ ଟ୍ୟୁମରରେ ପୀଡ଼ିତ ଏହି ବାଳକ ଅଧିକ ଚିକିତ୍ସା ନିମନ୍ତେ ୱିଲିଂଟନ ଦୀପରୁ ଏୟାରଲିଫ୍ଟ ଯୋଗେ ରାଜଧାନୀ ମାଲେକୁ ଯିବା ଦରକାର ଥିଲା। ଏନେଇ ସ୍ଥାନୀୟ ବିମାନ ସେବା ଅଧିକାରୀଙ୍କୁ ପରିବାର ଲୋକେ ଜଣାଇଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ବିଳମ୍ବ ଓ କୌଣସି ଭାରତୀୟ ବିମାନକୁ ବ୍ୟବହାର ନ କରିବାର ଜିଦ୍ ଯୋଗୁ ବାଳକର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଘଟଣାକୁ ଖଣ୍ଡନ କରିଛନ୍ତି ମାଳଦୀପର ପ୍ରତିରକ୍ଷା ମନ୍ତ୍ରୀ ମହମଦ ଗାସନ। ବିଭିନ୍ନ କାର୍ଯ୍ୟ ପାଇଁ ଦେଶର ପ୍ରାୟ ୯୩ ପ୍ରତିଶତ ଲୋକଙ୍କୁ ସ୍ଥାନାନ୍ତର କରିବା ନିମନ୍ତେ ମାଳଦୀପର ବିମାନଗୁଡ଼ିକର ସାମର୍ଥ୍ୟ ରହିଥିବା ବେଳେ ଭାରତୀୟ ବିମାନର ଆବଶ୍ୟକତା ନଥିବା ସେ କହିଛନ୍ତି।

## ନୀତୀଶଙ୍କ ନୂଆ ଟିମ୍‌ରୁ ଲଲନ ସିଂ ବିଦା

### ଜେଡିୟୁ ସଂଗଠନରେ ବଡ଼ ପରିବର୍ତ୍ତନ

**ପାଟନା,୨୧।୧**

ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ଅଧ୍ୟକ୍ଷ ନୀତୀଶ କୁମାର ତାଙ୍କ ଦଳର ନୂଆ କମିଟି ଘୋଷଣା କରିଛନ୍ତି। ନୂଆ ଜାତୀୟ କାର୍ଯ୍ୟକର୍ତ୍ତା ତାଲିକାରେ ଅନେକ ଏମ୍‌ପିଙ୍କୁ ସାଂଗଠନିକ ପଦବୀରୁ ବାଦ୍ ଦିଆଯାଇଥିବାବେଳେ, ବରିଷ୍ଠ ନେତା କେ.ସି. ତ୍ୟାଗୀଙ୍କ ପଦୋନ୍ନତି କରାଯାଇଛି। ନୂଆ ଟିମ୍‌ର ଦଳର ପୂର୍ବତନ ଅଧ୍ୟକ୍ଷ ତଥା ମୁଙ୍ଗେର ଏମ୍‌ପି ରାଜୀବ ରଞ୍ଜନ ସିଂ ଓରଫ ଲଲନ ସିଂଙ୍କୁ ବାଦ୍ ଦିଆଯାଇଛି।



ରାଜୀବ ରଞ୍ଜନ ସିଂ

ସେହିପରି ଲଲନଙ୍କ ଘନିଷ୍ଠ ସହଯୋଗୀ ହର୍ଷବର୍ଦ୍ଧନ ସିଂ ମଧ୍ୟ ନୂଆ କମିଟିରୁ ବାଦ୍ ପଡ଼ିଛନ୍ତି। ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ସହ ଘନିଷ୍ଠତା କାରଣରୁ ସେମାନଙ୍କୁ ଦଳୀୟ ପଦବୀ ଦିଆଯାଇ ନ ଥିବା କୁହାଯାଉଛି। ଅନ୍ୟପକ୍ଷରେ ଲଲନ ନିଜ ନିର୍ବାଚନ ମଣ୍ଡଳୀ ଉପରେ ଅଧିକ ଧ୍ୟାନ ଦେବା ପାଇଁ ସାଂଗଠନିକ ଦାୟିତ୍ୱ ନ ଦେବାକୁ ଅନୁରୋଧ କରିଥିଲେ ବୋଲି ଜଣେ ଦଳୀୟ ନେତା କହିଛନ୍ତି। ଆର୍‌ଜେଡି ସୁପ୍ରିମୋଙ୍କ ସହ ଲଲନଙ୍କ ଘନିଷ୍ଠତା ନେଇ ଅଭିଯୋଗ ହେଉଥିଲେ ମଧ୍ୟ ଏହାର କୌଣସି ପ୍ରମାଣ ନାହିଁ।

MAHARAJA SRIRAM CHANDRA BHANJA DEO UNIVERSITY
SRIRAM CHANDRA VIHAR, TAKATPUR, BARIPADA- 757003 (ODISHA)

**WALK IN INTERVIEW**

No.161/ MSCBU (SFC-205/2019)/2024 Date 18.01.24

No.CAD-3770:- A walk-in-interview for engagement of Guest Faculty on purely temporary basis in the subjects ATS, Botany, Economics, Physics, Odia, Sanskrit, English, Mathematics, Yoga and Naturopathy, Int. B.Ed.-M.Ed., Education and MBA will be conducted as per the scheduled dates. The interested candidate may access the University Website: www.nou.nic.in for details. For any update visit University website from time to time.

By order of Vice-Chancellor
Sd./- Chairman, PG Council
OIPR-11129/11/0002/2324

## ମୂର୍ତ୍ତି ନିର୍ମାଣ ପାଇଁ ଶିଳା ଦେଇଥିବା ଦଳିତଙ୍କୁ ନିମନ୍ତ୍ରଣ ନାହିଁ

**ମହୀଶୂର,୨୧।୧**

ଅଯୋଧ୍ୟା ରାମମନ୍ଦିର ନିମନ୍ତେ ଭଗବାନ ରାମଙ୍କ ମୂର୍ତ୍ତି ନିର୍ମାଣ ଲାଗି ନିଜ ଜମିରୁ ଶିଳା ଦାନ କରିଥିବା ମହୀଶୂରର ଜଣେ ଦଳିତ କୃଷକଙ୍କୁ ୨୨ ତାରିଖ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବକୁ ନିମନ୍ତ୍ରଣ କରାଯାଇ ନାହିଁ। ରାମଦାସ ନାମକ ଏହି ଚାଷୀ ମହୀଶୂର ନିକଟ ଗୁଜେଗୌଡନାପୁରା ଗ୍ରାମ ନିକଟରେ ଥିବା ତାଙ୍କ ଜମିରୁ କୃଷ୍ଣଶିଳା ଦେଇଥିଲେ। ନିଜ ଗାଁରେ ରାମମନ୍ଦିର ନିର୍ମାଣ ଲାଗି ସେ ଜମି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଆବଶ୍ରକତା କ୍ରମେ ତାଙ୍କ ଜମିରୁ ପଥର ଖୋଳାଯାଇଥିଲା ଏବଂ ଶିଳ୍ପୀ ଅରୁଣ ଯୋଗୀରାଜଙ୍କୁ ମୂର୍ତ୍ତି ଗଢ଼ିବା ପାଇଁ ଚୟନ କରାଯାଇଥିଲା ବୋଲି ରାମଦାସ କହିଛନ୍ତି। ଯେଉଁ ଜମିରୁ ଅଯୋଧ୍ୟାକୁ କୃଷ୍ଣଶିଳା ଯାଇଛି, ସେଠାରେ ଏକ ରାମମନ୍ଦିର ନିର୍ମାଣ ଲାଗି ଗ୍ରାମବାସୀ ଇଚ୍ଛା ପ୍ରକାଶ କରିଥିବାରୁ ଉକ୍ତ ଜମିକୁ ସେ ଏଥିପାଇଁ ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।



ରାମଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମହୀଶୂରର ଚାଷୀ ଦେଇଥିବା ଶିଳା।

## ଖୁବ୍‌ଶୀଘ୍ର ଅଯୋଧ୍ୟାରେ ନୂଆ ମସ୍‌ଜିଦ

**ନୂଆଦିଲ୍ଲୀ,୨୧।୧**

ଅଯୋଧ୍ୟା ରାମମନ୍ଦିର ନିର୍ମାଣ ଶେଷ ହେବା ପରେ ମେ’ ମାସରେ ନୂଆ ମସ୍‌ଜିଦ ନିର୍ମାଣ କରିବାକୁ ମୁସଲମାନ ସଂଗଠନ ଯୋଜନା କରିଛନ୍ତି। ‘ମସ୍‌ଜିଦ ମହମ୍ମଦ ବିନ୍ ଅବଦୁଲ୍ଲା’ର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ୩ରୁ ୪ ବର୍ଷ ଲାଗିବ। ଷୋଡ଼ଶ ଶତାବ୍ଦୀର ବାବ୍ରୀ ମସ୍‌ଜିଦକୁ ୧୯୯୨ରେ ଭାଙ୍ଗିଦିଆଯିବା ପରେ ସୁପ୍ରିମକୋର୍ଟଙ୍କ ରାୟ କ୍ରମେ ଉକ୍ତ ବିବାଦୀୟ ଜମିକୁ ମନ୍ଦିର ନିର୍ମାଣ ପାଇଁ ହିନ୍ଦୁ ସଂଗଠନକୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ ସ୍ଥାନଠାରୁ କିଛି ଦୂରରେ ମସ୍‌ଜିଦ ନିର୍ମାଣ ଲାଗି ସରକାର ଜମି ଦେଇଛନ୍ତି। ମସ୍‌ଜିଦ ନିର୍ମାଣ ପବିତ୍ର ରମଦାନ ମାସ ପରେ ମେ’ରୁ ଆରମ୍ଭ ହେବ ବୋଲି ପ୍ରକଳ୍ପର ତଦାରଖ କରିବାକୁ ଥିବା ଇଣ୍ଡୋ-ଇସ୍‌ଲାମିକ କଲ୍‌ଚରାଲ ଫାଉଣ୍ଡେଶନ (ଆଇଆଇସିଏଫ୍) ଉନ୍ନୟନ କମିଟି ମୁଖ୍ୟ ହାଜି ଆରାଫତ ଶେଖ୍ କହିଛନ୍ତି।

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ
OFFICE OF THE DIVISIONAL FOREST OFFICER, DHENKANAL, FOREST DIVISION
Tele Fax No.- 06762226717, e-mail ld-dfo.dhenkanal@odisha.gov.in

**ନିଲାମ ଇସ୍ତାହାର**

No.MM-418:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଢେଙ୍କାନାଳ ବନଖଣ୍ଡ ଅଧୀନରେ ଥିବା କାଜୁ ଜଙ୍ଗଲରୁ ୨୦୨୩-୨୪ (୨୦୨୪ ବର୍ଷର) କାଜୁ ବାଦାମ ସଂଗ୍ରହ କରିବା ପାଇଁ ନିମ୍ନଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁଯାୟୀ ପ୍ରକାଶ୍ୟ ଭାବେ ନିଲାମ କରାଯିବ। ବିକ୍ରି ସର୍ତ୍ତ ଓ କାଜୁ ବାଦାମ ସଂଗ୍ରହ ସ୍ୱତନ୍ତ୍ର ନିୟମାବଳୀଗୁଡ଼ିକ କାଏମ ରହିବ । ନିଲାମ ସମାପ୍ତି ପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ସମ୍ବନ୍ଧରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ। ନିଲାମ ସମ୍ବନ୍ଧୀୟ ବିଶେଷ ବିବରଣୀ ଢେଙ୍କାନାଳ ବନଖଣ୍ଡ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସରେ ସକାଳ ୧୦ ଘଣ୍ଟାଠାରୁ ୫.୩୦ ଘଣ୍ଟା ମଧ୍ୟରେ ମିଳିପାରିବ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୧ | ୨ | ୩ | ୪ |
| ୩୦।୦୧।୨୦୨୪ ଏବଂ ୦୭।୦୨।୨୦୨୪ | ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ, ଢେଙ୍କାନାଳ | ୧. ବେଗା ରିଜର୍ଭ ଜଙ୍ଗଲର ମିଶ୍ରିତ କାଜୁ ପ୍ଲାଣ୍ଟେସନ୍ (କରଡ଼ାବଣି ଭି.ଏସ୍.ଏସ୍. ଏରିଆ) (DL No.26 of 2023-24)<br>୨. ବେଗା ରିଜର୍ଭ ଜଙ୍ଗଲର ମିଶ୍ରିତ କାଜୁ ପ୍ଲାଣ୍ଟେସନ୍ (କରଡ଼ାବଣି ଭି.ଏସ୍.ଏସ୍. ଏରିଆ ବ୍ୟତୀତ) (DL No.27 of 2023-24) | ସକାଳ ୧୧.୦୦ |

OIPR-08037/11/0015/2324
ସ୍ୱା./- ବନଖଣ୍ଡ ଅଧିକାରୀ, ଢେଙ୍କାନାଳ ବନଖଣ୍ଡ

## ରାମଙ୍କ ପୂଜା ଉପରେ ରୋକ ଲଗାଇଛି ତାମିଲନାଡୁ

### ସୀତାରାମନ୍‌ଙ୍କ ସମାଲୋଚନା

**ଚେନ୍ନାଇ/ନୂଆଦିଲ୍ଲୀ,୨୧।୧**

ସୋମବାର ହେବାକୁ ଥିବା ରାମମନ୍ଦିର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅନେକ ଟିଭି ଚ୍ୟାନେଲରେ କରାଯିବ। ଏହି ଆଧ୍ୟାତ୍ମିକ ଅନୁଷ୍ଠାନକୁ ଯେପରି ଦେଶବାସୀ ଦେଖିପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। କିନ୍ତୁ ତାମିଲନାଡୁ ସରକାର ଏହାର ସିଧା ପ୍ରସାରଣ ଉପରେ କଟକଣା ଜାରି କରିଛନ୍ତି। ଏନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରାଜ୍ୟର ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ) ସରକାରଙ୍କୁ ସମାଲୋଚନା କରିଛନ୍ତି। ଏକ ତାମିଲ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଆଧାରରେ ରବିବାର ସୀତାରାମନ୍ କହିଛନ୍ତି, ରାଜ୍ୟ ସରକାର ପ୍ରାଣ ପ୍ରତିଷ୍ଠା ଦିନ ୨୦୦ରୁ ଊର୍ଦ୍ଧ୍ୱ ମନ୍ଦିରରେ ରାମଙ୍କ ପୂଜା ଉପରେ କଟକଣା ଲଗାଇଛନ୍ତି। ଏପରି କି ଜାନୁୟାରୀ ୨୨ରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ମଧ୍ୟ ନିଷିଦ୍ଧ କରିଛନ୍ତି।



ତାମିଲନାଡୁର ମନ୍ଦିରଗୁଡ଼ିକରେ ପ୍ରଭୁ ରାମଙ୍କ ପୂଜନ, ଭଜନ, ପ୍ରସାଦମ୍, ଅନ୍ନଦାନମ୍‌କୁ ସରକାର ବିରୋଧ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଡିଏମ୍‌କେ ସରକାରଙ୍କ ହିନ୍ଦୁ ବିରୋଧୀ ତଥା ଘୃଣ୍ୟ ପଦକ୍ଷେପ ବୋଲି ସୀତାରାମନ୍ ଅଭିଯୋଗ ଆଣିଛନ୍ତି। ଏହାର ଜବାବରେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଦଳ କହିଛି, ସଲେମ୍‌ରେ ଡିଏମ୍‌କେ ଯୁବ କଂଗ୍ରେସର କାର୍ଯ୍ୟକ୍ରମ ଉପରୁ ଧ୍ୟାନ ହଟାଇବା ପାଇଁ ଭାଜପା ଉଦ୍ୟମ ଚଳାଇଛି। ତାମିଲନାଡୁ ହିନ୍ଦୁ ରେଲିଜିଅସ୍ ଆଣ୍ଡ ଚ୍ୟାରିଟେବୁଲ ଏଣ୍ଡୋମେଣ୍ଟ ମନ୍ତ୍ରୀ ପି.କେ. ସେକାର ବାବୁ ଏକ ସୋସିଆଲ ମିଡିଆ ପୋଷ୍ଟରେ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ରାଜ୍ୟ ସରକାର କୌଣସି ପ୍ରକାର କଟକଣା ଜାରି କରିନାହାନ୍ତି। ସଲେମରେ ଚାଲିଥିବା ଡିଏମ୍‌କେ ଯୁବଶାଖାର ସମ୍ମିଳନୀରୁ ଲୋକଙ୍କ ଧ୍ୟାନ ହଟାଇବା ଲାଗି ଭାଜପା ଏପରି ଗୁଜବ ସୃଷ୍ଟି କରିଛି। ଅନ୍ୟପକ୍ଷେ ସଲେମରେ ଡିଏମ୍‌କେ ନେତା ଏ. ରାଜା ଭାଜପାକୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ଆମକୁ ହିନ୍ଦୁ ରାଷ୍ଟ୍ରବାଦ ଦରକାର ନାହିଁ। ଆମେ ଦ୍ରାବିଡ଼ୀୟ ରାଷ୍ଟ୍ରବାଦ ଓ ତାମିଲ୍ ରାଷ୍ଟ୍ରବାଦ ଚାହୁଁ। ଭାଜପା ଆମକୁ ଯେଭଳି ହିନ୍ଦୁରେ ପରିଣତ କରିବାକୁ ଚାହୁଁଛି, ସେଥିରେ ଆମେ ସହମତ ନୋହୁଁ।

IDBI BANK
ଆଞ୍ଚଳିକ କାର୍ଯ୍ୟାଳୟ: ୧ମ ମହଲା, ଆଇଡିବିଆଇ ହାଉସ୍, ଜନପଥ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୨୨, ଫୋନ୍ ନଂ.: ୦୬୭୪-୬୬୧୬୫୪୬, CIN: L65190MH2004GOI148838
**ବିକ୍ରୟ ବିଜ୍ଞପ୍ତି**

ଶ୍ରୀ ସଞ୍ଜୟ କୁମାର ଶତପଥୀଙ୍କ ସୁରକ୍ଷିତ ସ୍ଥାବର ସମ୍ପତ୍ତି ଯାହାକି ପ୍ଲଟ୍ ନଂ.: ୮୮/୩୪୮ ଏବଂ ପ୍ଲଟ୍ ନଂ.: ୮୭, ଖାତା ନଂ.: ୯୭/୬୨, ପ୍ଲଟ୍ ନଂ.: ୮୭/୩୨୯ ଏବଂ ପ୍ଲଟ୍ ନଂ.: ୮୮/୩୩୦, ଖାତା ନଂ.: ୯୭/୨୫, ମୌଜା: କୁମ୍ଭାରିଆ, ତହସିଲ: ଓଡଗାଁ, ଏସ୍‌ଆର୍‌ଥାନା: ନୟାଗଡ, ଜିଲ୍ଲା: ନୟାଗଡ, ଓଡିଶାରେ ଅବସ୍ଥିତ, ତାହାର ବିକ୍ରୟ ବିଜ୍ଞପ୍ତି

ପ୍ରାପ୍ତେଷୁ,

**ଋଣଗ୍ରହୀତା: ମେସର୍ସ ରାଇସ୍ ପଏଣ୍ଟ, ଅଂଶୀଦାରମାନେ: ୧) ଶ୍ରୀ ସଞ୍ଜୟ କୁମାର ଶତପଥୀ (ଗ୍ୟାରେଣ୍ଟିଦାତା/ବନ୍ଧକଦାତା),** ଠିକଣା- ସା: କୁମ୍ଭାରିଆ, ମାଛିପଡା, ନୟାଗଡ, ଓଡ଼ିଶା-୭୫୨୦୭୦, **୨) ଶ୍ରୀମତୀ ସରୋଜିନୀ ଶତପଥୀ (ଗ୍ୟାରେଣ୍ଟିଦାତା),** ଠିକଣା- ସା: କୁମ୍ଭାରିଆ, ମାଛିପଡା, ନୟାଗଡ, ଓଡ଼ିଶା-୭୫୨୦୭୦ ଏବଂ ଖାତା ନଂ.: ୨୦୭୪/୨୬୮, ପ୍ଲଟ୍ ନଂ.: ୨୮୫୮/୩୬୩୧, ରଶ୍ମି ଇଲାଇଟ, ଡୁପ୍ଲେକ୍ସ ନଂ.: ୧୦, ରଶ୍ମି ବିହାର, ଶଙ୍କରପୁର, ଆଇଗିଣିଆ, ଓଡ଼ିଶା - ୭୫୧୦୧୯

ଆପଣମାନଙ୍କୁ ନିମ୍ନ ସ୍ୱାକ୍ଷରକାରୀ ଆଇଡିବିଆଇ ବ୍ୟାଙ୍କ ଲିଃ(ଆଇଡ଼ିବିଆଇ ବ୍ୟାଙ୍କ)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ନୋଟିସ୍ ନିମ୍ନମତେ:

ନିମ୍ନ ସ୍ୱାକ୍ଷରକାରୀ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ଏବଂ କଥିତ ଆକ୍ଟର ଧାରା୧୩(୨) ଅନୁଯାୟୀ ତା.୧୯.୦୬.୨୦୨୧ରିଖରେ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ସମ୍ପୃକ୍ତ ଋଣର ବକେୟା ରାଶି **ଟ.୧,୦୧,୭୦,୧୧୫.୭୩ (ଏକ କୋଟି ଏକ ଲକ୍ଷ ସତୁରୀ ହଜାର ଏକ ଶହ ପନ୍ଦର ଏବଂ ତେସ୍ତରୀ ପଇସା ମାତ୍ର)** ସହିତ ତା.୦୧.୦୪.୨୦୨୧ ଠାରୁ ସେବାବଦ ପରବର୍ତ୍ତୀ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଅପାଣମାନେ ଉପରଦର୍ଶିତ ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ (୧) ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଋଣଗ୍ରହୀତାଙ୍କ ସ୍ଥାବର ସମ୍ପତ୍ତି: ପ୍ଲଟ୍ ନଂ.: ୮୮/୩୪୮ ଏବଂ ପ୍ଲଟ୍ ନଂ.: ୮୭, ଖାତା ନଂ.: ୯୭/୬୨, ପ୍ଲଟ୍ ନଂ.: ୮୭/୩୨୯ ଏବଂ ପ୍ଲଟ୍ ନଂ.: ୮୮/୩୩୦, ଖାତା ନଂ.: ୯୭/୨୫, ମୌଜା: କୁମ୍ଭାରିଆ, ତହସିଲ: ଓଡଗାଁ, ଏସ୍‌ଆର୍‌ଥାନା: ନୟାଗଡ, ଜିଲ୍ଲା: ନୟାଗଡ, ଓଡିଶାକୁ ତା.୨୦.୦୯.୨୦୨୧ରିଖରେ ଦଖଲକୁ ନେଇଛନ୍ତି । ଯାହାକି ତା.୨୨.୦୯.୨୦୨୧ରିଖରେ “ଦ ସମାଜ ଏବଂ ଦ ଟାଇମ୍ସ ଅଫ୍ ଇଣ୍ଡିଆ”ରେ ପ୍ରକାଶିତ ହୋଇଥିଲା। ନିମ୍ନ ସ୍ୱାକ୍ଷରକାରୀ କଥିତ ରୁଲ୍ସର ରୁଲ୍ ୮(୨) ଏବଂ ୮(୧) ଅନୁସାରେ ଦଖଲ ନୋଟିସ୍ ଜାରି କରିଛନ୍ତି।

ଋଣଗ୍ରହୀତାଙ୍କ ଉପରୋକ୍ତ ସୁରକ୍ଷିତ ସ୍ଥାବର ସମ୍ପତ୍ତି ଦଖଲକୁ ନିଆଯାଇ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସେଗୁଡ଼ିକୁ ବିକ୍ରୟ କରିବା ପାଇଁ ସ୍ଥିର କରାଯାଇଛି। ତଦନୁସାରେ ଏତଦ୍‌ଦ୍ୱାରା ଆପଣମାନଙ୍କୁ କଥିତ ରୁଲ୍ସର ରୁଲ୍ ୯(୧) ଅନୁସାରେ ନୋଟିସ୍ ଦିଆଯାଉଛି କି, ଏହି ନୋଟିସ୍ ତାରିଖର ୧୫ ଦିନ ପରେ ଉପରୋକ୍ତ ସ୍ଥାବର ସମ୍ପତ୍ତି କଥିତ ରୁଲ୍ସର ରୁଲ୍ ୮(୫)ରେ ଦର୍ଶିତ ନିମ୍ନଲିଖିତ ଯେ କୌଣସି ପଦ୍ଧତି ଅନୁସାରେ ବିକ୍ରୟ କରାଯିବ।

କ) ସୁରକ୍ଷିତ ସମ୍ପତ୍ତି କାରବାର କରୁଥିବା ପକ୍ଷମାନଙ୍କଠାରୁ କିମ୍ବା ଏପରି ସମ୍ପତ୍ତି କ୍ରୟ କରିବାକୁ ଆଗ୍ରହୀଥିବା ପକ୍ଷମାନଙ୍କଠାରୁ କୋଟେସନ୍ (ମୂଲସୂଚୀ) ଗ୍ରହଣ କରି; କିମ୍ବା
ଖ) ସର୍ବସାଧାରଣଙ୍କ ଠାରୁ ଟେଣ୍ଡର ଆହ୍ୱାନ କରି; କିମ୍ବା
ଗ) ଇ-ନିଲାମ ମାଧ୍ୟମରେ ସର୍ବସାଧାରଣ ନିଲାମ ଡାକିବା ଦ୍ୱାରା; କିମ୍ବା
ଘ) ଚୁକ୍ତି ମାଧ୍ୟମରେ ଘରୋଇ ପକ୍ଷମାନଙ୍କୁ ବିକ୍ରୟ କରିବା।

ଅପାଣମାନେ ସମ୍ପୂର୍ଣ୍ଣ ବକେୟା ରାଶି: **ଟ.୧,୦୧,୭୦,୧୧୫.୭୩ (ଏକ କୋଟି ଏକ ଲକ୍ଷ ସତୁରୀ ହଜାର ଏକ ଶହ ପନ୍ଦର ଏବଂ ତେସ୍ତରୀ ପଇସା ମାତ୍ର)** ସହିତ ତା.୦୧.୦୪.୨୦୨୧ଠାରୁ ସେବାବଦ ପରବର୍ତ୍ତି ସୁଧ ଓ ଖର୍ଚ୍ଚ ପୈଠ କରି ଧାର୍ଯ୍ୟ ସମୟସୀମା ମଧ୍ୟରେ ସୁରକ୍ଷିତ ସ୍ଥାବର ସମ୍ପତ୍ତିର ଦଖଲ ଫେରାଇ ନେଇପାରନ୍ତି। ଏହି ନୋଟିସ୍ ତାରିଖଠାରୁ ୧୫ ଦିନ ମଧ୍ୟରେ ଦାବୀ କରାଯାଇଥିବା ଉପରୋକ୍ତ ବକେୟା ରାଶି ପ୍ରଦାନ କରିବାକୁ ଅସଫଳ ହେଲେ, ନିମ୍ନ ସ୍ୱାକ୍ଷରକାରୀ ଆଇଡିବିଆଇ ବ୍ୟାଙ୍କ ସର୍ବୋତ୍ତମ ସ୍ୱାର୍ଥର ଆବଶ୍ୟକତା ଅନୁସାରେ ଉପରୋକ୍ତ ଯେକୌଣସି ପଦ୍ଧତି ଅନୁସରଣ କରି ସୁରକ୍ଷିତ ସ୍ଥାବର ସମ୍ପତ୍ତିକୁ ବିକ୍ରୟ କରିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାର ରହିଛି।

ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍‌ଟି କଥିତ ରୁଲ୍ସର ରୁଲ୍ ୯(୧) ଅନୁସାରେ ଜାରି କରାଯାଇଛି।
* ସବିଶେଷ ସୂଚନା ପାଇଁ ପଞ୍ଜିକୃତ ଠିକଣାରେ ନୋଟିସ୍ ପ୍ରଦାନ କରାଯାଇଥିବା ନୋଟିସ୍ ଦ୍ରଷ୍ଟବ୍ୟ କିମ୍ବା ସମ୍ପୃକ୍ତ ଶାଖାକୁ ଯୋଗାଯୋଗ କରିପାରନ୍ତି।

ସ୍ଥାନ: ଭୁବନେଶ୍ୱର, ତା: ୨୨.୦୧.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡିବିଆଇ ବ୍ୟାଙ୍କ ଲିଃ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଅଯୋଧ୍ୟାରେ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଲୟାପଲ୍ଲୀ ଶାଖା ପକ୍ଷରୁ ଯଜ୍ଞକାର୍ଯ୍ୟ, ବାଲେଙ୍କେଶ୍ୱର ମନ୍ଦିରରେ ଥିବା ମହାବୀର ହନୁମାନଙ୍କ ମନ୍ଦିର, ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ୧୦୦୮ ଦୀପ ପ୍ରଜ୍ୱଳନ, ବିନ୍ଦୁସାଗର କୂଳ ନୀଳକଣ୍ଠେଶ୍ୱର ମନ୍ଦିର ନିକଟ ସୀତା ମଠ, ମଧ୍ୟାହ୍ନ ୧୨ଟା।
- ଅଜିତ୍ ନାଟ୍ୟ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଭୁବନେଶ୍ୱର, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା ୩୦।
- ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ଗୀତିନାଟ୍ୟ 'ରାମାୟଣ', ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା ୩୦।
- ନାଟକ 'ଗପସପ ସେଣ୍ଟର', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୨୫।

**ବାଲିଅନ୍ତା**

- ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ସମୂହ ହନୁମାନ ଚାଳିଶା ପାଠ ଓ ଦୀପ ଦାନ, ହଂସପାଳର ଶ୍ରୀ ମହାବୀର ମନ୍ଦିର ପରିସର, ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, କୁଶଗାଡ଼ିଆ ମଠ ପରିସର, ସକାଳ ୯ଟା।
- ୨୭ତମ ବାର୍ଷିକ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର ସୂର୍ଯ୍ୟପୂଜା ଓ ଗୋ ପୂଜା, ବଇଁଚୁଆସ୍ଥିତ ଶ୍ରୀ ସିଦ୍ଧେଶ୍ୱର ମନ୍ଦିରର ପରିସର ପୂର୍ବାହ୍ନ ୧୦ଟା।





ତୃତୀୟ ପଥ ଉତ୍ସବରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ଶଶାଙ୍କ ଶେଖର ମଞ୍ଚରୁ ଓହ୍ଲାଇ ଦର୍ଶକଙ୍କ ଗହଣରେ ଗୀତ ଗାଉଛନ୍ତି। (ଫଟୋ– ମନୋରଞ୍ଜନ ମିଶ୍ର)

# ଯୋଶ୍ ଭରିଲା ପଥ ଉତ୍ସବ

## କଳାଭୂମି-ମଧୁସୂଦନ ପାର୍କ ରାସ୍ତା ଲୋକାରଣ୍ୟ

**ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)**

ରବିବାର ଶୀତୁଆ ସକାଳରେ ରାଜଧାନୀବାସୀଙ୍କ ମଧ୍ୟରେ ଯୋଶ୍ ଭରିଲା ତୃତୀୟ ପଥ ଉତ୍ସବ। ରାସ୍ତା ସାରା ଝୋଟି ପଡ଼ିଥିବାବେଳେ ପୁରାନି ୟାଦେ, ଗଜଲ, କିଡୋ କିଙ୍ଗଡମ୍, ଜୁମ୍ବା, ହେଲ୍‌ଥ କ୍ୟାମ୍ପ, ୱେଲନେସ୍ କର୍ନର, ସ୍ପୋର୍ଟସ, କ୍ରାଫ୍ଟ ଜୋନ୍, ଓପନ ଜିମ୍, ରାଜସ୍ୱ କେନ୍ଦ୍ର, ସାଇନ୍ ଲାଙ୍ଗୁଏଜ୍, ଯୋଗ, ଷ୍ଟ୍ରିଟ୍ ଡ୍ୟାନ୍ସ ଓ ମ୍ୟୁଜିକ୍‌ରେ କଳାଭୂମି–ମଧୁସୂଦନ ପାର୍କ ରାସ୍ତା ଉତ୍ସବମୁଖରିତ ହୋଇଉଠିଥିଲା। ବାସ୍କେଟ ବଲ୍, ବ୍ୟାଡ ମିଣ୍ଟନ, ସ୍ଲାଇଡ୍, ସାପ–ଶିଡି ଖେଳ, ଏକଚକିଆ ସାଇକେଲ ଚାଳନା, ଚିତ୍ରାଙ୍କନ, କ୍ଲେ ମଡେଲିଂ, ଗଞ୍ଜାମର ଯୋଡି ଶଙ୍ଖ ଓ ଘୋଡା ନାଚ ଲୋକଙ୍କ ମନ ମୋହିଥିଲା । ଆକର୍ଷଣ ସାଜିଥିଲା କୁନି ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ସ୍କେଟିଂ ଶୋ'। ନୃତ୍ୟ ଗୀତ, କମେଡି, ଏକକ ଅଭିନୟ ଆଦି ଦର୍ଶକମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ମୁଖ୍ୟ ମଞ୍ଚ ଓ ଦ୍ୱିତୀୟ ମଞ୍ଚ ନିକଟରେ ଲୋକଙ୍କ ପ୍ରବଳ ଗହଳି ଜମିଥିଲା। କାନାଡା ବ୍ୟାଙ୍କ ଷ୍ଟଲ ନିକଟରେ କ୍ୟାଲେଣ୍ଡର ନେବାକୁ ଭିଡ଼ ଲାଗିଥିଲା।



ପଥ ଉତ୍ସବ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଅଶ୍ୱିନୀ କୁମାର ପାତ୍ର, ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟମାନେ।

## 'ସୁପ୍ତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ'

ଉତ୍ସବରେ ଅତିଥି ଭାବେ ବିଜ୍ଞାନ ଓ କାରିଗରି କୌଶଳ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ଏହି ଅଞ୍ଚଳରେ ହକି ଷ୍ଟାଡିୟମ, କଳାଭୂମିଠାରୁ ଆରମ୍ଭ କରି ଅନେକ ଉନ୍ନତି ମୂଳକ କାମ ହୋଇଛି। ଆଗକୁ ଆହୁରି ଅନେକ ଉନ୍ନତି ମୂଳକ କାମ କରାଯିବ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି । ସବୁଜ, ସ୍ୱଚ୍ଛ, ସୁନ୍ଦର ହୋଇଥିବାରୁ ଭୁବନେଶ୍ୱରକୁ ଭାରତ ସରକାର ସ୍ମାର୍ଟ ସିଟିର ମାନ୍ୟତା ପ୍ରଦାନ କରିଛନ୍ତି । କଳା ସଂସ୍କୃତି, ପର୍ଯ୍ୟଟନ ସହ ଏହାକୁ ଆହୁରି ସୁନ୍ଦର କରିବା ପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱନୀ ପାତ୍ର କହିଛନ୍ତି। କର୍ମକ୍ଳାନ୍ତ ଜୀବନକୁ ମନୋରଞ୍ଜନ ଦେବା ସହ ସହରରେ ଲୁଚି ରହିଥିବା ସୁପ୍ତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ପଥ ଉତ୍ସବ ବେଶ ସହାୟକ ହୋଇପାରିଛି ବୋଲି ବିଏମ୍‌ସି ମେୟର ସୁଲୋଚନା ଦାସ କହିଥିଲେ। ଅନ୍ୟପଟେ କଠୋର ପରିଶ୍ରମ କରୁଥିବା ଭୁବନେଶ୍ୱରବାସୀଙ୍କ ମନରେ ଖୁସି ଭରିବା ପାଇଁ ଏହି ପଥ ଉତ୍ସବକୁ ବିଏମ୍‌ସିର ପ୍ରତି ଜୋନ୍‌ରେ କରାଯାଉଥିବା ସ୍ୱାଗତ ଭାଷଣ ଦେବା ଅବସରରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ, ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ସହରବାସୀଙ୍କୁ 'ମୋ ଖତ' ଉପହାର

ନାଗରିକଙ୍କୁ ସଚେତନ କରିବା ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ୍ ଲଗାଯାଇଥିଲା। ସହରରୁ ବାହାରୁଥିବା ଜୈବିକ ଅବର୍ଜନାରୁ ପ୍ରସ୍ତୁତ 'ମୋ ଖତ' ସହରବାସୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ୫୦ରୁ ଅଧିକ 'ମୋ ଖତ' ପ୍ୟାକେଟ୍ ପ୍ରଦାନ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଜୈବିକ ଆବର୍ଜନା ଓ ଅଜୈବିକ ଆବର୍ଜନା ପୃଥକ ପୃଥକ କରି ଅଳିଆ ଗାଡ଼ିରେ ଦେବା ଦ୍ୱାରା ଏପରି ମୋ ଖତ ପ୍ରସ୍ତୁତ କରିବା ଅପେକ୍ଷାକୃତ ସହଜ ହୋଇଥାଏ। ସେହିପରି ସହରବାସୀ ନିଜ କିଚେନଗାର୍ଡେନରେ ରାସାୟନିକ ସାର ପରିବର୍ତ୍ତେ 'ମୋ ଖତ' ବ୍ୟବହାରର ଉପକାରିତା ସମ୍ପର୍କରେ ସୂଚନା ଦିଅଯାଇଥିଲା।

## ଝୁମାଇଲେ ଶଶାଙ୍କ, ଅନ୍ତରା

### ନଚାଇଲେ ଶାଶ୍ୱତ ଯୋଶୀ, ସିଜ୍‌ଲେର୍ସ ଡ୍ୟାନ୍ସ ଗ୍ରୁପ୍

ଓଲିଉଡ୍ କଣ୍ଠଶିଳ୍ପୀ ଶଶାଙ୍କ ଶେଖରଙ୍କ ଗୀତରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ତାଙ୍କ ସହ ଅନ୍ତରା ଚକ୍ରବର୍ତ୍ତୀଙ୍କ ଗୀତରେ ଝୁମିଥିଲେ ହଜାର ହଜାର ଦର୍ଶକ। ଉଭୟ ମଞ୍ଚରୁ ତଳକୁ ଆସି ଦର୍ଶକଙ୍କ ମେଳରେ ଗୀତ ଗାଇଥିଲେ। ବିଶେଷକରି ଯୁବଗୋଷ୍ଠୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ସେହିପରି ଅନ୍ତର୍ଜାତୀୟ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ ଓ ଲାସ୍ୟ କଳା ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀ ଦର୍ଶକଙ୍କ ଖୁବ୍ ମନୋରଞ୍ଜନ କରିଥିଲେ। ପରେ ଭୁବନେଶ୍ୱର ଅଗ୍ରଣୀ ସାଂସ୍କୃତିକ ସଂଗଠନ ସିଜ୍‌ଲେର୍ସ ଡ୍ୟାନ୍ସ ଗ୍ରୁପ୍‌ର ଧାମାକାଦାର ନୃତ୍ୟ ତାଳେ ତାଳେ ଦର୍ଶକ ମଧ ନାଚି ଉଠିଥିଲେ।

## ଆକୃଷ୍ଟ କଲା ନାଟକ 'ପ୍ରହ୍ଲାଦ'

ପଥ ଉତ୍ସବରେ ସ୍ୱତନ୍ତ୍ର ପ୍ରଶଂସା ସାଉଁଟିଥିଲା 'ପ୍ରହ୍ଲାଦ' ନାଟକ। ଗଞ୍ଜାମ ଜିଲା ବୋମକୋଇ ଅଞ୍ଚଳର ଶ୍ରୀ ଗୋପୀନାଥ ନାଟ୍ୟ କଳା ସଂସଦ ପକ୍ଷରୁ ଏହା ପ୍ରସ୍ତୁତ କରାଯାଇଥିଲା। ବରିଷ୍ଠ ନାଗରିକମାନେ ଏଠାରେ ଭିଡ଼ ଜମାଇଥିବାବେଳେ କୁନି ପିଲାଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ନୂଆ ଅନୁଭୂତି ଥିଲା। ଗୁରୁ ସ୍ୱର୍ଗତ ତ୍ରିନାଥ ପ୍ରଧାନଙ୍କ ଶିଷ୍ୟମାନେ ସ୍ୱତନ୍ତ୍ର ଆଭୂଷଣ ପରିଧାନ କରି ଅଭିନୟ କରିଥିଲେ।





ନୃତ୍ୟଗୁରୁ ଶାଶ୍ୱତ ଯୋଶୀ ଓ ସାଥୀ ନୃତ୍ୟ ପରିବେଷଣ କରୁଛନ୍ତି।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନାଟକ ଉତ୍ତରଣ

**ଭୁବନେଶ୍ୱର,୨୧।୧(ଶର୍ମିଷ୍ଠା ପାଣିଗ୍ରାହୀ) :** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ସରକାରୀ ସ୍ତରରେ ବ୍ୟାପକ ଆୟୋଜନ କରାଯାଉଛି । ଏହି ମର୍ମରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଆ କାବ୍ୟ କବିତାକୁ ନେଇ ଏକ ନାଟକ ପରିବେଷଣ କରାଯିବ । ଓଡ଼ିଆ ଭାଷାର ବିକାଶକ୍ରମ:ଏକ ମଞ୍ଚାୟନକୁ ନେଇ ନାଟକ 'ଉତ୍ତରଣ' ସୋମବାର ସନ୍ଧ୍ୟା ସାଢେ ୬ ଘଟିକା ସମୟରେ ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ମଞ୍ଚସ୍ଥ ହେବ । ଏହାକୁ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଉପସ୍ଥାପନ କରିବେ । ଏଥିରେ ସପ୍ତଦଶ ଶତାବ୍ଦୀଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଓଡ଼ିଆ କାବ୍ୟକବିତା ମାନ ନାଟକ ମାଧ୍ୟମରେ ପ୍ରଦର୍ଶିତ ହେବ ।ସୂଚନାଯୋଗ୍ୟ, ଆସନ୍ତା ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନରେ ଏହି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଆ ଭାଷାକୁ ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବା ସହ ନାନାବିଧ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।



ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଅଡିଟୋରିୟମରେ ବ୍ରହ୍ମକୁମାରୀର ୪୮ତମ ବାର୍ଷିକ ଉତ୍ସବ ଓ 'ୟୁଥ୍ ଇଣ୍ଡିଆ ହେଲ୍‌ଦି ଇଣ୍ଡିଆ' କ୍ୟାମ୍ପେନ୍‌ରେ ଯୋଗଦେଇଥିବା ଅତିଥିମାନେ।

# ନନ୍ଦନକାନନରେ ରୋଗରେ ଆକ୍ରାନ୍ତ ବାଘ ନନ୍ଦନ

**ବାରଙ୍ଗ,୨୧।୧(ଲିଙ୍ଗରାଜ ରାଉତ)**

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୩(ଘ) ଖୁଆଡ଼ରେ ରହୁଥିବା ବାଘ ନନ୍ଦନ ଅସୁସ୍ଥ ହୋଇପଡ଼ିଛି। ସେ ଠିକ୍ ଭାବେ ଚାଲି ପାରୁନି। ଗତ କିଛି ଦିନ ହେବ ନନ୍ଦନ ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ତାର ପଛ ଗୋଡ଼ କାମ କରୁ ନ ଥିବାବେଳେ ସେ ଗୋଟିଏ ସ୍ଥାନରେ ପଡ଼ିରହୁଛି। ନନ୍ଦନର ଚିକିତ୍ସା ଚାଲିଛି। ତେବେ ନନ୍ଦନ ୨୦୧୩ ଫେବୃଆରୀରେ ଚନ୍ଦକା– ଡମପଡା ଓ ନନ୍ଦନକାନନ ଜଙ୍ଗଲରେ ଆତଙ୍କ ସୃଷ୍ଟି କରିଥିଲା। ପରେ ନନ୍ଦନକାନନରେ ରହୁଥିବା ବାଘୁଣୀ ସାରା ପ୍ରେମରେ ପଡ଼ି ନନ୍ଦନକାନନରେ ଧରା ପଡ଼ି ପୁଣି ଖସି ଯାଇଥିଲା। ଦୀର୍ଘ ୪ ମାସର କସରତ ପରେ ଶେଷରେ ୨୦୧୩ ଜୁନ ୬ରେ ଧରା ପଡ଼ି ନନ୍ଦନକାନନରେ ବାଘୁଣୀ ମେଘା ଓ ସାରା ସହ ବାଘ ବଂଶ ବୃଦ୍ଧି କରିବାରେ ସହାୟକ ହୋଇଥିଲା। ଅନ୍ୟପଟେ ରବିବାର ବିଳମ୍ବିତ ରାତିରେ ନୂଆପଡ଼ା ଜିଲାରୁ ଉଦ୍ଧାର ହୋଇ ଏକ ବଜ୍ରକାପ୍ତା ନନ୍ଦନକାନନକୁ ଆସିବାର ଥିବାରୁ ଡାକ୍ତରଖାନା କର୍ମଚାରୀ ସଜାଗ ହୋଇ ରହିଛନ୍ତି। ତେବେ ଆସିବାକୁ ଥିବା ବଜ୍ରକାପ୍ତାର ସ୍ୱାସ୍ଥ୍ୟ ପରୀକ୍ଷା କରି ଡାକ୍ତରଖାନାରେ ରଖାଯିବାର ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି। ଏହି ବଜ୍ରକାପ୍ତାଟିକୁ ନୂଆପଡ଼ା ଜିଲାର ନଙ୍ଗଲବୋଡ଼ଠାରୁ ଶୁକ୍ରବାର ସିନାପାଲି ବନ ବିଭାଗ ଜବତ କରିଥିଲା।

# ୨୪ରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ବିଲ୍ଡିଂ ଲୋକାର୍ପଣ

**ସାକ୍ଷୀଗୋପାଳ,୨୧।୧**
**(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)**

ପୁରୀ ଜିଲା ସତ୍ୟବାଦୀରେ ରାଜ୍ୟ ସରକାରଙ୍କ ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ ବିଲ୍ଡିଂକୁ ଆସନ୍ତା ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ(ଭିସି) ମାଧ୍ୟମରେ ଲୋକାର୍ପଣ କରିବେ। ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଏକ ପ୍ରଶାସନିକ କୋଠା, ୧୮୦ ବିଦ୍ୟାର୍ଥୀଙ୍କ ନିମନ୍ତେ ଶ୍ରେଣୀଗୃହ, ପାଠାଗାର, ବିଦ୍ୟାର୍ଥୀଙ୍କ ୨ଟି ଛାତ୍ରାବାସ, ଭୋଜନାଳୟ ଓ ରାଧାକୁଣ୍ଡ ପୋଖରୀର ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ରହିଛି।

ପ୍ରକାଶଥାଉକି, ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ ନିମନ୍ତେ ୨୦୨୧ ଡିସେମ୍ବର ୮ରେ ମୁଖ୍ୟମନ୍ତ୍ରୀ ସତ୍ୟବାଦୀର ବକୁଳବନଠାରେ ଏକ ବକୁଳ ଗଛ ଲଗାଇବା ସହ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ବକୁଳବନଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ସାଇନ୍ ବୋର୍ଡ ଲଗାଯିବା ପରେ ଓବିସିସି ଉକ୍ତ ନିର୍ମାଣ କାର୍ଯ୍ୟ ହାତକୁ ନେଇ ଭୁବନେଶ୍ୱରର ଅଚାର୍ଯ୍ୟ ବ୍ରଦର୍ଶ



ପୁରୀ ଜିଲା ସତ୍ୟବାଦୀର ବକୁଳବନଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ଓଡ଼ିଆ ବିଶ୍ୱବିଦ୍ୟାଳୟ।

### ଭିସି ମାଧ୍ୟମରେ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

କନ୍‌ଷ୍ଟ୍ରକଶନ ଲିମିଟେଡ୍‌କୁ ନିର୍ମାଣ କାର୍ଯ୍ୟ ପାଇଁ ହସ୍ତାନ୍ତର କରିଥିଲା। ପ୍ରଥମେ ସୂଚନା ଅନୁଯାୟୀ, ଗତବର୍ଷ ଅଗଷ୍ଟ ୩୧ରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିବ ବୋଲି କୁହାଯାଇଥିଲା। ହେଲେ ନିର୍ମାଣ କାର୍ଯ୍ୟ ନ ସରିବାରୁ ଏହାର ଅବଧି ପୁନର୍ବାର ବୃଦ୍ଧି କରାଗଲା। ଏପଟେ ସରକାର ଗତବର୍ଷ ସେପ୍ଟେମ୍ବର ୫ ଗୁରୁ ଦିବସ ଅବସରରେ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ନ ସରିଥିବାରୁ ସାକ୍ଷୀଗୋପାଳ ପାଠଶାଳାକୁ ଉଚ୍ଚ ଶିକ୍ଷା ବିଭାଗ ଭଡ଼ାସୂତ୍ରରେ ନେଇ ପ୍ରଥମ ପର୍ଯ୍ୟାୟରେ ପ୍ରାରମ୍ଭିକ ସ୍ନାତକୋତ୍ତର ପାଠ୍ୟଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଶ୍ୱବିଦ୍ୟାଳୟରେ ୩ଟି ବିଭାଗରେ ୨୪ ଲେଖାଏଁ ସମୁଦାୟ ୭୨ଜଣ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାର୍ଥୀମାନେ ଏଠାରେ ପଢିବା ସହ ସ୍ଥାନୀୟ ସାକ୍ଷୀଗୋପାଳ କଲେଜ ହଷ୍ଟେଲରେ ରହୁଛନ୍ତି। ବିଶ୍ୱବିଦ୍ୟାଳୟରେ ଭିସି ପଦବୀ ବିଭାଗ ପୂରଣ ହୋଇଥିଲେ ମଧ ରେଜିଷ୍ଟ୍ରର, ଅଧ୍ୟକ୍ଷ, ପ୍ରଫେସର ଓ ଅଫିସ କର୍ମଚାରୀ ଡେପୁଟେଶନରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ ପଣ୍ଡା କହିଛନ୍ତି, ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ, ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନ ଓ ସତ୍ୟବାଦୀ ବିଧାୟକଙ୍କୁ କୃତଜ୍ଞତା ଦେବା ସହ ପଞ୍ଚସଖାଙ୍କ ପ୍ରତି ଏହା ରାଜ୍ୟ ସରକାରଙ୍କ ଏକ ସମ୍ମାନ।

## 'ଭାରତ ଯୋଡ଼ ନ୍ୟାୟ ଯାତ୍ରା'

### ଓଡ଼ିଶା ପାଇଁ ୨ଜଣଙ୍କୁ ସ୍ୱତନ୍ତ୍ର ସଂଯୋଜକ ନିଯୋଜିତ

**ଭୁବନେଶ୍ୱର, ୨୧।୧(ଅସମାପିକା ସାହୁ):** ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ ନ୍ୟାୟ ଯାତ୍ରା'ର ଠିକ୍ ପରିଚାଳନା ଏବଂ ସମନ୍ୱୟ ପାଇଁ ଏଆଇସିସି ପକ୍ଷରୁ ବିଭିନ୍ନ ରାଜ୍ୟ ପାଇଁ ସ୍ୱତନ୍ତ୍ର ସଂଯୋଜକ ଭାବେ ଏଆଇସିସି ସମ୍ପାଦକମାନଙ୍କୁ ନିଯୋଜିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପାଇଁ ଏଆଇସିସି ସମ୍ପାଦକ ବିଏମ୍ ସନ୍ଦୀପ ଓ ରାମକୃଷ୍ଣ ଓଝା ସ୍ୱତନ୍ତ୍ର ସଂଯୋଜକ ଭାବେ କାର୍ଯ୍ୟ ନିର୍ବାହ କରିବେ। ନିଯୋଜିତ ହୋଇଥିବା ସ୍ୱତନ୍ତ୍ର ସଂଯୋଜକମାନେ ତୁରନ୍ତ କାର୍ଯ୍ୟଭାର ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏଆଇସିସି ସାଧାରଣ ସମ୍ପାଦକ(ସଙ୍ଗଠନ) ଭେନୁ ଗୋପାଳ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ସଙ୍କୀର୍ତ୍ତନ ପ୍ରତିଯୋଗିତାରେ ଜଟଣୀର ଘୋରସୁଆଁ ପ୍ରଥମ

**ବାରଙ୍ଗ,୨୧।୧(ଲିଙ୍ଗରାଜ ରାଉତ)**

ରାଜଧାନୀ ଉପକଣ୍ଠ ଇଞ୍ଜଣା ପଞ୍ଚାୟତର ଇଞ୍ଜଣା ଗ୍ରାମ୍ୟ ମଙ୍ଗଳ କମିଟି ପକ୍ଷରୁ ୧୨ତମ ଓଡ଼ିଶୀ ସଙ୍କୀର୍ତ୍ତନ ପ୍ରତିଯୋଗିତା ମା' ଦୁଲ୍ଲାଦେଇ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନରୁ ୧୦ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାକୁ ଯୁବବର୍ଗଙ୍କୁ ପ୍ରେରଣା ଦେଇଥିଲେ। ପ୍ରତିଯୋଗିତାରେ ଜଟଣୀର ଘୋରସୁଆଁ ଶ୍ରେଷ୍ଠ ଦଳ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି ପିପିଲିର କେରୁଣ୍ଡେଇ ମାର୍ଥା ଓ ଯାଆଁଳାର ମୁଣ୍ଡମୁହାଣ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ଗାୟକ ଭାବେ ଧନେଶ୍ୱର ମାଝୀ, ଶ୍ରେଷ୍ଠ ବାୟକ ମୋହନ ପରିଡ଼ା ଏବଂ ଶ୍ରେଷ୍ଠ ପାଳିଆ ରବୀନ୍ଦ୍ରନାଥ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। କମିଟି ସଭାପତି ପ୍ରଦୀପ ଦାସ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀଧର ବେହେରା, ୫୨ ମଣ୍ଡଳ ମହନ୍ତ ନଳିନୀକାନ୍ତ ସ୍ୱାଇଁ, ମୁଖ୍ୟ ଉପଦେଷ୍ଟା ଅର୍ଜୁନ ପରିଡ଼ା, ୫୨ ମଣ୍ଡଳ ଅଧିକାରୀ ବିଷ୍ଣୁଚରଣ ପରିଡ଼ା ଏବଂ ଗ୍ରାମ୍ୟ ମଙ୍ଗଳ କମିଟି ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ଇନ୍ଦ୍ରେଶ୍ୱର ଦେବଙ୍କ ଯଜ୍ଞ ପାଇଁ ବେଲ କାଠ ପହଞ୍ଚିଲା



ନିରାକାରପୁର,୨୧।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲାର ଇନ୍ଦ୍ରେଶ୍ୱର ମହାଦେବଙ୍କ ୨୧ତମ ବାର୍ଷିକ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଆସନ୍ତା ଫେବୃଆରୀ ୧୯ରେ ଅନୁଷ୍ଠିତ ହେ। ଏନେଇ ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତ ଅନ୍ତର୍ଗତ ଦେଉଳିଅରାଙ୍ଗ ଗ୍ରାମରୁ ଏକ ଗାଡିରେ ବେଲକାଠ ଯଜ୍ଞ ପୀଠସ୍ଥଳରେ ପହଞ୍ଚିଛି। ଏହି କାର୍ଯ୍ୟକ୍ରମରେ ଅରାଙ୍ଗ ଗ୍ରାମର ଦୀପକ କୁମାର ପ୍ରଧାନ, ନାରାୟଣ ଶ୍ରୀଚନ୍ଦନ, ବିଭୁତି ସାହୁ, ମିଲା ରାଉତରାୟ ପ୍ରମୁଖଙ୍କ ଏହି କାଠ ଯାଇଥିଲା। ତେବେ ଏହି ଯଜ୍ଞ ଫେବୃଆରୀ ୧୯ରୁ ଆରମ୍ଭ ହୋଇ ୨୪ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ଇନ୍ଦ୍ରେଶ୍ୱରଙ୍କ ଯଜ୍ଞ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ନନ୍ଦନକାନନ: ବାଘ ନନ୍ଦନ ଅସୁସ୍ଥ

ବାରଙ୍ଗ,୨୧।୧(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୩(ଘ) ଖୁଆଡ଼ରେ ରହୁଥିବା ବାଘ ନନ୍ଦନ ଅସୁସ୍ଥ ହୋଇପଡ଼ିଛି। ସେ ଠିକ୍ ଭାବେ ଚାଲି ପାରୁନି। ଗତ କିଛି ଦିନ ହେବ ନନ୍ଦନ ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ତାର ପଛ ଗୋଡ଼ କାମ କରୁ ନ ଥିବାବେଳେ ସେ ଗୋଟିଏ ସ୍ଥାନରେ ପଡ଼ିରହୁଛି। ନନ୍ଦନର ଚିକିତ୍ସା ଚାଲିଛି। ତେବେ ନନ୍ଦନ ୨୦୧୩ ଫେବୃଆରୀରେ ଚନ୍ଦକା- ଡମପଡା ଓ ନନ୍ଦନକାନନ ଜଙ୍ଗଲରେ ଆତଙ୍କ ସୃଷ୍ଟି କରିଥିଲା। ପରେ ନନ୍ଦନକାନନରେ ରହୁଥିବା ବାଘୁଣୀ ସାରା ପ୍ରେମରେ ପଡ଼ି ନନ୍ଦନକାନନରେ ଧରା ପଡ଼ି ପୁଣି ଖସି ଯାଇଥିଲା। ଦୀର୍ଘ ୪ ମାସର କସରତ ପରେ ଶେଷରେ ୨୦୧୩ ଜୁନ ୬ରେ ଧରା ପଡ଼ି ନନ୍ଦନକାନନରେ ବାଘୁଣୀ ମେଘା ଓ ସାରା ସହ ବାଘ ବଂଶ ବୃଦ୍ଧି କରିବାରେ ସହାୟକ ହୋଇଥିଲା। ଅନ୍ୟପଟେ ରବିବାର ବିଳମ୍ବିତ ରାତିରେ ନୂଆପଡ଼ା ଜିଲାରୁ ଉଦ୍ଧାର ହୋଇ ଏକ ବଜ୍ରକାପ୍ତା ନନ୍ଦନକାନନକୁ ଆସିବାର ଥିବାରୁ ଡାକ୍ତରଖାନା କର୍ମଚାରୀ ସଜାଗ ହୋଇ ରହିଛନ୍ତି। ତେବେ ଆସିବାକୁ ଥିବା ବଜ୍ରକାପ୍ତାର ସ୍ୱାସ୍ଥ୍ୟ ପରୀକ୍ଷା କରି ଡାକ୍ତରଖାନାରେ ରଖାଯିବାର ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି। ଏହି ବଜ୍ରକାପ୍ତାଟିକୁ ନୂଆପଡ଼ା ଜିଲାର ନଙ୍ଗଲବୋଡ଼ଠାରୁ ଶୁକ୍ରବାର ସିନାପାଲି ବନ ବିଭାଗ ଜବତ କରିଥିଲା।

### ଦୁର୍ଘଟଣାରେ ଯୁବକ ମୃତ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୁରୁତର

କଟକ ସଦର,୨୧।୧(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ବାରଦା ଗ୍ରାମ ନିକଟ ମହାନଦୀ ବନ୍ଧରେ ଶନିବାର ରାତିରେ ଦୁର୍ଘଟଣା ଘଟିଛି। ଏଥିରେ ବାଇକ ଚାଳକ ରବୀନ୍ଦ୍ର ଦେହୁରୀଙ୍କ ମୃତ୍ୟୁ ଘଟିଥିବାବେଳେ ଟକ ସଦର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ତ୍ରିଲୋଚନ ଭୋଇ ଗୁରୁତର ହୋଇଛନ୍ତି। ଭୋଇ ମହାନଦୀ ବନ୍ଧରେ ଚାଲି ଚାଲି ଘରକୁ ଫେରୁଥିବାବେଳେ ଶଗଡ଼ି ପଟୁ ବାଇକ୍‌ରେ ଆସୁଥିବା ଦେହୁରୀ ତାଙ୍କୁ ପଛରୁ ଧକ୍କା ଦେଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରବିବାର ସନ୍ଧ୍ୟାରେ ଦେହୁରୀଙ୍କ ମୃତ୍ୟୁ ଘଟିଛି।

### ମନ୍ଦିରରୁ ଅଳଙ୍କାର ଚୋରି, ୩ ଗିରଫ

ଖୁଣ୍ଟୁଣୀ, ୨୧।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଷ୍ଟେଶନ ରୋଡ୍‌ଠାରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିରରୁ ଅଳଙ୍କାର ଚୋରି କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ୨ ଜଣଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଗ୍ରାମର ମନୋଜ ବସ୍ତିଆ, ଦେବାଶିଷ ଦାସ ଓ ପଥରକଟା ସାହିର ଆଦିତ୍ୟ ପାତ୍ର। ଶନିବାର ରାତିରେ ଅଭିଯୁକ୍ତମାନେ ମନ୍ଦିରର ତାଲା ଭାଙ୍ଗି ହନୁମାନଙ୍କର ରୂପା ମକୁଟ, ହାର, ବଳା ବାହୁଟିକୁ ଚୋରି କରି ନେଇଥିଲେ। ରବିବାର ସକାଳେ ମନ୍ଦିର ତତ୍ତ୍ୱାବଧାରକ ପ୍ରଭାରାଣୀ ମହାନ୍ତି ଦେଖି ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ସନ୍ଦେହରେ ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା। ପଚରାଉଚରାବେଳେ ସେମାନେ ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

# 'ସ୍ଥାୟୀ କୃଷିକୁ ଉତ୍ପ୍ରେରିତ କରିବ ସହଯୋଗାତ୍ମକ ଭାବନା'

କଟକ,୨୧।୧(କାର୍ତ୍ତିକ ସାହୁ)



ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

**ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀ ଉଦ୍‌ଯାପିତ**

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ(ଏନ୍‌ଆର୍‌ଆର୍‌ଆଇ) ଓ କୃଷି ଅନୁସନ୍ଧାନ ପରିଚାଳନା ସମାଜର ମିଳିତ ସହଯୋଗରେ ଆୟୋଜିତ ୩ ଦିନିଆ ଷଷ୍ଠ ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀ ଏଗ୍ରିଭିଜନ-୨୦୨୪ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ ଯୋଗଦେଇ କହିଛନ୍ତି, ସ୍ଥାୟୀ କୃଷି ପାଇଁ ସହଯୋଗାତ୍ମକ ଭାବନା ନିଶ୍ଚିତ ଭାବରେ ଆଗାମୀ ବର୍ଷରେ ଅଭୂତପୂର୍ବ ଗବେଷଣାକୁ ଉତ୍ପ୍ରେରିତ କରିବ। ଏନ୍‌ଆର୍‌ଆର୍‌ଆଇର ନିର୍ଦ୍ଦେଶକ ଅମରେଶ କୁମାର ନାୟକ ଅଧ୍ୟକ୍ଷତା କରି କହିଛନ୍ତି, ସ୍ଥାୟୀ କୃଷି ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା। ଚାଉଳ ଅନୁସନ୍ଧାନ ଏହି ପ୍ରୟାସରେ ଆଶାର ଆଲୋକ। ଏନ୍‌ଆର୍‌ଆର୍‌ଆଇ ଦ୍ୱାରା ବିକଶିତ ଅଧିକ ଅମଳକ୍ଷମ କିସମଗୁଡିକ ଦେଶରେ ଧାନ ଉତ୍ପାଦନ ବୃଦ୍ଧି କରିଛି। ଏଥିସହ ମରୁଡ଼ି, ବନ୍ୟା ଏବଂ କୀଟ ସଂକ୍ରମଣ ଚାପକୁ ମଧ୍ୟ ସହ୍ୟ କରିଛି। ଏହି ଜଳବାୟୁ ପ୍ରତିରୋଧୀ କିସମଗୁଡ଼ିକୁ ଚାଷ କରି କୃଷକମାନେ ରାସାୟନିକ ପ୍ରୟୋଗ ଉପରେ ସେମାନଙ୍କର ନିର୍ଭରଶୀଳତା କମ୍ କରିପାରିଛନ୍ତି, ଯାହା କୃଷି ବ୍ୟବସ୍ଥାକୁ ଦୀର୍ଘମିଆଦି ଭାବେ ଅଧିକ ସ୍ଥାୟୀ କରିବ। ଏହି ସମ୍ମିଳନୀରେ ଏନ୍‌ଆର୍‌ଆର୍‌ଆଇ ଦ୍ୱାରା ବିକଶିତ ଜଳବାୟୁ-ପ୍ରତିରୋଧୀ ପ୍ରଯୁକ୍ତିବିଦ୍ୟାରେ ଅତ୍ୟାଧୁନିକ ସଫଳତା ପ୍ରଦର୍ଶନ କରିଥିବା ଅନ୍ତର୍ନିହିତ ଉପସ୍ଥାପନା ଓ ଆଲୋଚନାଗୁଡ଼ିକ ସ୍ଥାନିତ ହୋଇଥିଲା। ଏଗ୍ରିଭିଜନ-୨୦୨୪ର କନ୍‌ଭେନର ଡ. ଏମ୍.ଜେ. ବେଗ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡି. ଦାସ ଧନ୍ୟବାଦ ଦେଇଥିଲେ।

# ପଦଯାତ୍ରା କରି ଅଯୋଧ୍ୟାରେ ପହଞ୍ଚିଲେ ମନୋଜ

ଖୋର୍ଦ୍ଧା,୨୧।୧ (ପ୍ରଭାତ ପାଣିଗ୍ରାହୀ)



ସୋମବାର ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ। ଏନେଇ ସାରାଦେଶ ଉତ୍ସବମୁଖର ହୋଇଉଠିଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁମ୍ଭିଲୋ ଗ୍ରାମର ମନୋଜ ବେହେରା ବଘେଇଟାଙ୍ଗୀସ୍ଥିତ ଐତିହାସିକ ପାହାଡ଼ ତାରିକି ମୁଣ୍ଡିଆସ୍ଥିତ ଶ୍ରୀରାମଙ୍କ ପାଦଚିହ୍ନ ରହିଥିବା ସ୍ଥାନରୁ ଶ୍ରୀରାମଙ୍କ ଆଶୀର୍ବାଦ ସ୍ୱରୂପ ମାଟି, ବରୁଣେଇ ସୀତାଗୁମ୍ଫାରୁ ପାଣି ନେଇ ଗତ ଡିସେମ୍ବର ୨୦ରେ ଅଯୋଧ୍ୟା ଅଭିମୁଖେ ପଦଯାତ୍ରାରେ ବାହାରିଥିଲେ। ୧୧ ଶହ କିମି ଯାତ୍ରା କରିବା ପରେ ଶନିବାର ବିଳମ୍ବିତ ରାତିରେ ସେ ଅଯୋଧ୍ୟାରେ ପହଞ୍ଚିଥିଲେ। ରବିବାର ସକାଳେ ପ୍ରଭୁ ଶ୍ରୀରାମ ଲାଲାଙ୍କ ମନ୍ଦିରରେ ମାଟି, ପାଣି ଅର୍ପଣ କରିଛନ୍ତି। ହନୁମାନଗଡିରେ ସଙ୍କଟମୋଚନଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ଆଗରେ ସ୍ତୁତିଗାନ ସହ ହନୁମାନ ଚାଲିଶା ପାଠ କରିଛନ୍ତି। ସମଗ୍ର ବିଶ୍ୱର ମଙ୍ଗଳାକାମନା ସହ ପ୍ରଭୁଙ୍କ ପ୍ରତି ଆସ୍ଥା ବିଶ୍ୱାସ ପ୍ରକଟ କରିଥିଲେ ମନୋଜ। ଅଯୋଧ୍ୟାରେ ପହଞ୍ଚିବା ପରେ ଅପୂର୍ବ ଆନନ୍ଦ ଅନୁଭବ କରୁଥିବା କହିଛନ୍ତି ମନୋଜ। ସୋମବାର ଶ୍ରୀରାମଲାଲାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦାନ ସହ ଦର୍ଶନ ପରେ ସେଠାରୁ ପ୍ରସ୍ଥାନ କରିବେ ବୋଲି ସେ କହିଛନ୍ତି। ଏଥିଲାଗି ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରକାଶ ଯେ, ସେ ଦୈନିକ ୩୦ରୁ ୪୦ କିମି ଅତିକ୍ରମ କରୁଥିଲେ। ଓଡ଼ିଶା, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶରେ ପ୍ରବେଶ କରି ଶେଷରେ ଅଯୋଧ୍ୟାରେ ପହଞ୍ଚିଥିଲେ।




ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଉପଲେକ୍ଷ କଟକ ବାଲିଯାତ୍ରା ଉପର ପଡ଼ିଆରେ ବାଲୁକାଶିଳ୍ପୀ ସିଦ୍ଧାର୍ଥ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକୃତି।

## ୨୪ରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ବିଲ୍ଡିଂ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

ସାକ୍ଷୀଗୋପାଳ,୨୧।୧ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ପୁରୀ ଜିଲା ସତ୍ୟବାଦୀରେ ରାଜ୍ୟ ସରକାରଙ୍କ ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ ବିଲ୍ଡିଂକୁ ଆସନ୍ତା ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ(ଭିସି) ମାଧ୍ୟମରେ ଲୋକାର୍ପଣ କରିବେ। ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଏକ ପ୍ରଶାସନିକ କୋଠା, ୧୮୦ ବିଦ୍ୟାର୍ଥୀଙ୍କ ନିମନ୍ତେ ଶ୍ରେଣୀଗୃହ, ପାଠାଗାର, ବିଦ୍ୟାର୍ଥୀଙ୍କ ୨ଟି ଛାତ୍ରାବାସ, ଭୋଜନାଳୟ ଓ ରାଧାକୁଣ୍ଡ ପୋଖରୀର ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ରହିଛି। ପ୍ରକାଶଥାଉକି, ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ ନିମନ୍ତେ ୨୦୨୧ ଡିସେମ୍ବର ୮ରେ ମୁଖ୍ୟମନ୍ତ୍ରୀ ସତ୍ୟବାଦୀର ବକୁଳବନଠାରେ ଏକ ବକୁଳ ଗଛ ଲଗାଇବା ସହ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ବକୁଳବନଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ସାଇନ୍ ବୋର୍ଡ ଲଗାଯିବା ପରେ ଓବିସିସି ଉକ୍ତ ନିର୍ମାଣ କାର୍ଯ୍ୟ ହାତକୁ ନେଇ ଭୁବନେଶ୍ୱରର ଅଚାର୍ଯ୍ୟ ବ୍ରଦର୍ଶ କନ୍‌ଷ୍ଟ୍ରକ୍ଶନ ଲିମିଟେଡ୍‌କୁ ନିର୍ମାଣ କାର୍ଯ୍ୟ ପାଇଁ ହସ୍ତାନ୍ତର କରିଥିଲା। ପ୍ରଥମେ ସୂଚନା ଅନୁଯାୟୀ, ଗତବର୍ଷ ଅଗଷ୍ଟ ୩୧ରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିବ ବୋଲି କୁହାଯାଇଥିଲା। ହେଲେ ନିର୍ମାଣ କାର୍ଯ୍ୟ ନ ସରିବାରୁ ଏହାର ଅବଧି ପୁନର୍ବାର ବୃଦ୍ଧି କରାଗଲା। ଏପଟେ ସରକାର ଗତବର୍ଷ ସେପ୍ଟେମ୍ବର ୫ ଗୁରୁ ଦିବସ ଅବସରରେ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ନ ସରିଥିବାରୁ ସାକ୍ଷୀଗୋପାଳ ପାନ୍ଥଶାଳାକୁ ଉଚ୍ଚ ଶିକ୍ଷା ବିଭାଗ ଭଡ଼ାସୂତ୍ରରେ ନେଇ ପ୍ରଥମ ପର୍ଯ୍ୟାୟରେ ପ୍ରାରମ୍ଭିକ ସ୍ନାତକୋତ୍ତର ପାଠ୍ୟଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଶ୍ୱବିଦ୍ୟାଳୟରେ ୩ଟି ବିଭାଗରେ ୨୪ ଲେଖାଏଁ ସମୁଦାୟ ୭୨ଜଣ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ବିଶ୍ୱବିଦ୍ୟାଳୟରେ ଭିସି ପଦବୀ ବିଭାଗ ପୂରଣ ହୋଇଥିଲେ ମଧ୍ୟ ରେଜିଷ୍ଟ୍ରର, ଅଧ୍ୟକ୍ଷ, ପ୍ରଫେସର ଓ ଅଫିସ କର୍ମଚାରୀ ଡେପୁଟେଶନରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି।

# ୨ ଫୁଟର ଶ୍ରୀରାମ ମନ୍ଦିର ପ୍ରତିକୃତି

ଖୋର୍ଦ୍ଧା,୨୧।୧ (ପ୍ରଭାତ ପାଣିଗ୍ରାହୀ)



ଶୁଭ୍ରାଂଶୁଙ୍କ ଦ୍ୱାରା ପ୍ରସ୍ତୁତ ରାମମନ୍ଦିର କଳାକୃତି।

ଖୋର୍ଦ୍ଧା ପଲଟନ ପଡିଆସ୍ଥିତ ଦୀପ୍ତିରଞ୍ଜନ ଓ ସ୍ନେହଲତା ସାହୁଙ୍କ ପୁଅ ଶୁଭ୍ରାଂଶୁ ରଞ୍ଜନ କାର୍ଟୁନ, ଅନାବନା କାଗଜକୁ ସଂଗ୍ରହ କରି ସେ ୨ଫୁଟ ଉଚ୍ଚତା, ୧ଫୁଟ ଚଉଡ଼ାର ଭବ୍ୟ ଶ୍ରୀରାମ ମନ୍ଦିର ପ୍ରତିକୃତି ପ୍ରସ୍ତୁତ କରିଛନ୍ତି। ଗେରୁଆ ରଙ୍ଗରେ ଏହି ମନ୍ଦିର ସୁସଜ୍ଜିତ ହୋଇଥିବା ବେଳେ କାଚ ଲଗାଇଛନ୍ତି। ମନ୍ଦିର ସମ୍ମୁଖରେ ହନୁମାନ ବିଜେ କରିଥିବା ବେଳେ ରୁପାର ଶ୍ରୀରାମଙ୍କ ପାଦଚିହ୍ନ ରଖିଛନ୍ତି। ଏଥିଲାଗି ତାଙ୍କୁ ଦୁଇ ସପ୍ତାହ ସମୟ ଲାଗିଥିବା ଶୁଭ୍ରାଂଶୁ କହିଛନ୍ତି। ଚିତ୍ରକଳା ଉପରେ ଆଗ୍ରହ ରଖୁଥିବା ଶୁଭ୍ରାଂଶୁ ଏକ ଘରୋଇ କଲେଜରେ ଯୁକ୍ତ ୨ରେ ଅଧ୍ୟୟନ କରୁଛନ୍ତି। ନିଜ ଚିତ୍ରକଳା ମାଧ୍ୟମରେ ସେ ବିଭିନ୍ନ ଦେବଦେବୀ, ପଶୁପକ୍ଷୀଙ୍କ ଚିତ୍ର ଅଙ୍କନ ସହ ମହାପ୍ରଭୁଙ୍କ ବେଶଭୂଷା ଆଦି ନିଖୁଣଭାବେ ଚିତ୍ରିତ କରିଥାନ୍ତି। ପିଲାବେଳୁ ଶ୍ରୀରାମଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ଶୁଭ୍ରାଂଶୁଙ୍କ ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ତାଙ୍କ ପ୍ରତିଭାର ବିକଶିତ ହୋଇଥିଲା। ସେ ଅଯୋଧ୍ୟା ଶ୍ରୀରାମଲାଲାଙ୍କ ମନ୍ଦିର ତିଆରି କରି ପ୍ରଂଶସା ସାଉଁଟୁଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ମନ୍ଦିର ଦର୍ଶନ ଲାଗି ସ୍ଥାନୀୟ ଲୋକଙ୍କ ସୁଅ ଛୁଟିବାରେ ଲାଗିଛି।

# 'ପାଣିନିଙ୍କ ଅଷ୍ଟାଧ୍ୟାୟୀ ଗ୍ରନ୍ଥ ବିଶ୍ୱପ୍ରସିଦ୍ଧ'

କଟକ,୨୧।୧ (କାର୍ତ୍ତିକ ସାହୁ)

ପାଣିନିଙ୍କ ବ୍ୟାକରଣ ଗ୍ରନ୍ଥ ଅଷ୍ଟାଧ୍ୟାୟୀ ବିଶ୍ୱପ୍ରସିଦ୍ଧ। ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଲିଖିତ ଏହି ବ୍ୟାକରଣ ଏକ ଆଦର୍ଶ ବ୍ୟାକରଣ ବୋଲି ଭାଷାବିତ୍‌ମାନଙ୍କଦ୍ୱାରା ସ୍ୱୀକୃତ। ଅଷ୍ଟାଧ୍ୟାୟୀ ଏକ ସମ୍ପୂର୍ଣ୍ଣ ତଥା ଶୁଦ୍ଧ ବ୍ୟାକରଣ, ଯାହା ଅନ୍ୟ କୌଣସି ଭାଷାରେ ଲେଖାଯାଇନାହିଁ। ଓଡ଼ିଶା ଥିଓସଫିକାଲ ସୋସାଇଟିର ସଭାପତି ଚିତ୍ତରଞ୍ଜନ ଶତପଥୀ ହାଇକୋର୍ଟ ନିକଟ କାଳୀମନ୍ଦିର ସମ୍ମୁଖସ୍ଥ ସୋସାଇଟି ସଭାଗୃହରେ ଅନୁଷ୍ଠିତ ପାଣିନି ଓ ଓଡ଼ିଆ ବ୍ୟାକରଣ ପରମ୍ପରା ଶୀର୍ଷକ କର୍ମଶାଳାକୁ ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ବକ୍ତା ଭାଷାବିତ୍ ପ୍ରଫେସର ସିନିରୁଦ୍ଧ ଦାଶ ବ୍ୟାକରଣର ପ୍ରମୁଖ ବିନ୍ଦୁଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଡ. ସିପ୍ରା ମଲ୍ଲିକ, ଗୋପବନ୍ଧୁ ମହାନ୍ତି, ହରେକୃଷ୍ଣ ପାତ୍ର, ଡ. ସୁରେନ୍ଦ୍ରନାଥ ଷଡ଼ଙ୍ଗୀ ପ୍ରମୁଖ ଭାଷାପ୍ରେମୀ ଯୋଗଦେଇଥିଲେ। ଅନ୍‌ଲାଇନ୍ ମାଧ୍ୟମରେ ମଧ୍ୟ ଅନେକ ଆଗ୍ରହୀ ବିଦ୍ୱାନ ସାମିଲ ହୋଇଥିଲେ। ଜିଓ୍ୱାଇପିପିସି ଓଫନ ସର୍କଲର ପ୍ରତିଷ୍ଠାତା ପ୍ରଦୀପ୍ତ ସୁନ୍ଦର ମହାରଣା କର୍ମଶାଳା ସଂଯୋଜନା ଓ ସୁଧାଂଶୁ ଶେଖର ପତି ଧନ୍ୟବାଦ ଦେଇଥିଲେ।

# ଏକଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ: କୃଷ୍ଣପ୍ରସାଦ ଥାନା ଟିମ୍ ଚାମ୍ପିୟନ

କୃଷ୍ଣପ୍ରସାଦ,୨୧।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦରେ ଏକଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ରବିବାର ଚାରିଛକସ୍ଥିତ ଉଦୟ ନାଥ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଥାନା ଟିମ୍ ଓ ରାଜସ୍ୱ ନିରୀକ୍ଷକ ପ୍ରିୟବ୍ରତ ପଲେଇଙ୍କ ନେତୃତ୍ୱରେ ତହସିଲ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଥାନା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭୬ ରନ ସଂଗ୍ରହ କରିଥିଲା। ଜବାବରେ ତହସିଲ ଟିମ୍ ଆବଶ୍ୟକ ରନ ସଂଗ୍ରହ ନ କରିପାରି ପରାଜିତ ହୋଇଥିଲା। ରିଙ୍କୁ ପଲାଇ, ସର୍ବେଶ୍ୱର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଆଇଆଇସି ସାହୁ ମ୍ୟାଚରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



କୃଷ୍ଣପ୍ରସାଦ ଚାରିଛକସ୍ଥିତ ଉଦୟ ନାଥ ଷ୍ଟାଡିୟମରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍‌ରେ ଯୋଗଦେଇଥିବା ଖେଳାଳି ଏବଂ ଅନ୍ୟମାନେ।

# ଆଇନ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଟାଙ୍ଗୀ,୨୧।୧(ରଘୁନାଥ ସାହୁ)

ଟାଙ୍ଗୀ ଦୁର୍ଗାଚରଣ ଚିଲିକା କଲେଜଠାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତୃତୀୟ ଲିଙ୍ଗିଙ୍କ ଅଧିକାର, ନାଗରିକଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ, ସୁପ୍ରିମକୋର୍ଟଙ୍କ ରାୟକୁ ଆର୍ଟିଫିସିଆଲ ଇଣ୍ଟେଲିଜେଣ୍ଟ ମାଧ୍ୟମରେ ଇଂରାଜୀରୁ ଆଞ୍ଚଳିକ ଭାଷାରେ ଅନୁବାଦ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଥମ ଅତିରିକ୍ତ ଖୋର୍ଦ୍ଧା ଜିଲା ଓ ସେସନ ଜଜ୍ ତଥା ତାଲୁକ ଅଧ୍ୟକ୍ଷ ଅଜୟ କୁମାର ପ୍ରଧାନ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦ, ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ, ଆଇନଜୀବୀ ରମେଶ କୁମାର ବେହେରା, ନିରଞ୍ଜନ ଦାସ, ହରେକୃଷ୍ଣ ଜଗଦ୍ଦେବ, ପ୍ରତାପ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧା ବାର୍ ଆସୋସିଏଶନ ଓ ଟାଙ୍ଗୀ ଓକିଲ ସଂଘର ବହୁ ଆଇନଜୀବୀଙ୍କ ସମେତ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ନିରାକାରପୁର କ୍ଲବ ଚାମ୍ପିୟନ

**ମଂଜାରିଆ ରାଇଜିଂ ଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ନିରାକାରପୁର,୨୧।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ମଂଜାରିଆ ପାଟଣା ଖେଳପଡିଆରେ ମଂଜାରିଆ ରାଇଜିଂଷ୍ଟାର ଆନୁକୂଲ୍ୟରେ ଚାଲିଥିବା ଫଟାଫଟ୍ ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ନିରାକାରପୁର କ୍ଲବ୍ ଚାମ୍ପିୟନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍ କାଇମାଟିଆ କ୍ଲବ ଓ ନିରାକାରପୁର କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି କାଇମାଟିଆ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ଉଇକେଟ ବିନିମୟରେ ୩୦ ରନ୍ ସଂଗ୍ରହ କରିଥିଲା। ଜବାବରେ ନିରାକାରପୁର କ୍ଲବ ୪ଉଇକେଟ ବିନିମୟରେ ୩୧ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଜୀବନ ରଶ୍ମି ମହାପାତ୍ର ଓ ଅଜୟ ବାରିକ ମ୍ୟାଚ୍ ପରିଚାଳନା କରିଥିଲେ। ଭାଜପା ନେତା କାଳୁଚରଣ ଖଣ୍ଡୟତରାୟ, ପୂର୍ବତନ ସରପଞ୍ଚ ହୃଷୀକେଶ ରାଉତରାୟ, ସୁକାନ୍ତ ବେହେରା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀରେ ସୁଶାନ୍ତ କୁମାର ସେନାପତି ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଜଗନ୍ନାଥ ମଙ୍ଗରାଜ, ବଳରାମ ବେହେରା, ଅନିଲ ବେହେରା, ଜଗନ୍ନାଥ ବେହେରା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥିମାନେ।

# ଭାସ୍କର୍ଯ୍ୟ କଳାରେ ନେତାଜୀଙ୍କ ଜୀବନ କାହାଣୀ

କଟକ,୨୧।୧(ଶିଳ୍ପା ପ୍ରିୟଦର୍ଶିନୀ)



କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ସମ୍ପର୍କିତ ଭାସ୍କର୍ଯ୍ୟ କଳା ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଯୁବ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ଉତ୍ସାହିତ କରିବା ପାଇଁ ଏହି ଶିବିର ଆୟୋଜନ କରାଯାଇଛି। ସେମାନଙ୍କର ଏହି କାରୁକାର୍ଯ୍ୟ ଅନ୍ୟମାନଙ୍କୁ ପ୍ରେରିତ କରିବା ବୋଲି ଦାସ କହିଛନ୍ତି। ଏଥିରେ ଅତିଥି ଭାବେ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ ମହେନ୍ଦ୍ର ପ୍ରସାଦ ମହାପାତ୍ର, ବରିଷ୍ଠ ଶିଳ୍ପୀ ରବିନାରାୟଣ ରଥ, ସଦସ୍ୟ ସ୍ମିତା ମୂଳିଆ, ସଚିବ ପଞ୍ଚାନନ ସାମଲ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ୧୮ ଜଣ ଯୁବ ଭାସ୍କର୍ଯ୍ୟ ଶିଳ୍ପୀ ଯୋଗଦେଇ ନେତାଜୀଙ୍କ ଜୀବନୀକୁ ନେଇ ଭାସ୍କର୍ଯ୍ୟ କଳା ଅଙ୍କନ କରିଛନ୍ତି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ।

ଏ ସମ୍ପର୍କରେ ଭାସ୍କର୍ଯ୍ୟ ଶିଳ୍ପୀ ସୁରଜ କୁମାର ମୁଦୁଲି କହିଛନ୍ତି, ପ୍ରାୟ ୧୨ ବର୍ଷ ହେବ ଭାସ୍କର୍ଯ୍ୟ କଳାକୁ ନେଇ କାରୁକାର୍ଯ୍ୟ କରିଆସୁଛି। ଦିଲୀ ଚଲୋ ନାରା ଦେଇ ନେତାଜୀ ଦିଲୀ ଅଭିମୁଖେ ଗସ୍ତ କରିଥିଲେ। ଏହାକୁ ନେଇ ଭାସ୍କର୍ଯ୍ୟ କଳା ପ୍ରସ୍ତୁତ କରିଛି। ଲଳିତ କଳା ଏକାଡେମୀ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ଉତ୍ସାହିତ କରିବା ଖୁସିର ବିଷୟ। ସେହିପରି ଭାସ୍କର୍ଯ୍ୟ ଶିଳ୍ପୀ ଦୁର୍ଗା ପ୍ରସାଦ ବେହେରା କହିଛନ୍ତି, ପ୍ରତିବର୍ଷ ନେତାଜୀ ଜୟନ୍ତୀରେ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ କାହାଣୀକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଲଳିତ କଳା ଏକାଡେମୀ ପ୍ରୟାସ କରିଥାଏ। ଚଳିତବର୍ଷ ପ୍ରଥମକରି ଯୁବ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ଏକାଡେମୀ ପକ୍ଷରୁ ସୁଯୋଗ ଦିଆଯାଇଛି। ନେତାଜୀ ପରେଡ୍ କରୁଥିବା ସମୟର ଚିତ୍ରକୁ ଆଙ୍କିଛି। ଭାସ୍କର୍ଯ୍ୟ ଶିଳ୍ପୀ ମୁନୁ ବେହେରା କହିଛନ୍ତି, ନେତାଜୀଙ୍କ ଆଜାଦି ଫଜ୍ ସମୟର ମୃଣ୍ମୟ ଭାସ୍କର୍ଯ୍ୟ ରହିଛି। ନେତାଜୀଙ୍କ ଜୀବନୀ ଆଧାରିତ ଭାସ୍କର୍ଯ୍ୟ କଳା ତିଆରି କରିବା ପାଇଁ ସୁଯୋଗ ମିଳିଛି। ଏଠାକୁ ଆସି ଖୁସି ଲାଗିବା ସହ ଗର୍ବ ଅନୁଭବ କରୁଛି। ସେହିପରି ଭାସ୍କର୍ଯ୍ୟ ଶିଳ୍ପୀ ସୁଶାନ୍ତ କୁମାର ମହାନ୍ତି କହିଛନ୍ତି, ୧୪ ବର୍ଷ କାମ କରିବା ଭିତରେ ଆଜିର ଦିନ ଖୁବ୍ ମହତ୍ୱପୂର୍ଣ୍ଣ ରହିଛି। ନେତାଜୀ ଓ ନେହେରୁଙ୍କ ଆଲୋଚନା ସମୟର ଭାସ୍କର୍ଯ୍ୟ ତିଆରି କରିଛି। ଶିଳ୍ପୀଙ୍କୁ ଏପରି ପ୍ରୋତ୍ସାହନ ଦେଇଥିବାରୁ ଏକାଡେମୀକୁ କୃତଜ୍ଞତା ଜଣାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୧।୨୦୨୪

| | |
|---|---|
| ୫,୯୨,୦୫୫ ଟଙ୍କା | |
| ସୁନା | .୯୫୦ ଗ୍ରାମ୍ |
| ରୁପା | ୬.୦୦୦ ଗ୍ରାମ୍ |

# କୌଶଳ ଦେଖାଇଲେ ୧୯ ପ୍ରଜାତିର କୁକୁର



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୁକୁର ।

**ପୁରୀ,୨୧।୧(ଅଜିତ୍ ମହାନ୍ତି):** ପୁରୀ କେନେଲ କ୍ଲବ ପକ୍ଷରୁ ଶ୍ରୀବିହାରସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିକଟ ପଡ଼ିଆରେ ଡଗ୍ ଶୋ' ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷକୁ ମିଶାଇ ପୁରୀରେ ୪ର୍ଥ ଥର ପାଇଁ ଏହି ଶୋ'ର ଆୟୋଜନ କରାଯାଇଥିଲା। ଅତିଥି ଭାବେ ବିଜେଡିର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିଲେ। ଶୋ' କୁକୁରଙ୍କ ବିଷୟରେ ସଚେତନ କରାଇବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ଏକ ସଙ୍ଗରେ ଭିନ୍ନ ଭିନ୍ନ ପ୍ରଜାତିର କୁକୁର ଏକତ୍ରିତ ହୋଇଥିଲେ। ଏହା କୁକୁରପ୍ରେମୀଙ୍କୁ ବେଶ୍ ଆକର୍ଷିତ କରିଥିଲା। ଶୋ'ରେ ୧୯ଟି ପ୍ରଜାତିର ୨୮୦ରୁ ଅଧିକ କୁକୁର ଭାଗ ନେଇଥିଲେ। ଏହାକୁ ଦେଖିବାକୁ ଦର୍ଶକଙ୍କ ବେଶ୍ ଗହଳି ପରିଲକ୍ଷିତ ହୋଇଥିଲା। ବିଭିନ୍ନ ପ୍ରଜାତିର କୁକୁରଙ୍କୁ ଏକତ୍ରିତ କରିବା ସହିତ କୁକୁରପ୍ରେମୀଙ୍କୁ ଆକର୍ଷିତ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ଜର୍ମାନ ସେଫର୍ଡ, ଲାବ୍ରାଡର, ଗୋଲଡେନ ରିଟ୍ରାଏର, ବୁଲି, ଆମେରିକାନ ପିଟ୍‌ବୁଲ୍, ଫ୍ରେଞ୍ଚ ବୁଲ୍ ଡଗ୍, ବେଗଲ, ରୋଟ ହ୍ୱିଲର, ଜର୍ମାନ ସ୍ୱିଡ୍‌ଜ ଆଦି ବିଭିନ୍ନ ପ୍ରକାର ପ୍ରଜାତିର କୁକୁରଙ୍କୁ ଖେଳପଡ଼ିଆରେ ଦେଖିବାକୁ ମିଳିଥିଲା। ଶୋ'ରେ ସମସ୍ତ ପ୍ରତିଯୋଗୀଙ୍କ ପାଇଁ ଆୟୋଜକଙ୍କ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଛି। ସେପଟେ ଏହି ଡଗ୍ ଶୋ ଦ୍ୱାରା ଲୋକେ କୁକୁର ସମ୍ପର୍କରେ ଅନେକ କଥା ଜାଣିପାରିଥିବା କୁକୁରପ୍ରେମୀମାନେ ମତ ପ୍ରକାଶ କରିଛନ୍ତି। ତେବେ ମାଲିକଙ୍କ ଇସାରାରେ କୁକୁରଙ୍କ ବିଭିନ୍ନ କଳା କୌଶଳ ଦର୍ଶକଙ୍କୁ ବେଶ ରୋମାଞ୍ଚିତ କରିଥିଲା। ଶୋ'ରେ ସମ୍ବିତ ପଟ୍ଟନାୟକ, ହରିଶଙ୍କର ପଟ୍ଟନାୟକ ଓ ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଚଳିତଥର ଡଗ୍ ଶୋ'ର ପୁରୀରେ ନୂତନ ପ୍ରଜାତି (ବୋର୍‌ବୋଏଲ୍) ଅଂଶଗ୍ରହଣ କରିଥିଲା। ସୁନୀଲ ବିଶ୍ୱାଳଙ୍କ ଜର୍ମାନ ସେଫର୍ଡ (ପ୍ରଥମ), ନିରଞ୍ଜନ ମହାପାତ୍ରଙ୍କ ହସ୍କି (ଡଲି), ଅରୁଣା ତ୍ରିପାଠୀଙ୍କ ଲାବ୍ରାଡର, ଆଦିତ୍ୟ ବେହେରାଙ୍କ ରୋଟ୍‌ୱିଲର୍, ଦେବାଶିଷ ଦଇତାପତିଙ୍କ ଡୋବରମ୍ୟାନ, ଗୋପାଳ କୃଷ୍ଣ ମୁଦ୍ରାଙ୍କ ମିମ୍‌ପିନ ଚିୟୁବାବା ପ୍ରଜାତିର କୁକୁର କ୍ୟାଣ୍ଡି ଦେଶୀ ପ୍ରଜାତିର କୁକୁର ଜ୍ୟାକି, ଡୋବରମ୍ୟାନରେ ବ୍ଲାକି ଏବଂ ବିଶ୍ୱଜିତ୍ ପଟ୍ଟନାୟକ ବେଷ୍ଟ ଅଫ୍ ବିଡ୍‌ରେ କୁକୁର ଗୋଲ୍ଡି ଭାବରେ ମନୋନୀତ ହୋଇଥିଲେ।



ସୁନୀଲ ବିଶ୍ୱାଳଙ୍କ ପ୍ରଥମସ୍ଥାନ ଅଧିକାର କରିଥିବା କୁକୁର ଜର୍ମାନ ସେଫର୍ଡ ।



ବିଜେଡିର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଫିତାକାଟି ପ୍ରତିଯୋଗିତା ଉଦ୍‌ଘାଟନ କରୁଛନ୍ତି ।

ପ୍ରତିଯୋଗିତାରେ ଭାଗ ନେଇଥିବା ଜୟଶ୍ରୀ ସୂପକାର କହିଛନ୍ତି, ସେ ତାଙ୍କ କୁକୁରକୁ ନେଇ ଡଗ୍ ଶୋ'କୁ ଦ୍ୱିତୀୟଥର ପାଇଁ ଆସିଛନ୍ତି। ପ୍ରତିଯୋଗିତାରେ ଭାଗ ନେବା ସହ ଗୋଟିଏ ସ୍ଥାନରେ ବିଭିନ୍ନ ପ୍ରଜାତିର କୁକୁର ଦେଖି ବହୁତ ଭଲ ଲାଗୁଛି। କୁକୁର ଏକ ଉପକାରୀ ପ୍ରାଣୀ, ତେଣୁ ସେମାନଙ୍କୁ ସମସ୍ତେ ଭଲ ପାଇବା ଉଚିତ୍। ପ୍ରତିଯୋଗିତାରେ କୁକୁରର ଚାଲି, ଓଜନ, କୋଉ ବ୍ରିଡ୍ ଓ କ'ଣ କ'ଣ କରିପାରୁଛନ୍ତି ତାହାକୁ ଦେଖନ୍ତି ବୋଲି ଜୟଶ୍ରୀ କହିଥିଲେ। ସେହିଭଳି ତାଳଚେରରୁ ଆସି ପୁରୀରେ ରହୁଥିବା ଅଖିଳ ସାହୁଙ୍କ କହିବା ଅନୁଯାୟୀ, ସେ ପ୍ରତିଯୋଗିତାରେ ପ୍ରଥମ ଥର ପାଇଁ ତାଙ୍କର ଫ୍ରେଞ୍ଚ ବଲଡର ସହ ଆସିଛନ୍ତି। କୁକୁରକୁ ପ୍ରମାଣ କରିବା, ହ୍ୟାଣ୍ଡ ସେକ କରିବା, ପାଖରେ ଶୋଇବା ପରି ବିଭିନ୍ନ ଟ୍ରେନିଂ ଦେଇଥିବା ସାହୁ କହିଥିଲେ।

ଏହି ଡଗ୍ ଶୋ'କୁ କ୍ଲବ ସଭାପତି ପ୍ରତୀକ ଦାଶ, ସମ୍ପାଦକ ବିଶ୍ୱଜିତ୍ ପଟ୍ଟନାୟକ, ସଭ୍ୟ ବିଶ୍ୱନାଥ ଜେନା, ଲିଟନ୍ ଦାସ, ଅଜୟ ସାସମଲ, ଭବାନୀ ଶଙ୍କର ଦାଶ, ସୁନୀଲ ମହାଜନ, ରାଜା ସେଠୀ, ଦିଲୀପ ପଣ୍ଡା, ପ୍ରଜ୍ଞା ସାମନ୍ତରାୟ, ଆରତୀ ମହାନ୍ତି ଏବଂ କେ ରାଜେଶ ରାଓ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଡଗ୍ ଫୁଡ୍ ସମ୍ବନ୍ଧୀୟ ବିଭିନ୍ନ ଷ୍ଟଲ ଖୋଲାଯାଇଥିଲା। ଯେଉଁଠାରେ କୁକୁରଙ୍କ ଖାଦ୍ୟ ସମ୍ପର୍କରେ ଅବଗତ କରାଯିବା ସହ ଖାଦ୍ୟ ସମ୍ବନ୍ଧୀୟ ସାମଗ୍ରୀ ବିକ୍ରୟ ହୋଇଥିଲା।

## ସଂକ୍ଷେପରେ

### ନେତାଜୀ ଜୟନ୍ତୀ ଅବସରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ପୁରୀ,୨୧।୧(ଅଜିତ୍ ମହାନ୍ତି):** ଜିଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ ଦି ବେଲ୍, ଦୁର୍ଗାବାଡି ସମିତି ଓ ମାଖନ୍ ଲାଲ ହାଲଦାର ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ନେତାଜୀ ଜୟନ୍ତୀ ଅବ୍ୟାହତି ପୂର୍ବରୁ ସ୍ଥାନୀୟ ଦୁର୍ଗବାଡି ପ୍ରାଙ୍ଗଣରେ ସ୍କୁଲ କଲେଜ୍ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ରଚନା ଓ କୌତୁକ ଆଦି ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବରେ କବି ଶିବ ସୁନ୍ଦର ମିଶ୍ର, ପ୍ରାକ୍ତନ ଅଧ୍ୟାପିକା ବାସନ୍ତୀ ଦେବୀ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଡ. ମନସା ଶ୍ରୀଚନ୍ଦନ, ଡ. ପ୍ରଦ୍ୟୁତି ଦାସ, ଅବନିଶ ରଥ ଓ ରେଣୁକା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ୨୩ ତାରିଖରେ ସୁବାଷ ବୋଷ ଛକ ନିକଟରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପଦଯାତ୍ରା ଅନୁଷ୍ଠିତ ହେବ। ପରେ ଦୁର୍ଗାବାଡିଠାରେ ସମ୍ବର୍ଦ୍ଧନା ଓ ସଭାକାର୍ଯ୍ୟ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଯୋଗଦେଇ ଏହି ମହାନ୍ ଜନନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ନେତାଜୀ ଜୟନ୍ତୀ କମିଟି ସଂଯୋଜକ ଓ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ନିବେଦନ କରିଛନ୍ତି।

### ଭାଜପା ପକ୍ଷରୁ ମଙ୍ଗଳା ମନ୍ଦିର ସଫେଇ

**ଅସ୍ତରଙ୍ଗ,୨୧।୧(ମମତା ଜେନା):** ଅଯୋଧ୍ୟାଠାରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଭାଜପା ପକ୍ଷରୁ ମା' ମଙ୍ଗଳା ମନ୍ଦିର ବେଢ଼ା, ଚତୁଃପାର୍ଶ୍ୱ ପରିସର ଓ ମଙ୍ଗଳପୁର ଚଣ୍ଡୀ ମନ୍ଦିର ପରିସର ରବିବାର ସଫେଇ କରାଯାଇଥିଲା। ପୂର୍ବତନ ବିଧାୟକ ବାଈଧର ମଲ୍ଲିକ ଏଥିରେ ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଭାଜପା ପୁରୀ ଜିଲା ଉପସଭାପତି ରତିକାନ୍ତ ବେହେରା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମଙ୍ଗଳାପ୍ରସାଦ ସାମନ୍ତରାୟ, ଲଳିତ ରଥ, କାକଟପୁର ମଣ୍ଡଳ ସଭାପତି ଉପେନ୍ଦ୍ର ସୁବୁଦ୍ଧି, ଲତାହରଣ ମଣ୍ଡଳ ସଭାପତି ସରୋଜ ମିଶ୍ର, ବିଷ୍ଣୁ ଚରଣ ଷଡ଼ଙ୍ଗୀ, ନଗେସ ରାଉତ, ପଞ୍ଚାନନ ସ୍ୱାଇଁ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ସ୍ମାର୍ଟସିଟି ଅନ୍‌ଲାଇନ ଅଟୋ ଗ୍ରୁପ୍‌ର କାକଟପୁର ଆଇଆଇସିଙ୍କୁ ସମ୍ବର୍ଦ୍ଧନା

**କାକଟପୁର,୨୧।୧(ଶୁଭଦର୍ଶନ ମିଶ୍ର):** ସ୍ମାର୍ଟସିଟି ଅନ୍‌ଲାଇନ ଅଟୋ ଗ୍ରୁପ୍ ପୁରୀ ଜିଲା କାକଟପୁର ଜୋନ୍ ପକ୍ଷରୁ କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଅନୁଷ୍ଠାନର ଚେୟାରମ୍ୟାନ ଦୀନବନ୍ଧୁ ନାୟକ, ବୃନ୍ଦାବନ ଭୋଳ, ଜୋନ୍ ହେଡ୍ ମନୋରଞ୍ଜନ ସାହୁ, କୋଷାଧ୍ୟକ୍ଷ ଆଲୋକ ବେହେରା, ଏସ୍‌କେ ଗୟାସ, ସଞ୍ଜୟ ନାୟକ, ଅନୱାର ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ମାର୍ଟସିଟି ଅନ୍‌ଲାଇନ ଅଟୋ ଗ୍ରୁପ୍ ହେବା ଦ୍ୱାରା ଅନେକ ଯାତ୍ରୀ ସୁବିଧା ପାଇପାରିବା ସହିତ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣର ଅଟୋ ମାଲିକ ପରସ୍ପରକୁ ସାହାଯ୍ୟ ଓ ସହାନୁଭୂତିର ହାତ ପାଇପାରୁଛନ୍ତି ବୋଲି ଆଇଆଇସି ସାହୁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ଦାସ, ରତ୍ନାକର ବେହେରା, କବିରାଜ କାଣ୍ଡି, ରସିଦ ଖାଁ, ଦୁର୍ଯ୍ୟୋଧନ ବେହେରା, ଦୁଷ୍ମନ୍ତ କାଣ୍ଡି, ପ୍ରସନ୍ନ ନାୟକ, ବଳରାମ ସାହୁ, ବାବୁଲା ବେହେରାଙ୍କ ସମେତ କାକଟପୁର ଜୋନ୍‌ର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କ ସମୀକ୍ଷା ବୈଠକ

**ପିପିଲି,୨୧।୧(ଦୁର୍ଗା ମାଧବ ମିଶ୍ର):** ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସପ୍ତମ ମାସିକ ସମ୍ମିଳନୀ କଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଚିନ୍ତାମଣି ଓଝା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସାହୁ, ରସାନନ୍ଦ ସାହୁ, ମଧୁଛନ୍ଦା ମିଶ୍ର, ଜୟନ୍ତୀ ଦାସ, ସନ୍ଧ୍ୟାରାଣୀ ନାୟକ, ସୀତା ନାୟକ, ଲକ୍ଷ୍ମୀଧର ପ୍ରଧାନ, ମନ୍ଦାକିନୀ ଦଳେଇ, ଜୟଲକ୍ଷ୍ମୀ ସ୍ୱାଇଁଙ୍କ ସମେତ ପ୍ରଭାତୀ ମାର୍ଥା, ରଶ୍ମିରେଖା ନାୟକ, ସନ୍ଧ୍ୟାରାଣୀ ପାତ୍ର, ଆଲୋକ ସ୍ୱାଇଁ, ଦୟାନିଧି ଷଡ଼ଙ୍ଗୀ, ସୁପ୍ରିୟା ପ୍ରଧାନ ପ୍ରମୁଖ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶ୍ରେଣୀର ଶିକ୍ଷକମାନେ ଯୋଗ ଦେଇଥିଲେ। ବୈଠକରେ ମୁଖ୍ୟତଃ ଲିଖନର ବିଭିନ୍ନ କୌଶଳ, ଡିକୋଡିଂ କୌଶଳ, ସିଜ୍ ପରୀକ୍ଷାର ନମୁନା ପ୍ରଶ୍ନପତ୍ର, ମନିଟରିଂ ଅଫ୍ ଭେନ୍ୟୁ ଆଦି ଆଲୋଚନା କରାଯାଇ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟକ୍ରମ କରେଇବାକୁ ନିଷ୍ପତ୍ତି ହୋଇଛି।

## ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ସୃଜନଶୀଳତା କାର୍ଯ୍ୟକ୍ରମ

**ଡେଲାଙ୍ଗ,୨୧।୧(ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ ବ୍ଲକ କଲ୍ୟାଣପୁରସ୍ଥିତ ପ୍ରଦୀପ ମହାରଥୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଭାଷା ସାହିତ୍ୟ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସହଶିକ୍ଷାଧିକାରୀ ସଂଯୁକ୍ତା ମିଶ୍ର, ଶିକ୍ଷାବିତ୍ ଚକ୍ରଧର ପ୍ରଧାନ, ଅଭିନାନନ୍ଦ ପ୍ରଧାନ, ସିଆର୍‌ସିସି କୃତ୍ତିବାସ ପରିଡ଼ା, ସ୍ଥାନୀୟ ସରପଞ୍ଚ ଗୋବର୍ଦ୍ଧନ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସୃଜନୀ, କ୍ରୀଡ଼ାଙ୍ଗନ, ଜିଜ୍ଞାସା, କୌଶଳୀ ଆଦି ୪ଟି ବିଭାଗରେ ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚିତ୍ରାଙ୍କନ, ସଂସ୍କୃତି ସମ୍ପର୍କରେ ଲିଖନ, ଗଳ୍ପ ଲିଖନ, ବିଜ୍ଞାନ ଆଦି କ୍ଷେତ୍ରରେ ଛାତ୍ରୀମାନଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୃତୀ ଛାତ୍ରୀଙ୍କୁ ପ୍ରଶଂସାପତ୍ର ଓ ଶିଲ୍ଡ କପ ପ୍ରଦାନ ପୂର୍ବକ ପ୍ରଧାନ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧନା କରିଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ନିଷ୍ଠାର ସହିତ ବିଦ୍ୟାଧ୍ୟୟନ କଲେ ଭବିଷ୍ୟତ ସଫଳ ହେବ

### ଡିଏମ୍ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକୋତ୍ସବ




**ପୁରୀ,୨୧।୧(ଅଜିତ୍ ମହାନ୍ତି):** ଶିଶୁ ଶିକ୍ଷାନୁଷ୍ଠାନ ଡିଏମ୍ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକୋତ୍ସବ ପୁରୁଣା ସଦର ଥାନାସ୍ଥିତ ଅମଳା କ୍ଲବ ପରିସରରେ ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପନଗରପାଳ ସବ୍ୟସାଚୀ ମହାପାତ୍ର, ଇଂଲିଶ ଏକାଡେମୀ ନିର୍ଦ୍ଦେଶକ ଦେବାଶିଷ ତ୍ରିପାଠୀ ଏବଂ ପୂର୍ବତନ ପୌର ସଦସ୍ୟ ପ୍ରୀତମ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ। ନିଷ୍ଠା ଓ ପରିଶ୍ରମ ସଫଳତାର ଚାବିକାଠି। ତେଣୁ ଛାତ୍ରୀଛାତ୍ର ନିଷ୍ଠାର ସହିତ ବିଦ୍ୟାଧ୍ୟୟନ କରିବା ସହିତ କଠିନ ପରିଶ୍ରମ କଲେ ନିଶ୍ଚୟ ଭବିଷ୍ୟତ ସଫଳ ହେବ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ପ୍ରଦୀପ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟକ୍ଷା ସଂଘମିତ୍ରା ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜଗତଜୀବନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପରେ ପରେ ଛାତ୍ରୀଛାତ୍ରମାନେ ସମବେତ ସ୍ୱାଗତ ସଙ୍ଗୀତ, ଶ୍ଳୋକ ଆବୃତ୍ତି, ଯୋଗ ପ୍ରଦର୍ଶନ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ବିହୁ ନୃତ୍ୟ, ଭଜନ ନୃତ୍ୟ ଆଦି ପରିବେଷଣ କରିଥିଲେ। ସ୍ୱାଗତିକା ମିଶ୍ର, ପରେଶ ଶତପଥୀ, ଇତିଶ୍ରୀ ମହାପାତ୍ର, ନଳିନୀ ମହାରଣା, ପ୍ରଜ୍ଞାଶ୍ରୀ ମହାନ୍ତି, ଲିପ୍ସା ମହାପାତ୍ର, ଗାୟତ୍ରୀ ସେନଗୁପ୍ତା, ରସ୍ମାଞ୍ଜଳି ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅରୁଆ ଚାଉଳ, ଦୀପ, ବଳିତା ବାଣ୍ଟିଲା ଭାଜପା



ଭାଜପା ପକ୍ଷରୁ ଅଞ୍ଚଳବାସୀଙ୍କ ଅରୁଆ ଚାଉଳ ବଣ୍ଟା ଯାଉଛି ।

**ପିପିଲି,୨୧।୧ (ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ନିମନ୍ତେ ଦେଶର ସବୁ ମନ୍ଦିରକୁ ସ୍ୱଚ୍ଛ ଆଉ ସୁସଜ୍ଜିତ କରିବାରେ ସମସ୍ତେ ଲାଗି ପଡ଼ିଛନ୍ତି। ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ସହିତ ସ୍ଥାନୀୟ ଭାଜପା କର୍ମୀ ରବିବାର ପିପିଲି ଦାଣ୍ଡମୁକୁନ୍ଦପୁର ଜୟଗୋପାଳ ମନ୍ଦିର ଓ ପାଖରେ ଥିବା ମହାଦେବ ମନ୍ଦିର ପ୍ରାଙ୍ଗଣରେ ସ୍ୱଚ୍ଛତା କାର୍ଯ୍ୟ କରିଛନ୍ତି। ଏହା ସହିତ ସ୍ଥାନୀୟ ସାମାଜିକ କର୍ମୀ ସୁରେନ୍ଦ୍ର ବେହେରାଙ୍କ ପକ୍ଷରୁ ଅଞ୍ଚଳର ଲୋକଙ୍କୁ ଘରେ ଘରେ ଅରୁଆ ଚାଉଳ, ଡାଲି, ଦୀପ, ବଳିତା ଓ ଘିଅ ବଣ୍ଟନ କରାଯାଇଛି। ସୋମବାର ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠାରେ ଶ୍ରୀରାମଙ୍କୁ ସ୍ୱାଗତ କରିବା ମୁତାବକ ଦିନରେ ନାସ୍ତିକ ଭୋଜନ ସହିତ ସନ୍ଧ୍ୟାରେ ଦୀପ ଜାଳି ପ୍ରଭୁ ରାମଙ୍କୁ ସ୍ୱାଗତ କରିବାକୁ ସାମାଜିକ କର୍ମୀ ବେହେରା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପ୍ରବର୍ତ୍ତାଇଥିଲେ।

## ସିପ୍ରା ମିଶ୍ର ହେଲେ 'ଓଡ଼ିଶୀ ନୃତ୍ୟ ଭାସ୍କର'

**ପୁରୀ,୨୧।୧( ଅଜିତ୍ ମହାନ୍ତି):** ଓଡ଼ିଶୀ ନୃତ୍ୟଶିଳ୍ପୀ ସିପ୍ରା ମିଶ୍ର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅଂଶଗ୍ରହଣ କରି ଶ୍ରୀକ୍ଷେତ୍ର ତଥା ଓଡ଼ିଶା ପାଇଁ ଅନେକ ଗୌରବ ଆଣି ପାରିଛନ୍ତି। ନିକଟରେ କୋଲକାତାର ରବୀନ୍ଦ୍ର ମଞ୍ଚଠାରେ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ ଦ୍ୱାରା ଆୟୋଜିତ ସମାବର୍ତ୍ତନ ଉତ୍ସବରେ ଓଡ଼ିଶୀ ନୃତ୍ୟ ଭାସ୍କର ପରୀକ୍ଷାରେ ସର୍ବଭାରତୀୟସ୍ତରରେ ଓଡ଼ିଶୀ ନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସମ୍ବର୍ଦ୍ଧିତ ହୋଇ ପୁରୀ ସହର ପାଇଁ ଗୌରବ ଆଣିଛନ୍ତି। ଉଲ୍ଲେଖଯୋଗ୍ୟ, ସେ ମର୍ଦ୍ଦଳ ଗବେଷକ ଗୁରୁ ଜଗନ୍ନାଥ ମିଶ୍ର ଏବଂ ମାତା ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ଏକମାତ୍ର କନ୍ୟା। ପିଲାଟି ଦିନରୁ ସେ ସଙ୍ଗୀତମୟ ପରିବେଶ ଭିତରେ ନିଜର ସମୟ କାଟିବା ଫଳରେ ଶାସ୍ତ୍ରୀୟ ନୃତ୍ୟ, ଓଡ଼ିଶୀ ନୃତ୍ୟ ପ୍ରତି ତାଙ୍କର ଗଭୀର ରୁଚି ରହିଛି। ସିପ୍ରା ବର୍ତ୍ତମାନ ଲିଙ୍ଗରାଜ କଳା ନିକେତନରେ ଅନ୍ତର୍ଜାତୀୟ ନୃତ୍ୟ ଗୁରୁ ମନୋଜ କୁମାର ପ୍ରଧାନଙ୍କଠାରୁ ନୃତ୍ୟ ଶିକ୍ଷା ଲାଭ କରୁଛନ୍ତି। ନିକଟରେ ସିପ୍ରା ଦୂରଦର୍ଶନରେ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ (ବି ଗ୍ରେଡ୍) କଳାକାର ମାନ୍ୟତା ପ୍ରାପ୍ତ କରିଥିଲେ। ତାଙ୍କ ସଫଳତା ପାଇଁ ସେ ଜେଜେ ବାପା ଧବଳେଶ୍ୱର ମିଶ୍ର, ମାତା, ପିତା ନୃତ୍ୟ ଗୁରୁ ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ଶୁଭେଚ୍ଛା, ଆଶୀର୍ବାଦ ଏବଂ ପ୍ରେରଣା ତାଙ୍କୁ ଆଗକୁ ନେଇଛି ବୋଲି ସେ କୁହନ୍ତି। ବର୍ତ୍ତମାନ ସେ ଶିକ୍ଷାରେ ସ୍ନାତକୋତ୍ତର କରୁଛନ୍ତି। ଆକାଶବାଣୀ ପୁରୀର ଯୁବ ବିଭାଗରେ କାର୍ଯ୍ୟକ୍ରମ ଉପସ୍ଥାପିକା ଭାବରେ ଅନେକ ସୁନାମ ଅର୍ଜନ କରିଛନ୍ତି।




ସିପ୍ରା ମିଶ୍ର

## ଭାଜପା ପକ୍ଷରୁ ରାମରଥ ପରିକ୍ରମା ସହ ବାଇକ୍ ଶୋଭାଯାତ୍ରା

**ପୁରୀ,୨୧।୧(ଅଜିତ୍ ମହାନ୍ତି):** ଅଯୋଧ୍ୟାଠାରେ ରାମ ମନ୍ଦିର ପ୍ରତିଷ୍ଠା ପରିପ୍ରେକ୍ଷୀରେ ଭାଜପା ପୁରୀ ଶାଖା ପକ୍ଷରୁ ରବିବାର ଏକ ବାଇକ୍ ଶୋଭାଯାତ୍ରା ରାମରଥ ପରିକ୍ରମା କରିଛି। ଶୋଭାଯାତ୍ରାରେ ଜୟ ଶ୍ରୀରାମ ଧ୍ୱନିରେ ବଡ଼ଦାଣ୍ଡ ରାମମୟ ହୋଇ ଉଠିଥିଲା। ପ୍ରଭୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ଆଖଣ୍ଡଳମଣି ମନ୍ଦିର ସମ୍ମୁଖରୁ ରାମରଥ ସହ ଏକ ଭବ୍ୟ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ସାମିଲ ହେବା ସହ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବଜରଙ୍ଗ ଦଳ ମଧ୍ୟ ସାମିଲ ହୋଇଥିଲେ। ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପୂର୍ବରୁ ମହାପ୍ରଭୁଙ୍କୁ ଧନ୍ୟବାଦ ଦେବାକୁ ଆସିଥିବା ରାଷ୍ଟ୍ରୀୟ ମୁଖପାତ୍ର ପାତ୍ର କହିଥିଲେ। ଶୋଭାଯାତ୍ରା ସମୟରେ ନାୟକ ପ୍ଲାଜାଠାରେ ଧାରଣାରେ ବସିଥିବା ଉଠା ଦୋକାନୀଙ୍କୁ ପାତ୍ର ଭେଟି ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ପ୍ରତିଷ୍ଠା ଦିବସର ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ପାତ୍ର ଏହି ଅବସରରେ ସୂଚନା ଦେଇ କହିଥିଲେ, ଏହି ଦିନ ଭାରତ ବର୍ଷରେ ଏକ ସ୍ୱର୍ଣ୍ଣିମ ଦିବସ। ୫୦୦ ବର୍ଷ ଅପେକ୍ଷା ପରେ ସମସ୍ତଙ୍କ ଆଶା ସାକାର ହେବାକୁ ଯାଉଛି। ଏହିପାଇଁ ଧନ୍ୟବାଦ ଉଦ୍ଦେଶ୍ୟରେ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।



## ମନ୍ଦିରରୁ ଅଳଙ୍କାର ଚୋରି, ୩ ଗିରଫ

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ଷ୍ଟେଶନ ରୋଡ୍‌ଠାରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିରରୁ ଚୋରି କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ୨ ଜଣଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଗ୍ରାମର ମନୋଜ ବସ୍ତିଆ, ଦେବାଶିଷ ଦାସ ଓ ପଥରକଟା ସାହିର ଆଦିତ୍ୟ ପାତ୍ର। ଶନିବାର ରାତିରେ ଅଭିଯୁକ୍ତମାନେ ମନ୍ଦିରର ତାଲା ଭାଙ୍ଗି ହନୁମାନଙ୍କର ରୂପା ମକୁଟ, ହାର, ବଳା ବାହୁଟିକୁ ଚୋରି କରି ନେଇଥିଲେ। ରବିବାର ସକାଳେ ମନ୍ଦିର ତତ୍ତ୍ୱାବଧାରକ ପ୍ରଭାରାଣୀ ମହାନ୍ତି ଦେଖି ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

## ଆଜି କ'ଣ କେଉଁଠି

କଟକ ସଦର

- ରାଧା ବିନୋଦ ଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା, ସଫିପୁର, ପୂର୍ବାହ୍ନ ୧୧ଟା।

# 'ସ୍ଥାୟୀ କୃଷିକୁ ଉତ୍ପ୍ରେରିତ କରିବ ସହଯୋଗାତ୍ମକ ଭାବନା'

କଟକ,୨୧।୧(କାର୍ତ୍ତିକ ସାହୁ)

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ(ଏନ୍‌ଆର୍‌ଆର୍‌ଆଇ) ଓ କୃଷି ଅନୁସନ୍ଧାନ ପରିଚାଳନା ସମାଜର ମିଳିତ ସହଯୋଗରେ ଆୟୋଜିତ ୩ ଦିନିଆ ଷଷ୍ଠ ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀ ଏଗ୍ରିଭିଜନ-୨୦୨୪ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ ଯୋଗଦେଇ କହିଛନ୍ତି, ସ୍ଥାୟୀ କୃଷି ପାଇଁ ସହଯୋଗାତ୍ମକ ଭାବନା ନିଶ୍ଚିତ ଭାବରେ ଆଗାମୀ ବର୍ଷରେ ଅଭୂତପୂର୍ବ ଗବେଷଣାକୁ ଉତ୍ପ୍ରେରିତ କରିବ। ଏନ୍‌ଆର୍‌ଆର୍‌ଆଇର ନିର୍ଦ୍ଦେଶକ ଅମରେଶ କୁମାର ନାୟକ ଅଧ୍ୟକ୍ଷତା କରି କହିଛନ୍ତି, ସ୍ଥାୟୀ କୃଷି ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା। ଚାଉଳ ଅନୁସନ୍ଧାନ ଏହି ପ୍ରୟାସରେ ଆଶାର ଆଲୋକ। ଏନ୍‌ଆର୍‌ଆର୍‌ଆଇ ଦ୍ୱାରା ବିକଶିତ ଅଧିକ ଅମଳକ୍ଷମ କିସମଗୁଡ଼ିକ ଦେଶରେ ଧାନ ଉତ୍ପାଦନ ବୃଦ୍ଧି କରିଛି। ଏଥିସହ ମରୁଡ଼ି, ବନ୍ୟା ଏବଂ କୀଟ ସଂକ୍ରମଣ ଚାପକୁ ମଧ୍ୟ ସହ୍ୟ କରିଛି। ଏହି ଜଳବାୟୁ ପ୍ରତିରୋଧୀ କିସମଗୁଡ଼ିକୁ ଚାଷ କରି କୃଷକମାନେ ରାସାୟନିକ ପ୍ରୟୋଗ ଉପରେ ସେମାନଙ୍କର ନିର୍ଭରଶୀଳତା କମ୍ କରିପାରିଛନ୍ତି, ଯାହା କୃଷି ବ୍ୟବସ୍ଥାକୁ ଦୀର୍ଘମିଆଦି ଭାବେ ଅଧିକ ସ୍ଥାୟୀ କରିବ। ଏହି ସମ୍ମିଳନୀରେ ଏନ୍‌ଆର୍‌ଆର୍‌ଆଇ ଦ୍ୱାରା ବିକଶିତ ଜଳବାୟୁ-ପ୍ରତିରୋଧୀ ପ୍ରଯୁକ୍ତିବିଦ୍ୟାରେ ଅତ୍ୟାଧୁନିକ ସଫଳତା ପ୍ରଦର୍ଶନ କରିଥିବା ଅନ୍ତର୍ନିହିତ ଉପସ୍ଥାପନା ଓ ଆଲୋଚନାଗୁଡ଼ିକ ସ୍ଥାନିତ ହୋଇଥିଲା। ଏଗ୍ରିଭିଜନ-୨୦୨୪ର କନ୍‌ଭେନର ଡ. ଏମ୍.ଜେ. ବେଗ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡି. ଦାସ ଧନ୍ୟବାଦ ଦେଇଥିଲେ।




ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

**ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀ ଉଦ୍‌ଯାପିତ**

## ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

ଚୌଦ୍ୱାର,୨୧।୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୯ନଂ. ୱାର୍ଡସ୍ଥିତ ଚୌଦ୍ୱାର ବାଳିକା ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମମତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚୌଦ୍ୱାର ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ପରିଚାଳନା କମିଟି ସଭାପତି ରାଜକିଶୋର ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଳ୍ପ ପଠନ, କବିତା ଆବୃତ୍ତି, ନୃତ୍ୟ, ଗୀତ ପରିବେଷଣ କରାଯାଇଥିବାବେଳେ ପୁସ୍ତକ 'ମୋ କଥା ମୋ କାହାଣୀ' ଉନ୍ମୋଚିତ ହୋଇଥିଲା। ଏଥିସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମୃଣାଳିନୀ ତ୍ରିପାଠୀ, କବିତା ସ୍ୱାଇଁ, ନିଗାର ସୁଲତାନ, ଭକ୍ତିମୟୀ କୁଅଁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ମଙ୍ଗୁଳି-ଜଗତପୁର,୨୧।୧(ମାନସ ସାମଲ)

ଜଗତପୁରସ୍ଥିତ ଚିନ୍ମୟ ମିଶନ ଆଶ୍ରମ ପରିସରରେ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗୀତା ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ସଂଯୋଜକ ସ୍ୱାମୀ ଓଁକାର ନନ୍ଦ ସରସ୍ୱତୀଙ୍କ ପୌରହିତ୍ୟରେ ଆୟୋଜିତ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଡ. କିଶନଲାଲ ଭରତୀୟା, ସମ୍ମାନିତ ଅତିଥି ବିଜୟ କୟଲ, ଡ. ଚିତ୍ତରଞ୍ଜନ ଷଡଙ୍ଗୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କଟକ ଚିନ୍ମୟ ମିଶନର ସମ୍ପାଦକ ସଂଗ୍ରାମ କେଶରୀ କରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପଦ୍ମଲୋଚନ ବେହେରା, ହରିହର ଦାସ, ବିଜୟ ସେନାପତି, ଦିବାକର ପାଣି, ନରେଶ ବେହେରା, ମହେଶ୍ୱର ସାହୁ, ଇଲା ମହାପାତ୍ର, ବିକାଶ ମହାନ୍ତି, ଆକାଶ ସାହୁ ପ୍ରମୁଖ ପରିଚାଳନା କରିଥିଲେ।




କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ରବିବାର ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଠିକା କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

କଟକ,୨୧।୧(ଶିଳ୍ପା ପ୍ରିୟଦର୍ଶିନୀ)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଏନ୍‌ଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନର ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ପୂର୍ବତନ ରାଜ୍ୟ ସଭାପତି ଇଂ. ଶ୍ରୀକାନ୍ତ କୁମାର ବ୍ରହ୍ମା ଯୋଗଦେଇ ଏସିଆ ମହାଦେଶର ସର୍ବବୃହତ ଧାନ ଗବେଷଣା କେନ୍ଦ୍ରର ଉନ୍ନତି, ଶ୍ରମିକଙ୍କ ଉନ୍ନତି ସହିତ ଦେଶର ପ୍ରଗତି ପାଇଁ ଶ୍ରମିକମାନେ କର୍ତ୍ତବ୍ୟ କରନ୍ତୁ। ସଂଘର ସାଧାରଣ ସମ୍ପାଦକ ସୁଧୀର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବସନ୍ତ କୁମାର ସାହୁଙ୍କ ଲିଖିତ ପୁସ୍ତକ ଅନୁଭୂତିରେ ଅଯୋଧ୍ୟା ଯାତ୍ରାକୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘର କଟକ ଜିଲା ସଭାପତି ରମାକାନ୍ତ ସାହୁ, ଉପସଭାପତି ଅଶୋକ କୁମାର ସ୍ୱାଇଁ, ସମ୍ପାଦକ ପ୍ରକାଶ ରାଉତ, ବିଲ୍ଡିଂ କନଷ୍ଟ୍ରକସନ୍ ୱାର୍କର୍ସ ୟୁନିୟନର ଉପସଭାପତି ସବିତା ସାହୁ, କଟକ ଜିଲା ଅସଂଗଠିତ ମଜଦୁର ସଂଘ ସଭାପତି ବିନୋଦ ପତି, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ସାହୁ, ଜଗତପୁର ଶିଳ୍ପାଞ୍ଚଳ ଶ୍ରମିକସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାମଲ, କଟକ ଜିଲା କମିଟି ସଦସ୍ୟା ମମତା ସାମଲ, ଏନ୍‌ଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନର ସହସମ୍ପାଦିକା ମମତା ଭୋଇ, ପ୍ରବୀଣା ଭୋଇ, ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

କଟକ,୨୧।୧(ଶିଳ୍ପା ପ୍ରିୟଦର୍ଶିନୀ)

ଯୋବ୍ରା କଲେଜ ଛକସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଜଗତପୁର ନିମପୁରର ମିନିଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଉତ୍ସବ ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମକୁ ବିଧାୟକ ସୌଭିକ୍ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଏସିପି ଅରୁଣ କୁମାର ସ୍ୱାଇଁ ଯୋଗଦେଇଥିଲେ। ଏହିଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି, ସହ ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି, ତୃଷ୍ଟି ସିଗ୍ଧା ମହାନ୍ତି ଯୋଗଦେଇଥିଲେ। ଏହି ଉତ୍ସବରେ ପୂର୍ବବର୍ଷ ବୋର୍ଡ ଟପ୍‌ର ଆଦ୍ୟପ୍ରକାଶ ନାୟକ ଓ ଆକାଂକ୍ଷା ଦାସଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଉତ୍ସବରେ ବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷା ଡ. ନିକୋଲା ହ୍ୟାରୀ ଓ ପରିଚାଳିକା ଡ. ଶମାମା ତାଜଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିଙ୍କ ଗହଣରେ କୃତି ପ୍ରତିଯୋଗୀ।

## ଅଲ୍ ଓଡ଼ିଶା କ୍ରେନ୍ ଆସୋସିଏଶନ୍‌ର ବାର୍ଷିକ ଉତ୍ସବ

ମଙ୍ଗୁଳି-ଜଗତପୁର,୨୧।୧(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ସର୍ଦ୍ଦୋଳା ମିନିଷ୍ଟାଡିୟମ ପରିସରରେ ଅଲ୍ ଓଡ଼ିଶା କ୍ରେନ୍ ଆସୋସିଏଶନ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଅଛି। ସାମାଜିକ କର୍ମୀ ଦୁର୍ଗାମାଧବ ସାହୁଙ୍କ ପୌରୋହିତରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ କ୍ରେନ୍ ମାଲିକ ଜଗନ୍ନାଥ ଖଣ୍ଡୁଆଳ, ଦୁଷ୍ମନ୍ତ କୁମାର ଦାସ, ପ୍ରଭଞ୍ଜନ ପାତ୍ର, ଦୀପକ ମହାନ୍ତି, ତପନ କୁମାର ସାମନ୍ତରାୟ, ସୂର୍ଯ୍ୟକାନ୍ତ ପଣ୍ଡା, ଅତିସ ସାହୁ, ଅଶୋକ ରଞ୍ଜନ ପଣ୍ଡା, କୁନାଲ ଚକ୍ରବର୍ତ୍ତୀ, ଏମ୍. ରାଜେଶ କୁମାର ପ୍ରମୁଖ ଯୋଗଦେଇଥିଲେ। ଦୁର୍ଘଟଣା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆମ୍ବୁଲାନ, ଦମକଳ ଭଳି କ୍ରେନ୍ ସମସ୍ତ କାର୍ଯ୍ୟରେ ବ୍ୟବହୃତ ହେଉଛି। ତେଣୁ କ୍ରେନ୍ ସେବାକୁ ଜରୁରୀକାଳିନ ସେବା ଭାବେ ମାନ୍ୟତା ଦିଆଯାଉ ବୋଲି ମତପ୍ରକାଶ ପାଇଛି। ପ୍ରତାପ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ କ୍ଷୀରୋଦ ପ୍ରଧାନ, ବିଶ୍ୱଜିତ୍ ଜେନା, ସୁପ୍ରତିକ ଜେନା, ସଞ୍ଜୟ ସିଂହ, ସନ୍ତୋଷ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

## 'ପାଣିନିଙ୍କ ଅଷ୍ଟାଧ୍ୟାୟୀ ଗ୍ରନ୍ଥ ବିଶ୍ୱପ୍ରସିଦ୍ଧ'

କଟକ,୨୧।୧ (କାର୍ତ୍ତିକ ସାହୁ)

ପାଣିନିଙ୍କ ବ୍ୟାକରଣ ଗ୍ରନ୍ଥ ଅଷ୍ଟାଧ୍ୟାୟୀ ବିଶ୍ୱପ୍ରସିଦ୍ଧ। ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଲିଖିତ ଏହି ବ୍ୟାକରଣ ଏକ ଆଦର୍ଶ ବ୍ୟାକରଣ ବୋଲି ଭାଷାବିତ୍‌ମାନଙ୍କଦ୍ୱାରା ସ୍ୱୀକୃତ। ଅଷ୍ଟାଧ୍ୟାୟୀ ଏକ ସମ୍ପୂର୍ଣ୍ଣ ତଥା ଶୁଦ୍ଧ ବ୍ୟାକରଣ, ଯାହା ଅନ୍ୟ କୌଣସି ଭାଷାରେ ଲେଖାଯାଇନାହିଁ। ଓଡ଼ିଶା ଥିଓସଫିକାଲ ସୋସାଇଟିର ସଭାପତି ଚିତ୍ତରଞ୍ଜନ ଶତପଥୀ ହାଇକୋର୍ଟ ନିକଟ କାଳୀମନ୍ଦିର ସମ୍ମୁଖସ୍ଥ ସୋସାଇଟି ସଭାଗୃହରେ ଅନୁଷ୍ଠିତ ପାଣିନି ଓ ଓଡ଼ିଆ ବ୍ୟାକରଣ ପରମ୍ପରା ଶୀର୍ଷକ କର୍ମଶାଳାକୁ ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ବକ୍ତା ଭାଷାବିତ୍ ପ୍ରଫେସର ସିନିରୁଦ୍ଧ ଦାଶ ବ୍ୟାକରଣର ପ୍ରମୁଖ ବିନ୍ଦୁଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଡ. ସିପ୍ରା ମଲ୍ଲିକ, ଗୋପବନ୍ଧୁ ମହାନ୍ତି, ହରେକୃଷ୍ଣ ପାତ୍ର, ଡ. ସୁରେନ୍ଦ୍ରନାଥ ଷଡ଼ଙ୍ଗୀ ପ୍ରମୁଖ ଭାଷାପ୍ରେମୀ ଯୋଗଦେଇଥିଲେ। ଅନ୍‌ଲାଇନ୍ ମାଧ୍ୟମରେ ମଧ୍ୟ ଅନେକ ଆଗ୍ରହୀ ବିଦ୍ୱାନ ସାମିଲ ହୋଇଥିଲେ। ଜିଓ୍ୱାଇପିପିସି ଓଫନ ସର୍କଲର ପ୍ରତିଷ୍ଠାତା ପ୍ରଦୀପ୍ତ ସୁନ୍ଦର ମହାରଣା କର୍ମଶାଳା ସଂଯୋଜନା ଓ ସୁଧାଂଶୁ ଶେଖର ପତି ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଅତିଥି ଓ ଅନ୍ୟମାନେ।

## ଶିଶୁ ସାହିତ୍ୟ ପତ୍ରିକାର ବାର୍ଷିକ ଉତ୍ସବ

କଟକ ସଦର,୨୧।୧(ସୁଶାନ୍ତ କୁମାର ଜେନା)

କିଶନ ନଗରସ୍ଥିତ ଶିଶୁ ମଙ୍ଗଳ କ୍ଲବ ଆନୁକୂଲ୍ୟରେ ଶିଶୁ ସାହିତ୍ୟ ପତ୍ରିକା କୁନି ପ୍ରତିଭାର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ରବିବାର ମୁକ୍ତେଶ୍ୱର ମହାଦେବ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ଅଦ୍ୱୈତାନନ୍ଦ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶିଶୁରୋଗ ବିଶେଷଜ୍ଞ କିଶୋର ଚନ୍ଦ୍ର ଦାସ, ମୁଖ୍ୟବକ୍ତା ସାମାଜିକ କର୍ମୀ ସନ୍ତୋଷ ପତି, ସମ୍ମାନିତ ଅତିଥିଭାବେ ଆଡ୍‌ଭୋକେଟ ବିଜୟ କେତନ ନାୟକ, ଇଂ. ଅଶୋକ କୁମାର ବିଶ୍ୱାଳ, ନାଟ୍ୟକାର ଅଶୋକ ପଟ୍ଟନାୟକ, ଶୁକଦେବ ପରିଡା ଯୋଗଦେଇଥିଲେ। ପତ୍ରିକାର ସମ୍ପାଦକ ସତ୍ୟରଞ୍ଜନ ବାରିକ ସ୍ୱାଗତ ଭାଷଣ ଓ ଅଧ୍ୟାପକ ଧରଣୀଧର ଜେନା ମଞ୍ଚ ପରିଚଳନା କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ, ବାରବାଟୀ ବ୍ଲାଷ୍ଟର ଚାମ୍ପିୟନ୍



ଅତିଥିଙ୍କ ଗହଣରେ ଖେଳାଳୀମାନେ।

କଟକ,୨୧।୧ (କାର୍ତ୍ତିକ ସାହୁ)

ବାରବାଟୀ ୟୁନାଇଟେଡ୍ କ୍ଲବ ପକ୍ଷରୁ ଏକଦିବସୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ସତ୍ୟବ୍ରତ ଷ୍ଟାଡିୟମଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବାରବାଟୀ ଫୋର୍ଟ, ବାରବାଟୀ ଫ୍ରେଣ୍ଡସ୍, ବାରବାଟୀ ବ୍ଲାଷ୍ଟର ଓ ବାରବାଟୀ ମର୍ଣ୍ଣିଂ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ବାରବାଟୀ ବ୍ଲାଷ୍ଟର ଦଳ ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସିଏମ୍‌ସି ମେୟର ସୁବାସ ସିଂ, କଟକ ମହାନଗର ପୂଜା କମିଟି ସଭାପତି ଦେବେନ୍ଦ୍ର କୁମାର ସାହୁ ଓ ସମ୍ପାଦକ ଭିକାରି ଦାସ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ ଅଧ୍ୟକ୍ଷ ପ୍ରକାଶ କୁମାର ନନ୍ଦ, ସଭାପତି ଶିବଶଙ୍କର ସାହୁ, ସଚିବ ପୀତବାସ ସାହୁ, ଡା. ସନାତନ ବେହେରା, ଶେଖ୍ ଦାଉଦ, ମହମ୍ମଦ ମୁସ୍ତାକିମ୍, ମିର୍ଜା ସଫିକ ବେଗ୍, କୋଷାଧ୍ୟକ୍ଷ ସୁନାକର ଦଳାଇ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ଭାସ୍କର୍ଯ୍ୟ କଳାରେ ନେତାଜୀଙ୍କ ଜୀବନ କାହାଣୀ

କଟକ,୨୧।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ସମ୍ପର୍କିତ ଭାସ୍କର୍ଯ୍ୟ କଳା ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୁଦନ ଦାସ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଯୁବ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ଉତ୍ସାହିତ କରିବା ପାଇଁ ଏହି ଶିବିର ଆୟୋଜନ କରାଯାଇଛି। ସେମାନଙ୍କର ଏହି କାରୁକାର୍ଯ୍ୟ ଅନ୍ୟମାନଙ୍କୁ ପ୍ରେରିତ କରିବା ବୋଲି ଦାସ କହିଛନ୍ତି। ଏଥିରେ ଅତିଥି ଭାବେ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ ମହେନ୍ଦ୍ର ପ୍ରସାଦ ମହାପାତ୍ର, ବରିଷ୍ଠ ଶିଳ୍ପୀ ରବିନାରାୟଣ ରଥ, ସଦସ୍ୟ ସ୍ମିତା ମୂଳିଆ, ସଚିବ ପଞ୍ଚାନନ ସାମଲ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ୧୮ ଜଣ ଯୁବ ଭାସ୍କର୍ଯ୍ୟ ଶିଳ୍ପୀ ଯୋଗଦେଇ ନେତାଜୀଙ୍କ ଜୀବନୀକୁ ନେଇ ଭାସ୍କର୍ଯ୍ୟ କଳା ଅଙ୍କନ କରିଛନ୍ତି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ।

ଏ ସମ୍ପର୍କରେ ଭାସ୍କର୍ଯ୍ୟ ଶିଳ୍ପୀ ସୁରଜ କୁମାର ମୁଦୁଲି କହିଛନ୍ତି, ପ୍ରାୟ ୧୨ ବର୍ଷ ହେବ ଭାସ୍କର୍ଯ୍ୟ କଳାକୁ ନେଇ କାରୁକାର୍ଯ୍ୟ କରିଆସୁଛି। ଦିଲୀ ଚଲୋ ନାରା ଦେଇ ନେତାଜୀ ଦିଲୀ ଅଭିମୁଖେ ଗସ୍ତ କରିଥିଲେ। ଏହାକୁ ନେଇ ଭାସ୍କର୍ଯ୍ୟ କଳା ପ୍ରସ୍ତୁତ କରିଛି। ଲଳିତ କଳା ଏକାଡେମୀ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ଉତ୍ସାହିତ କରିବା ଖୁସିର ବିଷୟ। ସେହିପରି ଭାସ୍କର୍ଯ୍ୟ ଶିଳ୍ପୀ ଦୁର୍ଗା ପ୍ରସାଦ ବେହେରା କହିଛନ୍ତି, ପ୍ରତିବର୍ଷ ନେତାଜୀ ଜୟନ୍ତୀରେ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ କାହାଣୀକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଲଳିତ କଳା ଏକାଡେମୀ ପ୍ରୟାସ କରିଥାଏ। ଚଳିତବର୍ଷ ପ୍ରଥମକରି ଯୁବ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ଏକାଡେମୀ ପକ୍ଷରୁ ସୁଯୋଗ ଦିଆଯାଇଛି। ନେତାଜୀ ପରେଡ୍ କରୁଥିବା ସମୟର ଚିତ୍ରକୁ ଆଙ୍କିଛି। ଭାସ୍କର୍ଯ୍ୟ ଶିଳ୍ପୀ ମୁନୁ ବେହେରା କହିଛନ୍ତି, ନେତାଜୀଙ୍କ ଆଜାଦି ଫଜ୍ ସମୟର ମୃଣ୍ମୟ ଭାସ୍କର୍ଯ୍ୟ ରହିଛି। ନେତାଜୀଙ୍କ ଜୀବନୀ ଆଧାରିତ ଭାସ୍କର୍ଯ୍ୟ କଳା ତିଆରି କରିବା ପାଇଁ ସୁଯୋଗ ମିଳିଛି। ଏଠାକୁ ଆସି ଖୁସି ଲାଗିବା ସହ ଗର୍ବ ଅନୁଭବ କରୁଛି। ସେହିପରି ଭାସ୍କର୍ଯ୍ୟ ଶିଳ୍ପୀ ସୁଶାନ୍ତ କୁମାର ମହାନ୍ତି କହିଛନ୍ତି, ୧୪ ବର୍ଷ କାମ କରିବା ଭିତରେ ଆଜିର ଦିନ ଖୁବ୍ ମହତ୍ୱପୂର୍ଣ୍ଣ ରହିଛି। ନେତାଜୀ ଓ ନେହେରୁଙ୍କ ଆଲୋଚନା ସମୟର ଭାସ୍କର୍ଯ୍ୟ ତିଆରି କରିଛି। ଶିଳ୍ପୀଙ୍କୁ ଏପରି ପ୍ରୋତ୍ସାହନ ଦେଇଥିବାରୁ ଏକାଡେମୀକୁ କୃତଜ୍ଞତା ଜଣାଉଛି।




ନେତାଜୀ ସଂଗ୍ରହାଳୟରେ ଅନୁଷ୍ଠିତ ଭାସ୍କର୍ଯ୍ୟ କଳା ଶିବିରରେ ଶିଳ୍ପୀମାନେ ଅଙ୍କନ କରୁଛନ୍ତି।




ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଟକ ବାଲିଯାତ୍ରା ଉପର ପଡିଆରେ ହିନ୍ଦୁସେନା ପକ୍ଷରୁ ବାଲୁକାଶିଳ୍ପୀ ସିଦ୍ଧାର୍ଥ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।




ଅଯୋଧାରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ରବିବାର କଟକ ଦୋଳମୁଣ୍ଡାଇସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ମହାନଗର ୭୨ ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ବାହାରିଥିବା ସଂକୀର୍ତ୍ତନ ଶୋଭାଯାତ୍ରା।

## ସଂକ୍ଷେପରେ

### କାର୍ ଧକ୍କାରେ ଯୁବକ ମୃତ, ଚାଳକ ଅଟକ

ଖୋର୍ଦ୍ଧା,୨୧।୧ (ପ୍ରଭାତ ପାଣିଗ୍ରାହୀ)

ମକର ସଂକ୍ରାନ୍ତିଠାରୁ ଅତ୍ରି ଉଷ୍ଣ ପ୍ରସ୍ରବଣରେ ମକର ମହୋତ୍ସବ ଚାଲିଛି। ଶନିବାର ବିଳମ୍ବିତ ରାତିରେ ମହୋତ୍ସବ ବୁଲି ଘରକୁ ଫେରୁଥିବା ବେଳେ ବାଘମାରୀ ଥାନା ଅନ୍ତର୍ଗତ ହଂସୁଆ ମଠଠାରେ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ପୋଡାଡିହ ଗ୍ରାମର ସୁନୀଲ କୁମାର ମାଣିକ(୨୫)। ଏଥିସହ କାରରେ ଥିବା ଦୁଇଜଣ ଆହତ ହୋଇଥିବା ବେଳେ ସେମାନଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପଟେ ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଥାନାରେ ଦଫା ୨୭୯, ୩୦୪(ଏ),୩୪/ଆଇପିସିରେ ଏକ ମାମଲା(ନଂ.୧୮/୨୪) ରୁଜୁ ହୋଇଛି। କାର୍ ଚାଳକ ଅଟକ ଥିବା ବେଳେ ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ କହିଛନ୍ତି। ପୋଲିସ ଧକ୍କା ଦେଇଥିବା କାର(ଓଡି୦୨ ବିଡବ୍ଲୁ ୬୨୯୭)କୁ ଜବତ କରିଛି। ତେବେ ଅଟକ କାର୍ ଚାଳକ ଜଣକ ଛାତ୍ରନେତା ଏବଂ ସେ ଜଣେ ବରିଷ୍ଠ ରାଜନେତାଙ୍କ ଆନୁଗତ୍ୟ ହୋଇଥିବା କୁହାଯାଉଛି। ପ୍ରକାଶ ଯେ, ଶନିବାର ରାତି ୧୦ଟା ପରେ ସୁନୀଲ ମହୋତ୍ସବରୁ ବାହାରି ଘରକୁ ଯିବା ପାଇଁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଏକ କାର ଦ୍ରୁତଗତିରେ ଆସି ତାଙ୍କୁ ପଛପଟୁ ଧକ୍କା ଦେଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାର ସମ୍ମୁଖ ଭାଗ ଭାଙ୍ଗି ଚୂରମାର ହୋଇଯାଇଛି। କାର ଧକ୍କାରେ ରାସ୍ତାକଡକୁ ଛିଟିକି ସୁନୀଲ ଗୁରୁତର ଆହତ ହୋଇଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ବେଳେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। କାର ଦୁର୍ଘଟଣାଗ୍ରସ୍ତ ପରେ ସେଥିରେ ଥିବା ୩ଜଣ ଫେରାର ହୋଇଯାଇଥିଲେ। କାରରେ ଥିବା ଦୁଇଜଣ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଖବରପାଇ ପୋଲିସ ପହଞ୍ଚି କାରକୁ ଜବତ କରିଥିବା ବେଳେ ବିଳମ୍ବିତ ରାତିରେ ଚାଳକଙ୍କୁ ଧରିଥିଲା।

### ସିଟି@୭୫ରେ ମୁକ୍ତ ଚିନ୍ତନର ବାର୍ତ୍ତା

**୩ଦିନିଆ ରଙ୍ଗ ଉତ୍ସବ ଆରମ୍ଭ**

ଭୁବନେଶ୍ୱର,୨୧।୧(ଶର୍ମିଷ୍ଠା ପାଣିଗ୍ରାହୀ)

ସମୟ ବଦଳୁଛି ଆଉ ତା' ଭିତରେ ଆମ ମାନସିକତା, ଚିନ୍ତାଧାରାରେ ମଧ୍ୟ ପରିବର୍ତ୍ତନ ଘଟୁଛି। ରାସ୍ତା ଘାଟ, ମନ୍ଦିର, ମସଜିଦ ଓ ସହରର ପରିବର୍ତ୍ତନ ସହ ଆମ ଉତ୍ତରପିଢ଼ି ମାନସିକତାର କିପରି ପରିବର୍ତ୍ତନ ଘଟୁଛି ତାହାକୁ ନେଇ ରବିବାର ରବୀନ୍ଦ୍ର ମଣ୍ଡପରେ ନାଟକ ସିଟି@୭୫ ମଞ୍ଚସ୍ଥ ହୋଇଯାଇଛି। ବିବାହ ଆଉ ବନ୍ଧନରୁ ନାରୀଟିଏ ମୁକ୍ତି ଚାହୁଁଛି। ପୁରୁଷ ବି ପ୍ରଜାପତି ଭଳି ଫୁଲରୁ ଫୁଲ ଉଡ଼ି ବୁଲୁଛି। ବନ୍ଧନ ନାହିଁ, ସାମାଜିକ ପ୍ରତିପତ୍ତିର ଭୟ ନାହିଁ, ସବୁଠିରେ ମୁକ୍ତି ଚିନ୍ତନ। ଗାଁର ଝିଅଟିଏ କିଭଳି ବଦଳିଯାଇଛି। ତା' ଜୀବନର ଚିତ୍ର, ନକ୍ସା କିଭଳି ବଦଳିଯାଇଛି ଓ ଅତୀତର ଚିରାଚରିତ ପାରମ୍ପରିକ ଶୈଳୀକୁ ଭୁଲି ଯାଇଛି। ନୂଆ ଚଳଣିକୁ କିଭଳି ଆଦରିବାକୁ ପଡୁଛି। ଏଭଳି କିଛି ବିଷୟବସ୍ତୁକୁ ସୁନ୍ଦର ଭାବେ ପରଷି ଥିଲେ ନାଟ୍ୟସଂସ୍ଥା ଜୀବନ ରେଖାର କଳାକାରମାନେ। ଅଭିନୟରେ ଦୀପନ୍ୱିତ ଦାଶମହାପାତ୍ର, ରୋହନ ଯାଦବ, ସମର୍ପିତା ଦାଶ, ଆଶିଷ ରାଉତ, ଶ୍ୱେତଧା ନାୟକ ଓ ଆଶୁତୋଷ ପଣ୍ଡା ରହିଥିଲେ। ନାଟ୍ୟକାର ଚିନ୍ମୟୀ ଷଡ଼ଙ୍ଗୀ ରହିଥିବା ବେଳେ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ ନିର୍ଦ୍ଦେଶନା ଦେଇଥିଲେ।

# ଆକର୍ଷିତ କରୁଛି ନୌବାଣିଜ୍ୟ ସଂଗ୍ରହାଳୟ

**୧୦ ବର୍ଷରେ ଆସିଛନ୍ତି ୧୨ ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ**

କଟକ,୨୧।୧(ଶିଳ୍ପା ପ୍ରିୟଦର୍ଶିନୀ)




କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଗତ ୧୦ ବର୍ଷ ଭିତରେ ଏଠାକୁ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆସିଛନ୍ତି। ସଂଗ୍ରହାଳୟ ଆରମ୍ଭରେ କମ୍ ସଂଖ୍ୟକ ପର୍ଯ୍ୟଟକ ବୁଲିବାକୁ ଆସୁଥିଲେ। ହେଲେ ସଂଗ୍ରହାଳୟରେ ମନୋରଞ୍ଜନ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୨୦୨୨ରେ ଆରମ୍ଭ ହୋଇଥିବା ଦୃଷ୍ଟିଭ୍ରମ ବ୍ୟବସ୍ଥା ବା ଅପ୍ଟିକାଲ ଇଲ୍ୟୁସନ ସଂଗ୍ରହାଳୟକୁ ଅଧିକ ଆକର୍ଷିତ କରିପାରିଛି। ଏହାସହ ସଂଗ୍ରହାଳୟରେ ଥିବା ନୂତନ ସମ୍ପ୍ରସାରିତ ଆକ୍ୱାରିୟମ ପର୍ଯ୍ୟଟକଙ୍କ ପାଇଁ ଅନ୍ୟ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଦୁଇଟି ବ୍ୟବସ୍ଥା ପାଇଁ ଅଢ଼େଇ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୩ରେ ଏହି ସଂଗ୍ରହାଳୟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନବେଳେ ଟିକେଟ୍ ମୂଲ୍ୟ ୧୦ ଟଙ୍କା ରହିଥିବାବେଳେ ୨୦୨୨ ମାର୍ଚ୍ଚରେ ଦର ବଢ଼ା ଯାଇ ୨୦ ଟଙ୍କା କରାଯାଇଥିଲା। ପରବର୍ତ୍ତୀ ସମୟରେ ଟିକେଟ୍ ମୂଲ୍ୟ ୧୦ ଟଙ୍କା କରାଯାଇଛି। ଏଥିସହ ଛାତ୍ରୀଛାତ୍ରଙ୍କ ପ୍ରବେଶ ପାଇଁ ନିଃଶୁଳ୍କ ବ୍ୟବସ୍ଥା କରାଯାଇଛି। ତେବେ ଟିକେଟ୍, କ୍ୟାଫେଟେରିଆ, ସମ୍ମିଳନୀ କକ୍ଷ ଆଦି ଭଡାକୁ ମିଶାଇଲେ ସଂଗ୍ରହାଳୟର ମୋଟ୍ ବାର୍ଷିକ ଆୟ ୬୦ ଲକ୍ଷରୁ ଅଧିକ ରହିଛି। ୨୦୧୩-୨୦୧୪ ମସିହାରେ ସଂଗ୍ରହାଳୟକୁ ୯୫,୮୪୧ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୧୪,୧୦,୧୬୩ ଟଙ୍କା ଆୟ ହୋଇଥିଲା। ସେହିପରି ୨୦୧୪-୧୫ରେ ୧,୪୧,୨୮୨ ଜଣ ପର୍ଯ୍ୟଟକ ଆସିଥିବାବେଳ ସମୁଦାୟ ବାର୍ଷିକ ୩୭,୮୪,୮୦୩ ଟଙ୍କା ଆୟ ହୋଇଥିଲା। ୨୦୧୫-୧୬ରେ ୧,୫୦,୧୨୯ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୪୬,୭୪,୧୪୫ ଟଙ୍କା ଆୟ ହୋଇଥିଲା। ୨୦୧୬-୧୭ରେ ୧,୨୬,୫୪୯ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୪୦,୬୫,୫୬୬ ଟଙ୍କା ଆୟ, ୨୦୧୭-୧୮ରେ ୧,୪୬,୩୨୬ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୬୧,୭୦,୦୭୮ ଟଙ୍କା ଆୟ, ୨୦୧୮-୧୯ରେ ୧,୩୯,୦୨୯ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୫୮,୯୬,୪୦୮ ଟଙ୍କା ଆୟ ହୋଇଥିଲା। ସେହିପରି ୨୦୧୯-୨୦ ମସିହାରେ ୧,୧୩, ୨୦୬ ଜଣ ପର୍ଯ୍ୟଟକ ସଂଗ୍ରହାଳୟ ପରିଦର୍ଶନରେ ଆସିଥିବାବେଳେ ସମୁଦାୟ ବାର୍ଷିକ ବାର୍ଷିକ ୫୩,୨୬,୮୧୪ ଟଙ୍କା ଆୟ ହୋଇଥିଲା। ୨୦୨୦-୨୧ରେ ୧୫,୯୨୫ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୨,୯୨,୩୪୫ ଟଙ୍କା ଆୟ, ୨୦୨୧-୨୨ରେ ୭୬, ୮୫୨ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୨୨,୩୧,୭୧୨ ଟଙ୍କା ଆୟ, ୨୦୨୨-୨୩ରେ ୧,୨୨,୫୪୪ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୧ କୋଟି ୩ ଲକ୍ଷ ୭୧ ହଜାର ୫୮୭ ଟଙ୍କା ଆୟ ହୋଇଥିଲା। ସେହିପରି ୨୦୨୩ ଏପ୍ରିଲ ୧ରୁ ନଭେମ୍ବର ୧ ତାରିଖ ମଧ୍ୟରେ ୭୨, ୭୭୮ ଜଣ ପର୍ଯ୍ୟଟକ ଆସିଥିବାବେଳେ ବାର୍ଷିକ ସମୁଦାୟ ୬୦ ଲକ୍ଷ ୭ ହଜାର ୭୦୦ ଟଙ୍କା ଆୟ ହୋଇଥିଲା। ବିଶେଷକରି ସଂଗ୍ରହାଳୟରେ ଥିବା ଅପ୍ଟିକାଲ ଇଲ୍ୟୁସନ ପାଇଁ ମାସକୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆୟ ହେଉଥିବା ଜଣାପଡିଛି। ଏ ସମ୍ପର୍କରେ ସଂଗ୍ରହାଳୟର ଆସିଷ୍ଟାଣ୍ଟ କ୍ୟୁରେଟର ପବିତ୍ର ମୋହନ ପ୍ରଧାନ କହିଛନ୍ତି, ସଂଗ୍ରହାଳୟର ଅପ୍ଟିକାଲ ଇଲ୍ୟୁସନ ବ୍ୟବସ୍ଥା ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରୁଛି। ସଂଗ୍ରହାଳୟକୁ ଯାତାୟାତ ଏହି ରୁଟ୍‌ରେ ନିୟମିତ ଅଟୋ କିମ୍ବା ବସ୍ ଚଳାଚଳ କଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇପାରନ୍ତା ବୋଲି ସେ କହିଛନ୍ତି।

## ଭାସ୍କର୍ଯ୍ୟ କଳାରେ ରାମଲାଲା



ପୁରୁଣା ଭୁବନେଶ୍ୱର, ୨୧।୧(ସୁବାସ ଚନ୍ଦ୍ର ପ୍ରଧାନ)

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱରସ୍ଥିତ ଭରତପୁର ସାଇରାମ ନଗରର ଭାସ୍କର୍ଯ୍ୟ ଶିଳ୍ପୀ ଜୟଦ୍ରଥ ମଣ୍ଡଳ ମାଟିରେ ରାମଲଲାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ କରିଛନ୍ତି। ୨୦ ଇଞ୍ଚ ଲମ୍ବ ଓ ୧୨ ଇଞ୍ଚ ପ୍ରଶସ୍ତ ବିଶିଷ୍ଟ ଏହି ମୂର୍ତ୍ତି ନିର୍ମାଣ ଲାଗି ସେ ୫କିଲୋ ମାଟି ବ୍ୟବହାର କରିଛନ୍ତି। ଏହି ଅନନ୍ୟ କୃତୀ ଲାଗି ଜୟଦ୍ରଥଙ୍କୁ ୫ଘଣ୍ଟା ଲାଗିଥିଲା। ଏହା ପୂର୍ବରୁ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମାଟିରେ ପ୍ରତିମା ନିର୍ମାଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ।

## 'ସ୍ଥାୟୀ କୃଷିକୁ ଉତ୍‌ପ୍ରେରିତ କରିବ ସହଯୋଗାତ୍ମକ ଭାବନା'




ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୧।୧(କାର୍ତ୍ତିକ ସାହୁ)

**ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀ ଉଦ୍‌ଯାପିତ**

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ଓ କୃଷି ଅନୁସନ୍ଧାନ ପରିଚାଳନା ସମାଜର ମିଳିତ ସହଯୋଗରେ ଆୟୋଜିତ ୩ ଦିନିଆ ଷଷ୍ଠ ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀ ଏଗ୍ରିଭିଜନ-୨୦୨୪ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ ଯୋଗଦେଇ କହିଛନ୍ତି, ସ୍ଥାୟୀ କୃଷି ପାଇଁ ସହଯୋଗାତ୍ମକ ଭାବନା ନିଶ୍ଚିତ ଭାବରେ ଆଗାମୀ ବର୍ଷରେ ଅଭୂତପୂର୍ବ ଗବେଷଣାକୁ ଉତ୍‌ପ୍ରେରିତ କରିବ।

ଏନ୍‌ଆର୍‌ଆର୍‌ଆଇର ନିର୍ଦ୍ଦେଶକ ଅମରେଶ କୁମାର ନାୟକ ଅଧ୍ୟକ୍ଷତା କରି କହିଛନ୍ତି, ସ୍ଥାୟୀ କୃଷି ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା। ଚାଉଳ ଅନୁସନ୍ଧାନ ଏହି ପ୍ରୟାସରେ ଆଶାର ଆଲୋକ। ଏନ୍‌ଆର୍‌ଆର୍‌ଆଇ ଦ୍ୱାରା ବିକଶିତ ଅଧିକ ଅମଳକ୍ଷମ କିସମଗୁଡିକ ଦେଶରେ ଧାନ ଉତ୍ପାଦନ ବୃଦ୍ଧି କରିଛି। ଏଥିସହ ମରୁଡ଼ି, ବନ୍ୟା ଏବଂ କୀଟ ସଂକ୍ରମଣ ଚାପକୁ ମଧ୍ୟ ସହ୍ୟ କରିଛି। ଏହି ଜଳବାୟୁ ପ୍ରତିରୋଧୀ କିସମଗୁଡ଼ିକୁ ଚାଷ କରି କୃଷକମାନେ ରାସାୟନିକ ପ୍ରୟୋଗ ଉପରେ ସେମାନଙ୍କର ନିର୍ଭରଶୀଳତା କମ୍ କରିପାରିଛନ୍ତି, ଯାହା କୃଷି ବ୍ୟବସ୍ଥାକୁ ଦୀର୍ଘମିଆଦି ଭାବେ ଅଧିକ ସ୍ଥାୟୀ କରିବ। ଏହି ସମ୍ମିଳନୀରେ ଏନ୍‌ଆର୍‌ଆର୍‌ଆଇ ଦ୍ୱାରା ବିକଶିତ ଜଳବାୟୁ-ପ୍ରତିରୋଧୀ ପ୍ରଯୁକ୍ତିବିଦ୍ୟାରେ ଅତ୍ୟାଧୁନିକ ସଫଳତା ପ୍ରଦର୍ଶନ କରିଥିବା ଅନ୍ତର୍ନିହିତ ଉପସ୍ଥାପନା ଓ ଆଲୋଚନାଗୁଡ଼ିକ ସ୍ଥାନିତ ହୋଇଥିଲା। ଏଗ୍ରିଭିଜନ-୨୦୨୪ର କନ୍‌ଭେନର ଡ. ଏମ୍.ଜେ. ବେଗ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡି. ଦାସ ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡ଼ିଆ ସାହିତ୍ୟ ଋଦ୍ଧିବନ୍ତ




ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର,୨୧।୧(ଶର୍ମିଷ୍ଠା ପାଣିଗ୍ରାହୀ)

**ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର**

ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡିଆ ସାହିତ୍ୟ ଋଦ୍ଧିବନ୍ତ। ପ୍ରାଚୀନ ସ୍ରଷ୍ଟାମାନେ ତାଙ୍କ ରଚନାରେ ଉକ୍ତିର ସ୍ରୋତ ସୃଷ୍ଟି କରିଛନ୍ତି ଓ ଆବେଗର କଣ୍ଠରେ ଡାକିଛନ୍ତି। ଆଧୁନିକ ସ୍ରଷ୍ଟାମାନେ ଯୁକ୍ତିନିଷ୍ଠ ଦାର୍ଶନିକ ଦୃଷ୍ଟିକୋଣରୁ ତାଙ୍କୁ ବିଚାର କରିଛନ୍ତି। କିଛି ସ୍ରଷ୍ଟା ତାଙ୍କୁ ପ୍ରତୀକ, ରୂପକ ଓ ରୂପକଳ୍ପ ମାଧ୍ୟମରେ ରୂପାୟିତ କରିଛନ୍ତି ଓ କେତେ ସ୍ରଷ୍ଟା ତାଙ୍କ ଭିତରେ ମାନବାୟନ କରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର କାର୍ଯ୍ୟକାରୀ ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ରବିବାର ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ଅଶୋକ କୁମାର ମହାପାତ୍ର, ପୌରୁଷର ସମ୍ପାଦକ ଅସିତ୍ ମହାନ୍ତି, ସାହିତ୍ୟ ଚର୍ଚ୍ଚାର ସମ୍ପାଦକ ନୀହାର ଶତପଥୀ, ସାହିତ୍ୟିକ ପର୍ଶୁରାମ ଦ୍ୱିବେଦୀ, ସାହିତ୍ୟିକ ବିମଳା ସିଂହ, ପ୍ରଭାତ କୁମାର ନନ୍ଦ, ସୀତାବଲ୍ଲଭ ମହାପାତ୍ର, ରାମନାରାୟଣ ମିଶ୍ର, ପ୍ରେମଲତା ଦେବୀ, ସିଦ୍ଧାର୍ଥ କାନୁନଗୋ, କୁସୁମ ପଟେଲ, ମୀନାକ୍ଷୀ ରାଉତରାୟ, ସୁବାସ ଚନ୍ଦ୍ର ସାହୁ, ସମୀର ରଞ୍ଜନ ଗୋଚ୍ଛାୟତ, ଅଲେଖ ଚନ୍ଦ୍ର ମିଶ୍ର, ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ବାବାଜୀ ବିଶାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଇନ୍‌କମ୍‌ଟ୍ୟାକ୍ସ ଫ୍ରେଣ୍ଡ୍‌ସ ସୋସାଇଟିର ସାଧାରଣ ଅଧିବେଶନ

ଭୁବନେଶ୍ୱର,୨୧।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଫୁଲନଖରା ନିକଟବର୍ତ୍ତୀ ଏକ କୃଷି ଉଦ୍ୟାନରେ ଇନ୍‌କମଟ୍ୟାକ୍ସ ସୋସାଇଟିର ୩୯ତମ ବାର୍ଷିକ ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ସୋସାଇଟି ସଭାପତି ଶରତ ଦାଶଙ୍କ ସଭାପତିତ୍ୱରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଶରତ ଦାଶ ସଭାପତି ଭାବେ ଓ ରାଧାଶ୍ୟାମ ଗିରି ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ଗୌତମ ଦାସ କାର୍ଯ୍ୟକାରୀ ସଭାପତି, ଯୁଗ୍ମ ସମ୍ପାଦକ ଭାବେ ଶଶିକାନ୍ତ ବେହେରା ଓ ତ୍ରିଲୋଚନ ମଲ୍ଲିକ, କୋଷାଧ୍ୟକ୍ଷ ଲଳିତ ପଣ୍ଡା, ସହ କୋଷାଧ୍ୟକ୍ଷ ସେଖ ରାଜେନ ଜାନ, ହିସାବ ସମୀକ୍ଷକ ଏ. ଭି. ଏନ. ଶ୍ରୀନିବାସ, କାର୍ଯ୍ୟକାରିଣୀ କମିଟିକୁ ନିର୍ମଳେନ୍ଦୁ ଗୁପ୍ତା, ପୀତାମ୍ବର ଲେଙ୍କା, କିଶୋର ମହାନ୍ତି, ମନୋଜ ପତି, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଚିତ୍ତରଞ୍ଜନ ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ, ଏମ. କେ. ସାଇ, କବିତାଞ୍ଜଳି ପାଲ, ବିଦ୍ୟାଧର ସାହୁ ଓ ମଙ୍ଗରାଜ ସେଠୀ ଚୟନ ହୋଇଛନ୍ତି। ଉପଦେଷ୍ଟା ଭାବେ ବ୍ରଜେନ୍ଦ୍ର ମହାନ୍ତି ଓ ଜଗବନ୍ଧୁ ସାହୁଙ୍କୁ ପୁନଃ ନିର୍ବାଚିତ କରାଯାଇଥିଲା।

## ପୂର୍ବତଟ ରେଳପଥ ପଦୋନ୍ନତି ସଂଘର ବାର୍ଷିକ ସମାବେଶ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପଦୋନ୍ନତି ସଂଘ (ଇସିଓଆର୍‌ପିଓଏ) ପକ୍ଷରୁ ଚନ୍ଦକା ନିକଟରେ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଚନ୍ଦକାର ପ୍ରାକୃତିକ ପରିବେଶର ସୁନ୍ଦର ପୃଷ୍ଠଭୂମିରେ ଏହି ବାର୍ଷିକ ସମାବେଶ ରେଳପଥ ପଦୋନ୍ନତି ଅଧିକାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଦୃଢ଼ ବନ୍ଧନ ସ୍ଥାପନ କରିବା ପାଇଁ ସୁଯୋଗ ପ୍ରଦାନ କରିଥିଲା। ସେମାନେ ଆନନ୍ଦ ଓ ସମ୍ପର୍କରେ ପରିପୂର୍ଣ୍ଣ ଏକ ସ୍ମରଣୀୟ ଦିନକୁ ଉପଭୋଗ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଓ ମନୋରଞ୍ଜନରେ ନିଜକୁ ହଜାଇ ଦେଇଥିଲେ। ବାର୍ଷିକ ମିଳନ କେବଳ ଏକ କାର୍ଯ୍ୟକ୍ରମ ନୁହେଁ। ଏହା ଆମ ରେଳ ସମ୍ପ୍ରଦାୟର ଶକ୍ତିର ପ୍ରମାଣ ବୋଲି ସଂଘ ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ କହିଛନ୍ତି। ଆମେ କେବଳ ସହକର୍ମୀ ନୁହଁ ; ରେଳ କ୍ଷେତ୍ରରେ ଆମର ଉତ୍ସର୍ଗୀକୃତ କାର୍ଯ୍ୟ ମାଧ୍ୟମରେ ଦେଶ ସେବା କରିବା ପାଇଁ ଆମେ ଏକ ସାଧାରଣ ଉତ୍ସାହରେ ବନ୍ଧା ପରିବାର ବୋଲି ସେ କହିଥିଲେ। ଶେଷରେ ସଂଘ ପକ୍ଷରୁ ଚଳିତ ବର୍ଷର ବାର୍ଷିକ ବୈଠକର ସଫଳତାରେ ଯୋଗଦାନ କରିଥିବା ସମସ୍ତ ଅଂଶଗ୍ରହଣକାରୀ, ପ୍ରାୟୋଜକ ଏବଂ ସ୍ୱେଚ୍ଛାସେବୀମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ଅଟୋକୁ ଧକ୍କା ଦେଇ ଓଲଟିଲା କାର୍, ୫ ଆହତ

ଭୁବନେଶ୍ୱର,୨୧।୧(ସୂର୍ଯ୍ୟକାନ୍ତ ବେହେରା)






ଭରତପୁର ଥାନା ଅନ୍ତର୍ଗତ ଘାଟିକିଆସ୍ଥିତ ନାକା ଗେଟ ପାଖରେ ରବିବାର ଅପରାହ୍ଣରେ ଏକ ସଡକ ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଆସୁଥିବା ଏକ କାର ଡିଭାଇଡରେ ପ୍ରଥମେ ପିଟି ହେବା ପରେ ରାସ୍ତାର ଅନ୍ୟ ପାର୍ଶ୍ୱରେ ଥିବା ଏକ ଅଟୋ ଓ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ କାର ଧକ୍କାରେ ଯାତ୍ରୀବାହୀ ଅଟୋଟି ଏକ ବିଜ୍ର ତଳକୁ ଖସିଯାଇଥିବା ବେଳେ କାରଟି ରାସ୍ତାରେ ଓଲଟି ପଡିଥିଲା। ଏହାସହ କାର ଭିତରେ ବସିଥିବାର ଡ୍ରାଇଭର ଜଣଙ୍କ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି କାରରେ ଥିବା ଡ୍ରାଇଭର ଓ ଅଟୋର ବସିଥିବା ୪ ଜଣ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ । ଦୁର୍ଘଟଣାରେ ଯାତ୍ରୀବାହୀ ଅଟୋ ଓ କାରଟି ଭାଙ୍ଗିଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଗାଡିକୁ ଜବତ କରି ଘଟଣାର ଅଧିକ ଖୋଳତାଡ କରୁଛି।

## 'ଛାତ୍ରୀଛାତ୍ର ମୂଲ୍ୟବୋଧଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦିଅନ୍ତୁ'

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀମାନେ।

**ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ**

ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁନାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଆ ଭାଷା ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାଶ ଯୋଗଦେଇଥିଲେ। ଛାତ୍ରୀଛାତ୍ର ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଗୁରୁତ୍ୱ ଉପଲବ୍ଧି କରି ଜଣେ ସଫଳ ନାଗରିକ ହୋଇ ଦେଶ ମାତୃକାର ସେବା କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକସଂପର୍କ ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଡ. ଅନୀଲ କୁମାର ମିଶ୍ର ଭାରତର ସ୍ୱଅସ୍ମିତାକୁ ବଜାୟରଖି ଭାରତକୁ ଏକ ସଶକ୍ତ ଓ ସ୍ୱାବଲମ୍ବୀ ଦେଶରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ପରିଚାଳନା ସମିତି ସମ୍ପାଦକ ସତ୍ୟବ୍ରତ ପୃଷ୍ଟି ଉପସ୍ଥିତ ଥିବାବେଳେ ପ୍ରଧାନ ଆଚାର୍ଯ୍ୟ କେଦାର ନାଥ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ ଅନ୍ୟତମ ବରିଷ୍ଠ ଆଚାର୍ଯ୍ୟ ନନ୍ଦକିଶୋର ସାହୁ ମଞ୍ଚ ପରିଚାଳନା କରିଥିଲେ। ଯୁକ୍ତ୨ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶହୀଦ ପ୍ରତାପ ରଞ୍ଜନ ପରିଡାଙ୍କ ପତ୍ନୀ ଓ ଦିବ୍ୟାଙ୍ଗ ଯୁବକ ଚନ୍ଦନ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ମୁଖପତ୍ର 'ଉପାସନା' ଉନ୍ମୋଚନିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଶିଶୁପାଳଗଡ଼ରେ ୨କୋଟି ଟଙ୍କାର ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର, ୨୧।୧ (ସୁବାସ ଚନ୍ଦ୍ର ପ୍ରଧାନ)



ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶିଶୁପାଳଗଡ ପଞ୍ଚାୟତରେ ୨କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳନ୍ୟାସ କରିଛନ୍ତି। ସେଥିମଧ୍ୟରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ୬୦ ଲକ୍ଷ ଟଙ୍କାରେ ବଡଟାଙ୍ଗୀ, ମଙ୍ଗଳା ବିହାର, ରଘୁନାଥ ନଗରର କଂକ୍ରିଟ ରାସ୍ତା, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୯୦ ଲକ୍ଷ ଟଙ୍କାରେ ଶିଶୁପାଳଗଡ ଗ୍ରାମ ମୁଖ୍ୟ ଡ୍ରେନ, ୩୫ ଲକ୍ଷ ଟଙ୍କାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହର ଶିଳାନ୍ୟାସ ହୋଇଛି। ପରେ ଲକ୍ଷ୍ମୀ ବିହାରଠାରେ ମଧ୍ୟାମେଶ୍ୱର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ମନ୍ତ୍ରୀ ପଣ୍ଡା ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ସମିତି ସଭ୍ୟ ବିନୋଦ ରାଉତରାୟ, ପୂର୍ବତନ କର୍ପୋରେଟର ପୁଷ୍ପା ଦାସ, ଦିଲ୍ଲୀପ ଜେନା, କୃଷ୍ଣ ଚନ୍ଦ୍ର ନାୟକ, ସଦାଶିବ ଜେନା, ଅମିତ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୫୪ ୟୁନିଟ ରକ୍ତ ସଂଗ୍ରହ

ସାଲେପୁର,(ଅରବିନ୍ଦ ଭୂୟାଁ): ସାଲେପୁର ବିକଳାନନ୍ଦ କର ମେମୋରିଆଲ୍ ଟ୍ରଷ୍ଟ ଆନୁକୂଲ୍ୟରେ କେନ୍ଦ୍ରୀୟ ରେଡ୍‌କ୍ରସ୍ ପକ୍ଷରୁ ବି.କେ. ଆଇ.ଟି.ଆଇ. ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମ୍ୟାନେଜିଂ ଟ୍ରଷ୍ଟି ହିମାଂଶୁ ଶେଖର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରୁ ୫୪ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଡାକ୍ତର ବିନାୟକ ପ୍ରସାଦ ପୃଷ୍ଟି, ଭାଗ୍ୟଧର ସାହୁ, ଆକାଶ ପ୍ରୀତମ୍ ଦାଶ, ସଚ୍ଚିଦାନନ୍ଦ ନାୟକ, ବିଜୟ କୁମାର ସ୍ୱାଇଁ ଏଥିରେ ସହଯୋଗ କରିଥିଲେ। ଆଇଟିଆଇର ଅଧ୍ୟକ୍ଷ ବସନ୍ତ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପୁରାତନ ନୂତନ ଅଧ୍ୟକ୍ଷ, ଅଧ୍ୟାପକଙ୍କ ସମାବେଶ

ବାଙ୍କୀ,୨୧।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୪ତମ ବାର୍ଷିକ ପୁରାତନ ଓ ନୂତନ ଅଧ୍ୟକ୍ଷ, ଅଧ୍ୟାପକମାନଙ୍କ ସମାବେଶ କଲେଜ ଦୃଶ୍ୟଶ୍ରାବ ଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଓ ନୂତନ ଅଧ୍ୟାପକ ସଂଘ ସଭାପତି ତଥା ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲଚନ୍ଦ୍ର ରାଜ ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସ୍ୱାଗତ ଭାଷଣ ଦେଇଥିଲେ। ସଂଘ ସମ୍ପାଦିକା ଡ. ନିବାସିନୀ ପଣ୍ଡା ବିବରଣୀ ପାଠ କରିଥିଲେ। ଉକ୍ତ ସମାବେଶରେ ପୂର୍ବତନ ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମିଶ୍ର, ଡ. ସରୋଜ ପଟ୍ଟନାୟକ, କ୍ୟାପଟେନ୍ ବେଣୁଧର ଲେଙ୍କା, ଡକ୍ଟର ଅରୁଣ କୁମାର ବେହେରା ଓ ସଦାନନ୍ଦ ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଅତୀତ ଓ ବର୍ତ୍ତମାନର କଲେଜ ପରିସ୍ଥିତ ଉପରେ ବିଷଦ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟାପକ ଡ. ଏସ୍.ଏନ୍.ପାଢୀ, ଡ. ଚିନ୍ମୟୀ ମହାନ୍ତି, ସରୋଜ କୁମାର ଦେଓଭଞ୍ଜ, ଧୀରେନ୍ଦ୍ର ନାଥ ଶ୍ରୀଚନ୍ଦନ, ସତ୍ୟନାରାୟଣ ପାଢୀ, ପ୍ରସନ୍ନ ସାହୁ, ଡି.ଏନ୍.ରାଉତରାୟ, ଡ.ମୂର୍ତ୍ତି, କୁମରବର ମହାନ୍ତି, ଅଧ୍ୟାପିକା କଳାବତୀ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଅବନ୍ତିକା କର, ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ଡ. ନିରଞ୍ଜନ ମହାନ୍ତି, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ପ୍ରମୁଖ ପରିଚାଳନା କରିଥିଲେ। ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବାଳିକା ଆତ୍ମସୁରକ୍ଷା ତାଲିମ

ନିଶ୍ଚିନ୍ତକୋଇଲି/ ମାଣିଆବନ୍ଧ,୨୧।୧ (ଅଶୋକ କୁମାର ମହାପାତ୍ର/ ଅଖିଳ କୁମାର ସାହୁ):

ନିଶ୍ଚିନ୍ତକୋଇଲି ବ୍ଲକ ବଲ୍ଲଭୀଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ନୋଡାଲ କଲେଜ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ନିବେଦିତା ଦାଶ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଅଧ୍ୟାପିକା ଡ. ରୀତା ଷଡ଼ଙ୍ଗୀ, ନିରୁପମା ସ୍ୱାଇଁ, ପ୍ରଭାତି ଭୂୟାଁ, ସୁପ୍ରଭା ଜେନା, ସବିତା ସାମଲ, କ୍ଷୀରୋଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆତ୍ମ ସୁରକ୍ଷା ତାଲିମ ଦାୟିତ୍ୱରେ ଥିବା ଅଧ୍ୟାପକ ସୁବ୍ରତ କିଶୋର ସ୍ୱାଇଁ ପରିଚାଳନା କରିଥିଲେ। ଏଥିରେ ପ୍ରଶିକ୍ଷିକା ଭାଗ୍ୟଲକ୍ଷ୍ମୀ ପ୍ରଣ୍ଡା, ଶୁଭ୍ର ସଙ୍ଗିତା ମଲ୍ଲିକ ତାଲିମ ପ୍ରଦାନ କରୁଛନ୍ତି। ୨୩୩ ଜଣ ଛାତ୍ରୀଙ୍କୁ ୮ଟି ଗ୍ରୁପରେ ପ୍ରଶିକ୍ଷଣ ଦିଆଯିବ ବୋଲି ଜଣାଯାଇଛି। ସେହିପରି ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ପରିଡ଼ା ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଅଧ୍ୟାପିକା ତଥା ପ୍ରଶିକ୍ଷଣ ଶିବିର ଜିଲା ସଂଯୋଜିକା ଡ.ପ୍ରିୟମ୍ବଦା ଦାଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ.ଖଗେଶ୍ୱର ମହାପାତ୍ର ଏହାର ଆଭିମୁଖ୍ୟ ସମ୍ପର୍କରେ ବୁଝାଇଥିଲେ। କୁମାରୀ ଇତିଶ୍ରୀ ସାହୁ ୭୦ ଜଣ ଯୁକ୍ତ ୨ ଛାତ୍ରୀଙ୍କୁ ୧ ସପ୍ତାହ ବ୍ୟାପୀ ପ୍ରଶିକ୍ଷଣ ଦେବେ ବୋଲି ଜଣାପଡ଼ିଛି।

# ଆକର୍ଷିତ କରୁଛି ନୌବାଣିଜ୍ୟ ସଂଗ୍ରହାଳୟ

**୧୦ ବର୍ଷରେ ଆସିଛନ୍ତି ୧୨ ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ**

 କଟକ,୨୧।୧(ଶିଳ୍ପା ପ୍ରିୟଦର୍ଶିନୀ)




କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଗତ ୧୦ ବର୍ଷ ଭିତରେ ଏଠାକୁ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆସିଛନ୍ତି। ସଂଗ୍ରହାଳୟ ଆରମ୍ଭରେ କମ୍ ସଂଖ୍ୟକ ପର୍ଯ୍ୟଟକ ବୁଲିବାକୁ ଆସୁଥିଲେ। ହେଲେ ସଂଗ୍ରହାଳୟରେ ମନୋରଞ୍ଜନ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୨୦୨୨ରେ ଆରମ୍ଭ ହୋଇଥିବା ଦୃଷ୍ଟିଭ୍ରମ ବ୍ୟବସ୍ଥା ବା ଅପ୍ଟିକାଲ ଇଲ୍ୟୁସନ ସଂଗ୍ରହାଳୟକୁ ଅଧିକ ଆକର୍ଷିତ କରିପାରିଛି। ଏହାସହ ସଂଗ୍ରହାଳୟରେ ଥିବା ନୂତନ ସମ୍ପ୍ରସାରିତ ଆକ୍ୱାରିୟମ ପର୍ଯ୍ୟଟକଙ୍କ ପାଇଁ ଅନ୍ୟ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଦୁଇଟି ବ୍ୟବସ୍ଥା ପାଇଁ ଅଢ଼େଇ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୩ରେ ଏହି ସଂଗ୍ରହାଳୟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନବେଳେ ଟିକେଟ୍ ମୂଲ୍ୟ ୧୦ ଟଙ୍କା ରହିଥିବାବେଳେ ୨୦୨୨ ମାର୍ଚ୍ଚରେ ଦର ବଢ଼ା ଯାଇ ୨୦ ଟଙ୍କା କରାଯାଇଥିଲା। ପରବର୍ତ୍ତୀ ସମୟରେ ଟିକେଟ୍ ମୂଲ୍ୟ ୧୦ ଟଙ୍କା କରାଯାଇଛି। ଏଥିସହ ଛାତ୍ରୀଛାତ୍ରଙ୍କ ପ୍ରବେଶ ପାଇଁ ନିଃଶୁଳ୍କ ବ୍ୟବସ୍ଥା କରାଯାଇଛି। ତେବେ ଟିକେଟ୍, କ୍ୟାଫେଟେରିଆ, ସମ୍ମିଳନୀ କକ୍ଷ ଆଦି ଭଡାକୁ ମିଶାଇଲେ ସଂଗ୍ରହାଳୟର ମୋଟ୍ ବାର୍ଷିକ ଆୟ ୬୦ ଲକ୍ଷରୁ ଅଧିକ ରହିଛି। ୨୦୧୩-୨୦୧୪ ମସିହାରେ ସଂଗ୍ରହାଳୟକୁ ୯୫,୮୪୧ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୧୪,୧୦,୧୬୩ ଟଙ୍କା ଆୟ ହୋଇଥିଲା। ସେହିପରି ୨୦୧୪-୧୫ରେ ୧,୪୧,୨୮୨ ଜଣ ପର୍ଯ୍ୟଟକ ଆସିଥିବାବେଳ ସମୁଦାୟ ବାର୍ଷିକ ୩୭,୮୪,୮୦୩ ଟଙ୍କା ଆୟ ହୋଇଥିଲା। ୨୦୧୫-୧୬ରେ ୧,୫୦,୧୨୯ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୪୬,୭୪,୧୪୫ ଟଙ୍କା ଆୟ ହୋଇଥିଲା। ୨୦୧୬-୧୭ରେ ୧,୨୬,୫୪୯ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୪୦,୬୫,୫୬୬ ଟଙ୍କା ଆୟ, ୨୦୧୭-୧୮ରେ ୧,୪୬,୩୨୬ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୬୧,୭୦,୦୭୮ ଟଙ୍କା ଆୟ, ୨୦୧୮-୧୯ରେ ୧,୩୯,୦୨୯ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୫୮,୯୬,୪୦୮ ଟଙ୍କା ଆୟ ହୋଇଥିଲା। ସେହିପରି ୨୦୧୯-୨୦ ମସିହାରେ ୧,୧୩, ୨୦୬ ଜଣ ପର୍ଯ୍ୟଟକ ସଂଗ୍ରହାଳୟ ପରିଦର୍ଶନରେ ଆସିଥିବାବେଳେ ସମୁଦାୟ ବାର୍ଷିକ ବାର୍ଷିକ ୫୩,୨୬,୮୧୪ ଟଙ୍କା ଆୟ ହୋଇଥିଲା। ୨୦୨୦-୨୧ରେ ୧୫,୯୨୫ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୨,୯୨,୩୪୫ ଟଙ୍କା ଆୟ, ୨୦୨୧-୨୨ରେ ୭୬, ୮୫୨ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୨୨,୩୧,୭୧୨ ଟଙ୍କା ଆୟ, ୨୦୨୨-୨୩ରେ ୧,୨୨,୫୪୪ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ବାର୍ଷିକ ୧ କୋଟି ୩ ଲକ୍ଷ ୭୧ ହଜାର ୫୮୭ ଟଙ୍କା ଆୟ ହୋଇଥିଲା। ସେହିପରି ୨୦୨୩ ଏପ୍ରିଲ ୧ରୁ ନଭେମ୍ବର ୧ ତାରିଖ ମଧ୍ୟରେ ୭୨, ୭୭୮ ଜଣ ପର୍ଯ୍ୟଟକ ଆସିଥିବାବେଳେ ବାର୍ଷିକ ସମୁଦାୟ ୬୦ ଲକ୍ଷ ୭ ହଜାର ୭୦୦ ଟଙ୍କା ଆୟ ହୋଇଥିଲା। ବିଶେଷକରି ସଂଗ୍ରହାଳୟରେ ଥିବା ଅପ୍ଟିକାଲ ଇଲ୍ୟୁସନ ପାଇଁ ମାସକୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆୟ ହେଉଥିବା ଜଣାପଡିଛି। ଏ ସମ୍ପର୍କରେ ସଂଗ୍ରହାଳୟର ଆସିଷ୍ଟାଣ୍ଟ କ୍ୟୁରେଟର ପବିତ୍ର ମୋହନ ପ୍ରଧାନ କହିଛନ୍ତି, ସଂଗ୍ରହାଳୟର ଅପ୍ଟିକାଲ ଇଲ୍ୟୁସନ ବ୍ୟବସ୍ଥା ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରୁଛି। ସଂଗ୍ରହାଳୟକୁ ଯାତାୟାତ ଏହି ରୁଟ୍‌ରେ ନିୟମିତ ଅଟୋ କିମ୍ବା ବସ୍ ଚଳାଚଳ କଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇପାରନ୍ତା ବୋଲି ସେ କହିଛନ୍ତି।

# ପ୍ରତି ପଞ୍ଚାୟତରୁ କୋଟିଏ ଟଙ୍କା ପ୍ରକଳ୍ପ ପ୍ରସ୍ତାବ ଦିଅ




ବୈଠକରେ ବିଧାୟକ ପ୍ରତାପ ଯେନା ଏବଂ ଅନ୍ୟମାନେ।

**ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି**

ନିଶ୍ଚିନ୍ତକୋଇଲି,୨୧।୧(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକର ଆମ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଓ ପ୍ରଭାବୀ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସୁକରପଡା ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଧର୍ମରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ମୋ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଏକ ସୁଦୂରପ୍ରସାରୀ ଓ ଜନକଲ୍ୟାଣକାରୀ ଯୋଜନା ବୋଲି କହିଥିଲେ। ଏଥିରେ ପଞ୍ଚାୟତର ସବୁ ବର୍ଗର ଲୋକଙ୍କୁ ସାମିଲ କରାଯିବ। ଲୋକଙ୍କ ସମସ୍ୟାକୁ ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱ ଦେଇ ତ୍ୱରିତ ସମାଧାନ ପାଇଁ ନିଷ୍ପତ୍ତି ନେବେ। କାର୍ଯ୍ୟକ୍ରମରେ ବ୍ଲକ ତଥା ଲାଇନ ଡିପାର୍ଟମେଣ୍ଟର ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି ଉପସ୍ଥିତ ରହି ପଞ୍ଚାୟତବାସୀଙ୍କ ସମସ୍ୟା ଓ ଏହାର ସରଳ ସମାଧାନ କିପରି କରାଯିବ ସେନେଇ ଦୃଷ୍ଟିଦେବେ। ପ୍ରତି ପଞ୍ଚାୟତରୁ ୧କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ଦେବାକୁ ବିଧାୟକ ଜେନା ଏହି ଅବସରରେ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ସିଡିପିଓ ସତ୍ୟଭାମା ବିଶୋଇ, ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ଏବିଡିଓ ଅଶୋକ କୁମାର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ଜିଲା ପରିଷଦ ସଭ୍ୟା ଜସ୍ମିତା ସେଠୀ, ବିପ୍ଳବ କେଶରୀ କାପ, ଭୁପତି ଭୂଷଣ ଷଣ୍ଢ, ରମାକାନ୍ତ ମହାନ୍ତି, ଗିରିଶ ରଞ୍ଜନ ମହାପାତ୍ର, ଜ୍ୟୋତି ପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ତଥା ପଞ୍ଚାୟତର ଅଧିକାରୀ ଓ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଶ୍ରୀରାମ ପତାକାରେ ସଜେଇ ହେଇଛି ସହର



କଟକ,୨୧।୧(ଶିଳ୍ପା ପ୍ରିୟଦର୍ଶିନୀ)

**ଆଜି ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ**

ଅଯୋଧାରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହେବ। ଏହାକୁ ସ୍ମରଣୀୟ କରିବା ପାଇଁ ଦେଶର ବିଭିନ୍ନ ସ୍ଥାନରେ ଅନେକ କାର୍ଯ୍ୟକ୍ରମ କରାଯାଉଥିବାବେଳେ ଏଥିରୁ ବାଦ୍ ପଡିନି କଟକ। ସୋମବାର ଘରେ ଦୀପ ଜାଳିବା ସହ ଜୟ ଶ୍ରୀରାମ ଲେଖାଥିବା ପତାକା ଲଗାଇ ଉକ୍ତଦିନକୁ ସ୍ମରଣୀୟ କରିବା ପାଇଁ ସହରବାସୀ ପ୍ରସ୍ତୁତି କରିଛନ୍ତି। ଏଥିପାଇଁ ଦୋକାନରେ ବିଭିନ୍ନ ଜିନିଷ ବିକ୍ରି ହେଉଛି। ବିଶେଷକରି ଶ୍ରୀରାମ ଲେଖାଥିବା ପତାକାର ଦର ୨୦ ଟଙ୍କାରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି କାନ୍ଧପଟି ଦର ୩୦ରୁ ୬୦ ଟଙ୍କା, ହେଡ଼ ବ୍ୟାଣ୍ଡ ଦର ୧୦ ଟଙ୍କା, ହାତ ପଟି ଦର ୨୦ ଟଙ୍କା, ବ୍ୟାଚ୍ ଦର ୨୦ ଟଙ୍କା ଓ ବାଇକ୍ ଷ୍ଟାଣ୍ଡ ଦର୍ ୨୦ ଟଙ୍କା ରହିଛି। ଏନେଇ ଦୋଳମୁଣ୍ଡାଇ ଅଞ୍ଚଳର ବ୍ୟବସାୟୀ ଚନ୍ଦନ ପାଣି କହିଛନ୍ତି, ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ ପତାକା ସମେତ ଅନ୍ୟାନ୍ୟ ଜିନିଷ କିଣିବାକୁ ଦୋକାନରେ ଗ୍ରାହାକଙ୍କ ଭିଡ ଲାଗିଛି। ବ୍ୟବସାୟ ଭଲ ହୋଇଥିବା ସେ କହିଛନ୍ତି। ସେହିପରି ବକ୍ସବଜାର ଅଞ୍ଚଳର ବ୍ୟବସାୟୀ ଚାଟୁଆ ସାହା କହିଛନ୍ତି, ୫ ଦିନର ବ୍ୟବସାୟ ମଧ୍ୟରେ ରବିବାର ଗ୍ରାହକଙ୍କ ଅଧିକ ଭିଡ ଦେଖିବାକୁ ମିଳିଥିଲା। ଗ୍ରହକମାନେ ଶ୍ରୀରାମ ଲେଖାଥିବା ପତାକା ଅଧିକ ମାତ୍ରାରେ କିଣୁଛନ୍ତି ବୋଲି ସେ କହିଛନ୍ତି।

# ଦୁର୍ଘଟଣାରେ ଯୁବକ ମୃତ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୁରୁତର

କଟକ ସଦର,୨୧।୧(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ବାରଦା ଗ୍ରାମ ନିକଟ ମହାନଦୀ ବନ୍ଧରେ ଶନିବାର ରାତିରେ ଦୁର୍ଘଟଣା ଘଟିଛି। ଏଥିରେ ବାଇକ ଚାଳକ ରବୀନ୍ଦ୍ର ଦେହୁରୀଙ୍କ ମୃତ୍ୟୁ ଘଟିଥିବାବେଳେ କଟକ ସଦର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ତ୍ରିଲୋଚନ ଭୋଇ ଗୁରୁତର ହୋଇଛନ୍ତି। ଭୋଇ ମହାନଦୀ ବନ୍ଧରେ ଚାଲି ଚାଲି ଘରକୁ ଫେରୁଥିବାବେଳେ ଶଗଡ଼ି ପଟୁ ବାଇକ୍‌ରେ ଆସୁଥିବା ଦେହୁରୀ ତାଙ୍କୁ ପଛରୁ ଧକ୍କା ଦେଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରବିବାର ସନ୍ଧ୍ୟାରେ ଦେହୁରୀଙ୍କ ମୃତ୍ୟୁ ଘଟିଛି।

# ଜିଲାସ୍ତରୀୟ କ୍ରିକେଟ: ଫାଇନାଲରେ ବେଲିଆପାଳ

ମାଣିଆବନ୍ଧ, ୨୧।୧ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ କ୍ଲବ ଅଫ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ରବିବାର ଡମଣଗାଡ଼ିଆ ଓ ବେଲିଆପାଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଡମଣଗାଡ଼ିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୧ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ବେଲିଆପାଳ ୧୪.୫ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜେତା ଦଳ ତରଫରୁ ସୁଶାନ୍ତ ପଣ୍ଡା ୧୯ ବଲରେ ୪୩ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷକ ଭଗବାନ ବେହେରା ଯୋଗଦେଇ ତାଙ୍କୁ ପୁରସ୍କୃତ କରିଥିଲେ। ବିବେକ ପରିଡା ଓ ସୂର୍ଯ୍ୟକାନ୍ତ ଦାସ ମ୍ୟାଚ ପରିଚାଳନା କରିଥିଲେ। ଅନୁଷ୍ଠାନ ସମ୍ପାଦକ ଶିବ ନାରାୟଣ ମିଶ୍ର, କୋଷାଧକ୍ଷ ପ୍ରବିତ୍ର ପ୍ରଧାନ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ମସ୍‌ଜିଦ୍‌ରେ ମୌଲାନାଙ୍କ ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୨୧।୧ (ଅଶୋକ କୁମାର ମହାପାତ୍ର)

ନେମାଳ ଥାନା ଅଧୀନ ନଗସପୁର ମସ୍‌ଜିଦ୍‌ରେ ଜଣେ ମୌଲାନାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ କଟକ ସଦର ନିର୍ବାଚନମଣ୍ଡଳୀ ବାବୁଜଙ୍ଗ ଗ୍ରାମର ଫାରୁକ୍ ଖାଁଙ୍କ ପୁତ୍ର ସରୱେଜ ଖାଁ (୪୦)। ମସ୍‌ଜିଦ୍‌ରେ ଲାଗିଥିବା ଏକ ପଙ୍ଖାରୁ ପୋଲିସ ତାଙ୍କ ମୃତଦେହ ଜବତ କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧/୨୪) ରୁଜୁ ହୋଇଛି। ସରୱେଜ ଦୀର୍ଘ ୮ ବର୍ଷ ହେବ ନଗସପୁର ମସ୍‌ଜିଦ୍‌ରେ ମୌଲାନା ଭାବେ କାର୍ଯ୍ୟରତ ଥିଲେ। ସେ ଏଠାରେ ଧର୍ମଚର୍ଚ୍ଚା କରିବା ସହ ପିଲାମାନଙ୍କୁ ଶିକ୍ଷାଦାନ ଦେଇଆସୁଥିଲେ। ସେ ମସ୍‌ଜିଦ୍‌ରେ ରହୁଥିଲେ ମଧ୍ୟ ପ୍ରତିଦିନ ତାଙ୍କ ଘର ବାବୁଜଙ୍ଗକୁ ଯାଉଥିଲେ। ଘରେ ତାଙ୍କର ସ୍ତ୍ରୀ ଓ ୨ ଶିଶୁ ସନ୍ତାନ ଅଛନ୍ତି। ସରୱେଜ ବାବୁଜଙ୍ଗରେ ଏକ ଅଟ୍ଟାଳିକା ନିର୍ମାଣ କରିଥିବା ଯୋଗୁ ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ। ତାଙ୍କ ଘରେ ହୁକ ପକାଯାଇ ବିଦ୍ୟୁତ ସଂଯୋଗ କରାଯାଇଥିଲା। ନିକଟରେ ଟାଟା ପାୱାର ତରଫରୁ ଏହା ଧରାପଡ଼ିବା ପରେ ୧ଲକ୍ଷ ୨୦ ହଜାର ଟଙ୍କା ଜରିମାନା କରାଯାଇଥିଲା। ଏହି ଘଟଣାକୁ ନେଇ ମୌଲାନା ସରୱେଜ ଗତ କିଛିଦିନ ହେବ ମାନସିକ ଅବସାଦ ମଧ୍ୟରେ ଥିଲେ। ରବିବାର ସକାଳେ ସେ ମସ୍‌ଜିଦ୍‌ରେ ନମାଜ ପାଠ କରିବା ସହ ପିଲାମାନଙ୍କୁ ଶିକ୍ଷା ଦେଇଥିଲେ। ସେମାନେ ଯିବାର କିଛି ସମୟ ପରେ ଆଉ କେତେଜଣ ପିଲା ପଢ଼ିବାକୁ ଆସି ମୌଲାନାଙ୍କୁ ପଙ୍ଖାରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପରେ ଥାନାରେ ଖବର ଦେଇଥିଲେ। ଏହାପରେ ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସୁଶୀଲ କୁମାର ନାୟକ କହିଛନ୍ତି।

# ସାହିତ୍ୟିକ ବିଜୟରାମ ବେଉରା ସମ୍ବର୍ଦ୍ଧିତ

କଟକ ସଦର,୨୧।୧(ସୁଶାନ୍ତ କୁମାର ଜେନା)

କନ୍ଦରପୁରସ୍ଥିତ ସାଂସ୍କୃତିକ ସଙ୍ଗଠନ ସରସ୍ୱତୀ କଳା ପରିଷଦ ପ୍ରତିଭା ସମ୍ମାନ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାଦାନ, ସେବା, ସାହିତ୍ୟ, ସଂସ୍କୃତିର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଶିକ୍ଷାବିତ୍, ସାମାଜିକ କର୍ମୀ ତଥା ସାହିତ୍ୟିକ ବିଜୟରାମ ବେଉରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ପ୍ରତିଭା ଶତପଥୀ, ସମ୍ପାଦକ ଅଶୋକ ପଟ୍ଟନାୟକ, ଡ. କଳିମୁଲ୍ଲା, ସାମାଜିକ କର୍ମୀ ପ୍ରଫୁଲ୍ଲ କର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଗଙ୍ଗାଧର ବେହେରା, ଡ. ଅମରେନ୍ଦ୍ର ମହାନ୍ତି, ଇଂ. ଆଶୋକ ବିଶ୍ୱାଳ, ଅଭିନେତା ସନ୍ତୋଷ ପତି, ଶରତ ରାୟ, ପ୍ରଫୁଲ୍ଲ ଦାସ, ପ୍ରଲୋପ ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟ: ସେମିରେ କଳିଙ୍ଗ ଟାଇଗର

ଟିଗିରିଆ,୨୧।୧(ଜାଫର ଖାଁ)



ନିରଞ୍ଜନ ବେହେରାଙ୍କୁ ଟ୍ରଫି ଦିଆଯାଉଛି।

ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁରସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ମା'ଭବାନୀ ଆସୋସିଏଶନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଗଦାଧରପୁର କପ୍ କ୍ରିକେଟ ଟୁର୍ନାମେଣ୍ଟରେ କଳିଙ୍ଗ ଟାଇଗର ସେମିଫାଇନାଲରେ ପ୍ରବେଶ କରିଛି। ରବିବାର କଳିଙ୍ଗ ଟାଇଗର(ଖୋର୍ଦ୍ଧା) ଓ ସୁନ୍ଦରଗାଁ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କଳିଙ୍ଗ ଟାଇଗର ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ସୁନ୍ଦରଗାଁ ଦଳ ୧୯.୩ ଓଭରରେ ସମସ୍ତ ଉକେଟ ହରାଇ ୨୪୩ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ କଳିଙ୍ଗ ଟାଇଗର ବିଜୟୀ ହୋଇଛି। କଳିଙ୍ଗ ଦଳର ନିରଞ୍ଜନ ବେହେରା ୪ ଓଭର ବୋଲିଂରେ ୪ ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚରେ ମୁଖ୍ୟଅତିଥି ଭାବେ ପବିତ୍ର ମୋହନ ପ୍ରଧାନ ଯୋଗଦେଇ ନିରଞ୍ଜନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚକୁ ଅମ୍ପାୟାର ରମେଶ ସ୍ୱାଇଁ ଓ ନରେଶ ରାଉତ ପରିଚାଳନା କରିଥିଲେ।

# ଫୁଟ୍‌ବଲ: ସେମିଫାଇନାଲରେ ଯୁବଜ୍ୟୋତି କ୍ଲବ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଟିଗିରିଆ,୨୧।୧(ଜାଫର ଖାଁ)

ଟିଗିରିଆ ବ୍ଲକ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ପାଞ୍ଚଗାଁ ଆଞ୍ଚଳିକ ଆସୋସିଏଶନ୍ ପକ୍ଷରୁ ରାଜ୍ୟସ୍ତରୀୟ ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ରବିବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବଜ୍ୟୋତି କ୍ଲବ ପଙ୍କାଳ (କଟକ ) ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ରଘୁନାଥ କ୍ଲବ ଟାଙ୍ଗୀ ( ଖୋର୍ଦ୍ଧା ) ଓ ଯୁବଜ୍ୟୋତି କ୍ଲବ ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଟିମ୍ ଗୋଲ କରିବାକୁ ସକ୍ଷମ ହୋଇ ନ ଥିଲେ। ଫଳରେ ଟାଇବ୍ରେକର ମାଧ୍ୟମରେ ଯୁବଜ୍ୟୋତି କ୍ଲବ ୫- ୩ ଗୋଲରେ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟ ଅତିଥିଭାବେ ଟିଗିରିଆସ୍ଥିତ ପ୍ରସନ୍ନମଣୀ ଶାରୀରିକ ଯୋଗ ଓ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରୀଭାବେ ଆଶ୍ରୀର୍ବାଦ କାନୁନଗୋ ଏହାକୁ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ଅରୁଣ ନାୟକ ଓ ସର୍ବେଶ୍ୱର ସେଠି ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଭାବେ ସୁବାସ ମୁଦୁଲି କାର୍ଯ୍ୟ ସମ୍ପାଦନ କରିଥିଲେ।

# ଜଙ୍ଗଲ ବିଭାଗ ଅନୁମତି ବିନା ଗଛ କାଟିଲା ପ୍ରଶାସନ

- ୧୫ରୁ ଉର୍ଦ୍ଧ୍ୱ ଆକାଶୀ ଓ ତାଳଗଛ କାଟିଦେଲେ
- କାଠ ନେବାକୁ ଅଟକାଇଲେ ଗ୍ରାମବାସୀ

ମାହାଙ୍ଗା, ୨୧।୧(ଯଯାତି ସିଂହ):



ମାହାଙ୍ଗା ତହସିଲ କାର୍ଯ୍ୟାଳୟ ପରିସରରୁ କାଟି ଦିଆଯାଇଥିବା ଗଛ।

ମାହାଙ୍ଗା ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ଆକାଶୀ ଓ ତାଳଗଛକୁ ତରବରିଆ ଭାବେ କମ୍ ଦାମ୍‌ରେ ନିଲାମ କରି କାଟି ଦିଆଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଗଛ କାଟିବା ପାଇଁ ଜଙ୍ଗଲ ବିଭାଗର ଅନୁମତି ନିଆଯାଇ ନ ଥିବା ଜଣାପଡ଼ିଛି।

୧୫ରୁ ଉର୍ଦ୍ଧ୍ୱ ବଡ଼ ଆକାଶୀ ଓ ତାଳଗଛକୁ ମାତ୍ର ୬ରୁ ୭ ହଜାର ଟଙ୍କା ମଧ୍ୟରେ ନିଲାମ କରାଯାଇଥିବା ଅଭିଯୋଗ ହୋଇଛି। ନିଲାମ ପାଇଥିବା ବ୍ୟକ୍ତି ତରବରିଆଭାବେ ଗଛଗୁଡ଼ିକୁ କାଟି ଟ୍ରାକ୍ଟର ଯୋଗେ ଉଠାଇ ନେଉଥିବାବେଳେ ସ୍ଥାନୀୟ ଅଳିଯୋଡା ଗ୍ରାମବାସୀମାନେ ଏହାକୁ ବିରୋଧ କରି କାଠ ନେବାକୁ ବାରଣ କରିଥିଲେ। ଏଥିସହ ଗାଡିରୁ କାଠ ଅନଲୋଡ କରି ଦେଇଥିଲେ। ସୂଚନା ଅନୁଯାୟୀ, ତହସିଲ କାର୍ଯ୍ୟାଳୟର ପଛପଟ ସୀମାକୁ ଲାଗିଥିବା ସ୍ଥାନରେ କିଛି ଆକାଶୀ,ତାଳଗଛ ଓ ମୂଲ୍ୟବାନ ଗଛ ଲାଗିଥିଲା। ତେବେ ତହସିଲର ପ୍ରାଚୀର ନିର୍ମାଣ ଆଳ ଦେଖାଇ ପ୍ରଶାସନ ଏହି ଗଛଗୁଡ଼ିକୁ ଅତି କମ୍ ଦାମ୍‌ରେ ନିଲାମ କରିଦେଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ନିଲାମ ପାଇଁ ସର୍ବସାଧାରଣରେ ବିଜ୍ଞପ୍ତି ଦିଆ ନ ଥିବା ସେମାନେ କହିଛନ୍ତି। କଟକ ଜିଲାପାଳ ଓ ଜଙ୍ଗଲ ବିଭାଗ ଅଧିକାରୀ ଏହାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ କହିଛନ୍ତି, ପ୍ରାଚୀର ନିର୍ମାଣ ହେବା ପାଇଁ ଏହି ଗଛଗୁଡ଼ିକୁ କଟାଯାଇଛି। ଗଛ ନିଲାମ ସମ୍ପର୍କରେ ପଚାରିବାରୁ କେତେ ଟଙ୍କାରେ ହୋଇଛି ମନେ ନ ଥିବା କହିଥିଲେ ।

# 'ବରିଷ୍ଠଙ୍କ ଅଭିଜ୍ଞତା ଉନ୍ନତ ସମାଜ ଗଠନରେ ସହାୟକ ହେବ'

**ଖୋର୍ଦ୍ଧା,୨୧।୧(ପ୍ରଭାତ ପାଣିଗ୍ରାହୀ)**



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ସୁସ୍ଥ ସମାଜ ଗଠନ ଦିଗରେ ବରିଷ୍ଠ ନାଗରିକଙ୍କ ପ୍ରମୁଖ ଭୂମିକା ରହିଛି। ବରିଷ୍ଠ ନାଗରିକ ପରିବାରର ବୋଝ ନୁହନ୍ତି, ବରଂ ସେମାନେ ପରିବାର ଓ ସମାଜର ପଥ ପ୍ରଦର୍ଶକ ବୋଲି ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର କହିଛନ୍ତି। ରବିବାର ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧା ବାର୍ଷିକୋତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ମିତ୍ର ଉପରୋକ୍ତ ମନ୍ତବ୍ୟ ଦେଇ ଆହୁରି କହିଥିଲେ, ସେମାନଙ୍କ ଅନୁଭୂତି, ଅଭିଜ୍ଞତା ଏକ ଉନ୍ନତ ସମାଜ ଗଠନରେ ସହାୟକ ହୋଇପାରିବ। ପରିଣତି ବୟସରେ ଘରେ ଭିତରେ ସୀମିତ ନ ରହି ଗୋଷ୍ଠୀଗତଭାବେ ସାମାଜିକ କାର୍ଯ୍ୟରେ ନିୟୋଜିତ ହେବାକୁ ଆହ୍ୱାନ ଦେଇଥିଲେ। ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୌର ପରିଷଦ ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଉର୍ମିଳା ବଡ଼ଜେନା, ଉମାମଣି ପାଇକରାୟ, ବରିଷ୍ଠ ଅଧିବକ୍ତା ରଜନୀ କାନ୍ତ ପଟ୍ଟନାୟକ, ବ୍ରଜବନ୍ଧୁ ନାୟକଙ୍କୁ ବରିଷ୍ଠ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ପ୍ରବୁଦ୍ଧ ବାର୍ତ୍ତା' ଉନ୍ମୋଚିତ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ଦେବପ୍ରସାଦ ମଜୁମଦାର ସଭାପତିତ୍ୱ କରିଥିବା ବେଳେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇଥିଲେ। ମଞ୍ଚର ସମ୍ପାଦକ ରାମଶଙ୍କର ବାର୍ଷିକ ବିବରଣୀ ଏବଂ ଗୋବିନ୍ଦ ଚନ୍ଦ୍ର ମହାରଣା ବାର୍ଷିକ

## ମୁଖପତ୍ର ଉନ୍ମୋଚିତ, ପ୍ରତିଭା ସମ୍ବର୍ଦ୍ଧିତ

ଆୟବ୍ୟୟ ବିବରଣୀ ପାଠ କରିଥିଲେ। ସନ୍ତୋଷ କୁମାର ଦାସ, ରବୀନ୍ଦ୍ର କୁମାର ସାହୁ ଉତ୍ସବ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ବସନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆସନ୍ତା ଦୁଇ ବର୍ଷ ପାଇଁ ବରିଷ୍ଠ ନାଗରିକ ମଞ୍ଚର ନୂତନ କାର୍ଯ୍ୟକାରୀ ପରିଷଦ ଗଠିତ ହୋଇଛି। ଉପଦେଷ୍ଟା ମଣ୍ଡଳୀରେ ସଦସ୍ୟ ଭାବେ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିୟାରସିଂହ, ବୈକୁଣ୍ଠନାଥ ରାଜଗୁରୁ, ବିଧାନ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ସାମନ୍ତରାୟ ରହିଛନ୍ତି। ସଭାପତିଭାବେ ଦେବ ପ୍ରସାଦ ମଜୁମଦାର, ସମ୍ପାଦକ ରାମଶଙ୍କର, ଯୁଗ୍ମ ସମ୍ପାଦକ ବସନ୍ତ କୁମାର ଦାସ, ସହ-ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଗୋବିନ୍ଦ ଚନ୍ଦ୍ର ମହାରଣା, ସନ୍ତୋଷ କୁମାର ଦାସ, ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ମନୋନୀତ ହୋଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ସତ୍ୟବ୍ରତ ଦାସ ରହିଛନ୍ତି।

# କାର୍ ଧକ୍କାରେ ଯୁବକ ମୃତ, ଚାଳକ ଅଟକ

## ମକର ମହୋତ୍ସବରୁ ଫେରୁଥିବା ବେଳେ ଅଘଟଣ

**ଖୋର୍ଦ୍ଧା,୨୧।୧ (ପ୍ରଭାତ ପାଣିଗ୍ରାହୀ)**

ମକର ସଂକ୍ରାନ୍ତିଠାରୁ ଅତ୍ରି ଉଷ୍ମ ପ୍ରସ୍ରବଣରେ ମକର ମହୋତ୍ସବ ଚାଲିଛି। ଶନିବାର ବିଳମ୍ବିତ ରାତିରେ ମହୋତ୍ସବ ବୁଲି ଘରକୁ ଫେରୁଥିବା ବେଳେ ବାଘମାରୀ ଥାନା ଅନ୍ତର୍ଗତ ହଂସୁଆ ମଠଠାରେ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ପୋଡାଡିହ ଗ୍ରାମର ସୁନୀଲ କୁମାର ମାଣିକ(୨୫)। ଏଥିସହ କାରରେ ଥିବା ଦୁଇଜଣ ଆହତ ହୋଇଥିବା ବେଳେ ସେମାନଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପଟେ ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଥାନାରେ ଦଫା ୨୭୯, ୩୦୪(ଏ),୩୪/ଆଇପିସିରେ ଏକ ମାମଲା(ନଂ.୧୮/୨୪) ରୁଜୁ ହୋଇଛି। କାର୍ ଚାଳକ ଅଟକ ଥିବା ବେଳେ ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ କହିଛନ୍ତି। ପୋଲିସ ଧକ୍କା ଦେଇଥିବା କାର(ଓଡି୦୨ ବିଡବ୍ଲୁ ୬୨୯୭)କୁ ଜବତ କରିଛି। ତେବେ ଅଟକ କାର୍ ଚାଳକ ଜଣକ ଛାତ୍ରନେତା ଏବଂ ସେ ଜଣେ ବରିଷ୍ଠ ରାଜନେତାଙ୍କ ଆନୁଗତ୍ୟ ହୋଇଥିବା କୁହାଯାଉଛି। ଦଳର ଏକାଧିକ ଆଗଧାଡିର ନେତାଙ୍କ ସହ ତାଙ୍କ ଫଟୋ ରହିଥିବା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରକାଶ ଯେ, ଶନିବାର ରାତି ୧୦ଟା ପରେ ସୁନୀଲ ମହୋତ୍ସବରୁ ବାହାରି ଘରକୁ ଯିବା ପାଇଁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଏକ କାର ଦ୍ରୁତଗତିରେ ଆସି ତାଙ୍କୁ ପଛପଟୁ ଧକ୍କା ଦେଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାର ସମ୍ମୁଖ ଭାଗ ଭାଙ୍ଗି ଚୂରମାର ହୋଇଯାଇଛି। କାର ଧକ୍କାରେ ରାସ୍ତାକଡକୁ ଛିଟିକି ସୁନୀଲ ଗୁରୁତର ଆହତ ହୋଇଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ବେଳେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। କାର ଦୁର୍ଘଟଣାଗ୍ରସ୍ତ ପରେ ସେଥିରେ ଥିବା ୩ଜଣ ଫେରାର ହୋଇଯାଇଥିଲେ। କାରରେ ଥିବା ଦୁଇଜଣ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଖବରପାଇ ପୋଲିସ ପହଞ୍ଚି କାରକୁ ଜବତ କରିଥିବା ବେଳେ ବିଳମ୍ବିତ ରାତିରେ ଚାଳକଙ୍କୁ ଧରିଥିଲା।

## ସଂକ୍ଷେପରେ

### ପୁରାତନ ବିଦ୍ୟାର୍ଥୀ ସଙ୍ଗଠନର କର୍ମକର୍ତ୍ତା ଚୟନ

**ଜଟଣୀ,୨୧।୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀସ୍ଥିତ ରେଲୱେ ସ୍କୁଲ ପୁରାତନ ଛାତ୍ର ସଙ୍ଗଠନ(ରୋଜା)ର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସର୍ବସମ୍ମତିକ୍ରମେ ଡା.ପ୍ରସନ୍ନ କୁମାର ମହାନ୍ତି ସଭାପତି ଏବଂ ପ୍ରଣତି ସ୍ୱାଇଁ ସାଧାରଣ ସମ୍ପାଦିକା ଭାବେ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ସୁବ୍ରତ କୁମାର ପଣ୍ଡା, ମଳୟ କୁମାର ମହାନ୍ତି, ସହ ସମ୍ପାଦକ ପ୍ରଦୀପ୍ତ କୁମାର ପଟ୍ଟନାୟକ, ନିରଞ୍ଜନ ମିଶ୍ର, ଅଲତାଫ ହୁସେନ ଏବଂ କୋଷାଧ୍ୟକ୍ଷଭାବେ ସୁନୀଲ ପାଢ଼ୀ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟଭାବେ ଶରତ ପାଢ଼ୀ, ମନୋଜ କୁମାର ବିଶ୍ୱାଳ, ସଞ୍ଜୟ ମହାନ୍ତି, ସନ୍ତୋଷ ଦେଓ, ଅରୁଣ କୁମାର ପଣ୍ଡା, ମହମ୍ମଦ ଜାକିରୁଦ୍ଦିନ, ମାନସ ପଣ୍ଡା, କେ.କମଲେସ କୁମାର, ଶୁଭେନ୍ଦୁ ମିଶ୍ର, ସଚ୍ଚିନ୍ଦ୍ର ମହନ୍ତଙ୍କୁ ଚୟନ କରାଯାଇଛି। ନୂତନ ଭାବେ ଦାୟିତ୍ୱ ନେଇଥିବା ସଦସ୍ୟ ଏବଂ ପଦାଧିକାରୀ ଆଗାମୀ ଦିନରେ ସଙ୍ଗଠନକୁ ସଶକ୍ତ କରିବା ସହିତ ସମାଜ ମଙ୍ଗଳ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଥିବା ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ବୋଲଗଡ଼,୨୧।୧(ଦେବବ୍ରତ ହୋତା)**

ବୋଲଗଡ଼ ଗାନ୍ଧୀନଗରର ଲଳିତା ସାହୁଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୨ବର୍ଷ ହୋଇଥିଲା। ସେ ଜଣେ ଧର୍ମପରାୟଣା ମହିଳାଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଖବରପାଇ ବିଜେଡିନେତା ପ୍ରଦୀପ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଲଳିତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ପ୍ରଫୁଲ୍ଲ ସାହୁ ମୁଖାଗ୍ନି ଦେଇଥିଲେ। ଆଉ ଦୁଇପୁଅ ପ୍ରମୋଦ ଏବଂ ପ୍ରସନ୍ନ ଉପସ୍ଥିତ ଥିଲେ।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ବାର୍ଷିକ ଉତ୍ସବ

**କୃଷ୍ଣପ୍ରସାଦ,୨୧।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ନିକଟ ମଲେଶ୍ୱରୀ ଗ୍ରାମ ସତସଙ୍ଗ ବିହାରରେ ସୋମବାର ଶ୍ରୀଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ଏକ ସୁସଜ୍ଜିତ ବିମାନରେ ଠାକୁରଙ୍କୁ ଅବସ୍ଥାପିତ କରାଇ ଭଜନ, କୀର୍ତ୍ତନ କରି ଗ୍ରାମ ପରିକ୍ରମା କରିଥିଲେ। ପରେ ସତସଙ୍ଗ ବିହାରରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳ ସମେତ ଖଲ୍ଲିକୋଟ, ଗଞ୍ଜାମ, ରମ୍ଭା, ହୁମ୍ମା,ପାଲୁର ଓ ବ୍ରହ୍ମଗିରିରୁ ବହୁ ଭକ୍ତ ଯୋଗଦେଇଥିଲେ। ଏଥିରେ ସ୍ଥାନୀୟ ସହ ପ୍ରତିରୀତିକ କଣ୍ଟୁରୀ ଚରଣ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସହ ପ୍ରତିରୀତିକ କୃଷ୍ଣଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଜିତେନ୍ଦ୍ର ନାଥ ପତି ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ନିରଞ୍ଜନ ବିଶ୍ୱାଳ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ଖୁଣ୍ଟିଆ, ମହେନ୍ଦ୍ର ବେହେରା, ମାରୁତି ମୋହନ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ଦଳାଇ, ପ୍ରକାଶ ଚନ୍ଦ୍ର ଗୌଡ଼ୁ, ପ୍ରଦୀପ କୁମାର ଦାସ ପ୍ରମୁଖ ପ୍ରବଚନ ଦେଇଥିଲେ। ଅଜୟ କୁମାର ପଲେଇ, ଶ୍ରୀକାନ୍ତ କୁମାର ଜେନା, ପ୍ରସନ୍ନ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ୨୫ଜଣ ଭକ୍ତଙ୍କୁ ଦୀକ୍ଷା ପ୍ରଦାନ କରାଯାଇଥିଲା।



ବୋଲଗଡ଼: ସାରଥି କ୍ଲବ ଓ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସାମାଜିକ ସେବା ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା।

# ପଞ୍ଚାୟତସ୍ତରୀୟ ସାମାଜିକ ସଚେତନତା ସେବା ଦିବସ

**ବୋଲଗଡ଼,୨୧।୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଟାଙ୍ଗୀସାହିସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାରଥୀ କ୍ଲବ ଆନୁକୂଲ୍ୟରେ ଓ ଖୋର୍ଦ୍ଧା ଜିଲା ନେହୁରୁ ଯୁବକେନ୍ଦ୍ର ସଙ୍ଗଠନର ସହାୟତାରେ ପଞ୍ଚାୟତସ୍ତରୀୟ ସାମାଜିକ ସଚେତନତା ସେବା ଦିବସ ଅସରଳା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସମ୍ପାଦକ ପାଣ୍ଡବ ସାହୁଙ୍କ ଆବାହକତ୍ୱରେ ହରିହର ବିଦ୍ୟାପୀଠ ଓ ବୀଣାପାଣି ବିଦ୍ୟାମନ୍ଦିରର ୧୨୦ଜଣ ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀ ଯୋଗଦେଇ ଅସରଳା ଗ୍ରାମ, ଅମୃତେଶ୍ୱର ଦେବ ଓ ନୀଳକଣ୍ଠେଶ୍ୱର ଦେବ ମନ୍ଦିର ପରିସର ସଫେଇ କରିଥିଲେ। ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ମୃତ୍ତିକା ସଂରକ୍ଷଣ, ନୂତନ ଚାରା ରୋପଣ ଓ ସଂକ୍ରମିତ ରୋଗରୁ ରକ୍ଷା ପାଇବା ପାଇଁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଯୁବକମାନେ ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରିଥିଲେ। ପରେ ସାରଥୀ କ୍ଲବର ସଭାପତି ପ୍ରମୋଦିନୀ ମହାପାତ୍ରଙ୍କ ସଭାପତିତ୍ୱରେ ସାମାଜିକ ସୁରକ୍ଷା ସେବା ସମ୍ପର୍କିତ ଏକ ବୈଠକ ହରିହର ବିଦ୍ୟାପୀଠ ସମ୍ମିଳନୀ କକ୍ଷରେ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ, ମୁଖ୍ୟ ବକ୍ତା ସମିତିସଭ୍ୟା ସୁମିତ୍ରା ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ୱାର୍ଡମେମ୍ବର ଦିଲ୍ଲୀପ କୁମାର ସାମନ୍ତରାୟ, ଶିକ୍ଷକ ପ୍ରସନ୍ନ କୁମାର କର ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଭାରତୀ ଜଗଦେବ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷୟିତ୍ରୀ ନିବେଦିତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜୀବଜଗତର ସନ୍ତୁଳନ ପାଇଁ ସମସ୍ତେ ନୂତନ ଚାରାରୋପଣ କରିବାକୁ ମୁଖ୍ୟ ଅତିଥି ସୁନ୍ଦରାୟ ପରାମର୍ଶ ଦେଇଥିଲେ। ସମସ୍ତେ ସ୍ୱଚ୍ଛ ପରିବେଶ ରକ୍ଷା କରିପାରିଲେ ସୁସ୍ଥ ତଥା ନିରୋଗ ଜୀବନ ଯାପନ ହୋଇପାରିବ ବୋଲି ମହାପାତ୍ର କହିଥିଲେ। ଶିକ୍ଷୟିତ୍ରୀ ବିନୋଦିନୀ ସାହୁ ଓ ରିତାଞ୍ଜଳି ସାମନ୍ତରାୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶିକ୍ଷୟିତ୍ରୀ ସୁନିତା ସାହୁ ଧନ୍ୟବାଦ ଦେଇଥିଲେ।


ଖୋର୍ଦ୍ଧା ସାରୁଅଠାରେ ଅନୁଷ୍ଠିତ ମା'ମଙ୍ଗଳା କ୍ରିକେଟ ଟୁର୍ନାମେଣ୍ଟର ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ବିଜୟୀ ଲିଙ୍ଗରାଜ କ୍ରିକେଟ କ୍ଲବ୍।

# 'କବି ନିଜର ଭାବକୁ ଭାଷା ଦେଇ ବ୍ୟକ୍ତ କରିଥାଏ'

**ବୋଲଗଡ଼,୨୧।୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅଧୀନ କାଦୁଆପଡ଼ା ଗ୍ରାମର ତରେଶ୍ୱର ହୋତା ସ୍ମୃତିସଂସଦ ପକ୍ଷରୁ ସାହିତ୍ୟ ସଭା ଏବଂ କବି କଳାକାର ଓ ସାମାଜିକ କର୍ମୀ ସମାବେଶ କୋଶଳାଗୁଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ କୃପାସିନ୍ଧୁ ବିଶ୍ୱାଳ ଯୋଗଦେଇ କହିଥିଲେ, କବି ନିଜର ଭାବକୁ ଭାଷା ଦେଇ ବ୍ୟକ୍ତ କରିପାରେ। ମୁଖ୍ୟ ବକ୍ତା ସୁନୀଲ ମିଶ୍ର ଓ ସମ୍ମାନିତ ଅତିଥିଭାବେ ରଙ୍କନିଧି ବଳିଆରସିଂହ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳର ବହୁ କବି, ଲେଖକ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସଭାପତି ବଂଶୀଧର ପଣ୍ଡା, ସମ୍ପାଦକ ବିଭୁ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଭାଗୀରଥି ଦାଶ, ସୁନୀଲ ମିଶ୍ର, ସାନନ୍ଦ ସାହୁ, ସୁମନ୍ତ ଛୋଟରାୟ, ଜିତେନ୍ଦ୍ର ରଣସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନ୍ୟାୟବିତ୍ ତାରେଶ୍ୱର ହୋତାଙ୍କ ଜୀବନ ଚରିତ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କବି ପତିତପାବନ ବଳିୟାରସିଂ, ପଦ୍ମାଳୟା ମହାପାତ୍ର, ଧ୍ରୁବଚରଣ ମହାପାତ୍ର, ବସନ୍ତ କୁମାର ଉତ୍ତରକବାଟ, ପ୍ରହ୍ଲାଦ ବାରିକଙ୍କ ସମେତ ଅନ୍ୟମାନେ ସ୍ୱରଚିତ କବିତା ପାଠ କରିଥିଲେ। ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ପ୍ରଫୁଲ୍ଲ ହୋତା ଧନ୍ୟବାଦ ଦେଇଥିଲେ।

# କ୍ରୀଡ଼ା ଶିକ୍ଷୟିତ୍ରୀ ରଞ୍ଜୁବାଳାଙ୍କୁ କଳା ଗୌରବ ସମ୍ମାନ

**ଟାଙ୍ଗୀ,୨୧।୧(ରଘୁନାଥ ସାହୁ)**



ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପଦ୍ମ କୁମୁଦ ବିଦ୍ୟା ନିକେତନର କ୍ରୀଡ଼ା ଶିକ୍ଷୟିତ୍ରୀ ରଞ୍ଜୁବାଳା ଚମ୍ପତିରାୟଙ୍କୁ ବିଶ୍ୱ ନାଟ୍ୟ ମେଳାରେ କଟକସ୍ଥିତ ଥିଏଟର ମୁଭମେଣ୍ଟ ପକ୍ଷରୁ କଳା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ରଞ୍ଜୁବାଳା ଶିକ୍ଷୟିତ୍ରୀ ହୋଇଥିବା ବେଳେ ସେ ଓଡ଼ିଆ ମଞ୍ଚ ନାଟକର ଅଭିବୃଦ୍ଧି ପାଇଁ ସର୍ବଦା ପ୍ରୟାସ କରିଥାନ୍ତି। ବାଣପୁରସ୍ଥିତ କଳିଙ୍ଗ କନ୍ୟା କଳା ପରିଷଦର ସେ ମୁଖ୍ୟ ସଙ୍ଗଠିକା। ପରିଷଦ ରାଜ୍ୟ ଓ ଜାତୀୟ ସ୍ତରରେ ବହୁ ନାଟକ ପରିବେଷଣ କରି ପ୍ରସିଦ୍ଧି ଲାଭ କରିଛି। କଟକ କଳାବିକାଶ କେନ୍ଦ୍ର ରଙ୍ଗମଞ୍ଚରେ ସ୍ୱତନ୍ତ୍ର ଅତିଥି ରବିରଞ୍ଜନ ସାହୁ ଉତ୍ତରୀୟ ଓ ମାନପତ୍ର ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ମାନ ପାଇଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସୁପର ଓଭରରେ ଜିତିଲା ମା'ଚକ୍ରବର୍ତ୍ତୀ କ୍ଲବ


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

**ବୋଲଗଡ଼,୨୧।୧ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ମାଣିକଗୋଡ଼ା ହୀରାଧର ଖେଳପଡିଆରେ ଚାଲିଥିବା ଜୟକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ନୟାଗଡ଼ ଜିଲା ସାଲୁଣୀର ମା' ଚକ୍ରବର୍ତ୍ତୀ କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ମା'ଚକ୍ରବର୍ତ୍ତୀ କ୍ଲବ ନୋଡରର ମହାବୀର କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଚକ୍ରବର୍ତ୍ତୀ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୬ ଉଇକେଟ ବିନିମୟରେ ୧୨୮ରନ ସଂଗ୍ରହ କରିଥିଲା। ଜବାବରେ ମହାବୀର କ୍ଲବ ୪ ଉଇକେଟ ବିନିମୟରେ ୨୦ଓଭରରେ ମଧ୍ୟ ୧୨୮ ରନ ସଂଗ୍ରହ କରିଥିଲା। ଫଳରେ ସୁପର ଓଭରରେ ଚକ୍ରବର୍ତ୍ତୀ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ପୁଷ୍ପରଞ୍ଜନ ବିଶ୍ୱାଳ ଓ ଜିତେନ୍ଦ୍ର ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଅଭିମନ୍ୟୁ ଦଳେଇ ଓ ଅସିତ ପଟ୍ଟନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ବେଲବାୟାଣୀ କ୍ରିକେଟ କ୍ଲବର ସଭାପତି ଚଗ ପଟ୍ଟନାୟକ ଓ ଜୟକୃଷ୍ଣ ସ୍ମାରକୀର ପୃଷ୍ଠପୋଷକ ପ୍ରକାଶ ମହାପାତ୍ରଙ୍କ ଆୟୋଜନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ରନର୍ସଅପ ଟିମ୍‌କୁ ଟ୍ରଫି ସହ ୭ହଜାର ଟଙ୍କା ପ୍ରଦାନ କରିଥିଲେ।

# ଗ୍ରାମାଞ୍ଚଳ ଆଞ୍ଚଳିକ ଫୁଟ୍‌ବଲ ଟୁର୍ନାମେଣ୍ଟ: ନିଧିପୁର ଜିତିଲା

**ବୋଲଗଡ଼,୨୧।୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ କଡ଼ବ ପଞ୍ଚାୟତ ଅନ୍ତର୍ଗତ ଚଟୁଆ ଗ୍ରାମ ଦେବୀପ୍ରସାଦ ମୌଜା ଖେଳପଡ଼ିଆରେ ଚାଲିଥିବା ଗ୍ରାମାଞ୍ଚଳ ଆଞ୍ଚଳିକ ଫୁଟ୍‌ବଲ ଟୁର୍ନାମେଣ୍ଟରେ ନିଧିପୁର କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଜଟଣୀର କେସିସି ଟିମ୍ ଓ ନିଧିପୁର ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ନିଧିପୁର ଦଳର ୧୪ ନମ୍ବର ଜର୍ସି ଖେଳାଳି ସଞ୍ଜୟ ବେହେରା ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା କେସିସି ଟିମ୍ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ୧-୦ ଗୋଲରେ ନିଧିପୁର କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କଂଗ୍ରେସର ରାଜ୍ୟ ସମ୍ପାଦକ ପୃଥ୍ୱୀବଲଭ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଅତିଥିଭାବେ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ ସୁବୁଦ୍ଧି, ଜୟକୃଷ୍ଣ ପ୍ରହରାଜ, ରମେଶ ଚନ୍ଦ୍ର ବେହେରା ଓ ଗାଁ ସାଥି ସଂଘ ଜିଲା ସଭାପତି ସରୋଜ କୁମାର ଉପସ୍ଥିତ ଥିଲେ। ଆୟୋଜକ ଅନୁଷ୍ଠାନ ପକ୍ଷରୁ ଭୀମା ନାୟକ, ରଙ୍କନିଧି ସେଠୀ, ନନ୍ଦ ନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

# ମା'ଗହ୍ନେଇ କ୍ରିକେଟ ଟୁର୍ନାମେଣ୍ଟ: ହଳଦିଆ ଚାମ୍ପିୟନ

**ବେଗୁନିଆ,୨୧।୧(ହର ପ୍ରସନ୍ନ ପଣ୍ଡା)**


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ଗ୍ରାମସ୍ଥିତ ଖେଳ ପଡିଆରେ ଚାଲିଥିବା ମା' ଗହ୍ନେଇ କ୍ରିକେଟ ଟୁର୍ନାମେଣ୍ଟରେ ହଳଦିଆସ୍ଥିତ ସ୍ପୋର୍ଟ୍ସ କଲ୍‌ଚରାଲ କ୍ରିକେଟ ଆସୋସିଏଶନ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଖେଳାଯାଇଥିବା ବେଳେ ଟସ୍ ଜିତି ହଳଦିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୧୫ ରନ ସଂଗ୍ରହ କରିଥିଲା। ଜବାବରେ ଚକାପଦା ଗ୍ରାମର ମା' ରାମଚଣ୍ଡୀ କ୍ରିକେଟ କ୍ଲବ ୧୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ନରେଶ କୁମାର ଜେନା ଏବଂ ଚିନ୍ମୟ ଜେନା ମ୍ୟାଚ ପରିଚାଳନା କରିଥିବା ବେଳେ ଦେବାଶିଷ ଜେନା ଏବଂ ପବିତ୍ର ମହାନ୍ତି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମିହିର ରଞ୍ଜନ ମହାପାତ୍ର, ପ୍ରଭାତ କୁଣ୍ଡୁ ଏବଂ ପ୍ରକାଶ ମାର୍ଥା ଧାରା ବିବରଣୀ ପ୍ରଦାନ କରିଥିଲେ। ମୃତ୍ୟୁଞ୍ଜୟ ଜେନାଙ୍କ ନେତୃତ୍ୱରେ ମ୍ୟାଚ ପରିଚାଳିତ ହୋଇଥିଲା। ଗ୍ରାମ୍ୟ କମିଟିର ସଭାପତି ମହେନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଅତିଥିଭାବେ ବଡବେରଣା ସରପଞ୍ଚ ଅସିତ୍ ତ୍ରିପାଠୀ, ଘରୋଇ ଅର୍ଥ ଲଗାଣ ସଂସ୍ଥାର ପରିଚାଳକ ଲଳିତ ରଞ୍ଜନ ସାମନ୍ତରାୟ, ସନ୍ତୋଷ କୁମାର ଦୋରା, ଭଗୁଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହିତ ୧୦ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହିତ ୭ହଜାର ଟଙ୍କା ପ୍ରଦାନ କରାଯାଇଛି। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

# କଟକ ଚାମ୍ପିୟନ

**ଟାଙ୍ଗୀ,୨୧।୧(ରଘୁନାଥ ସାହୁ)**

ଟାଙ୍ଗୀ ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ କଟକ ଚାମ୍ପିୟନ ହୋଇଛି। ରବିବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ହୋଇଥିଲା। ସେମିଫାଇନାଲ ମ୍ୟାଚ୍ କଟକର ବିକାଶ ଓ ଲକି ଏବଂ ଭୁବନେଶ୍ୱରର ଜ୍ଞାନ ଓ ଜ୍ୟୋତିଙ୍କ ସହିତ ହୋଇଥିଲା। ଏଥିରେ କଟକର ବିକାଶ, ଲକି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ କଟକର କୌଶିକ ଓ ସୋନୁ ଏବଂ କଟକର ସମିର, ଦେବାଶିଷଙ୍କ ସହିତ ହୋଇଥିଲା। ଏହି ମ୍ୟାଚରେ କଟକର କୌଶିକ ଓ ସୋନୁ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। କଟକର ବିକାଶ ଓ ଲକି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲେ। ସେହିପରି କଟକର କୌଶିକ ଓ ସୋନୁ ରନର୍ସଅପ ହୋଇଥିଲେ। ଆୟୋଜକ କ୍ଲବର ସଭାପତି ଭୀଷ୍ମ ନାରାୟଣ ମହାପାତ୍ର, ସମ୍ପାଦକ ବିଶ୍ୱରଞ୍ଜନ ମହାପାତ୍ର, ସଦସ୍ୟ ଗଙ୍ଗାଧର ପ୍ରଧାନ, ପୀତବାସ ନାୟକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଜୟ କୁମାର ରାୟ ଓ ସୁରେଶ ଚନ୍ଦ୍ର ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଭାରତ ବିକାଶ ପରିଷଦର କ୍ଷେତ୍ରୀୟ ଅଧିବେଶନ

**ସାକ୍ଷୀଗୋପାଳ,୨୧।୧(ଭରତ ରାଉତ):** ଜଗନ୍ନାଥ ଧାମସ୍ଥିତ ଟାଉନ ହଲରେ ଭାରତ ବିକାଶ ପରିଷଦର କ୍ଷେତ୍ରୀୟ ଅଧିବେଶନ ମହାସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତ ବିକାଶ ପରିଷଦ ରାଷ୍ଟ୍ରୀୟ ସଂଗଠନ ସଚିବ ସୁରେଶ ଜୈନ ଯୋଗଦେଇଥିଲେ। ଭାରତ ବିକାଶ ପରିଷଦ ସମାଜର କ୍ଷୁଧାର୍ଥ ଏବଂ ଅବହେଳିତଙ୍କୁ ଖାଦ୍ୟ ଯୋଗାଇବା ସହ ସେମାନଙ୍କୁ ସମର୍ଥ ଓ ସ୍ୱାବଲମ୍ବୀ କରାଇ ସମାଜରେ ଆତ୍ମ ସମ୍ମାନ ଓ ସ୍ୱାଭିମାନ ସହ ବଞ୍ଚିବାକୁ କାର୍ଯ୍ୟ କରୁଛି ବୋଲି ମୁଖ୍ୟ ଅତିଥି ଜୈନ କହିଛନ୍ତି। ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଭାରତ ବିକାଶ ପରିଷଦର କ୍ଷେତ୍ରୀୟ ଅଧ୍ୟକ୍ଷ ସୁମନ ସିଂ, ରାଷ୍ଟ୍ରୀୟ ମହିଳା ବାଲ୍‌ବିକାଶ ଉପାଧ୍ୟକ୍ଷ ଗୀତା ପଟ୍ଟନାୟକ, କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, କ୍ଷେତ୍ରୀୟ ଯୁଗ୍ମ ମହାସଚିବ ଶୁଭାଶିଷ କର, କ୍ଷେତ୍ରୀୟ ମହିଳା ସଂଯୋଜିକା ସୁପ୍ରୀତି ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେବା କ୍ଷେତ୍ରରେ ବଳିଷ୍ଠ ଅବଦାନ ଥିବା ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧିବେଶନର ପ୍ରଥମାର୍ଦ୍ଧରେ ସ୍ୱାଗତ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଭାରତ ବିକାଶ ପରିଷଦ ମହିଳା ବାଲ୍ ବିକାଶ ସହଯୋଗରେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା।

### ମନ୍ଥର ଗତିରେ ମା’ ମଙ୍ଗଳା ମନ୍ଦିର ଉନ୍ନତୀକରଣ କାର୍ଯ୍ୟ

**କାକଟପୁର,୨୧।୧(ଶୁଭଦର୍ଶନ ମିଶ୍ର):** କାକଟପୁର ବାସିନୀ ମା’ ମଙ୍ଗଳାଙ୍କ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ଗତବର୍ଷ ୩ ସେପ୍ଟେମ୍ବର ୨୮ରୁ ଆରମ୍ଭ ହୋଇ ଆଜକୁ ପ୍ରାୟ ୪ ମାସ ପୂରିବାକୁ ବସିଲାଣି। କାର୍ଯ୍ୟ ଶେଷର ଅବଧି ଆସନ୍ତା ସେପ୍ଟେମ୍ବର ୨୯ରେ ଥିବାବେଳେ ତାହା ହୋଇପାରିବାକୁ ନେଇ ସାଧାରଣରେ ଆଶଙ୍କା ସୃଷ୍ଟି ହେଲାଣି। ୯ କୋଟି ୮୦ଲକ୍ଷ ଟଙ୍କା ବ୍ୟୟରେ ପୀଠର ଉନ୍ନତି ପାଇଁ ଠିକାଦାରି ଦୀପ୍ତିରଞ୍ଜନ ମହାନ୍ତିଙ୍କୁ ଦିଆଯାଇଛି। ଓବିସିସିର ଭାରପ୍ରାପ୍ତ ଯନ୍ତ୍ରୀ ରାଜକିଶୋର ପାତ୍ର ତଦାରଖ ଦାୟିତ୍ୱରେ ଅଛନ୍ତି। ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ମଧ୍ୟରେ ମନ୍ଦିର ରୋଷଶାଳାର ଉନ୍ନତୀକରଣ, ଭୋଗ ଦୋକାନ ଓ ସେବାୟତ ଭବନର ପୁନଃ ନିର୍ମାଣ, ପ୍ରାଚୀନଦୀ ନିକଟରେ ମୁଣ୍ଡନ ଗୃହ ନିର୍ମାଣ ଓ ଚନ୍ଦନ ଘାଟର ଉନ୍ନତୀକରଣ, ଯାତ୍ରୀନିବାସର ସୌନ୍ଦର୍ଯ୍ୟକରଣ, ପାର୍କିଂ ସ୍ଥଳର ଉନ୍ନତୀକରଣ ଓ ଆଲୋକୀକରଣ ଆଦି କାର୍ଯ୍ୟ ରହିଛି। ଗତ ୪ ମାସ ମଧ୍ୟରେ ପାର୍କିଂ ପଡ଼ିଆର ପାଚେରି ନିର୍ମାଣ ନିମନ୍ତେ ପାଇଲିଙ୍ଗ ଓ ପୂର୍ବରୁ ଥିବା ମୁଣ୍ଡନ ମଣ୍ଡପ ମଝିରେ ପାର୍ଟିଶନ ଓ ଚାରିପଟେ କାନ୍ଥ ନିର୍ମାଣ ହୋଇଛି। ଯେମିତି ଭାବରେ କାର୍ଯ୍ୟ ଚାଲିଛି ଯଦି ଆଗକୁ ସେହିଭଳି ଚାଲେ ଅନ୍ୟ ସମସ୍ତ କାର୍ଯ୍ୟ ଅବଧି ଶେଷ ସୁଦ୍ଧା ସରିବାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ୫-ଟି ଅଧ୍ୟକ୍ଷ ଓ ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରକଳ୍ପ ନିର୍ମାଣରେ ମନ୍ଥରତା ପାଇଁ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି।

### କାର୍ ଧକ୍କାରେ ଯୁବକ ମୃତ

**ଖୋର୍ଦ୍ଧା,୨୧।୧ (ପ୍ରଭାତ ପାଣିଗ୍ରାହୀ):** ମକର ସଂକ୍ରାନ୍ତିଠାରୁ ଅତ୍ରି ଉଷ୍ମ ପ୍ରସ୍ରବଣରେ ମକର ମହୋତ୍ସବ ଚାଲିଛି। ଶନିବାର ବିଳମ୍ବିତ ରାତିରେ ମହୋତ୍ସବ ବୁଲି ଘରକୁ ଫେରୁଥିବା ବେଳେ ବାଘମାରୀ ଥାନା ଅନ୍ତର୍ଗତ ହଂସୁଆ ମଠଠାରେ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ପୋଡାଡିହ ଗ୍ରାମର ସୁନୀଲ କୁମାର ମାଣିକ। ଏଥିସହ କାରରେ ଥିବା ଦୁଇଜଣ ଆହତ ହୋଇଛନ୍ତି ।

# ୨୪ରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ବିଲ୍ଡିଂ ଲୋକାର୍ପଣ

**ଭିସି ମାଧ୍ୟମରେ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ**

**ସାକ୍ଷୀଗୋପାଳ,୨୧।୧ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):**


ପୁରୀ ଜିଲା ସତ୍ୟବାଦୀର ବକୁଳବନଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ଓଡ଼ିଆ ବିଶ୍ୱବିଦ୍ୟାଳୟ।

ପୁରୀ ଜିଲା ସତ୍ୟବାଦୀରେ ରାଜ୍ୟ ସରକାରଙ୍କ ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ ବିଲ୍ଡିଂକୁ ଆସନ୍ତା ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ(ଭିସି) ମାଧ୍ୟମରେ ଲୋକାର୍ପଣ କରିବେ। ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଏକ ପ୍ରଶାସନିକ କୋଠା, ୧୮୦ ବିଦ୍ୟାର୍ଥୀଙ୍କ ନିମନ୍ତେ ଶ୍ରେଣୀଗୃହ, ପାଠାଗାର, ବିଦ୍ୟାର୍ଥୀଙ୍କ ୨ଟି ଛାତ୍ରାବାସ, ଭୋଜନାଳୟ ଓ ରାଧାକୁଣ୍ଡ ପୋଖରୀର ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ରହିଛି।

ପ୍ରକାଶଥାଉକି, ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ ନିମନ୍ତେ ୨୦୨୧ ଡିସେମ୍ବର ୮ରେ ମୁଖ୍ୟମନ୍ତ୍ରୀ ସତ୍ୟବାଦୀର ବକୁଳବନଠାରେ ଏକ ବକୁଳ ଗଛ ଲଗାଇବା ସହ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ବକୁଳବନଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ସାଇନ୍ ବୋର୍ଡ ଲଗାଯିବା ପରେ ଓବିସିସି ଉକ୍ତ ନିର୍ମାଣ କାର୍ଯ୍ୟ ହାତକୁ ନେଇ ଭୁବନେଶ୍ୱରର ଅଚାର୍ଯ୍ୟ ବ୍ରଦର୍ଶ କନ୍‌ଷ୍ଟ୍ରକ୍‌ସନ ଲିମିଟେଡ୍‌କୁ ନିର୍ମାଣ କାର୍ଯ୍ୟ ପାଇଁ ହସ୍ତାନ୍ତର କରିଥିଲା। ପ୍ରଥମେ ସୂଚନା ଅନୁଯାୟୀ, ଗତବର୍ଷ ଅଗଷ୍ଟ ୩୧ରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିବ ବୋଲି କୁହାଯାଇଥିଲା। ହେଲେ ନିର୍ମାଣ କାର୍ଯ୍ୟ ନ ସରିବାରୁ ଏହାର ଅବଧି ପୁନର୍ବାର ବୃଦ୍ଧି କରାଗଲା। ଏପଟେ ସରକାର ଗତବର୍ଷ ସେପ୍ଟେମ୍ବର ୫ ଗୁରୁ ଦିବସ ଅବସରରେ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ନ ସରିଥିବାରୁ ସାକ୍ଷୀଗୋପାଳ ପାନ୍ଥଶାଳାକୁ ଉଚ୍ଚ ଶିକ୍ଷା ବିଭାଗ ଭଡ଼ାସୂତ୍ରରେ ନେଇ ପ୍ରଥମ ପର୍ଯ୍ୟାୟରେ ପ୍ରାରମ୍ଭିକ ସ୍ନାତକୋତ୍ତର ପାଠ୍ୟଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଶ୍ୱବିଦ୍ୟାଳୟରେ ୩ଟି ବିଭାଗରେ ୨୪ ଲେଖାଏଁ ସମୁଦାୟ ୭୨ଜଣ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାର୍ଥୀମାନେ ଏଠାରେ ପଢିବା ସହ ସ୍ଥାନୀୟ ସାକ୍ଷୀଗୋପାଳ କଲେଜ ହଷ୍ଟେଲରେ ରହୁଛନ୍ତି। ବିଶ୍ୱବିଦ୍ୟାଳୟରେ ଭିସି ପଦବୀ ବିଭାଗ ପୂରଣ ହୋଇଥିଲେ ମଧ୍ୟ ରେଜିଷ୍ଟ୍ରାର, ଅଧ୍ୟକ୍ଷ, ପ୍ରଫେସର ଓ ଅଫିସ କର୍ମଚାରୀ ଡେପୁଟେଶନରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ ପଣ୍ଡା କହିଛନ୍ତି, ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନ ଓ ସତ୍ୟବାଦୀ ବିଧାୟକଙ୍କୁ କୃତଜ୍ଞତା ଦେବା ସହ ପଞ୍ଚସଖାଙ୍କ ପ୍ରତି ଏହା ରାଜ୍ୟ ସରକାରଙ୍କ ଏକ ସମ୍ମାନ।

## ଚାରିଛକ ପ୍ରେସ କ୍ଲବର ଚତୁର୍ଥ ବାର୍ଷିକୋତ୍ସବ

**ଚାରିଛକ,୨୧।୧(ଶିଶିର ସ୍ୱାଇଁ):** ଚାରିଛକ ପ୍ରେସ୍ କ୍ଲବର ଚତୁର୍ଥ ବାର୍ଷିକୋତ୍ସବ ରବିବାର ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିଶିର ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସାମ୍ବାଦିକ ସଂଘ ସଭାପତି କୈଳାସଚନ୍ଦ୍ର ନାୟକ, ପୂର୍ବତନ ୨୧ ନଂ. ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ଓଡ଼ିଶା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଶଶିକାନ୍ତ ଲେଙ୍କା, ପ୍ରଫେସର ଅରୁଣ ସ୍ୱାଇଁ, ସାମାଜିକ କର୍ମୀ ଅରୁଣ ସାହୁ, ଭୋଦର ସରପଞ୍ଚ ଚାରୁଲତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମାଜିକ କର୍ମୀ ସନାତନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ଖବରଦାତା ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କୁ ନିଜର ଦାବି ମାସିକ ଭତ୍ତା ବାବଦରେ ଉପସ୍ଥାପନ କଲେ ରାଜ୍ୟ ସରକାର ଦାବି ପୂରଣ କରିବେ ବୋଲି କହିବା ସହିତ ସେ ମଧ୍ୟ ସେମାନଙ୍କ ସହିତ ଅଛନ୍ତି ବୋଲି ବିଧାୟକ ଦାଶ କହିଥିଲେ। ନିରାଶ୍ରୟ ସେବାଶ୍ରମ ସଙ୍ଗଠନ, ଭଦ୍ରେସୋର ଖୋଟ ଶିଳ୍ପ, ଗୋପୀନାଥ କତା ହସ୍ତଶିଳ୍ପ ମହିଳା ଗ୍ରୁପ, ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ, ବରିଷ୍ଠ ନାଗରିକ, ଖବର କାଗଜ ବିତରକଙ୍କ ସହିତ ସମସ୍ତ ଖବରଦାତାଙ୍କୁ ଉତ୍ତରୀୟ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ଉପଦେଷ୍ଟା ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ସାଧାରଣ ସମ୍ପାଦକ ଡ. କେଦାରନାଥ ସାହୁ, ରଶ୍ମିରଞ୍ଜନ ସାହୁ, ବସନ୍ତ ମଲ୍ଲ, ପ୍ରତାପ କୁନାଲ ମଲ୍ଲିକ, ସନ୍ତୋଷ ଦାସ, କୈଳାସଚନ୍ଦ୍ର ପାତ୍ର, ସୁଶ୍ରୀ ସରିତାଞ୍ଜଳି ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

## ରାଜ୍ୟସ୍ତରୀୟ ଚେସ୍ ଟୁର୍ନାମେଣ୍ଟରେ ସେଖ ସୟୀଦି ଚାମ୍ପିୟନ

**ନିମାପଡ଼ା,୨୧।୧(ରଞ୍ଜନ ପଟ୍ଟନାୟକ):** ପୁରୀ ଜିଲା ଚେସ୍ ସଂଘ ଓ ନିମାପଡ଼ା ଚେସ୍ ସଂଘ ମିଳିତ ସହଯୋଗରେ ୧୭ତମ ସୁଦର୍ଶନ ସ୍ମାରକୀ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ଟାଉନହଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୫୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଉପନଗରପାଳ ସନ୍ତୋଷ ଦାଶ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଖବରଦାତା ପ୍ରଶାନ୍ତ ସାହୁ ଏବଂ ଯୋଗ ଗୁରୁ ପ୍ରମୋଦ ମହାନ୍ତି ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ବିକ୍ରମ କେଶରୀ ସାମଲ ପ୍ରତିଯୋଗିତା ଉଦ୍‌ଯାପିତ କରିଥିଲେ। ବିଶ୍ୱରଞ୍ଜନ ମହାନ୍ତି ଓ ଯୁଗଳ କିଶୋର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କଟକର


ସୁଦର୍ଶନ ସ୍ମାରକୀ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ।

ଖେଳାଳି ସେଖ ସୟୀଦି ଚଳିତବର୍ଷ ଚାମ୍ପିୟନ ହୋଇ ପ୍ରମାଣ ପତ୍ର ଓ ଟ୍ରଫି ସହିତ ନଗଦ ୩ ହଜାର ଟଙ୍କା, ଉପବିଜେତା ଭାବେ କଟକର ଖେଳାଳି ହର୍ଷିତ ରଞ୍ଜନ ସାହୁଙ୍କୁ ନଗଦ ୨୪୦୦ ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ନିମାପଡ଼ାର ଖେଳାଳି ବିଶ୍ୱରଞ୍ଜନ ମହାନ୍ତିଙ୍କୁ ନଗଦ ୧୮୦୦ଟଙ୍କା ପ୍ରଦାନ କରାଯାଇଥିଲା। ଚଳିତବର୍ଷର ଶ୍ରେଷ୍ଠ ବରିଷ୍ଠ ଖେଳାଳି ଭାବେ ସାଇ ପ୍ରସାଦ ମଲ୍ଲିକ, ରଞ୍ଜିତ ମହାନ୍ତି, ଶ୍ରେଷ୍ଠ ମହିଳା ଖେଳାଳି ଭାବେ ତିତିକ୍ଷା ମହାପାତ୍ର ଓ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ଶିଶୁ ପ୍ରତିଯୋଗୀ ଅର୍ଜ୍ଜିତ ଆଚାର୍ଯ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ବିମଳ ପ୍ରସାଦ ମହାନ୍ତି ଏଥିରେ ତତ୍ତ୍ୱାବଧାନ କରିଥିଲେ। ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ୟାମଳ କୁଣ୍ଡ, ଅଶୋକ ଶତପଥୀ, କମଳ ପ୍ରସାଦ ମହାନ୍ତି ଓ ରବିନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅର୍ଥ ଓ ପ୍ରମାଣପତ୍ର ଶହ ପୁରସ୍କୃତ କରାଯାଇଥିଲା।

## ଛାତ୍ରୀଛାତ୍ର ଦେଶ, ରାଜ୍ୟର ଗୌରବକୁ ବୃଦ୍ଧି କରନ୍ତୁ

**ଅସ୍ତରଙ୍ଗ,୨୧।୧(ପ୍ରଦୀପ୍ତ ଦୀକ୍ଷିତ):** ଅସ୍ତରଙ୍ଗ ବ୍ଲକ ଆର୍ତ୍ତତ୍ରାଣ ବିଦ୍ୟାପୀଠ ବରାଙ୍ଗ-ଅନନ୍ତା ରଜତ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ ଦାସ, ମୁଖ୍ୟବକ୍ତା ଭାବେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ରଞ୍ଜନ ଦାସ, ମୁଖ୍ୟ ଉପଦେଷ୍ଟା ପଞ୍ଚାନନ ସ୍ୱାଇଁ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ପାତ୍ର ଯୋଗଦେଇଥିଲେ। ରାଜା ମଧୁସୂଦନ ଦାସ ମହାବିଦ୍ୟାଳୟ ପ୍ରଧାପକ ପ୍ରମୋଦ କିଶୋର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିମାନେ ବିଦ୍ୟାଳୟର ଗରିମା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ପରିବେଶ ଓ ଶିକ୍ଷା ବ୍ୟବସ୍ଥାକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର ଦେଶ ଓ ରାଜ୍ୟର ଗୌରବକୁ ବୃଦ୍ଧି କରନ୍ତୁ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦ୍ୟାଳୟ ପକ୍ଷରୁ ନିମନ୍ତ୍ରଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ବର୍ତ୍ତମାନର ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ବିଦ୍ୟାଳୟ ଛାତ୍ରୀଛାତ୍ର ନାଟକ ‘ଲକ୍ଷେ ଶିବ ପୂଜି ପାଇଛି ପୁଅ’ ସହ ଓଡ଼ିଶୀ ନୃତ୍ୟ, ଗୋଷ୍ଠୀ ନୃତ୍ୟ ଆଦି ପରିବେଷଣ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସାମାଜିକ ସମୀକ୍ଷା

**ପିପିଲି,୨୧।୧(ପ୍ରଭାତ ମହାପାତ୍ର):** ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ସଭା କକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ର ସାମାଜିକ ସମୀକ୍ଷା ଓ ହିତଧାରକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ ସମୀକ୍ଷକ ଭାବେ ‘ଲାଇଫ ଏକାଡେମୀ ଅଫ୍ ଭୋକେସନାଲ ଷ୍ଟଡିଜ’ ଭୁବନେଶ୍ୱରର ବରିଷ୍ଠ କର୍ମକର୍ତ୍ତା ବଂଶୀଧର ଷଡ଼ଙ୍ଗୀ ଓ ରାମେଶ୍ୱର ସାହୁ ଯୋଗଦେଇଥିଲେ। ସବୁ ପରିବାରକୁ ପକ୍କା ଘର ଯୋଗାଇଦେବାକୁ ସରକାରଙ୍କ ଯୋଜନାର ସଫଳ ରୂପାୟନ ନିମନ୍ତେ ପିପିଲି ପରିଷଦ ନିର୍ବାଚିତ ପ୍ରତିନିଧି ଓ ଅଧିକାରୀଙ୍କୁ ସହଯୋଗ ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିସହ ସମସ୍ତ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ ଘର କାମ ଶେଷ କରି ଅନୁଦାନ ରାଶି ବାଦ ପ୍ରୋତ୍ସାହନ ରାଶି ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆବାସ ନଥି ପତ୍ର ସମୀକ୍ଷା, ଗୋଷ୍ଠୀଗତ ଆଲୋଚନା, ଜନଶୁଣାଣି ଆଦି ଅନ୍ତର୍ଗତ ୫ଟି ସବ୍-କମିଟି ଗଠନ କରାଯାଇ ସାମାଜିକ ସମୀକ୍ଷା କରାଯିବ ବୋଲି କର୍ମଶାଳାରେ ସୂଚନା ପ୍ରଦାନ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ରଶ୍ମିରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

## ଝାରପଡ଼ାକୁ ହରାଇ ରେଙ୍ଗଳ ବିଜୟୀ


ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ ।

**ମା’ ମଙ୍ଗଳା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

**ଡେଲାଙ୍ଗ,୨୧।୧(ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ ବ୍ଲକର ଝାରପଡ଼ା ମିନି ଷ୍ଟାଡିୟମରେ ମା’ ମଙ୍ଗଳା କ୍ରିକେଟ୍ କ୍ଲବର ୩ୟ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସାମାଜିକ କର୍ମୀ ପ୍ରିୟଦର୍ଶନ ଜେନା ରିବନ କାଟି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ାପ୍ରେମୀ ବିଜୟ ନାୟକ, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଶରୀର ସୁସ୍ଥ ରହିବାକୁ ପ୍ରତ୍ୟେକ ଦିନ ଅନ୍ୟୁନ ୩ ଘଣ୍ଟା କ୍ରୀଡ଼ାର ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ଲିଗ୍ ମ୍ୟାଚ୍ ଝାରପଡ଼ା ଓ ରେଙ୍ଗଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରେଙ୍ଗଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୫ ୱିକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଜବାବରେ ଝାରପଡ଼ା ୮ ୱିକେଟ ହରାଇ ୧୪୫ ରନ କରି ପରାଜିତ ହୋଇଥିଲା। ରେଙ୍ଗଳର ରବୀନ୍ଦ୍ର ଜେନା ସର୍ବାଧିକ ୫୮ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବାବେଳେ ସିଦ୍ଧାନ୍ତ ଭଞ୍ଜ, ମନୋଜ ବେହେରା, ନଗେନ୍ ବେହେରା ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

## ଶିଶୁଙ୍କୁ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ଗଢ଼ି ତୋଳିବାକୁ ଆହ୍ୱାନ

**ଇନ୍ଦିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ**

**ଡେଲାଙ୍ଗ,୨୧।୧(ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ ବ୍ଲକ ଇନ୍ଦିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ବିକ୍ରମ ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସମାବେଶରେ ମଣ୍ଡଳ ଶିକ୍ଷାଧିକାରୀ ବିନୋଦ ପାରମାଣିକ, ପରିବେଶବିତ୍ ନୀହାର ରଞ୍ଜନ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ପ୍ରମିଳା ସେନାପତି, ସମିତି ସଭ୍ୟା ଭାଗ୍ୟଲକ୍ଷ୍ମୀ ବେହେରା, ଇନ୍ଦିପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡ.ସନ୍ତୋଷ ନାୟକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଇନ୍ଦିପୁର ଶାଖା ପରିଚାଳକ ସୁନୀଲ ମହାପାତ୍ର, ସିଆର୍‌ସିସି କ୍ଷେତ୍ରବାସୀ ଆଲୁକ, ଦୟାନିଧି ମାର୍ଥା, ଅମରେନ୍ଦ୍ର ପ୍ରଧାନ, ପବିତ୍ର ପଣ୍ଡା, ଇନ୍ଦିପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରସନ୍ନ ପାତ୍ର, ବିଦ୍ୟାଳୟ ପ୍ରତିଷ୍ଠାତା ଅବକାଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁଙ୍କୁ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ଗଢି ତୋଳିବାକୁ ଅଭିଭାବକ ପିଲାଙ୍କୁ ପ୍ରାଥମିକ ଶିକ୍ଷା ଦେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ନାଟ୍ୟକାର ତଥା ଶ୍ରୀଧର ପ୍ରଧାନଙ୍କ ରଚିତ କ୍ଷୁଦ୍ର ନାଟକ ‘ମୁଠାଏ ଚାଉଳ ଗୋଟାଏ ଟଙ୍କା’ ପିଲାମାନେ ପରିବେଷଣ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

## ନନ୍ଦନକାନନ: ବାଘ ନନ୍ଦନ ଅସୁସ୍ଥ

**ବାରଙ୍ଗ,୨୧।୧(ଲିଙ୍ଗରାଜ ରାଉତ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୩(ଘ) ଖୁଆଡ଼ରେ ରହୁଥିବା ବାଘ ନନ୍ଦନ ଅସୁସ୍ଥ ହୋଇପଡ଼ିଛି। ସେ ଠିକ୍ ଭାବେ ଚାଲି ପାରୁନି। ଗତ କିଛି ଦିନ ହେବ ନନ୍ଦନ ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ତାର ପଛ ଗୋଡ଼ କାମ କରୁ ନ ଥିବାବେଳେ ସେ ଗୋଟିଏ ସ୍ଥାନରେ ପଡ଼ିରହୁଛି। ନନ୍ଦନର ଚିକିତ୍ସା ଚାଲିଛି।

## ‘ଜଗନ୍ନାଥ ଚେତନାର ମହନୀୟତା’ ସମ୍ପର୍କିତ ଆଲୋଚନାଚକ୍ର

**ସାକ୍ଷୀଗୋପାଳ,୨୧।୧(ଭରତ ରାଉତ):** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ‘ଜଗନ୍ନାଥ ଚେତନାର ମହନୀୟତା’ ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ +୩ ନୋଡାଲ ଅଫିସର ଅଧ୍ୟାପକ ଡ. ଶଂକର୍ଷଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର ଜଗନ୍ନାଥାଷ୍ଟକ ପାଠ କରିଥିଲେ। ପ୍ରାଧ୍ୟାପକ ସତ୍ୟ ଶିବ ସୁନ୍ଦର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଭିମନ୍ୟୁ ବରାଳ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ମହନୀୟତା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଜଗନ୍ନାଥ ସବୁ ଧର୍ମରୁ ଊର୍ଦ୍ଧ୍ୱ ମହାଚେତନା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ନଳିନୀଲୋଚନ ଦାଶ ଉପସ୍ଥିତ ଥିଲେ। ଅଧ୍ୟାପିକା ସବିତା ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ରରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପିକା/ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଅତିଥି ଓ ଛାତ୍ରୀଛାତ୍ର ।

## ଖୋଲୁନି ଧାନମଣ୍ଡି, ଚାଷୀ ଅସନ୍ତୁଷ୍ଟ

**ପିପିଲି,୨୧।୧(ଦୁର୍ଗାମାଧବ ମିଶ୍ର):** ପୁରୀନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଉଚ୍ଛୁପୁର ସେବା ସମବାୟ ସମିତିରେ ଚଳିତ ଖରିଫ ମଣ୍ଡିରେ ଧାନକ୍ରୟ ଆରମ୍ଭ ହୋଇ ନ ଥିବାରୁ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିବରଣୀରୁ ପ୍ରକାଶ ସମବାୟ ସମିତି ସମ୍ପାଦକ ଚଳିତବର୍ଷ ଅବସର ଗ୍ରହଣ କରିଥିଲେ ମଧ୍ୟ ଦାୟିତ୍ୱ ହସ୍ତାନ୍ତର ନ କରିବା ଓ ନ୍ୟାୟାଳୟରେ ମାମଲା ରୁଜୁ କରିବାରୁ ବିଭାଗୀୟ ଅଧିକାରୀଙ୍କ ଆଦେଶକ୍ରମେ ଉଚ୍ଛୁପୁର ସମିତି ଚାଷୀଙ୍କ ନାମ ବଳଙ୍ଗା ସେବା ସମବାୟ ସମିତିରେ ଧାନ ବିକ୍ରି ନିମନ୍ତେ ପଞ୍ଜୀକୃତ ହୋଇଛି। ବର୍ତ୍ତମାନ ସମସ୍ତ ଚାଷୀ ବଳଙ୍ଗା ସମବାୟ ସମିତି ମଣ୍ଡିକୁ ଧାନ ନେବା ସମ୍ଭବ ପର ନୁହେଁ। କାରଣ ଉଚ୍ଛୁପୁରଠାରୁ ବଳଙ୍ଗା ନେବାରେ ଯେଉଁ ଅତିରିକ୍ତ ଖର୍ଚ୍ଚ ହେବ, ତାହା ଚାଷୀ ପକ୍ଷରେ ସମ୍ଭବପର ନୁହେଁ। ପ୍ରାୟ ମାସେ ହେବ ଅଧିକାଂଶ ମଣ୍ଡି ଖୋଲି ଧାନକ୍ରୟ ଚାଲିଥିଲେ ମଧ୍ୟ ଉଚ୍ଛୁପୁର ପଞ୍ଚାୟତ ଚାଷୀ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଇତିମଧ୍ୟରେ ଧାନ ବିକ୍ରି ପାଇଁ ଗତ ୪ ତାରିଖରୁ ଅନେକ ଚାଷୀଙ୍କ ପାଖକୁ ମେସେଜ ଆସିଗଲାଣି, ଯାହାକି ଅଧିକ ଦିନ ହୋଇଗଲେ ଆଉ ସେହି ଚାଷୀ ଧାନ ଦେବା ସମ୍ଭବପର ନୁହେଁ। ଗତ ୧୨ ତାରିଖରେ ଏ ସମ୍ପର୍କରେ ସମିତି ସଭାପତି ଦେବେନ୍ଦ୍ର ପ୍ରଧାନ, ଋତୁରାଜ ମହାନ୍ତି, ମାନସ ଦାଶ, ସୁରେଶ ମଙ୍ଗରାଜ ପ୍ରମୁଖ ଜନପ୍ରତିନିଧି ଓ ଅନେକ ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ଏବେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଜଣାପଡ଼ିଛି। ତେଣୁ ଜିଲାପାଳ ଓ ୫-ଟି ଅଧ୍ୟକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଶୋକ ରାଉତ, ନରହରି ସ୍ୱାଇଁ, ରାଜକିଶୋର ଦାଶ, ଧ୍ରୁବଚରଣ ସ୍ୱାଇଁ, ଜଗନ୍ନେଶ୍ୱର ମିଶ୍ର ପ୍ରମୁଖ ଶତାଧିକ ଚାଷୀ ଦାବି କରିଛନ୍ତି।


ବନ୍ଦ ହୋଇ ପଡିଥିବା ମଣ୍ଡି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଡିଭୋର୍ସ ସ୍ପଷ୍ଟ କଲେ ସାନିଆ

**ନୂଆଦିଲ୍ଲୀ,୨୧।୧(ପି.ଟି.)**

ଭାରତୀୟ ଟେନିସ୍ ସୁପରଷ୍ଟାର ସାନିଆ ମିର୍ଜାଙ୍କ ସହ ୧୩ ବର୍ଷର ସମ୍ପର୍କ ଛିନ୍ନ କରି ତୃତୀୟ ଥର ବିବାହ କରିଥିଲେ ପାକିସ୍ତାନୀ କ୍ରିକେଟର ସୋଏବ ମଲିକ୍। ଏହି ସେଲିବ୍ରିଟି ଦମ୍ପତିଙ୍କ ମଧ୍ୟରେ ଡିଭୋର୍ସ ହୋଇ ନ ଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଆଲୋଚନା ହୋଇଥିଲା। ତେବେ ରବିବାର ନିଜେ ସାନିଆ ସମ୍ମୁଖକୁ ଆସି ସଫେଇ ଦେବା ସହ ପୂର୍ବରୁ ଡିଭୋର୍ସ ହୋଇଥିବା ସ୍ପଷ୍ଟ କରିଛନ୍ତି। ୪୧ ବର୍ଷୀୟ ସୋଏବ ପାକିସ୍ତାନୀ ଅଭିନେତ୍ରୀ ସନା ଜାଭେଦ୍‌ଙ୍କ ସହ ବିବାହର ଫଟୋ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହା ସହିତ ସାନିଆ-ସୋଏବଙ୍କ ୧୩ ବର୍ଷର ସମ୍ପର୍କ ଶେଷ ହୋଇଥିଲା। ଉଭୟଙ୍କର ଇଝାନ୍ ନାମକ ୫ ବର୍ଷର ପୁତ୍ର ସନ୍ତାନ ଥିବା ବେଳେ ସେ ବର୍ତ୍ତମାନ ସାନିଆଙ୍କ ସହ ରହୁଛନ୍ତି। ରବିବାର ସାନିଆ ମିର୍ଜାଙ୍କ ପରିବାର ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା। 'ସାନିଆ ନିଜ ବ୍ୟକ୍ତିଗତ ଜୀବନକୁ ସର୍ବଦା ଗୋପନୀୟ ରଖିବାକୁ ପସନ୍ଦ କରନ୍ତି। ତେବେ ବର୍ତ୍ତମାନ ସମୟରେ ଏହା ଉପରୁ ପରଦା ହଟାଇବା ଆବଶ୍ୟକ। କିଛି ମାସ ତଳୁ ହିଁ ସାନିଆ-ସୋଏବଙ୍କ ଡିଭୋର୍ସ ହୋଇ ସାରିଛି। ଏହା ସହିତ ଭବିଷ୍ୟତ ପାଇଁ ସେ ସୋଏବଙ୍କୁ ଶୁଭକାମନା ଜଣାଉଛନ୍ତି' ବୋଲି ପରିବାର ପକ୍ଷରୁ କୁହାଯାଇଛି। ଏହା ସାନିଆଙ୍କ ଜୀବନର ଏକ ସମ୍ବେଦନଶୀଳ ମୁହୂର୍ତ୍ତ ତେଣୁ ଏଭଳି ମୁହୂର୍ତ୍ତରେ କୌଣସି ଗୁଜବ ପ୍ରସାର ନ କରିବା ପାଇଁ ଅନୁରୋଧ କରାଯାଇଛି। ସୋଏବ୍-ସାନିଆ ୨୦୨୨ରୁ ପରସ୍ପରଠାରୁ ଅଲଗା ରହୁଛନ୍ତି। ଅନ୍ୟ ଅଭିନେତ୍ରୀଙ୍କ ସହ ସୋଏବଙ୍କ ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ କାରଣରୁ ଅଲଗା ରହୁଥିଲେ। ଏହାକୁ ନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଛାଡ଼ପତ୍ରର ରିପୋର୍ଟ ମଧ୍ୟ ଆସୁଥିଲା। ତେବେ ଉଭୟ ବିଭିନ୍ନ ସମୟରେ ଏହାକୁ ଅସ୍ୱୀକାର କରି ଆସିଥିଲେ। ପରେ ଉଭୟ ଏକ ପାକିସ୍ତାନୀ ଟିଭି ପ୍ରୋଗ୍ରାମର ହୋଷ୍ଟ ଭାବେ ନଜର ଆସିଥିଲେ। ଏହାପରେ ଉଭୟଙ୍କ ସମ୍ପର୍କ ଠିକ୍ ହୋଇ ଯାଇଥିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ତେବେ ଏକ ସପ୍ତାହ ପୂର୍ବରୁ ସାନିଆ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ସୋଏବଙ୍କ ସହ ସମସ୍ତ ଫଟୋ ଡିଲିଟ୍ କରିଥିଲେ। ପରେ ସୋଏବ ମଧ୍ୟ ସାନିଆଙ୍କୁ ଅନଫଲୋ କରିଥିଲେ।

କିଛି ଦିନ ପୂର୍ବରୁ ସାନିଆ ଏକ ଲମ୍ବା ପୋଷ୍ଟ ଶେୟାର କରିଥିଲେ। "ବିବାହ କଷ୍ଟ, ବିଚ୍ଛେଦ ମଧ୍ୟ କଷ୍ଟ। ନିଜର କଷ୍ଟ ଚୟନ କର। ମୋଟା ହେବା କଷ୍ଟ, ଫିଟ୍ ରହିବା କଷ୍ଟ। ନିଜର କଷ୍ଟ ଚୟନ କର। ଋଣ ମଧ୍ୟରେ ରହିବା କଷ୍ଟ, ଅର୍ଥନୈତିକ ଶୃଙ୍ଖଳାରେ ରହିବା କଷ୍ଟ। ନିଜର କଷ୍ଟ ଚୟନ କର। କଥାବାର୍ତ୍ତା କରିବା କଷ୍ଟ, କଥାବାର୍ତ୍ତା ନ କରିବା ମଧ୍ୟ କଷ୍ଟ। ନିଜର କଷ୍ଟ ଚୟନ କର। ଜୀବନ ସର୍ବଦା କଷ୍ଟଦାୟକ ତେଣୁ ବୁଝି ବିଚାରି ନିଜର କଷ୍ଟ ଚୟନ କର ବୋଲି ସାନିଆ ପୋଷ୍ଟ କରିଥିଲେ।" ସାନିଆ ମିର୍ଜା ପ୍ରଥମ ଭାରତୀୟ ମହିଳା ଭାବେ ଟେନିସ୍ ଗ୍ରାଣ୍ଡସ୍ଲାମ ଜିତିବାର ସୌଭାଗ୍ୟ ଅର୍ଜନ କରିଥିଲେ।

# ଦ୍ୱିତୀୟ ଦିବସରେ ଓଡ଼ିଶା ସୁଇମରଙ୍କ ଚମକ

**ଭୁବନେଶ୍ୱର, ୨୧।୧(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜୁନିୟର ମହିଳା ସୁଇମିଂ ସିରିଜ୍‌ର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ଓଡ଼ିଶା ସନ୍ତରଣକାରୀମାନେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ ଓ ଓଡ଼ିଶାର ସୁଇମରମାନେ ୧୦ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ର ୧୮ ବର୍ଷରୁ କମ୍ ବର୍ଗରେ ଓଡ଼ିଶାର ଆକାଂକ୍ଷା ନାଏକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୧୫ ବର୍ଷରୁ କମ୍‌ରେ ଝାଡ଼ଖଣ୍ଡର ରିଧିମା ପଲ୍ଲବୀ ତିୱାରୀ ପ୍ରଥମ ଓ ଓଡ଼ିଶାର ଅର୍ପିତା ସେଠ୍ ଦ୍ୱିତୀୟ ହୋଇଥିଲେ। ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ର ୧୮ ବର୍ଷରୁ କମ୍ ବର୍ଗରେ ଓଡ଼ିଶାର ମନ୍ନତା ମିଶ୍ର ଏବଂ ୧୫ ବର୍ଷରୁ କମ୍ ବର୍ଗରେ ଅଞ୍ଚଲ ବାଗ୍ ପ୍ରଥମ ସ୍ଥାନ ହାସଲ କରିଥିଲେ। ୧୮ ବର୍ଷରୁ କମ୍ ୪୦୦ ମିଟର ଫ୍ରିଷ୍ଟାଇଲରେ ଓଡ଼ିଶାର ଭଦ୍ରା ଶତପଥୀ, ୧୮ ବର୍ଷରୁ କମ୍ ୨୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ଦିବ୍ୟକାନ୍ତ ଦିବ୍ୟଜ୍ୟୋତି ପ୍ରଧାନ ପ୍ରଥମ ହୋଇଥିଲେ। ସେହିପରି ୧୫ ବର୍ଷରୁ କମ୍ ୨୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ଅର୍ପିତା ସାମଲ ଓ ୧୦୦ ମିଟର ଫ୍ରିଷ୍ଟାଇଲରେ ଆଂଶିକା ଆରାଧନା ସାହୁ ଶୀର୍ଷ ସ୍ଥାନ ମଣ୍ଡନ କରିଥିଲେ। ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସୁରେନ୍ଦ୍ର ନାୟକ, ଅକ୍ଷୟ ପ୍ରଧାନ, ରବୀନ୍ଦ୍ର ରାଉତ ଓ ଲକ୍ଷ୍ମୀଚନ୍ଦ୍ର ମହାକୁର ପ୍ରମୁଖଙ୍କ ସହ ରାଜ୍ୟ ଆସୋସିଏଶନ ଓ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ନିୟମ ଅନୁସାରେ, ପ୍ରଥମରୁ ୫ମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ଖେଲୋ ଇଣ୍ଡିଆ ଜୁନିୟର ମହିଳା ସୁଇମିଂ ସିରିଜ




ପୁରସ୍କାର ଗ୍ରହଣ ଅବସରରେ ପୋଡିୟମ୍ ଉପରେ କୃତୀ ପ୍ରତିଯୋଗୀମାନେ।

# ଇଣ୍ଡିଆ ଓପନ: ସାତ୍ୱିକ-ଚିରାଗ ରନରଅପ୍



ଚିରାଗ ସେଟ୍ଟୀ ଓ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ।

**ନୂଆଦିଲ୍ଲୀ,୨୧।୧(ପି.ଟି.)**

ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସରେ ରନର ଅପ୍ ରହିଛନ୍ତି ଭାରତୀୟ ଯୋଡି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ। ଏସିଆନ୍ ଗେମ୍ସ ଚାମ୍ପିୟନ ଭାରତୀୟ ଯୋଡି ୨୧-୧୫, ୧୧-୨୧ ଓ ୧୮-୨୧ରେ ବିଶ୍ୱ ଚାମ୍ପିୟନ କାଙ୍ଗ ମିନ୍ ହ୍ୟୁକ୍ ଓ ସିଓ ସାଙ୍ଗ ଜେଙ୍କ ନିକଟରୁ ପରାଜିତ ହୋଇଛନ୍ତି। ଏହି ମ୍ୟାଚଟି ୧ ଘଣ୍ଟା ୫ ମିନିଟ ଧରି ଚାଲିଥିଲା। ପ୍ରଥମ ସେଟ୍ ଜିତିଥିଲେ ମଧ୍ୟ ଭାରତୀୟ ଯୋଡି ପରବର୍ତ୍ତୀ ଦୁଇ ରାଉଣ୍ଡରେ ପରାଜିତ ହୋଇଥିଲେ। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଶି ୟୁକି ୨୩-୨୧ ଓ ୨୧-୧୭ ସେଟରେ ଲି ଚୁକ୍ ୟୁଙ୍କୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ସେହିପରି ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଟାଇ ଜୁ ୟିଙ୍ଗ ୨୧-୧୬ ଓ ୨୧-୧୨ ସେଟ୍‌ରେ ଚେନ୍ ୟୁଫେଇଙ୍କୁ ପରାସ୍ତ କରିଥିଲେ।

# ବୁଲ୍ସ ବିପକ୍ଷରେ ଥାଲାଇଭାସ୍ ବିଜୟୀ

## ପ୍ରୋ କବାଡ଼ି ଲିଗ୍

### ନରେନ୍ଦ୍ର, ଅଜିଙ୍କ୍ୟଙ୍କ ସୁପର୍ ୧୦

**ହାଇଦ୍ରାବାଦ,୨୧।୧(ପି.ଟି.)**

ହାଇଦ୍ରାବାଦର ଗଚିବାଓଲି ଇନ୍‌ଡୋର ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ପ୍ରୋ କବାଡି ଲିଗ୍(ପିକେଏଲ୍) ମ୍ୟାଚ୍‌ରେ ତାମିଲ ଥାଲାଇଭାସ୍ ୪୫-୨୮ରେ ବେଙ୍ଗାଲୁରୁ ବୁଲ୍ସକୁ ପରାସ୍ତ କରିଛି। ଥାଲାଇଭାସ୍ ପକ୍ଷରୁ ନରେନ୍ଦ୍ର ଓ ଅଜିଙ୍କ୍ୟ ପାୱାର ସୁପର୍ ଟେନ୍ ହାସଲ କରିଥିଲେ। ନରେନ୍ଦ୍ର ୧୪ ପଏଣ୍ଟ ସହ ମ୍ୟାଚ୍‌ର ଷ୍ଟାର ଖେଳାଳି ରହିଥିବା ବେଳେ ପାୱାର ୧୧ ପଏଣ୍ଟ ସ୍କୋର କରିଥିଲେ। ବେଙ୍ଗାଲୁରୁ ବୁଲ୍ସ ପକ୍ଷରୁ ଅକ୍ଷିତ୍ ଚମତ୍କାର ପ୍ରଦର୍ଶନ କରି ୧୨ ପଏଣ୍ଟ ହାସଲ କରିଥିଲେ। ମ୍ୟାଚ୍‌ର ପ୍ରଥମ ୧୦ ମିନିଟରେ ଅକ୍ଷିତ ଏକାକୀ ୭ ପଏଣ୍ଟ ଅର୍ଜନ କରିଥିବା ବେଳେ ବୁଲ୍ସ ୧୦-୭ରେ ଆଗୁଆ ରହିଥିଲା। ତେବେ ନରେନ୍ଦ୍ର ଓ ଅଜିଙ୍କ୍ୟ ଚମତ୍କାର ଭାବେ ଥାଲାଇଭାସ୍‌ର କମ୍‌ବ୍ୟାକ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଥାଲାଇଭାସ୍ ୨୫-୧୪ରେ ଆଗୁଆ ରହିଥିଲା ଥାଲାଇଭାସ୍। ଦ୍ୱିତୀୟାର୍ଦ୍ଧରେ ଥାଲାଇଭାସ୍ ଡିଫେଣ୍ଡର ସୁଶୀଲ ଚମତ୍କାର ପ୍ରଦର୍ଶନ କରି ୫ ଟ୍ୟାକେଲ ପଏଣ୍ଟ ହାସଲ କରି ହାଇ ଫାଇଭ୍ ହାସଲ କରିଥିଲେ। ଏହା ସହିତ ସେ ପିକେଏଲ୍ ସିଜନରେ ୫୦ ପଏଣ୍ଟ ଅତିକ୍ରମ କରିଥିଲେ।


# Classified

## Everyday
0674-2580101, 2549949



REAL ESTATE
SALE

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295.
D-75297

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008.
D-75298

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2286

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296



FOR RENT

**Rent Esplanade Bhubaneswar Office space 1432sqft., Furnished, Parking. Call- 9776505301.** D-2322

**MIG-I-94, total building 3rd floor (4000 sqft.), Mukunda Prasad Housing Board Colony, Jemadeipur near Industrial Police Station, Bypass Road, Khordha. Only Govt. Office, Bank & Company. Mob.: 6371234011, 7608824414.**
D-2295



Healthcare

**Relax, Refresh your Body, Mind at Saikrupa Spa with best therapies. 8984068077.**
D-2209

Positively health benefits SPA expert therapist at Nayapalli. Contact: 7846814019. D-75187

**Body massage by experience, good looking therapist @999/-, (Bhubaneswar). 9078484455.** D-2282

Full body massage relax body mind by trend lady therapist. 8327754443.
D-75192

**Newly open SPA positively health benefits with expert therapist. 9938843929.**
D-75190

Newly open SPA positively health benefits (Expert therapist). Contact: 9124527170.
D-75191

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ଭାଗୀରଥି ପରିଡ଼ା**
ଅବସରପ୍ରାପ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ମଚାରୀ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୯।୦୧।୧୯୪୦
ତିରୋଧାନ: ୦୩।୦୧।୨୦୨୩
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, କନ୍ୟା-ଜାମାତା, ନାତି-ନାତୁଣୀ, ପରିବାରବର୍ଗ, ବନ୍ଧୁ, ଆତ୍ମୀୟସ୍ୱଜନ ଏବଂ ଗ୍ରାମବାସୀ ବୃନ୍ଦ
ଧ-୭୩୭୯୧

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରଣଜିତ ରାୟ**
(ବରିଷ୍ଠ ଆଇନଜୀବୀ)
ତୁମର ଅମର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଲୀନ ହେଉ । ମହାପ୍ରଭୁ ତୁମ ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା ।
ତୁମ ପରିବାର ଏବଂ ବନ୍ଧୁ ବର୍ଗ ।
ଧ-୭୩୭୯୩

### ଦଶାହ ଉପଲକ୍ଷେ



**୰ଗିରିଶ ଚନ୍ଦ୍ର ପତି**
ଆବିର୍ଭାବ- ୦୭।୦୩।୧୯୭୪
ତିରୋଧାନ- ପୌଷମାସ ଶୁକ୍ଳପକ୍ଷ ଦ୍ୱିତୀୟା ଇଂରାଜୀ ତା୧୩।୦୧।୨୦୨୪ରିଖ (ଶନିବାର)
ଭାଇନା, ତୁମେ ଆମ୍ଭମାନଙ୍କ ଗହଣରୁ ଆରପାରିକୁ ଚାଲି ଯାଇଛ। ତୁମର ସ୍ମୃତି ଆମମାନଙ୍କୁ ଏତେ ଯେ ବ୍ୟଥିତ କରୁଛି କହିବାକୁ ଭାଷା ନାହିଁ। ତୁମ୍ଭର ଅନୁପସ୍ଥିତି ସବୁଦିନ ପାଇଁ ଶୂନ୍ୟସ୍ଥାନ ହୋଇ ରହିଯାଇଛି। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ପୂର୍ବକ ତୁମ ଉଦ୍ଦେଶ୍ୟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।
ଶୋକସନ୍ତପ୍ତ- ସ୍ତ୍ରୀ, ପୁଅ, ପତି ପରିବାରବର୍ଗ, ସାଙ୍ଗସାଥୀ ଓ ଜ୍ଞାତି ପରିଜନ ।
ଧ-୭୩୫୫୩

### ୨୯ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ କାର୍ତ୍ତିକ ନାୟକ**
ସୁବେଦାର ମେଜର (ଆର୍ମି)
ଇଟାମାଟି, ଦେଉଳ ସାହି, ନୟାଗଡ଼
ଆବିର୍ଭାବ: ୦୭।୧୦।୧୯୪୧
ତିରୋଧାନ: ୨୪।୦୧।୧୯୯୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଅପୂରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ଶୋକସନ୍ତପ୍ତ: ତୁମର ହତଭାଗ୍ୟ ପତ୍ନୀ: କାଞ୍ଚନ, ପୁତ୍ର: ବାପି, ପପୁ, ଝିଅ: ରୀନା, ସୁଧା, ଇତି, ନାତି: ଦୀପକ, ନାତୁଣୀ: ଆସ୍ଥା, କଣ୍ଟେଇ, ଶିଖା, ଲିକା, ଲିପା, ଲିଜା, ପୁତ୍ରବଧୂ: ସନ୍ଧ୍ୟା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୨୩୧୬


# ବ୍ରେନ୍ ଟ୍ୟୁମର ପୀଡ଼ିତା ଶ୍ୟାମଳୀଙ୍କୁ ବ୍ରୋଞ୍ଜ

## ମୁମ୍ବାଇ ମାରାଥନ୍

**ମୁମ୍ବାଇ,୨୧।୧(ପି.ଟି.)**

ରବିବାର ଅନୁଷ୍ଠିତ ମୁମ୍ବାଇ ମାରାଥନ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ପଶ୍ଚିମବଙ୍ଗର ଶ୍ୟାମଳୀ ସିଂ। ତେବେ ୪ ବର୍ଷ ପୂର୍ବେ ମୁମ୍ବାଇ ମାରାଥନରେ ହିଁ ତାଙ୍କର ବ୍ରେନ୍ ଟ୍ୟୁମର ଜଣାପଡ଼ିଥିଲା। ତେବେ ସମସ୍ତ ବାଧାବିଘ୍ନକୁ ଏଡ଼ାଇ ଶ୍ୟାମଳୀ ରବିବାର ବ୍ରୋଞ୍ଜ ବିଜୟୀ ହୋଇଛନ୍ତି। ୪ ବର୍ଷ ତଳେ ୪୨ କି.ମି. ଦୌଡ଼ରେ ଅଧାରାସ୍ତା ଅତିକ୍ରମ କରିବା ପରେ ଶ୍ୟାମଳୀଙ୍କ ବାନ୍ତି ହୋଇଥିଲା। ଏହାପରେ ପରୀକ୍ଷଣରୁ ବ୍ରେନ୍ ଟ୍ୟୁମର ଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ସ୍ୱାମୀ ସନ୍ତୋଷ ସିଂ ଓ ଶ୍ୟାମଳୀ ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ମଧ୍ୟ ହୋଇଥିଲେ। ଏପରି କି ଚିକିତ୍ସା ପାଇଁ ସନ୍ତୋଷ ନିଜ ଜମି ବିକ୍ରି କରିଦେଇଥିଲେ। ୨୦୨୧ରେ ସର୍ଜରି ପରେ ପୁନର୍ବାର ଅଭ୍ୟାସକୁ ପ୍ରତ୍ୟାବର୍ତ୍ତନ କରିବା କଷ୍ଟସାଧ୍ୟ ଥିଲା। ତେବେ ଧୀରେ ଧୀରେ ସୁସ୍ଥ ହେବା ସହ ପୁନର୍ବାର ଅଭ୍ୟାସ ଆରମ୍ଭ କରିଥିଲେ ଶ୍ୟାମଳୀ।




ଶ୍ୟାମଳୀ ସିଂ

### ଇଥିଓପିଆନ୍‌ଙ୍କ ପ୍ରାଧାନ୍ୟ

ଟାଟା ମୁମ୍ବାଇ ମାରାଥନରେ ପୁନର୍ବାର ଇଥିଓପିଆନ୍ ରନରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ହେଲ୍ ଲେମି ବେରହାନୁ ଓ ଆବେରାଶ ମିନେଶ୍ୱ ଯଥାକ୍ରମେ ପୁରୁଷ ଏବଂ ମହିଳା ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଭାରତୀୟ ପୁରୁଷଙ୍କ ମଧ୍ୟରେ ଶ୍ରୀନୁ ବୁଗାଥା ୨:୧୭:୨୯ ମିନିଟର ଟାଇମିଂ ସହ ଅଷ୍ଟମ ସ୍ଥାନରେ ରହିଥିଲେ। ଲେମି ବେରହାନୁ ୨:୦୭:୫୦ ମିନିଟ୍‌ର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ହାୟାମାନୋଟ ଅଲେଉ (୨:୦୯:୦୩) ଓ ଲି ମିଟକୁ ଟାଫା(୨:୦୯:୫୮)ର ଟାଇମିଂ ସହ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମହିଳା ଖେଳାଳିଙ୍କ ମଧ୍ୟରେ ଆବେରାଶ ମିନେଶ୍ୱ ପ୍ରଥମ ସ୍ଥାନରେ ରହିଥିବା ବେଳେ ମୁଲୁହବଟ୍ ସେଗା ଓ ମେଧିନ୍ ବେଜେନେ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିଲେ।


CLASSIFIED DISPLAY
MORE SPACE ' SAME PRICE
TARIFF
GST 5%

Hurry up... Hurry up... Hurry up...
B.Ed
Only @89,000/-
IMMEDIATELY CONTACT
B.Ed
COUNSELLING CENTER
BHUBANESWAR
7606962458
8908210843
9124391142
8908210443


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୁବନେଶ୍ୱର ଜୁନିୟର ବାଳିକା ଦଳ ଚାମ୍ପିୟନ

**ଭୁବନେଶ୍ୱର,୨୧।୧(ସରୋଜ ଜେନା)**

କଟକର ଜଗତପୁରରେ ଅନୁଷ୍ଠିତ ୨୮ ତମ ଜୁନିୟର ବାଳିକା ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଳିକା ବିଭାଗ ଫାଇନାଲରେ କଟକକୁ ୧୧-୭ରେ ପରାସ୍ତ କରି ଭୁବନେଶ୍ୱର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଭୁବନେଶ୍ୱର ଜିଲା ହ୍ୟାଣ୍ଡବଲ ଆସୋସିଏଶନର ସମ୍ପାଦକ ଯଶୋବନ୍ତ ପରମଗୁରୁ ସମସ୍ତ ଖେଳାଳି ଓ କୋଚ୍ ସନ୍ତୋଷ କୁମାର ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସଲମା ମୁର୍ମୁ, ପ୍ରତିମା ମଲିକ, ପ୍ରିୟଙ୍କା ମୁଣ୍ଡା, ସାବିତ୍ରୀ ମାଝୀ, ଜୁଲପି ମଲିକ, ଶିବାନୀ କିଣ୍ଡୋ, ଟ୍ୱିଙ୍କିଲ ପ୍ରଧାନ, ନିବେଦିତା ନାୟକ, ଜ୍ୟୋତି ମାଝୀ, ରଚୟିତା ମାଝୀ, ଗାୟତ୍ରୀ ସିଂ, ମଧୁମୈତ୍ରୀ ପରମଗୁରୁ, ଗାୟତ୍ରୀ ପଟ୍ଟନାୟକ, ଶୁଭଲକ୍ଷ୍ମୀ ପଣ୍ଡା, ସାଇ ବୈଷ୍ଣବୀ ଓ ଆଦ୍ୟା ଅଭିଲିପ୍ସା ଏହି ଦଳର ଖେଳାଳି ରହିଥିଲେ।




ଚାମ୍ପିୟନ ଭୁବନେଶ୍ୱର ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ୩ ଦିନିଆ ଏଣ୍ଟରପ୍ରାଇଜ୍ ଓଡ଼ିଶା ଉଦ୍‌ଯାପିତ

ଭୁବନେଶ୍ୱର,୨୧।୧ (ଅଭୟ ଦାଶ)




ଭାରତୀୟ ଶିଳ୍ପ ସଂଘ (ସିଆଇଆଇ)ର ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ୩ ଦିନିଆ ୨୪ତମ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ସିଆଇଆଇ ଓ ଓଡ଼ିଶା ସରକାରଙ୍କ ସହଯୋଗରେ ୨୦୨୪ ଜାନୁଆରୀ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ାଠାରେ ଏଣ୍ଟରପ୍ରାଇଜ୍ ଓଡ଼ିଶାର ୨୪ତମ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଷ୍ଟାର୍ଟଅପ୍ ଓ ମହିଳା ଉଦ୍ୟୋଗୀଙ୍କ ପାଇଁ ଏଣ୍ଟରପ୍ରାଇଜ୍ ଓଡ଼ିଶାରେ ତିନିଦିନିଆ ପ୍ରଦର୍ଶନୀ, ସମ୍ମିଳନୀ, ଜି୨ବି ଓ ବି୨ବି ବୈଠକ, କର୍ମଶାଳା ଓ ଅଧିବେଶନ ଆଦିର ଆୟୋଜନ କରାଯାଇଥିଲା। ସେହିଭଳି ଉକ୍ତ ପ୍ରଦର୍ଶନୀରେ ଚାକିରି କାର୍ଯ୍ୟ, ଚୁକ୍ତିଭିତ୍ତିକ ଉତ୍ପାଦନ, କଞ୍ଚାମାଲ ଯୋଗାଣ, ପ୍ୟାକେଜିଂ ଏବଂ ଲଜିଷ୍ଟିକ୍ସ ଇତ୍ୟାଦି ସମ୍ବନ୍ଧୀୟ ଆବଶ୍ୟକତା ପାଇଁ ସମ୍ଭାବ୍ୟ ବିକ୍ରେତା, ଯୋଗାଣ ଶୃଙ୍ଖଳ ସଂସ୍ଥା, ଆନୁଷଙ୍ଗିକ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ସେମାନଙ୍କର ସୁଯୋଗ ପ୍ରଦର୍ଶନ କରୁଥିବା ବୃହତ ଏବଂ ମଧ୍ୟମ ଧରଣର ଅନୁଷ୍ଠାନ ଗଡ଼ିକ ସାମିଲ ହୋଇଥିଲେ। ଏହି ପ୍ରଦର୍ଶନୀରେ ପ୍ରଯୁକ୍ତିବିଦ୍ୟା, ସ୍ଥାୟିତ୍ୱ, ଭିତ୍ତିଭୂମି, ଲଜିଷ୍ଟିକ୍ ଏବଂ ଅକ୍ଷୟ ଶକ୍ତି, ଇ-କମର୍ସ ପ୍ଲାଟଫର୍ମ, ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସି, ମାଇକ୍ରୋଫାଇନାନ୍ସ ଅନୁଷ୍ଠାନଙ୍କ ସମେତ ଋଣ ପ୍ରଦାନକାରୀ ଏଜେନ୍ସି ଓ ପ୍ରମୁଖ ଦେଶଗୁଡ଼ିକର ବାଣିଜ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ କ୍ଷେତ୍ରରେ ଉତ୍ପାଦ ଏବଂ ସେବା ପ୍ରଦାନକାରୀମାନେ ଅଂଶଗ୍ରହଣ କରିଥିଲେ।

ଏ ସମ୍ପର୍କରେ ସିଆଇଆଇ ପୂର୍ବାଞ୍ଚଳ ଅଧ୍ୟକ୍ଷ ଶିବ ସିଦ୍ଧାନ୍ତ ନାରାୟଣ କୌଲ କହିଛନ୍ତି, ସାରା ବିଶ୍ୱରେ ଓଡ଼ିଶାର ବିକାଶ କଥା ଆଲୋଚନା ହେଉଛି, ଓଡ଼ିଶା ସରକାର ପୁଞ୍ଜିନିବେଶ ଓ ଉଦ୍ୟୋଗ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଛନ୍ତି। ଏପରିକି ଓଡ଼ିଶାରେ ଅନେକ ଶିଳ୍ପ କେନ୍ଦ୍ର ରହିଥିଲାବେଳେ ଝାରସୁଗୁଡ଼ା ସେଥିମଧ୍ୟରୁ ଅନ୍ୟତମ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସିଆଇଆଇର ଏହି ପ୍ରମୁଖ ପଦକ୍ଷେପର ୨୪ତମ ସଂସ୍କରଣରେ ପ୍ରାୟ ୧୦୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ସମେତ ୧୫୦ ପ୍ରଦର୍ଶକ, ୫୪ଶିଳ୍ପ ଅଂଶୀଦାର ଏବଂ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସଂଘ ଉପସ୍ଥିତ ଥିଲେ। ଏଥିରେ ଅଷ୍ଟ୍ରେଲିଆ, ବାଂଲାଦେଶ, ନେପାଳ ଓ ମ୍ୟାନମାରର ପ୍ରତିନିଧି ଦଳ ଓ କୂଟନୀତିଜ୍ଞଙ୍କ ସମେତ ଓଡ଼ିଶା ତଥା ଦେଶର ଶିଳ୍ପପତିଙ୍କ ସମେତ ଓଡ଼ିଶା ବାହାରୁ ୫୮ଟି କମ୍ପାନୀ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ 'ଏମ୍‌ଏସ୍‌ଏମ୍‌ଇ ପାଇଁ ସୁଯୋଗ' ଶୀର୍ଷକ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସେହିଭଳି ସିଆଇଆଇ ପୂର୍ବାଞ୍ଚଳ ଉପାଧ୍ୟକ୍ଷ ଶୁଭେନ୍ଦ୍ର କୁମାର ବେହେରା କହିଥିଲେ, ବ୍ୟବସାୟ, ଷ୍ଟାର୍ଟଅପ୍, ପର୍ଯ୍ୟଟନ, ଶିକ୍ଷା, ଭିତ୍ତିଭୂମି ଆଦି ପ୍ରାୟ ସବୁ କ୍ଷେତ୍ରରେ ଓଡ଼ିଶା ବ୍ୟାପକ ଭାବେ ପରିବର୍ତ୍ତନ କରୁଛି।

# ପ୍ଲାଟିନମ୍‌ର ନୂତନ କଲେକ୍ସନ

ନୂଆଦିଲ୍ଲୀ,୨୧।୧



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାଲେଣ୍ଟାଇନ୍ସ ଡେ ପୂର୍ବରୁ ପ୍ଲାଟିନମ୍ ଗୁଲ୍‌ଡି ଇଣ୍ଟରନ୍ୟାଶନାଲ (ପିଜିଆଇ) ଆକର୍ଷଣୀୟ ତଥା ନୂତନ କଲେକ୍ସନଗୁଡ଼ିକୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରିଛି। ଏପରିକି ଚଳିତ ବର୍ଷର ଭାଲେଣ୍ଟାଇନ୍ସ ଡେ'ରେ ଆପଣଙ୍କ ପାଇଁ ଏବଂ ଆପଣଙ୍କ ପ୍ରିୟଜନଙ୍କ ପାଇଁ ବିଭିନ୍ନ ବର୍ଗର ପ୍ଲାଟିନମ୍ ଗହଣା ପ୍ରସ୍ତୁତ କରାଯାଇଛି। ପ୍ଲାଟିନମ୍ ଅଳଙ୍କାର ଭଳି କିଛି ଜିନିଷ ପ୍ରେମ ଏବଂ ଚିନ୍ତାଧାରାକୁ ବର୍ଣ୍ଣନା କରିଥାଏ। ସେହିଭଳି ପ୍ଲାଟିନମ୍ ଅଳଙ୍କାର ୯୫% ଶୁଦ୍ଧ ହୋଇଥିବାବେଳେ ଏହା ପ୍ରେମର ପ୍ରତୀକ ସହ ତୁଳନା କରାଯାଏ। ଏ ସମ୍ପର୍କରେ ପିଜିଆଇର ବିଜ୍‌ନେସ ଡାଇରେକ୍ଟର ପଲ୍ଲବୀ ଶର୍ମା କହିଛନ୍ତି, ଦମ୍ପତିଙ୍କ ପାଇଁ ପରିପୂରକ ଲଭ୍ ବ୍ୟାଣ୍ଡ୍ ହେଉ କିମ୍ବା ମହିଳାଙ୍କ ପାଇଁ ସୂକ୍ଷ୍ମ ଭାବେ ଡିଜାଇନ୍ ହୋଇଥିବା ପେଣ୍ଡେଣ୍ଟ, ଭାଲେଣ୍ଟାଇନ୍ସ ଡେ'ର ବିଶେଷ ଅବସରରେ ଗ୍ରାହକମାନଙ୍କୁ ବାଛିବା ପାଇଁ ପିଜିଆଇରେ ଉପଲବ୍ଧ ରହିଛି। ସେହିଭଳି ବ୍ରାଣ୍ଡର ବିଭିନ୍ନ ଡିଜାଇନ୍ ବିକଳ୍ପ ପ୍ରସ୍ତୁତ କରିବା ପାଇଁ ଆମେ ଆମର ଡିଜାଇନ୍ ପାର୍ଟନରଙ୍କ ସହ ସହଯୋଗ କରିଛୁ, ପ୍ଲାଟିନମ୍ ଡେଜ୍ ଅଫ୍ ଲଭ୍ ସଂଗ୍ରହର ଡିଜାଇନ୍ କାହାଣୀ ପ୍ଲାଟିନମ୍ ସହିତ ଅନ୍ତର୍ନିହିତ-ସ୍ଲିକ୍, ସମସାମୟିକ ଏବଂ ବହୁମୁଖୀ ହୋଇପାରିଛି। ଚଳିତ ବର୍ଷର ଭାଲେଣ୍ଟାଇନ୍ସ ଡେ'ରେ ହୃଦୟକୁ କହୁଥିବା ଅଳଙ୍କାର ସହିତ ପ୍ରେମର ମାସକୁ ଆପଣାନ୍ତୁ, କାରଣ ଆପଣ ସାରା ଦେଶରେ ପିଜିଆଇ ଅନୁମୋଦିତ ଖୁଚୁରା ଦୋକାନରେ ଉପଲବ୍ଧ ବିଭିନ୍ନ ପ୍ଲାଟିନମ୍ ଅଳଙ୍କାର ଚୟନ କରିପାରିବେ।

# ରପ୍ତାନି କ୍ଷେତ୍ରରେ ଅଭିବୃଦ୍ଧି

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

୨୦୨୩ରେ ଭାରତରୁ ରପ୍ତାନି ପରିମାଣ ବୃଦ୍ଧି ପାଇଛି। ବିଶ୍ୱ ସଙ୍କଟ ସତ୍ତ୍ୱେ ୨୦୨୩ ମସିହାରେ ସାମଗ୍ରୀ ଏବଂ ସେବା ରପ୍ତାନି ୦.୪ ପ୍ରତିଶତ ବୃଦ୍ଧି ହୋଇ ୭୬୫.୬ ବିଲିୟନ ଡଲାରରେ ପହଞ୍ଚିଛି। ସାମଗ୍ରୀ ରପ୍ତାନି କମିଥିବାବେଳେ ସେବା ରପ୍ତାନି ବଢୁଥିବା ସୂଚନା ରହିଛି। ତଥ୍ୟାନୁସାରେ ଆଇଟି ସେବା ସହ ଇଲେକ୍ଟ୍ରୋନିକ୍ସ, ଫାର୍ମା, କପା, କପଡା, ସେରାମିକ, ମାଂସ, ଦୁଗ୍ଧ, କୁକୁଡ଼ା, ଫଳ, ପନିପରିବା ଆଦି ଦ୍ରବ୍ୟର ରପ୍ତାନି ପରିମାଣ ଅଧିକ ରହିଛି। ବାଣିଜ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଗତବର୍ଷ ସାମଗ୍ରୀ ରପ୍ତାନି ୪.୭୧ ପ୍ରତିଶତ ହ୍ରାସ ପାଇଛି। ୨୦୨୩ ମସିହାରେ ଏହି ସଂଖ୍ୟା ୪୩୧.୯ ବିଲିୟନ ଡଲାର ରହିଛି। ସମଗ୍ର ବିଶ୍ୱରେ ଚାଲିଥିବା ଯୁଦ୍ଧ ଯୋଗୁ ସାମଗ୍ରୀ ରପ୍ତାନି ପ୍ରଭାବିତ ହୋଇଛି। ଇସ୍ରାଏଲ ଏବଂ ହମାସ ମଧ୍ୟରେ ମାସ ମାସ ଧରି ଚାଲିଥିବା ଯୁଦ୍ଧ ମଧ୍ୟ ସାମଗ୍ରୀ ଓ ସେବା ରପ୍ତାନିକୁ ପ୍ରଭାବିତ କରୁଛି। ୟେମେନର ବିଦ୍ରୋହୀମାନେ କ୍ରମାଗତ ଭାବରେ ମାଲ୍ ପରିବହନ ଜାହାଜକୁ ଟାର୍ଗେଟ କରୁଛନ୍ତି। ଏହି କାରଣରୁ ମାଲ ପରିବହନ ଜାହାଜକୁ ଏକ ଦୀର୍ଘ ମାର୍ଗ ନେଇ ଦକ୍ଷିଣ ଆଫ୍ରିକା ଦେଇ ଯିବାକୁ ପଡୁଛି। ତେବେ ସେବା ରପ୍ତାନି ୭.୮୮ ପ୍ରତିଶତ ବୃଦ୍ଧି ହୋଇ ୩୩୩.୮ ବିଲିୟନ ଡଲାରରେ ପହଞ୍ଚିଛି। ଏହା ବ୍ୟତୀତ ବାଣିଜ୍ୟ ଆମଦାନୀ ୭ ପ୍ରତିଶତ ହ୍ରାସ ହୋଇ ୬୬୭.୭୩ ବିଲିୟନ ଡଲାରରେ ପହଞ୍ଚିଛି। ଭାରତରୁ ସର୍ବାଧିକ ରପ୍ତାନି ଆମେରିକା, ୟୁଏଇ, ନେଦରଲାଣ୍ଡ, ବାଂଲାଦେଶ, ବ୍ରିଟେନ ଏବଂ ଜର୍ମାନୀକୁ କରାଯାଇଥିଲା। ରୁଷିଆ-ୟୁକ୍ରେନ ଯୁଦ୍ଧ ଏବଂ ୟେମେନ ନିକଟରେ ଲୋହିତ ସାଗରରେ ଚାଲିଥିବା ସଙ୍କଟ ଯୋଗୁ ରପ୍ତାନି ଉପରେ ପ୍ରତିକୂଳ ପ୍ରଭାବ ପଡିଛି।

# ବଜାରରେ ହୋଣ୍ଡାର ଅଲ୍ ନ୍ୟୁ ଏନ୍‌ଏକ୍ସ୫୦୦

ନୂଆଦିଲ୍ଲୀ,୨୧।୧



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ଏନଏକ୍ସ୫୦୦'(ଆଡଭେଞ୍ଚର ଟୁରର ମଡେଲ)ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ତଥା ସିଇଓ ସୁସୁମୁ ଓଟାନି କହିଛନ୍ତି, କମ୍ପାନୀର ବହୁ ପ୍ରତୀକ୍ଷିତ ଏନ୍‌ଏକ୍ସ୫୦୦କୁ ଆମେ ଗର୍ବର ସହ ଭାରତରେ ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଆଧୁନିକ ଷ୍ଟ୍ରିଟ୍ ଆଡଭେଞ୍ଚର ମୋଟରସାଇକେଲର ଅଭିନବତା ପ୍ରତି ଆମର ଅତୁଟ ପ୍ରତିବଦ୍ଧତାର ପ୍ରମାଣ ଏବଂ ପୁରୁଣା ଗାଡ଼ି ଚାଳନା ରୋମାଞ୍ଚ ପ୍ରଦାନ କରୁଛି। ଏହାର କ୍ରସ୍‌ଓଭର ଡିଜାଇନ, ପ୍ରିମିୟମ ପ୍ରଯୁକ୍ତି ଏବଂ ଜୀବନ୍ତ ଟ୍ୱିନ-ସିଲିଣ୍ଡର ଇଞ୍ଜିନ ସହିତ ଏନଏକ୍ସ ୫୦୦ ଗ୍ରାହକଙ୍କ ବାଇକ୍ ଚାଳନା ଅନୁଭୂତିକୁ ବଦଳାଇବ ଏବଂ ଦୁଇଚକିଆରେ ଦୁଃସାହସିକ ମନୋଭାବ ପାଳନ କରିବାକୁ ଯାଉଛି। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲ୍ସ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ଆମେ ନିଶ୍ଚିତ ଯେ ଏନ୍‌ଏକ୍ସ ୫୦୦ ଭାରତରେ ଏଡିଭି ଗ୍ରାହକମାନଙ୍କୁ ଉତ୍ସାହିତ କରିବ। ଏନ୍‌ଏକ୍ସ୫୦୦ ପାଇଁ ବୁକିଂ ବର୍ତ୍ତମାନ ଆମର ପ୍ରିମିୟମ ବିଗ୍‌ୱିଙ୍ଗ ଡିଲରଶିପ୍‌ଗୁଡିକରେ ଖୋଲା ରହିଛି ଏବଂ ଆସନ୍ତା ମାସରୁ ଏହାର ଡେଲିଭରି ଆରମ୍ଭ ହେବ। ଉଲ୍ଲେଖଯୋଗ୍ୟ, ହୋଣ୍ଡା ଏନ୍‌ଏକ୍ସ୫୦୦କୁ ଡେଲି କ୍ରସ୍‌ଓଭର ଡିଜାଇନ ପ୍ରଦାନ କରାଯାଇଥିବା ବେଳେ ଉକ୍ତ ମଡେଲ ତିନିଟି ଆକର୍ଷଣୀୟ କଲର (ରଙ୍ଗ) ସ୍କିମ୍ ଗ୍ରାଣ୍ଡ ପ୍ରିକ୍ସ ରେଡ୍, ମ୍ୟାଟ୍ ଗନପାଉଡର ବ୍ଲାକ୍ ମେଟାଲିକ୍ ଓ ପର୍ଲ ହରାଇଜନ୍ ହ୍ୱାଇଟ୍ କଲରରେ ଉପଲବ୍ଧ।

# ଆଇଡିବିଆଇ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୨୧।୧

ଆଇଡିବିଆଇ ବ୍ୟାଙ୍କର ନିର୍ଦ୍ଦେଶକମଣ୍ଡଳୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷର ଅକ୍ଟୋବରରୁ ଡିସେମ୍ବର ଅବଧିରେ ବ୍ୟାଙ୍କର ନେଟ୍ ଲାଭ ୧୪୫୮ କୋଟି ଟଙ୍କା ରହିଥିବା ବେଳେ ୫୭%ର ବାର୍ଷିକ ଅଭିବୃଦ୍ଧି ହୋଇଛି। ସେହିଭଳି ବ୍ୟାଙ୍କର ପରିଚାଳନାଗତ ଲାଭ ୨୩୨୭ କୋଟି ଟଙ୍କା ରହିଛି, ଏନ୍‌ଆଇଏମ୍ ୪.୭୨% ରେକର୍ଡ କରାଯାଇଥିବା ବେଳେ ନେଟ୍ ସୁଧ ଆୟ ୧୭%ର ବାର୍ଷିକ ଅଭିବୃଦ୍ଧି ସହିତ ୩୪୩୫ କୋଟି ଟଙ୍କା ରହିଛି। ଏପରିକି କଷ୍ଟ ଅଫ୍ ଡିପୋଜିଟ୍ ୩ୟ ତ୍ରୈମାସରେ ୮୩ ବିପିଏସ୍ ବୃଦ୍ଧି ପାଇ ୪.୩୪% ରହିଛି, ଯାହା ଗତ ଆର୍ଥିକ ବର୍ଷର ୩ୟ ତ୍ରୈମାସରେ ୩.୫୧% ରହିଥିଲା। ଏହି ତ୍ରୈମାସରେ ବ୍ୟାଙ୍କର ସିଆର୍‌ଏଆର୍ ୧୮ ବିପିଏସ୍‌ର ବାର୍ଷିକ ଅଭିବୃଦ୍ଧି ସହିତ ୨୦.୩୨% ରହିଛି। ଅପରପକ୍ଷରେ ବ୍ୟାଙ୍କର ରିଟର୍ନ ଅନ୍ ଆସେଟ୍‌ସ (ଆର୍‌ଓଏ) ୧.୭୦% ରେକର୍ଡ (୪୮ ବିପିଏସ୍‌ର ବାର୍ଷିକ ଅଭିବୃଦ୍ଧି) କରାଯାଇଥିଲାବେଳେ ରିଟର୍ନ ଅନ୍ ଇକ୍ୱିଟି (ଆର୍‌ଓଇ) ୧୯.୫୭% (୩୬୧ ବିପିଏସ୍‌ର ବାର୍ଷିକ ଅଭିବୃଦ୍ଧି) ରହିଛି। ଏହି ଅବଧିରେ ନେଟ୍ ଏନ୍‌ପିଏ ୭୪ ବିପିଏସ୍ ବୃଦ୍ଧି ହୋଇ ୦.୩୪% ରହିଥିବା ବେଳେ ଗ୍ରସ୍ ଏନପିଏ ୯୧୩ ବିପିଏସ୍ ବୃଦ୍ଧି ହୋଇ ୪.୬୯% ଏବଂ ପିସିଆର୍ ୧୧୯ ବିପିଏସ୍ ବୃଦ୍ଧି ହୋଇ ୯୯.୧୭% ରହିଛି।

## ଫୁରସତ

# ଅଷ୍ଟ୍ରେଲିଆରେ ହେବ ସବୁଠୁ ଉଚ୍ଚ ରାମ ମନ୍ଦିର



**କାନ୍‌ବେରା:** ଅଷ୍ଟ୍ରେଲିଆ ପର୍ଥରେ ଖୁବ୍‌ଶୀଘ୍ର ବିଶ୍ୱର ସବୁଠୁ ଉଚ୍ଚ ରାମ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି, ଏହା ପ୍ରାୟ ୭୨୧ ଫୁଟ ହେବ। ଶ୍ରୀରାମ ବେଦିକ୍ ଏବଂ ସାଂସ୍କୃତିକ ଟ୍ରଷ୍ଟ ନେତୃତ୍ୱରେ ପ୍ରାୟ ୬ଶହ କୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି ମନ୍ଦିର ୧୫୦ ଏକର ଜାଗାରେ ବିସ୍ତାର କରିବ। ଟ୍ରଷ୍ଟର ଡେପୁଟି ହେଡ୍ ହରେନ୍ଦ୍ର ରାଣା ପ୍ରକାଶ କରିଛନ୍ତି, ଏହି ପ୍ରକଳ୍ପ ଏକ ପାରମ୍ପରିକ ଧାରଣାଠାରୁ ଆସିଛି। ଏହି ପ୍ରକଳ୍ପର ତଦାରଖ କରୁଥିବା ଅନ୍ତର୍ଜାତୀୟ ଶ୍ରୀରାମ ବେଦିକ୍ ଏବଂ ସାଂସ୍କୃତିକ ୟୁନିୟନ୍ (ଆଇଏସ୍‌ଭିଏସିୟୁ) ମନ୍ଦିରର ସାଂସ୍କୃତିକ ବାତାବରଣକୁ କଳ୍ପନା କରିଛି। ଏହି ମନ୍ଦିର କମ୍ପ୍ଲେକ୍ସରେ ଏକ ମହମବତି ବାରଣ୍ଡା, ଚିତ୍ରକୂଟ ବାଟିକା, ପଞ୍ଚବଟି ବାଟିକା ଏବଂ ରାମନିବାସ ହୋଟେଲ ଭଳି ଆକର୍ଷଣ ଉପାଦାନ ରହିବ। ସାଂସ୍କୃତିକ ସ୍ଥାନଗୁଡ଼ିକ ମଧ୍ୟରେ ସୀତା ରୋଷେଇ ରେଷ୍ଟୁରାଣ୍ଟ, ରାମାୟଣ ସଦନ ଲାଇବ୍ରେରି ଏବଂ ତୁଳସୀ ଦାସ ହଲ୍ ଆଦି ସ୍ଥାନ ପାଇବ। ମନ୍ଦିରରେ ଆଧାତ୍ମିକ ସ୍ଥାନଗୁଡ଼ିକରେ ଯୋଗକେନ୍ଦ୍ର, ଧ୍ୟାନକେନ୍ଦ୍ର, ବେଦ ଶିକ୍ଷାକେନ୍ଦ୍ର, ରିସର୍ଚ୍ଚ ସେଣ୍ଟର, ସଂଗ୍ରହାଳୟ ଆଦି ରହିବ। ବାୟୋ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏବଂ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରକୁ ଅନ୍ତର୍ଭୁକ୍ତ କରି ପରିବେଶ ସ୍ଥିରତା କେନ୍ଦ୍ର ପର୍ଯ୍ୟାୟ ଗ୍ରହଣ କରିବାକୁ ଯାଉଥିବା ଟ୍ରଷ୍ଟ କହିଛି। ଆଧାତ୍ମିକ କେନ୍ଦ୍ର ଭାବରେ ମନ୍ଦିର କମ୍ପ୍ଲେକ୍ସ ଏକ ସାଂସ୍କୃତିକ ସ୍ଥାନ ହେବ। ଆଇଏସ୍‌ଭିଏସିୟୁ ପକ୍ଷରୁ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା, ପର୍ବପର୍ବାଣି ପାଳନରେ ଯୋଗଦାନ ରହିଛି।

# ଆଦିତ୍ୟଙ୍କୁ ବିବାହ କରିବେ ଅନନ୍ୟା



ଅନନ୍ୟା ପାଣ୍ଡେ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏବଂ ଅଭିନେତା ଆଦିତ୍ୟ ରୟ କପୁରଙ୍କ ଡେଟିଂକୁ ନେଇ ଦୀର୍ଘଦିନ ଧରି ଚର୍ଚ୍ଚା ହେଉଥିଲା। ହେଲେ ଦୁହେଁ ଏହାକୁ ଖୋଲାଖୋଲି ଭାବେ ଗ୍ରହଣ କରିନାହାନ୍ତି। କିନ୍ତୁ ଚଳିତବର୍ଷ ଉଭୟଙ୍କ ବିବାହ ହେବାକୁ ଯାଉଥିବା ଖବର ମିଳିଛି। ଅନନ୍ୟାଙ୍କ ଏକ ଫ୍ୟାନ ପେଜ୍‌ରେ ଦୁହିଙ୍କ ବିବାହ ଚଳିତ ବର୍ଷ ହେବ ବୋଲି ଜଣାପଡ଼ିଛି। ଏଥିରେ ଅଭିନେତ୍ରୀଙ୍କ ବାପା ଚଙ୍କି ପାଣ୍ଡେ ମଧ୍ୟ ଏହି ପୋଷ୍ଟକୁ ଲାଇକ୍ କରିଛନ୍ତି, ଯାହାକୁ ନେଇ ଉଭୟଙ୍କ ବିବାହ କନ୍‌ଫର୍ମ ବୋଲି ଜଣାପଡ଼ିଛି। ପୋଷ୍ଟରେ ଶେୟାର ହୋଇଥିବା ରିଲ୍‌ରେ ଦୁହିଙ୍କ ବିବାହ ୨୦୨୪ରେ ହେବ ବୋଲି ଲେଖାଯାଇଛି। ପୂର୍ବରୁ ଆଦିତ୍ୟ ଏବଂ ଅନନ୍ୟା ଯେତେବେଳେ ଏକ ଫ୍ୟାଶନ ଇଭେଣ୍ଟରେ ଶୋ'ଷ୍ଟପର ହୋଇଥିଲେ, ସେତେବେଳେ ସେମାନଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାପରେ ଦୁହେଁ ଏକାଠି ଛୁଟି କଟାଉଥିବାର ଭିଡିଓ ଭାଇରାଲ ହୋଇଥିଲା। ଅନନ୍ୟା ୨୦୧୯ରୁ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ 'ଖୋ ଗୟେ ହମ୍ କାହାଁ'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ରହିଛି, ଯାହାକୁ ନେଇ ସେ ବ୍ୟସ୍ତ ଅଛନ୍ତି।

# ହୀରାରେ ରାମ ମନ୍ଦିର



Image credit: Screengrab from video posted by ANI on X

**ଲକ୍ଷ୍ନୌ:** ବହୁ ବର୍ଷର ପ୍ରତୀକ୍ଷା ପରେ ସୋମବାର ଅଯୋଧ୍ୟାରେ ରାମମନ୍ଦିରର ପ୍ରାଣପ୍ରତିଷ୍ଠା ହେବାକୁ ଯାଉଛି। ଏହାକୁ ନେଇ ସାରା ଦେଶରେ ଉତ୍ସାହର ବାତାବରଣ ଦେଖିବାକୁ ମିଳିଛି। ପ୍ରାଣପ୍ରତିଷ୍ଠା ପୂର୍ବରୁ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ଏଥିସହ ଲୋକେ ଅଯୋଧ୍ୟାକୁ ବିଭିନ୍ନ ପ୍ରକାର ଉପହାର ମଧ୍ୟ ପଠାଉଛନ୍ତି। ଏପରି କିଛି ଲୋକ ଅଛନ୍ତି, ଯେଉଁମାନେ ନିଜ କଳାକୃତିର ପ୍ରଦର୍ଶନ କରି ଭଗବାନ ରାମଙ୍କ ପ୍ରତି ତାଙ୍କ ଆସ୍ଥାକୁ ପ୍ରକଟ କରୁଛନ୍ତି। ନିକଟରେ ଗୁଜରାଟ ସୁରଟର ଜଣେ କଳାକାର ହୀରା ବ୍ୟବହାର କରି ରାମ ମନ୍ଦିରର କଳାକୃତି ପ୍ରସ୍ତୁତ କରିଛନ୍ତି। ଏହି କଳାକୃତି ପାଇଁ ସେ ମୋଟ ୯୯୯ଟି ଛୋଟ ହୀରାଖଣ୍ଡ ବ୍ୟବହାର କରିଛନ୍ତି। ସେହିପରି ଗିନିଜ୍ ରେକର୍ଡଧାରୀ ନବରତ୍ନ ପ୍ରଜାପତି ପେନ୍‌ସିଲ ମୁନରେ ଭଗବାନ ରାମଙ୍କ କଳାକୃତି ପ୍ରସ୍ତୁତ କରିଛନ୍ତି। ଅନ୍ୟପଟେ ବାଲୁକାଶିଳ୍ପୀ ଅଜୟ ରାୱତ ରାଜସ୍ଥାନରେ ରାମମନ୍ଦିରର କଳାକୃତି ତିଆରି କରିଛନ୍ତି, ସେଥିପାଇଁ ତାଙ୍କୁ ହଜାରେ ଟନ୍‌ରୁ ଅଧିକ ବାଲି ଲାଗିଥିଲା।

# ଏଲିଫ୍ୟାଣ୍ଟ ଟ୍ରଙ୍କ୍

**କେପ୍‌ଟାଉନ:** ପଞ୍ଚିପୋଡିୟମ୍ ନାମାକ୍ୱାନମ୍ ନାମକ ଏହି ଗଛ ସବୁଠୁ ଭିନ୍ନ, ଯାହାକୁ ହାପମେନ୍ସ ବା ଏଲିଫ୍ୟାଣ୍ଟ ଟ୍ରଙ୍କ୍ ବୋଲି କୁହାଯାଏ। ଗଛ ଦେଖିବାକୁ ହାତୀର ଶୁଣ୍ଢ ପରି। ଜାଣି ଆଶ୍ଚର୍ଯ୍ୟ ଲାଗିବ ଯେ, ଏହି ଗଛ ଶହେବର୍ଷରୁ ଅଧିକ ବଞ୍ଚିପାରେ। ରିପୋର୍ଟ ମୁତାବକ, ଏହା ଦକ୍ଷିଣ ଆଫ୍ରିକା ଅଞ୍ଚଳରେ ଦେଖାଯାଉଥିବା ଗଛ, ଏହା ଦେଖିବାକୁ ବହୁତ ଅଜବ। ଗଛରେ ଗୋଟେ ଡାଳ ରହିଥାଏ, ଯାହା ୧୦ ଫୁଟ ଲମ୍ବ ଏବଂ ୧ ଫୁଟ୍ ବ୍ୟାସ ପର୍ଯ୍ୟନ୍ତ ହୋଇଥାଏ। ଗଛର ଶୀର୍ଷରେ ପତ୍ର ଏବଂ ଫୁଲ ହୋଇଥାଏ। ଗଛ ସମ୍ପୂର୍ଣ୍ଣ ଭାବେ ମୁନିଆ କଣ୍ଟାରେ ଭରି ରହିଛି। ଏଲିଫ୍ୟାଣ୍ଟ ଟ୍ରଙ୍କ୍ ଏକ ଧୀର ଗତିରେ ବଢୁଥିବା ଗଛ । ଏହା ପ୍ରାୟ ୧୬ ଫୁଟ ଆକାର ଧାରଣ କରିବାକୁ ବହୁ ବର୍ଷ ନେଇଥାଏ। ଏହା ପୂର୍ଣ୍ଣ ରୂପରେ ବିକଶିତ ହେବା ପରେ ଯାଇ ଗଛର ଆକାର ଧାରଣ କରେ। ପ୍ରତିବର୍ଷ ଏହି ଗଛ ୦.୫-୧.୫ ସେ.ମି. ପର୍ଯ୍ୟନ୍ତ ବଢ଼ିଥାଏ। ଅଧିକାଂଶ ଗଛ ପାହାଡ଼, ଚଟାଣ ଅଞ୍ଚଳ ଏବଂ ମରୁଭୂମି ସ୍ଥାନରେ ଦେଖିବାକୁ ମିଳେ, ଯାହା କମ୍ ବର୍ଷାରେ ମଧ୍ୟ ବଢ଼ିପାରନ୍ତି।



# ସେମିରେ ମୁମ୍ବାଇ ସିଟି ଏଫ୍‌ସି

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ତୃତୀୟ ଦଳଭାବେ ମୁମ୍ବାଇ ସିଟି ଏଫ୍‌ସି ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଗ୍ରୁପ୍ 'ସି'ର ଅନ୍ତିମ ଲିଗ୍ ମ୍ୟାଚରେ ଏହି ଦଳ ଚେନ୍ନାଇନ୍ ଏଫ୍‌ସିକୁ ୧-୦ ଗୋଲରେ ପରାସ୍ତ କରିଛି। ମ୍ୟାଚର ୨୪ତମ ମିନିଟରେ ହମିଙ୍ଗଥାନମାୱିଆ ଏକ ଗୋଲ ଦେଇ ମୁମ୍ବାଇକୁ ଅଗ୍ରଣୀ କରିଥିଲେ। ଚେନ୍ନାଇନ୍ ଶେଷ ପର୍ଯ୍ୟନ୍ତ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇ ନ ଥିଲା। ମୁମ୍ବାଇ ୩ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟ ପାଇ ଆଗକୁ ବଢ଼ିଥିବାବେଳେ ଚେନ୍ନାଇ ୩ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟରେ ରହି ଅଭିଯାନ ଶେଷ କରିଛି।

**ପଞ୍ଜାବ-ଗୋକୁଲମ୍ ମ୍ୟାଚ ଡ୍ର**

ପଞ୍ଜାବ ଏଫ୍‌ସି ଓ ଗୋକୁଲମ୍ କେରଳ ଗ୍ରୁପ୍ 'ସି' ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଥିଲା। ମ୍ୟାଚଟି ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ। ଫଳରେ ଗୋକୁଲମ୍ ୩ ମ୍ୟାଚରୁ ପଏଣ୍ଟ ଖାତା ଖୋଲିବାକୁ ସକ୍ଷମ ହୋଇଥିବାବେଳେ ପଞ୍ଜାବ ୩ ମ୍ୟାଚରୁ ୨ ଡ୍ର ସହ ୨ ପଏଣ୍ଟ ପାଇ ଲିଗ୍ ପର୍ଯ୍ୟାୟରୁ ଅଭିଯାନ ଶେଷ କରିଥିଲା। ଗ୍ରୁପ୍ 'ସି'ରେ ପଞ୍ଜାବ ତୃତୀୟ ଓ ଗୋକୁଲମ୍ ୪ର୍ଥ ସ୍ଥାନରେ ରହିଥିଲା।

**କଳିଙ୍ଗ ସୁପର କପ୍ ଫୁଟବଲ**



ପଞ୍ଜାବ ଏଫ୍‌ସି ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।



ଅଷ୍ଟ୍ରେଲିଆନ୍ ଓପନ୍ ପ୍ରି କ୍ୱାର୍ଟର ମ୍ୟାଚ୍‌ରେ ଏକ ଶଟ୍ ଖେଳୁଛନ୍ତି ନୋଭାକ ଜୋକୋଭିଚ୍।

## ଅପରାଜେୟ ଧାରା ବଜାୟ ଲକ୍ଷ୍ୟରେ ଓଏଫ୍‌ସି

**ଭୁବନେଶ୍ୱର, ୨୧।୧ (ସରୋଜ ଜେନା):** କଳିଙ୍ଗ ସୁପର କପ୍‌ରେ ସୋମବାର ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଓ ଏଫ୍‌ସି ଗୋଆ ପରସ୍ପରକୁ ଗ୍ରୁପ୍ ଡିର ଅନ୍ତିମ ମ୍ୟାଚ୍‌ରେ ଭେଟିବେ। ସେମିଫାଇନାଲ ଲାଇନ୍ ଅପ୍ ପାଇଁ ଏହି ମ୍ୟାଚ୍ ଉଭୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ମ୍ୟାଚ୍ ଡ୍ର ରହିଲେ ଓଏଫ୍‌ସି ସେମିକୁ ଉତ୍ତୀର୍ଣ୍ଣ ହେବ। ତେବେ ଗୋଆକୁ ଆଗକୁ ଯିବାକୁ ହେଲେ ନିହାତି ବିଜୟ ଆବଶ୍ୟକ। ଓଏଫ୍‌ସି ଚଳିତ ସିଜନରେ ଚମତ୍କାର ଫର୍ମରେ ରହିଥିବା ବେଳେ ଏ ଯାଏ ୧୩ ମ୍ୟାଚ୍‌ରେ ଅପରାଜେୟ ରହିଛି। ଅକ୍ଟୋବର ୨୭ରେ ଶେଷ ଥର ପାଇଁ ଦଳ ଏକ ଆଇଏସଏଲ ମ୍ୟାଚ୍‌ରେ କୋଚି ଠାରୁ ପରାଜିତ ହୋଇଥିଲା। ଏହା ପରେ ଏଏଫ୍‌ସି କପ୍, ଆଇଏସ୍ଏଲ୍ ଓ ସୁପର କପ୍‌ରେ ଦଳ ଚମତ୍କାର ପ୍ରଦର୍ଶନ ଜାରି ରଖିଛି। ଚଳିତ ସୁପର କପ୍‌ରେ ଦଳ ଦୁଇଟି ଯାକ ମ୍ୟାଚରେ ଏଯାଏ ଅପରାଜେୟ ରହିଛି। ପ୍ରଥମ ମ୍ୟାଚ୍‌ରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଇଣ୍ଟର କାଶୀକୁ ପରାସ୍ତ କରିଥିଲା। ଦଳର ନିୟମିତ ଗୋଲକିପର ତଥା ଅଧିନାୟକ ଅମରିନ୍ଦର ସିଂଙ୍କ ଅନୁପସ୍ଥିତିରେ ଲାଲଥୁମାୱିଆ ରାଲ୍‌ଟେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ୧୩ ମ୍ୟାଚ୍‌ରେ ଅପରାଜେୟ ରହିବା ମଧ୍ୟରେ ଓଏଫ୍‌ସି ୯ ମ୍ୟାଚ୍‌ରେ କ୍ଲିନ୍ ସ୍ଲେଟ୍ ହାସଲ କରିଛି। ସୋମବାର ଏଫ୍‌ସି ଗୋଆ ବିପକ୍ଷରେ ମଧ ଦଳ ସମାନ ରଣନୀତି ଆପଣେଇବାକୁ ପ୍ରୟାସ କରିବ। ଏହା ବ୍ୟତୀତ ଡିଏଗୋ ମରିସିଓ ଓ ଅହମ୍ମଦ ଜାହୋହଙ୍କ ପରି ଅଭିଜ୍ଞ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ଆରମ୍ଭ

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ):** କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ଚାମ୍ପିୟନଶିପ୍ ରବିବାର ଆରମ୍ଭ ହୋଇଛି। କିଟ୍ ପରିସରରେ ଥିବା ଦିଲୀପ ତିର୍କୀ ହକି ଷ୍ଟାଡିୟମରେ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ କିଟ୍ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଯୁଗ୍ମ ରେଜିଷ୍ଟ୍ରାର (ପ୍ରଶାସନ) ପ୍ରତାପ କୁମାର ଚମ୍ପତି, ସ୍ନେହାଶିଷ ରାଉତ, ପ୍ରମୋଦ କୁମାର ପାତ୍ର, ରଣଦୀପ ବରୁଆ, ରଶ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ୨୨ ବିଶ୍ୱବିଦ୍ୟାଳୟର ୪୦୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ଏହାର ପ୍ରଥମ ମ୍ୟାଚରେ ଶହୀଦ ନନ୍ଦକୁମାର ପଟେଲ ବିଶ୍ୱବିଦ୍ୟାଳୟକୁ ୮-୧ ଗୋଲରେ ପରାସ୍ତ କରିଛି।

# ରାଜ୍ୟ ଓପନ ଚେସ୍: ସୟିଦ ଚାମ୍ପିୟନ

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ)**

ପୁରୀ ଜିଲା ଚେସ୍ ଆସୋସିଏଶନ ଓ ନିମାପଡ଼ା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ନିମାପଡ଼ା ଟାଉନ୍ ହଲ୍‌ରେ ରବିବାର ୧୭ଶ ସୁଦର୍ଶନ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କଟକର ସେକ୍ ସୟିଦ ୫.୫ ପଏଣ୍ଟ ପାଇ ଚାମ୍ପିୟନ ଓ ହର୍ଷିତ ରଞ୍ଜନ ସାହୁ ୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ବିଶ୍ୱରଞ୍ଜନ ମହାନ୍ତି, ମଣୀନ୍ଦ୍ର କର୍ଜୀ, ଗୁରୁ ପ୍ରସାଦ ଭଞ୍ଜ (ସମସ୍ତେ ୫), ଶ୍ରୀନିବାସ ମିଶ୍ର (୪.୫), ସୃଜନ ପ୍ରଣୟୀ ରୟ, ଲଳିତ ରଞ୍ଜନ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଧୀରେନ୍ଦ୍ର କୁମାର ଦାସ, ବାବୁଲା ଭୋଇ ଓ ସହଦେବ ଖଟେଇ (ସମସ୍ତେ ୪ ପଏଣ୍ଟ) ଟପ୍-୧୨ ଫିନିଶ୍ କରିଛନ୍ତି। ୧୦ ସ୍କୁଲ ଛାତ୍ରୀଛାତ୍ର ଓ ଜଣେ ସ୍ଥାନୀୟ ଖେଳାଳିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ୬୨ ବର୍ଷୀୟା ରଞ୍ଜିତ ମହାନ୍ତି ଶ୍ରେଷ୍ଠ ଭେଟେରାନ, ତିତୀକ୍ଷା ମହାପାତ୍ର ଶ୍ରେଷ୍ଠ ମହିଳା ଓ ଅକ୍ଷିତ ଆଚାର୍ଯ୍ୟ (୭ ବର୍ଷ) ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ପାଇଛନ୍ତି। ନିମାପଡ଼ା ଉପନଗରପାଳ ସନ୍ତୋଷ କୁମାର ଦାସ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ବିକ୍ରମ କେଶରୀ ସାମଲ, ପୁରୀ ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ବିମଳ ପ୍ରସାଦ ମହାନ୍ତି, କୋଷାଧକ୍ଷ ଶ୍ୟାମଳ କୁଣ୍ଡୁ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ନିମାପଡ଼ା ଚେସ୍ ଆସୋସିଏଶନ ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ରାଇଜା-ଗୁରଜୋତ୍‌ଙ୍କୁ ବ୍ରୋଞ୍ଜ ପଦକ

**କୁଏତ ସିଟି, ୨୧।୧ (ପି.ଟି.)**

ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଥିବା ଯୁବ ଭାରତୀୟ ଶୁଟର ରାଇଜା ଧିଲୋନ ଓ ଗୁରଜୋତ ଖଙ୍ଗୁରା ଯୋଡ଼ି ଏଠାରେ ରବିବାର ଅନୁଷ୍ଠିତ ଏସିଆ ଅଲିମ୍ପିକ୍ କ୍ୱାଲିଫିକେଶନ ଶଟଗନ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସ୍କିଟ୍ ମିକ୍ସଡ ଟିମ୍ ଇଭେଣ୍ଟରେ ଏହି ଭାରତୀୟ ଯୋଡ଼ି ବ୍ରୋଞ୍ଜ ପଦକ ମ୍ୟାଚରେ ସ୍ଥାନୀୟ ଫେଭରାଇଟ ଅବଦୁଲା ଅଲ୍‌ରଶିଦି ଓ ଇମାନ ଅଲ୍ ଶାମାଙ୍କୁ ୪୧-୩୯ରେ ପରାସ୍ତ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ବ୍ୟକ୍ତିଗତ ସ୍କିଟ୍ ଇଭେଣ୍ଟରେ ୧୯ ବର୍ଷୀୟା ରାଇଜା ରୌପ୍ୟ ପଦକ ଜିତିବା ସହ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରି ନେଇଥିଲେ।

# କ୍ୱାର୍ଟରରେ ଜୋକୋଭିଚ୍, ସାବାଲେଙ୍କା, ଗଫ୍

**ଅଷ୍ଟ୍ରେଲିଆନ୍ ଓପନ୍**

**ମେଲବୋର୍ନ, ୨୧।୧ (ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନରେ ରବିବାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍, ଆରିନା ସାବାଲେଙ୍କା ଓ କୋକୋ ଗଫ୍। ୧୧ତମ ଅଷ୍ଟ୍ରେଲିଆନ୍ ଓପନ୍ ଲକ୍ଷ୍ୟରେ ରହିଥିବା ଟପ୍ ସିଡ୍ ଜୋକୋଭିଚ୍ ନିଜ ଲକ୍ଷ୍ୟରୁ ମାତ୍ର ଦୁଇପାଦ ଦୂରରେ ରହିଛନ୍ତି। ରବିବାର ଅନୁଷ୍ଠିତ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚରେ ୨୦ ନମ୍ବର ସିଡ୍ ଆଡ୍ରିଆନ ମାନ୍ନାରିନୋଙ୍କୁ ୬-୦, ୬-୦ ଓ ୬-୩ ସେଟରେ ପରାସ୍ତ କରିଥିଲେ। ପୂର୍ବ ମ୍ୟାଚରେ ୫ ସେଟ୍ ବିଶିଷ୍ଟ ମ୍ୟାଚରେ ବେନ୍ ଶେଲଟନ୍‌ଙ୍କୁ ପରାସ୍ତ କରିଥିବା ଆଡ୍ରିଆନ ଏହି ମ୍ୟାଚ୍‌ରେ ପ୍ରଭାବିତ କରିବାରେ ବିଫଳ ହୋଇଥିଲେ। ଜୋକୋଭିଚଙ୍କ ଗତି ଓ ଅଭିଜ୍ଞତା ଆଗରେ ସେ ହାର ମାନିଥିଲେ। ମହିଳା ଖେଳାଳିଙ୍କ ମଧ୍ୟରେ ଡିଫେଣ୍ଡିଂ ଚାମ୍ପିୟନ ଆରିନା ସାବାଲେଙ୍କା ୬-୩, ୬-୨ ସେଟରେ ଆମାଣ୍ଡା ଆନିସିମୋଭାଙ୍କୁ ପରାସ୍ତ କରିଛନ୍ତି। ଉଭୟ ଖେଳାଳି ପୂର୍ବରୁ ୫ ଥର ମୁହାଁମୁହିଁ ହୋଇଥିବା ବେଳେ ଆନିସିମୋଭା ୪ ଥର ବିଜୟୀ ହୋଇଥିଲେ। ତେବେ ରବିବାରର ମ୍ୟାଚ୍‌ରେ ସାବାଲେଙ୍କା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ସାବାଲେଙ୍କା କ୍ୱାର୍ଟର ଫାଇନାଲ ମ୍ୟାଚରେ ବାର୍ବରା କ୍ରେଜିକୋଭାଙ୍କୁ ଭେଟିବେ। କ୍ରେଜିକୋଭା ପ୍ରି କ୍ୱାର୍ଟର ମ୍ୟାଚରେ ୧୬ ବର୍ଷୀୟା ମୀରା ଆଣ୍ଡ୍ରିଭାଙ୍କୁ ପରାସ୍ତ କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ୪ ନମ୍ବର ସିଡ୍ କୋକୋ ଗଫ୍ ୬-୧, ୬-୨ ସେଟ୍‌ରେ ମାଗଦାଲେନା ଫ୍ରେଚ୍‌ଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ମହିଳା ବିଭାଗର ଅନ୍ୟ ଏକ ପ୍ରି କ୍ୱାର୍ଟର ମ୍ୟାଚ୍‌ରେ ୟୁକ୍ରେନର ମାର୍ଟା କୋଷ୍ଟ୍ୟୁକ୍ ୬-୨, ୬-୧ ସେଟ୍‌ରେ ମାରିଆ ଟିମୋଫିଭାଙ୍କୁ ହରାଇଛନ୍ତି। ସେ କ୍ୱାର୍ଟର ଫାଇନାଲରେ କୋକୋ ଗଫ୍‌ଙ୍କୁ ଭେଟିବେ।

ପୁରୁଷ ବିଭାଗରେ ୪ ନମ୍ବର ସିଡ୍ ଇଟାଲୀର ଜାନିକ୍ ସିନ୍ନର ୩ ସେଟ୍‌ର ସିଧାସଳଖ ମ୍ୟାଚ୍‌ରେ ରୁଷିଆର କାରେନ୍ ଖାଚାନୋଭ୍‌ଙ୍କୁ ପରାସ୍ତ କରିଛନ୍ତି। ୧୫ ନମ୍ବର ସ୍ଥାନରେ ଥିବା ଖାଚାନୋଭ୍‌ଙ୍କୁ ୬-୪, ୭-୫ ଓ ୬-୩ ରେ ପରାସ୍ତ କରିଥିଲେ ସିନର। ୫ ନମ୍ବର ସ୍ଥାନରେ ଥିବା ଆଣ୍ଡି ରୁବଲେଭ୍ ୫ ସେଟର ମାରାଥନ ମୁକାବିଲାରେ ୧୦ ନମ୍ବର ସିଡ୍ ଆଲେକ୍ସ ଡି ମିନାଉରଙ୍କୁ ୬-୪, ୬-୭(୭), ୬-୭(୭), ୬-୦ ଓ ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ରୁବଲେଭ୍ ପ୍ରଥମ ସେଟ୍ ଜିତିଥିବା ବେଳେ ପରବର୍ତ୍ତୀ ଦୁଇ ସେଟ୍‌କୁ ଟାଇବ୍ରେକରରେ ବିଜୟୀ ହୋଇଥିଲେ ମିନାଉର। ତେବେ ଅନ୍ତିମ ଦୁଇ ସେଟ୍ ଜିତିବା ସହିତ କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଥିଲେ ରୁବଲେଭ୍। ୧୨ ନମ୍ବର ସ୍ଥାନରେ ଥିବା ଟେଲର ଫ୍ରିଟ୍ଜ ନିଜଠାରୁ ଉଚ୍ଚ ମାନ୍ୟତାପ୍ରାପ୍ତ ଷ୍ଟିଫାନୋସ ସିଟ୍‌ସିପାସଙ୍କୁ ୬-୭(୭), ୭-୫, ୬-୩, ୬-୩ରେ ପରାସ୍ତ କରି କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରି ନେଇଥିଲେ।



ମାର୍ଟା କୋଷ୍ଟ୍ୟୁକ୍

# ସନ୍ଦୀପଙ୍କ ଶତକ ସତ୍ତ୍ୱେ ଆଶଙ୍କାରେ ଓଡ଼ିଶା

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ)**

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା-ଜମ୍ମୁକଶ୍ମୀର ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଦ୍ୱିତୀୟ ଇନିଂସରେ ସନ୍ଦୀପ ପଟ୍ଟନାୟକଙ୍କ ଶତକ ସତ୍ତ୍ୱେ ଓଡ଼ିଶା ପରାଜୟ ଆଶଙ୍କାରେ ରହିଛି। ୧୪୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଜମ୍ମୁ-କଶ୍ମୀର ରବିବାର ତୃତୀୟ ଦିବସ ଖେଳ ଶେଷ ବେଳକୁ ୪ ଉଇକେଟ ହରାଇ ୭୨ ରନ କରିଛି। ୬ ଉଇକେଟ ସୁରକ୍ଷିତ ଥାଇ ଜମ୍ମୁ-କଶ୍ମୀର ବିଜୟ ଲକ୍ଷ୍ୟଠାରୁ ଆଉ ୭୭ ରନ ଦୂରରେ ରହିଛି। ସୋମବାର ମ୍ୟାଚର ଶେଷ ଦିବସ।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୨୬/୭ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ପ୍ରତିଭାସମ୍ପନ୍ନ ସନ୍ଦୀପ ପଟ୍ଟନାୟକ ଗୋଟିଏ ପଟରେ ସତର୍କତାର ସହ ବ୍ୟାଟିଂ କରି ହାସଲ କରିଥିଲେ କ୍ୟାରିୟରର ତୃତୀୟ ପ୍ରଥମଶ୍ରେଣୀ ଶତକ। ସେ ୧୮୭ ବଲ୍‌ରୁ ୧୭ ଚୌକା ସହାୟତାରେ ଠିକ୍ ୧୦୦ ରନ୍ କରି ଅପରାଜିତ ରହିଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ ୨୭ ଏବଂ ରାଜେଶ ମହାନ୍ତି ଓ ସୁନୀଲ ରାଉଳ ୬ ରନ୍ ଲେଖାଏ କରି ଆଉଟ ହେବା ସହ ଓଡ଼ିଶା ଦ୍ୱିତୀୟ ଇନିଂସ ଶେଷ ହୋଇଯାଇଥିଲା। ଜମ୍ମୁ-କଶ୍ମୀର ବୋଲରଙ୍କ ମଧ୍ୟରେ ଅକ୍ୱିବ ନବି ସର୍ବାଧିକ ୪ଟି, ଉମର ନାଜିର ମିର ୩ଟି, ରୋହିତ ଶର୍ମା ୨ଟି ଓ ଉମ୍ରାନ ମଲିକ ଗୋଟିଏ ଉଇକେଟ ନେଇଥିଲେ।

ଜମ୍ମୁ-କଶ୍ମୀରର ଦ୍ୱିତୀୟ ଇନିଂସ ବିପର୍ଯ୍ୟୟ ସହ ଆରମ୍ଭ ହୋଇଥିଲା। ଦଳ ୭ ରନ ମଧ୍ୟରେ ୨ଟି ଏବଂ ୩୯ ରନ୍‌ରେ ୪ ଉଇକେଟ ହରାଇଥିଲା। ଓଡ଼ିଶାର ରାଜେଶ ମହାନ୍ତି ଓ ସୁନୀଲ ରାଉଳ ଘାତକ ବୋଲିଂ କରି ପ୍ରତିପକ୍ଷ ଦଳ ପାଇଁ ଏହି କ୍ଷତି ଘଟାଇଥିଲେ। ତେବେ ଅକ୍ୱିବ ନବି ଓ ଅବଦୁଲ ସମଦ ସତର୍କତାର ସହ ବ୍ୟାଟିଂ କରି ଦଳ ପାଇଁ ବିଜୟ ସମ୍ଭାବନା ଉଜ୍ଜୀବିତ ରଖିଛନ୍ତି। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ନବି ୨୦ ଓ ସମଦ ୨୪ ରନ୍‌ରେ ଅପରାଜିତ ରହିଛନ୍ତି। ଓଡ଼ିଶାର ରାଜେଶ ମହାନ୍ତି ୩ଟି ଓ ସୁନୀଲ ଗୋଟିଏ ଉଇକେଟ ନେଇଛନ୍ତି। ମ୍ୟାଚରୁ ଫଳାଫଳ ବାହାରିବା ନିଶ୍ଚିତ ଥିବାରୁ ସୋମବାର ଅନ୍ତିମ ଦିବସର ପ୍ରଥମ ଘଣ୍ଟା ଖେଳ ଉଭୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୩୦। ଜମ୍ମୁ-କଶ୍ମୀର ପ୍ରଥମ ଇନିଂସ: ୧୮୦। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୯୮ (ସନ୍ଦୀପ ପଟ୍ଟନାୟକ-୧୦୦*, ସୂର୍ଯ୍ୟକାନ୍ତ ପ୍ରଧାନ-୨୭, ଅକ୍ୱିବ ନବି-୪/୭୩, ଉମର ନାଜିର ମିର-୩/୩୬, ରୋହିତ ଶର୍ମା-୨/୩୦, ଉମ୍ରାନ ମଲିକ-୧/୩୪)। ଜମ୍ମୁ-କଶ୍ମୀର ଦ୍ୱିତୀୟ ଇନିଂସ: ୭୨/୪ (ଅବଦୁଲ ସମଦ-୨୪*, ଅକ୍ୱିବ ନବି-୨୦*, ରାଜେଶ ମହାନ୍ତି-୩/୨୯, ସୁନୀଲ ରାଉଳ-୧/୧୭)।



ଶତକ ହାସଲକାରୀ ସନ୍ଦୀପ ପଟ୍ଟନାୟକ।

# ସର୍ବଭାରତୀୟ ଲାଲମନି କ୍ରିକେଟ୍ ଉଦ୍‌ଘାଟିତ

**ନବଜୀବନ କ୍ରିକେଟ୍ କ୍ଲବ ବିଜୟୀ**

**ସୋନପୁର, ୨୧।୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ୩୫ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ପ୍ରଥମ କରି ଟର୍ଫ ପିଚ୍‌ରେ ସମସ୍ତ ମ୍ୟାଚ୍ ଖେଳାଯାଉଛି। ଉଦ୍‌ଘାଟନୀ ମ୍ୟାଚ୍ ସୁନ୍ଦରଗଡ଼ର ନବଜୀବନ କ୍ରିକେଟ୍ କ୍ଲବ ଓ ଖୋର୍ଦ୍ଧା ଜିଲା କ୍ରିକେଟ୍ ସଂଘ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନବଜୀବନ କ୍ରିକେଟ୍ କ୍ଲବ ବିଜୟୀ ହୋଇଛି। ଟି୨୦ ମ୍ୟାଚ୍‌ରେ ସୁନ୍ଦରଗଡ଼ ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଖୋର୍ଦ୍ଧା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ବିନିମୟରେ ୧୧୨ ରନ୍ କରିଥିଲା। ଦଳ ପକ୍ଷରୁ ବିଶ୍ୱଭୂଷଣ ବିହାରୀ ୩୪, ଅର୍ଚ୍ଚିସ୍ମାନ ପଟ୍ଟନାୟକ ୧୭ରନ ସଂଗ୍ରହ କରିଥିଲେ। ସୁନ୍ଦରଗଡ଼ ପକ୍ଷରୁ ସୌଭାଗ୍ୟ ରାଉତ ସର୍ବାଧିକ ୩ଟି ଏବଂ ଅଂଶ ଶର୍ମା, ସୌମ୍ୟ ଲେଙ୍କା, ସ୍ୱସ୍ତିକ ସାମଲ ଓ ଅଭିଷେକ ସିଂ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ସୁନ୍ଦରଗଡ଼ ଦଳ ସ୍ୱସ୍ତିକ ସାମଲଙ୍କ ୨୪ ବଲରୁ ୬୧, ଗୌରବ ଚୌଧୁରୀଙ୍କ ୨୮ ରନ ଓ ଦେବେନ୍ଦ୍ର କୁଅଁରଙ୍କ ଅପରାଜିତ ୧୮ ରନ ସହାୟତାରେ ୧୧୩ ରନର ବିଜୟ ଲକ୍ଷ୍ୟକୁ ଅନାୟସରେ ଅତିକ୍ରମ କରିଥିଲା। ସୁନ୍ଦରଗଡ଼ ଦଳକୁ ବୋନସ ରୂପରେ ୯ ରନ ମିଳିଥିଲା। ଟି୧୦ ମ୍ୟାଚ୍‌ରେ ଖୋର୍ଦ୍ଧା ଦଳ ମାତ୍ର ୩୮ ରନ ସଂଗ୍ରହ କରିଥିଲା। ସୁନ୍ଦରଗଡ଼ ପକ୍ଷରୁ ଅଂଶ ଶର୍ମା ଚମତ୍କାର ବୋଲିଂ କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ୯ ରନ ବୋନସ ପାଇ ଥିବାରୁ ସୁନ୍ଦରଗଡ଼ ପାଇଁ ବିଜୟ ଲକ୍ଷ୍ୟ ଥିଲା ମାତ୍ର ୨୯ ରନ। ଏହି ଲକ୍ଷ୍ୟକୁ କୌଣସି ଉଇକେଟ୍ ନ ହରାଇ ସୁନ୍ଦରଗଡ ଦଳ ଅତିକ୍ରମ କରି ବିଜୟୀ ହୋଇଥିଲା। ପ୍ରବୀଣ ଲୁହା ୧୫ ଓ ସୁଶିଲ ବାରିକ୍ ୧୬ ରନ ସଂଗ୍ରହ କରିଥିଲେ। ସୁନ୍ଦରଗଡ଼ର ସ୍ୱସ୍ତିକ୍ ସାମଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପାଟଣାଗଡ ବିଧାୟକ ତଥା ବିଧାନସଭାର ସରକାରୀ ଦଳର ଉପମୁଖ୍ୟ ସଚେତକ ସରୋଜ ମେହେର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଏବଂ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ପରିଚାଳନା କରିଥିଲେ ଓସିଏ ସ୍ୱୀକୃତିପ୍ରାପ୍ତ ଆମ୍ପାୟର ପୃଥ୍ୱୀରାଜ ମିଶ୍ର ଓ ଶ୍ୟାମ ସୁନ୍ଦର ପଣ୍ଡା।




ସ୍ୱସ୍ତିକ୍ ସାମଲଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

## ଲିଭର ସେଲ୍ ପାଇଁ ଉପକାରୀ ସଜନା ଶାଗ



**ସ**ଜନା ଶାଗରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଏହା ଲିଭର୍ କୋଷ (ସେଲ୍) ପାଇଁ ବେଶ୍ ଉପକାରୀ। ଏଥିରେ କ୍ୟାଲ୍‌ସିୟମ୍, ପଟାସିୟମ୍, ଆଇରନ୍ ସମେତ ଭିଟାମିନ୍-ଏ, ସି ଏବଂ ଇ ଭରି ରହିଛି। ଜଣେ ଡାଇବେଟିସ୍ ରୋଗୀ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ଦରକାର। କାରଣ ସଜନା ଶାଗ ଉଭୟ ରକ୍ତରେ ଏବଂ ପରିସ୍ରାରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିଥାଏ। ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ବିଶେଷ ସହାୟକ ମଧ୍ୟ ହୋଇଥାଏ। ଏଥିରେ ଫସ୍‌ଫରସ୍ ଓ କ୍ୟାଲ୍‌ସିୟମ୍ ମଧ୍ୟ ରହିଛି। ଏହାକୁ ଖାଇବା ଦ୍ୱାରା ଅସ୍ଥି ମଜଭୁତ ରହିଥାଏ। ଆଣ୍ଠୁ, ଗଣ୍ଠି ବାତରୁ ମଧ୍ୟ କେତେକାଂଶରେ ଉପଶମ ମିଳେ। ନିୟମିତ ସଜନା ଶାଗ ଖାଇଲେ ତାହା ଶରୀରରେ ଚର୍ବି ଅଂଶକୁ ସନ୍ତୁଳିତ ରଖେ। ତେଣୁ ମେଦବହୁଳତା ସମସ୍ୟା ସହ ଜଡ଼ିତ ବ୍ୟକ୍ତିଙ୍କ ପାଇଁ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ।

## କ୍ଷତିକାରକ ଫ୍ୟାଟ୍ ଜାତୀୟ ଖାଦ୍ୟ



**ଅ**ନେକ ଲୋକ ନିଜର ଭୁଲ୍ ଖାଦ୍ୟଶୈଳୀ ପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ପାଇଁ ହେଉ ଅବା ଫ୍ୟାଟ୍ ଜାତୀୟ ଖାଦ୍ୟ, ଏଗୁଡ଼ିକୁ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଭଳି ମାରାତ୍ମକ ରୋଗର ସାମନା କରିବାକୁ ପଡୁଛି। 'ଫ୍ୟାଟ୍‌ଜାତୀୟ ଖାଦ୍ୟ ଏବଂ ଷ୍ଟ୍ରୋକ୍ ସମସ୍ୟା' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ପ୍ରାୟ ପ୍ରତିଦିନ ଆବଶ୍ୟକତାଠାରୁ ଅଧିକ ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଉଥିବାର ଦେଖିବାକୁ ମିଳିଥିଲା। ଏହା ଏକ ଅଭ୍ୟାସରେ ପରିଣତ ହୋଇଗଲେ ତାହା ଭବିଷ୍ୟତରେ ଷ୍ଟ୍ରୋକ୍ ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିବାର ଆଶଙ୍କା ରହିଛି ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏପରି ଖାଦ୍ୟ ଶରୀରରେ ଚର୍ବି ପରିମାଣ ବଢ଼ାଇବା ସହ ହାର୍ଟର କାର୍ଯ୍ୟଧାରାକୁ ମଧ୍ୟ ପ୍ରଭାବିତ କରିଥାଏ। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା, କ୍ଷୀର, ମାଛ, ସୋୟାବିନ୍ ଆଦି ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ଅଟିଜମ୍ : କାରଣ, ପ୍ରତିକାର



ଡା. ନିତ୍ୟାନନ୍ଦ ସ୍ୱାଇଁ

"ଯେଉଁ ପିଲାକୁ ଏକୁଟିଆ ଛାଡ଼ିଦେଲେ ଯେ ସମ୍ପୂର୍ଣ୍ଣ ଏକୁଟିଆ ରହିବା ପାଇଁ ପସନ୍ଦ କରି ଚାରିପାଖର ପରିବେଶ ସହ କୌଣସି ସମ୍ପର୍କ ରଖିବାର ଉତ୍ସାହ ଦେଖାଇ ନ ଥାଏ, ସେ ଅଟିଜମ୍ ସ୍ପେକ୍ଟ୍ରମ ଭିତରେ ଆସୁଛି ବୋଲି ସନ୍ଦେହ କରାଯାଇପାରେ। ସେହି ପିଲାଟିକୁ ଲକ୍ଷ୍ୟ କଲେ ସେ ଯେ ଆଉ ପାଞ୍ଚଟା ପିଲାଙ୍କଠାରୁ ଅଲଗା, ଏହା ସହଜରେ ବୁଝାପଡ଼େ। ତା'ଠାରେ ଥାଇପାରେ ଅନ୍ୟାନ୍ୟ ଅସୁସ୍ଥତା, ଯାହା ଭିତରୁ ଅନ୍ୟତମ ହେଉଛି ଅଟିଜମ। ତେବେ ଅଟିଜମ୍ ରୋଗାକ୍ରାନ୍ତ ଶିଶୁମାନଙ୍କଠାରେ ବଡ଼ ସମସ୍ୟାଟି ହେଉଛି ସାମାଜିକ ଭାବେ ଯୋଗାଯୋଗ ରକ୍ଷା ଅବା ଭାବ ଆଦାନପ୍ରଦାନରେ ଅକ୍ଷମତା।"



**ଏ**ଇ ଗତ କିଛି ବର୍ଷ ଭିତରେ 'ଅଟିଜମ' ଶବ୍ଦଟି ବେଶ୍ ଜଣାଶୁଣା ହୋଇଗଲାଣି। ହୁଏତ ଖବରକାଗଜଗୁଡ଼ିକର ସୌଜନ୍ୟରୁ ଜନସାଧାରଣ ଏହି ବିଷୟରେ କିଛି କିଛି ପଢ଼ିବା ପାଇଁ ପାଉଥିବେ। ମାତ୍ର ଡାକ୍ତରମାନଙ୍କ ମତ ଯେ ବିଗତ କେତୋଟି ବର୍ଷ ମଧ୍ୟରେ ଅଟିଜମ୍ ବା 'ଅଉଟମ ସ୍ପେକ୍ଟ୍ରମ ଡିଜଅର୍ଡର' ରୋଗୀଙ୍କ ସଂଖ୍ୟା ବଢ଼ିବା ପରିଲକ୍ଷିତ ହେଉଛି। ହୁଏତ ରୋଗଟିର ନିର୍ଣ୍ଣୟ ସହଜ ହୋଇଯିବା ଏହାର କାରଣ ହୋଇଥିବ। ତଥାପି ଅଟିଜମ ନେଇ ଜନସାଧାରଣଙ୍କଠାରେ ପ୍ରକାଶ ପାଉଛି ପ୍ରଭୂତ ଲଜ୍ଜା, ସଙ୍କୋଚ ଏବଂ ଭୟ। କିନ୍ତୁ ଅଟିଜମ କ୍ଷେତ୍ରରେ ସବୁଠାରୁ ବଡ଼ ଭରସା ହେଉଛନ୍ତି ଆକ୍ରାନ୍ତ ପିଲାଟିର ମାତାପିତା। ହେଲେ ବଡ଼ କ୍ଷୋଭର ବିଷୟ ଯେ ମାତାପିତାମାନେ ଏହାକୁ ପିଲାର ଏକ ସ୍ୱଭାବ ଭାବରେ ସ୍ୱୀକାର କରିବାକୁ ନାରାଜ। ଏହି କାରଣରୁ ସେମାନେ ପିଲାର ଚିକିତ୍ସାରେ ବିଶେଷ ମନ ଦେଇ ନ ଥାନ୍ତି। ପୁଣି ମାତାପିତାଙ୍କୁ ଯଥାଯଥ ଭାବେ ବୁଝେଇବା ଓ ବାଟ ଦେଖାଇବା କ୍ଷେତ୍ରରେ ଯେ ଅଭାବ ରହିଛି ଏହାକୁ ମାନିନେବା ପାଇଁ ପଡ଼ିବ। ସୁତରାଂ ଅଟିଜମ ଶବ୍ଦଟି କ୍ରମଶଃ ଅଧିକ ପରିଚିତ ହେବାରେ ଲାଗିଲେ ବି ସମସ୍ୟାଟି ସମ୍ପର୍କରେ ସମାଜର ଜ୍ଞାନ କେତେଦୂର, ଏହାକୁ ନେଇ ସନ୍ଦେହର ଅବକାଶ ଅଛି। ଏହି କାରଣରୁ ଅଟିଜମ ରୋଗ ସମ୍ପର୍କରେ କେତେକ ପ୍ରାଥମିକ ତଥ୍ୟ ଜାଣିନେବା ନିରାପଦ।

**କେମିତି ଚିହ୍ନିବେ :** ଯେଉଁ ପିଲାକୁ ଏକୁଟିଆ ଛାଡ଼ିଦେଲେ ଯେ ସମ୍ପୂର୍ଣ୍ଣ ଏକୁଟିଆ ରହିବା ପାଇଁ ପସନ୍ଦ କରି ଚାରିପାଖର ପରିବେଶ ସହ କୌଣସି ସମ୍ପର୍କ ରଖିବାର ଉତ୍ସାହ ଦେଖାଇ ନ ଥାଏ, ସେ ଅଟିଜମ୍ ସ୍ପେକ୍ଟ୍ରମ ଭିତରେ ଆସୁଛି ବୋଲି ସନ୍ଦେହ କରାଯାଇପାରେ। ସେହି ପିଲାଟିକୁ ଲକ୍ଷ୍ୟ କଲେ ସେ ଯେ ଆଉ ପାଞ୍ଚଟା ପିଲାଙ୍କଠାରୁ ଅଲଗା, ଏହା ସହଜରେ ବୁଝାପଡ଼େ। ତା'ଠାରେ ଥାଇପାରେ ଅନ୍ୟାନ୍ୟ ଅସୁସ୍ଥତା, ଯାହା ଭିତରୁ ଅନ୍ୟତମ ହେଉଛି ଅଟିଜମ। ତେବେ ଅଟିଜମ୍ ରୋଗାକ୍ରାନ୍ତ ଶିଶୁମାନଙ୍କଠାରେ ବଡ଼ ସମସ୍ୟାଟି ହେଉଛି ସାମାଜିକ ଭାବେ ଯୋଗାଯୋଗ ରକ୍ଷା ବା ଭାବ ଆଦାନପ୍ରଦାନରେ ଅକ୍ଷମତା। ଏହାକୁ ଚିହ୍ନଟ କରିବା ବିଶେଷ କଷ୍ଟକର ନୁହେଁ। ଯେପରି କି-

➤ଅଟିଜମ ଆକ୍ରାନ୍ତ ପିଲାମାନେ ଡେରିରେ କଥା କହି ଶିଖନ୍ତି। ଅନ୍ୟମାନଙ୍କ ମୁହଁକୁ ଚାହିଁ, ଆଖିରେ ଆଖି ମିଳାଇ କଥାବାର୍ତ୍ତା କରିପାରନ୍ତିନି। ସେମାନେ ସର୍ବଦା ଅନ୍ୟମନସ୍କ ରହୁଥିବା ଭଳି ଜଣାପଡ଼ନ୍ତି। ଡାକିଲେ ଉତ୍ତର ଦିଅନ୍ତିନି। ଭୋକ ଲାଗିଲେ କି ଅନ୍ୟ କୌଣସି ଦରକାର ପଡ଼ିଲେ ତୁଣ୍ଡ ଖୋଲି ତାହା ବ୍ୟକ୍ତ କରିପାରନ୍ତି ନାହିଁ। ଏମାନେ ସ୍ପଷ୍ଟ ଭାବରେ କଥା କହି ପାରନ୍ତିନି।

➤ଆମେ ଯେପରି ଯୁକ୍ତିଯୁକ୍ତ ତଥା ସଙ୍ଗତ ଶବ୍ଦଗୁଡ଼ିକୁ ଯୋଡ଼ି ବାକ୍ୟ ମାଧ୍ୟମରେ ଭାବ ପ୍ରକାଶ କରିଥାଉ କି ପ୍ରଶ୍ନର ଉତ୍ତର ଦେଇଥାଉ, ଏମାନଙ୍କ ପକ୍ଷେ ତାହା ସମ୍ଭବ ହୋଇପାରେନି। ଏପରି କି କଥା କହିବା ଆରମ୍ଭ କରି ମଝିରେ ଚୁପ୍ ରହିଯାଆନ୍ତି। କଣ୍ଠସ୍ୱର ଉପରେ ମଧ୍ୟ ଏମାନଙ୍କର କୌଣସି ନିୟନ୍ତ୍ରଣ ନ ଥାଏ। କେତେବେଳେ ଫୁସଫାସ କରି ଚିପା ଗଳାରେ କଥା କହନ୍ତି ତ, ଅନ୍ୟ କେତେବେଳେ କଥାବାର୍ତ୍ତା କରିଥାଆନ୍ତି ଚିତ୍କାର ଛାଡ଼ି। କେତେବେଳେ ଅବସ୍ଥାକୁ ଚାହିଁ ଯେ ତୁଣ୍ଡ ଖୋଲି କିଛି କହିବା ଦରକାର, ତାହା ମଧ୍ୟ ସେମାନେ ବୁଝି ପାରନ୍ତି ନାହିଁ। ଅନ୍ୟମାନେ କଥାବାର୍ତ୍ତା କରୁଥିବା ବେଳେ ସେଥିରେ ହଠାତ୍ ବାଧାଦେଇ କଥା କହିପକାନ୍ତି।

➤ଏମାନଙ୍କର ଛିଡ଼ା ହେବାର ଭଙ୍ଗୀରେ ମଧ୍ୟ ପରିଲକ୍ଷିତ ହୁଏ ଅସ୍ୱାଭାବିକତା। କିଏ ବଙ୍କା ହୋଇ ଛିଡ଼ା ହୁଏ ତ ଆଉ କିଏ ଅଦ୍ଭୁତ ଭାବରେ ମୁଖ ଭଙ୍ଗୀ କରି ତେରଛା ଭାବରେ ଚାହିଁ ଥାଏ।

➤ଏମାନେ ପରିବେଶ ସହ ଯୋଗାଯୋଗ ସ୍ଥାପନ କରିବାରେ ଅକ୍ଷମ ହୋଇଥିବାରୁ ନିଜର କ୍ଷୁଦ୍ର ଜଗତଟିରେ ରହିବା ପାଇଁ ବେଶି ପସନ୍ଦ କରିଥାନ୍ତି। ଏମାନେ ଅନ୍ୟମାନଙ୍କ ସହ ଏକାଠି ମିଶି କାମ କରିପାରନ୍ତି ନାହିଁ।

➤ଏମାନଙ୍କଠାରେ ପରିଲକ୍ଷିତ ହୋଇଥାଏ କଳ୍ପନାର ଅଭାବ। ସେଥିପାଇଁ ଏମାନେ ସହାନୁଭୂତି ପ୍ରକାଶ କରିପାରନ୍ତିନି। ଅଟିଜମ ଆକ୍ରାନ୍ତ ପିଲା ମାତାପିତାଙ୍କୁ ଦେଖି ହସି ନ ଥାଏ। ମାତାପିତା ହସିଲେ ମଧ୍ୟ ନିଜେ ହସି ତାହାର ପ୍ରତ୍ୟୁତ୍ତର ଦେଇପାରେନି।

ଅଟିଜମ ସମସ୍ୟା ବୁଝି ଏହାର ନାନା ଲକ୍ଷଣ ବିଷୟରେ ଜାଣିନେବା ନିହାତି ଦରକାର। ଅନେକ ସମୟରେ ଦେଖାଯାଇଥାଏ ଯେ, ୧୮-୨୪ ମାସ ବୟସ ହେବା ପର୍ଯ୍ୟନ୍ତ ପିଲାଟିର ବୃଦ୍ଧି ଏବଂ ବିକାଶରେ ବିଶେଷ ଅସ୍ୱାଭାବିକତା ପରିଲକ୍ଷିତ ହୋଇ ନ ଥାଏ। ପରେ ପରେ ହଠାତ୍ କଥାବାର୍ତ୍ତାରେ ଭଙ୍ଗା। ସେଯାବତ୍ ସେ ଶିଖିସାରିଥିବା କଥାଗୁଡ଼ିକ ଭୁଲି ଯାଏ ଏବଂ ସ୍ଥାଣୁ ହୋଇ ରହିଯାଏ ମାନସିକ ବିକାଶ। କିନ୍ତୁ ଅନେକ ମାତାପିତା ଏହି ଅସ୍ୱାଭାବିକତାକୁ ମାନିନେଇ ପାରନ୍ତିନି। ସେମାନେ ଭାବନ୍ତି-କେତେକ ମାସ ପୂର୍ବରୁ ଯାହାର କଥାବାର୍ତ୍ତା ଓ ଆଚରଣ ସବୁ ଠିକ୍‌ଠାକ୍ ଥିଲା ତାହା କ'ଣ ଏମିତି ପରିବର୍ତ୍ତିତ ହୋଇଯାଇପାରେ ? ମାତ୍ର ସେମାନଙ୍କୁ ସ୍ୱୀକାର କରିନେବା ପାଇଁ ପଡିବ ଯେ ଏପରି ଘଟିବା ଆଦୌ ଅସ୍ୱାଭାବିକ ନୁହେଁ। ତେବେ ଅଟିଜମ ଆକ୍ରାନ୍ତ ପିଲାର ବୁଦ୍ଧି ଅନ୍ୟ ପିଲାଙ୍କ ବୁଦ୍ଧିଠାରୁ କମ୍ ହୋଇ ନ ଥାଏ। ଅନେକ ରୋଗୀଙ୍କଠାରେ ବୁଦ୍ଧି ଥାଏ ସମ୍ପୂର୍ଣ୍ଣ ସ୍ୱାଭାବିକ। ଏମାନେ ତରତର କରି ଗୀତ ଗାଆନ୍ତିନି। ଖାତାରେ ରଙ୍ଗ କରିପାରନ୍ତି। କେହି କିଛି ନିର୍ଦ୍ଦେଶ ଦେଲେ ପାଳନ କରନ୍ତିନି। ପୁନଶ୍ଚ ସେମାନଙ୍କଠାରେ ପରିଲକ୍ଷିତ ହୋଇଥାଏ କାର୍ଯ୍ୟକଳାପ ଏବଂ କଥାବାର୍ତ୍ତାର ପୁନରାବୃତ୍ତି। ଯେପରି ବାରମ୍ବାର ତାଳି ମାରିବା, ଚେୟାରରେ ବସି ଚେୟାରଟିକୁ ବାରମ୍ବାର ଦୋହଲାଇବା, ଦୌଡ଼ିବା ଭଳି କାର୍ଯ୍ୟକୁ ବାରମ୍ବାର କରିଚାଲିବା, ଗୋଟିଏ କଥାକୁ ବାରମ୍ବାର ଦୋହରାଇବା, ଘୂରୁଥିବା ପଙ୍ଖାକୁ ଅନେକ ସମୟ ଧରି ଚାହିଁ ରହିବା ଇତ୍ୟାଦି ମଧ୍ୟ ଅଟିଜମର ଲକ୍ଷଣ। ଏଭଳି ଶିଶୁମାନେ ରୁଟିନ୍ ବନ୍ଧା କାର୍ଯ୍ୟରେ କୌଣସି ବ୍ୟତିକ୍ରମକୁ ମାନିନେଇ ପାରନ୍ତିନି। ଏପରିକି କୋଠରି ଭିତରର ସାଜସଜ୍ଜା ସାମାନ୍ୟ ପରିବର୍ତ୍ତିତ ହୋଇଗଲେ ଅଟିଜମ ପିଲାଙ୍କ ପାଇଁ ଏହା ଅସୁବିଧା ସୃଷ୍ଟି କରିପକାଏ ଏବଂ ଚିତ୍କାର ଛାଡ଼ି ସେମାନେ ନିଜର ଆପତ୍ତି ବ୍ୟକ୍ତ କରିଥାନ୍ତି।

ଏହାବ୍ୟତୀତ 'ସେନସର' ବା ଇନ୍ଦ୍ରିୟ ଆଧାରିତ ଦିଗଟି ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କ ମଧ୍ୟରୁ କେହି କେହି 'ହାଇପରସେନସିଟିଭ' ବା ଅତିମାତ୍ରାରେ ସମ୍ବେଦନଶୀଳ। ତେଣୁ ସାମାନ୍ୟ ଶବ୍ଦରେ ବି ଚମକି ପଡନ୍ତି। କେହି କେହି ମଧ୍ୟ 'ହାଇପରସେନସିଟିଭ' ବା ନିମ୍ନମାତ୍ରାରେ ସମ୍ବେଦନଶୀଳ। ତେଣୁ ହାତରେ ଗରମ ଜଳ ଢାଳି ହୋଇଗଲେ ମଧ୍ୟ ସେମାନେ ନିର୍ବିକାର। ପୁଣି ପଞ୍ଚେନ୍ଦ୍ରିୟ କାର୍ଯ୍ୟରେ ଭାରସାମ୍ୟର ଅଭାବ କାରଣରୁ କିଏ କେତେବେଳେ ବିଚିତ୍ର ଭଙ୍ଗୀରେ ଚଲାବୁଲା କରିଥାଏ ତ ଅଦ୍ଭୁତ ଜିନିଷର ଗନ୍ଧ ବାରେ। (କ୍ରମଶଃ..)

-'ଅଭୀପ୍‌ସା' ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ-୧୪, ମୋ : ୯୪୩୭୭୬୬୧୧୭



## ମସ୍ତିଷ୍କ ସ୍ନାୟୁକୁ ସକ୍ରିୟ କରିବାର ନୂଆ ଉପାୟ

**ଆ**ମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ମସ୍ତିଷ୍କ। ଏହା ଠିକ୍ ଭାବରେ କାମ କରିବା ନିହାତି ଦରକାର। ନ ହେଲେ ଆମେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଉ। ବେଳେବେଳେ ଏହା ମଧ୍ୟ ଜୀବନନାଶକ ହୋଇଥାଏ। ମସ୍ତିଷ୍କ ଭିତରେ ଥିବା ସ୍ନାୟୁ ଏବଂ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ଅଙ୍ଗ ସୁସ୍ଥ ରହିବା ନିହାତି ଦରକାର। ବିଶେଷଭାବରେ ମସ୍ତିଷ୍କ ସ୍ନାୟୁ ସକ୍ରିୟ ରହିବା ଆବଶ୍ୟକ। ଏହା ପାଇଁ ଏକ ସରଳ ତଥା ସହଜ ଉପାୟ ରହିଛି। ତାହା କ'ଣ ଜାଣନ୍ତି ? ଜଣେ ବ୍ୟକ୍ତି ଯଦି ନିୟମିତ ମନ ପସନ୍ଦର ସଙ୍ଗୀତ ଶୁଣନ୍ତି ତେବେ ତାହା ମସ୍ତିଷ୍କ ସ୍ନାୟୁଗୁଡିକ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ନିକଟରେ ଏଭଳି ବିଷୟବସ୍ତୁକୁ ନେଇ ୟୁନିଭର୍ସିଟି ଅଫ ସିଓଲର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଉକ୍ତ ସର୍ଭେ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ସେମାନଙ୍କର ମନପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେମାନଙ୍କର ମସ୍ତିଷ୍କ ସ୍ନାୟୁରେ କ'ଣ ଉନ୍ନତି ଘଟିଛି ତାହାକୁ ତନ୍ନ ତନ୍ନ କରି ଲକ୍ଷ୍ୟ ମଧ୍ୟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର ସ୍ନାୟୁ ଏହାଦ୍ୱାରା ପୂର୍ବାପେକ୍ଷା ସକ୍ରିୟ ହେଉଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ମେଦବହୁଳତା ଅସନ୍ତୁଳିତ ରହିଲେ...



**ଯ**ଦି ଜଣେ ବ୍ୟକ୍ତି ଡାଇବେଟିସ୍ ବା ମଧୁମେହରେ ଆକ୍ରାନ୍ତ ତେବେ ତାଙ୍କୁ ବିଭିନ୍ନ ବିଷୟ ପ୍ରତି ସଚେତନ ରହିବାକୁ ପଡ଼ିଥାଏ। ବିଶେଷଭାବରେ ଜୀବନଶୈଳୀ, ଖାଦ୍ୟପେୟ, ନିୟମିତ ଔଷଧ ଖାଇବା ଏବଂ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସୁଗାର ପରିମାଣ ମାପି ନେବା ହିଁ ବିଜ୍ଞତାର ପରିଚାୟକ। କିନ୍ତୁ ଯଦି ଜଣେ ଡାଇବେଟିସ୍ ରୋଗୀଙ୍କର ଓଜନ ବଢ଼ିବାରେ ଲାଗେ ତେବେ ତାହା ଭବିଷ୍ୟତରେ ଘାତକ ସାବ୍ୟସ୍ତ ହୋଇଥାଏ। କାରଣ ମେଦବହୁଳତା ଏବଂ ଡାଇବେଟିସ୍‌କୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି କହିପାରନ୍ତି। କାରଣ ମେଦବହୁଳତା ବଢ଼ିଗଲେ ତାହା ରକ୍ତରେ ସୁଗାର ପରିମାଣ ବଢ଼ାଇ ଦିଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ ରୋଗୀଙ୍କ ପାଇଁ କ୍ଷତିକାରକ। ଏଭଳି ସମସ୍ୟାକୁ ମେଡିକାଲ ବିଜ୍ଞାନରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ନାମରେ ନାମିତ କରାଯାଇଛି। ଏହାବ୍ୟତୀତ ମେଦବହୁଳତା ବଢ଼ି ଚାଲିଲେ ଏହାର ପ୍ରଭାବ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ଉପରେ ପଡ଼ିଥାଏ। ଫଳରେ ଏହି ଜୀବକୋଷଗୁଡ଼ିକ କ୍ଳାନ୍ତ ହୋଇପଡ଼ନ୍ତି। ମେଦବହୁଳ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ କରିବା ଦ୍ୱାରା ମେଦବହୁଳତା ନିୟନ୍ତ୍ରଣକୁ ଆସିଥାଏ। ଶରୀରରେ ମେଦବହୁଳତାକୁ ହ୍ରାସ କରିଦେଲେ ଡାଇବେଟିସ୍ ରୋଗୀଙ୍କ ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା ଧୀରେ ଧୀରେ ସାଧାରଣ ସ୍ତରକୁ ଆସିଯାଇଥାଏ।

## ସ୍ୱାସ୍ଥ୍ୟ ସୂଚନା



➤ନିଜର ଜୀବନଶୈଳୀକୁ ସବୁବେଳେ ନିୟନ୍ତ୍ରଣରେ ରଖନ୍ତୁ। ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ରୁଟିନ୍ ମୁତାବକ କାମ କଲେ ଜୀବନଶୈଳୀ ଅନେକାଂଶରେ ଠିକ୍ ରାସ୍ତାରେ ଚାଲିଥାଏ।

➤ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ସାମିଲ କରନ୍ତୁ। ଅଧିକ ମସଲା ଏବଂ ତୈଳଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ଯଦି ବୋରିଂ ଲାଗୁଛି ତେବେ କିଛି ବହି ପଢ଼ନ୍ତୁ କିମ୍ବା କିଛି ଲେଖାଲେଖି କରନ୍ତୁ। ଏହାଦ୍ୱାରା ଭାରାକ୍ରାନ୍ତ ମନ ହାଲୁକା ହେବା ସହ ମାନସିକତା ସକାରାତ୍ମକ ରହିଥାଏ।

➤ବୟସ ବଢ଼ିବା ସହ ଗରିଷ୍ଠ ଖାଦ୍ୟ ପ୍ରତି ସତର୍କ ରହନ୍ତୁ।

➤ନିଜ ଶରୀରରେ ଜଳୀୟ ଅଂଶ ଯେପରି ସନ୍ତୁଳିତ ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ପ୍ରତିଦିନ ୨-୩ ଲିଟର ପାଣି ପିଅନ୍ତୁ।

➤ବେଡ୍ ରୁମ୍ ପରିବେଶ ସବୁବେଳେ ଶାନ୍ତ ରହିବା ଦରକାର। କାରଣ ଏହାଦ୍ୱାରା ଭଲ ନିଦ ହୋଇଥାଏ।

➤କାହାର ପ୍ରରୋଚନାରେ ପଡ଼ି ନିଜର ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ସମାଧାନ କରିବାରେ ବିଳମ୍ବ କରନ୍ତୁ ନାହିଁ। କୌଣସି ରୋଗର ଲକ୍ଷଣ ବିଷୟରେ ଅବଗତ ହେବା ମାତ୍ରେ ହିଁ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହୁଅନ୍ତୁ।

## ଡିପ୍ରେସନ ଦୂରକରେ ସନ୍ତୁଳିତ ଖାଦ୍ୟ

**ଶ**ରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ କେତେ ରୋଗମୁକ୍ତ ଓ ସୁସ୍ଥ ଜୀବନ ଯାପନ କରୁଛେ ତାହା ନିଜର ଦୈନନ୍ଦିନ ଜୀବନଶୈଳୀ ଏବଂ ଖାଦ୍ୟ ଉପରେ ନିର୍ଭର କରିଥାଏ। ହେଲେ ଖାଦ୍ୟପେୟରେ ଅସନ୍ତୁଳନ ରହିବା ଦ୍ୱାରା ଆମେ ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାଉ। ଆମେରିକୀୟ ପୁଷ୍ଟିବିଜ୍ଞାନୀମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଭିଟାମିନ୍ କିମ୍ବା ନ୍ୟୁଟ୍ରିସନ୍ ନ ଥିବା ଖାଦ୍ୟ ଖାଇଲେ ଆମ ଡିପ୍ରେସନ୍ ସ୍ତରର ମାତ୍ରା ବଢ଼ିଯାଏ। ବେଳେବେଳେ ସେମାନେ ଡିପ୍ରେସନ୍‌ରେ ରହିବା ଯୋଗୁ ଅଧିକ ଖାଦ୍ୟ ଖାଇଥାନ୍ତି, ଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଏହାର ମାତ୍ରାକୁ କମାଇବା ପାଇଁ ଆମକୁ ପ୍ରତିଦିନ ସନ୍ତୁଳିତ ଖାଇବା ନିହାତି ଜରୁରୀ। ଡାଏଟ୍‌କୁ ଠିକ୍ ରଖିବାକୁ ହେଲେ ଆମକୁ ପ୍ରତିଦିନ ପ୍ରୋଟିନ୍, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି ଅକ୍ସିଡ଼ାଣ୍ଟ ଥିବା ଖାଦ୍ୟ ଖାଇବାକୁ ପଡିବ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳା ଆଦି ଶରୀର ପାଇଁ ବେଶ୍ ଉପଯୋଗୀ। ଏଗୁଡ଼ିକୁ ଆମେ ଆମର ଖାଦ୍ୟ ତାଲିକାରେ ସାମିଲ କରିବା ନିହାତି ଦରକାର। ପ୍ରତିଦିନ ଆମେ ଆମ ଖାଦ୍ୟରେ ସାମିଲ୍ କରିପାରିବା। ଏହାବ୍ୟତୀତ ନିୟମିତ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଆମ ଅସ୍ଥି ଓ ମାଂସପେଶୀ ଶକ୍ତ ହେବା ସହ ସ୍ମରଣ ଶକ୍ତି ବି ବଢ଼ାଇବାରେ ସାହାଯ୍ୟ କରେ।



**ଡି**ମେନ୍‌ସିଆ ହେଉଛି ଏକ ସ୍ନାୟୁଜନିତ ରୋଗ। ଏଥିରେ ଆକ୍ରାନ୍ତ ଲୋକଙ୍କର ମସ୍ତିଷ୍କ ବିକାଶରେ ବାଧା ସୃଷ୍ଟି ହେବା ସହ ଶାରୀରିକ, ମାନସିକ ଓ ବ୍ୟବହାରିକ କ୍ଷେତ୍ରରେ ପରିବର୍ତ୍ତନ ଆସିଥାଏ। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ଆମିନୋ ଏସିଡ୍ ଥିବା ୭ଟି ଜିନିଷର ସମ୍ମିଶ୍ରଣରେ ପ୍ରସ୍ତୁତ ହୋଇଛି 'ଆମିନୋ ଏଲ୍‌ପି୭'। ଟୋକିଓସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ୱାଣ୍ଟମ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଏ ବିଷୟରେ ଉଲ୍ଲେଖ କରାଯାଇଛି। କେବଳ

## ଡିମେନ୍‌ସିଆକୁ ନିୟନ୍ତ୍ରଣ କରେ ଆମିନୋ ଏସିଡ୍



ସେତିକି ନୁହେଁ, ଏଭଳି ସ୍ୱାସ୍ଥ୍ୟ ସମସ୍ୟାରୁ ଉପଶମ ଦେବାରେ ଉପରୋକ୍ତ ମିଶ୍ରଣ ଅନେକାଂଶରେ ସହାୟକ ହେବ ବୋଲି ଉକ୍ତ ଇନ୍‌ଷ୍ଟିଚ୍ୟୁଟ୍‌ର ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ଡିମେନେସିଆ ରୋଗୀଙ୍କ ଠାରେ ଏହି ମିଶ୍ରଣକୁ ପରୀକ୍ଷାମୂଳକ ଭାବରେ ବ୍ୟବହାର କରାଯାଇଥିଲା। ତା'ସହ ଏଥିରୁ ଅନେକାଂଶରେ ସଫଳତା ମିଳିଥିଲା ବୋଲି ବିଶେଷଜ୍ଞମାନେ ପ୍ରକାଶିତ ରିପୋର୍ଟରେ ଦର୍ଶାଇଛନ୍ତି। ତା' ସହ ଜଣେ ଡିମନେସିଆ ରୋଗୀ ନିଜର ଦୈନନ୍ଦିନ ଜୀବନଶୈଳୀ ପ୍ରତି ସଚେତନ ରହିବା ନିହାତି ଦରକାର।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ








କ୍ୱାଡ୍ ବିମ୍ LED ହେଡ୍‌ଲ୍ୟାମ୍ପ୍, ହୋରିଜୋନ୍ LED ପୋଜିସନିଂ ଲ୍ୟାମ୍ପ୍ ଏବଂ DRLs



ସାରାଉଣ୍ଡ୍ ଭ୍ୟୁ ମନିଟର୍ (SVM) ଏବଂ ବ୍ଲାଇଣ୍ଡ୍-ସ୍ପଟ୍ ଭ୍ୟୁ ମନିଟର (BVM)



Hyundai ସ୍ମାର୍ଟସେନ୍ସ୍-ଲେଭେଲ୍ 2 ADAS (19 ବିଶେଷତା)


ଭଏସ୍ ସକ୍ଷମିତ ସ୍ମାର୍ଟ୍ ପାନୋରାମିକ୍ ସନ୍‌ରୁଫ୍



ଡୁଆଲ୍ ଜୋନ୍ ଅଟୋମେଟିକ୍ ଟେମ୍ପରେଚର୍ କଣ୍ଟ୍ରୋଲ୍ (DATC)


ପାୱାରଟ୍ରେନ୍‌ର ଚଏସ୍
1.5l PL, 1.5l DSL, 1.5l PL ଟର୍ବୋ
MT, AT, DCT ଏବଂ IVT

ଫିଲ୍ମ ପ୍ଲେ କରିବା ପାଇଁ ସ୍କାନ୍ କରନ୍ତୁ

36 ଷ୍ଟାଣ୍ଡାର୍ଡ୍ ସୁରକ୍ଷା ବିଶେଷତା ଏବଂ
70+ ଅତ୍ୟାଧୁନିକ ସୁରକ୍ଷା ବିଶେଷତା*

HYUNDAI

To know more, WhatsApp us on 8447228019 | my Hyundai app | Hyundai Cl!ck to Buy | 3 YEAR Unlimited* Kilometer Warranty | 3 YEAR Road Side Assistance (RSA)* | UPTO 7 YEARS Extended Warranty^ | UPTO 5 YEARS Shield of Trust Running Repair Package* | UPTO 5 YEARS Shield of Trust Super Maintenance Package* | Bluelink 3 Years free Bluelink subscription with 70+ Bluelink features | JioSaavn Pro 1 year complimentary subscription*

**For Information Contact:** Toll Free:1800114645 **Cuttack:** OSL Hyundai, Ph: 9338104597; Paradeep, Ph: 7077736600; Jagatsinghpur, Ph: 7077736556, Dhenkanal, Ph: 9338685216; Utkal Hyundai, Ph: 9437063221, Keonjhar, Ph: 9937117471, Jajpur, Ph: 7077719045, **Angul:** Binod Hyundai, Ph: 8093147272, **Balangir:** Binod Hyundai, Ph: 8117067272, **Bhubaneswar:** Aditya Hyundai, Tamando, Ph: 7873999645, Nayagarh, Ph: 7873999331, Sachivalaya Marg, Unit IV, Ph: 7873999988, Lewis Road, Ph: 7873999523, Utkal Hyundai, Pahal, Ph: 6371750223; Rasulgarh, Ph: 8093066006, Patia, Ph: 9861455661, **Berhampur:** Utkal Hyundai, Ph: 9437964843, **Balasore:** Premier Hyundai, Ph: 9938449810, Bhadrak, Ph: 9938449806, **Baripada:** Premier Hyundai, Ph: 9938449811, **Rourkela:** Koshala Hyundai, Ph: 7440022333, Rajgangpur, Ph: 8093598037, **Sambalpur:** Aakashdeep Hyundai, Ph: 9437070126, **Bargarh:** Sakambari Hyundai, Ph: 6370101797, **Jharsuguda:** Infinity Hyundai, Ph: 7077011114, Sundergarh, Ph: 7606003303, **Jeypore:** HSPL Hyundai, Ph: 8480330001, Similiguda, Ph: 8480330001, Rayagada, Ph: 8480330001, Bhawanipatna, Ph: 8480330040, **Uttara:** Aditya Hyundai, Ph: 7873999545, Puri, Ph: 7873999980

*Terms & Conditions apply. ~Ex-showroom price. Features & specifications shown may vary or not be part of standard fitment & are subject to change without prior notice. Hyundai Motor India reserves the right to change specifications, colour, equipment and schemes at any time without prior notice. The black shade on glasses is due to lighting effect. Size, colour may vary due to lighting and positing effects. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads. Bluelink functionality is dependent on adequate power supply and uninterrupted network connectivity. The Bluelink system is designed in such a way that it makes vehicle theft difficult if its circuit and battery connection is uninterrupted. Hyundai SmartSense, the Advanced Driver Assistance System is not a substitute for safe and attentive driving. Its effectiveness depends on various factors. Availability of Hyundai SmartSense Features may differ by variants.^Upto 7 years extended warranty is applicable only for petrol variants. Extended Warranty and Shield of Trust Packages are on payable basis. The JioSaavn Music streaming service functionality may vary based on network connectivity /content provider platform functionality. For more details on JioSaavn, refer T&C and Privacy Policy on - https://www.jiosaavn.com/corporate/terms/. For more details, consult the nearest authorized dealer. INNOCEAN-007/24 ORI








କ୍ୱାଡ୍ ବିମ୍ LED ହେଡ୍‌ଲ୍ୟାମ୍ପ, ହୋରିଜୋନ୍ LED ପୋଜିସନିଂ ଲ୍ୟାମ୍ପ ଏବଂ DRLs



ସାରାଉଣ୍ଡ ଭ୍ୟୁ ମନିଟର୍ (SVM) ଏବଂ ବ୍ଲାଇଣ୍ଡ-ସ୍ପଟ୍ ଭ୍ୟୁ ମନିଟର (BVM)



Hyundai ସ୍ମାର୍ଟସେନ୍ସ-ଲେଭେଲ୍ 2 ADAS (19 ବିଶେଷତା)


ଭଏସ୍ ସକ୍ଷମିତ ସ୍ମାର୍ଟ ପାନୋରାମିକ୍ ସନ୍‌ରୁଫ୍



ଡୁଆଲ୍ ଜୋନ୍ ଅଟୋମେଟିକ୍ ଟେମ୍ପରେଚର୍ କଣ୍ଟ୍ରୋଲ୍ (DATC)


ପାୱାରଟ୍ରେନ୍‌ର ଚଏସ୍
1.5l PL, 1.5l DSL, 1.5l PL ଟର୍ବୋ
MT, AT, DCT ଏବଂ IVT

ଫିଲ୍ମ ପ୍ଲେ କରିବା ପାଇଁ ସ୍କାନ୍ କରନ୍ତୁ

36 ଷ୍ଟାଣ୍ଡାର୍ଡ ସୁରକ୍ଷା ବିଶେଷତା ଏବଂ
70+ ଅତ୍ୟାଧୁନିକ ସୁରକ୍ଷା ବିଶେଷତା*

HYUNDAI

To know more, WhatsApp us on 8447228019 | myHyundai app | Hyundai Click to Buy | 3 YEAR Unlimited* Kilometer Warranty | 3 YEAR Road Side Assistance (RSA)* | UPTO 7 YEARS Extended Warranty^ | UPTO 5 YEARS Shield of Trust Running Repair Package* | UPTO 5 YEARS Shield of Trust Super Maintenance Package* | Bluelink 3 Years free Bluelink subscription with 70+ Bluelink features | JioSaavn Pro 1 year complimentary subscription*

**For Information Contact:** Toll Free:1800114645 **Bhubaneswar:** Aditya Hyundai, Tamando, Ph: 7873999645, Nayagarh, Ph: 7873999331, Sachivalaya Marg, Unit IV, Ph: 7873999988, Lewis Road, Ph: 7873999523, Utkal Hyundai, Pahal, Ph: 6371750223; Rasulgarh, Ph: 8093066006, Patia, Ph: 9861455661, **Angul:** Binod Hyundai, Ph: 8093147272, **Balangir:** Binod Hyundai, Ph: 8117067272, **Berhampur:** Utkal Hyundai, Ph: 9437964843, **Balasore:** Premier Hyundai, Ph: 9938449810, Bhadrak, Ph: 9938449806, **Baripada:** Premier Hyundai, Ph: 9938449811, **Cuttack:** OSL Hyundai, Ph: 9338104597; Paradeep, Ph: 7077736600; Jagatsinghpur, Ph: 7077736556, Dhenkanal, Ph: 9338685216; Utkal Hyundai, Ph: 9437063221, Keonjhar, Ph: 9937117471, Jajpur, Ph: 7077719045, **Rourkela:** Koshala Hyundai, Ph: 7440022333, Rajgangpur, Ph: 8093598037, **Sambalpur:** Aakashdeep Hyundai, Ph: 9437070126, **Bargarh:** Sakambari Hyundai, Ph: 6370101797, **Jharsuguda:** Infinity Hyundai, Ph: 7077011114, Sundergarh, Ph: 7606003303, **Jeypore:** HSPL Hyundai, Ph: 8480330001, Similiguda, Ph: 8480330001, Rayagada, Ph: 8480330001, Bhawanipatna, Ph: 8480330040, **Uttara:** Aditya Hyundai, Ph: 7873999545, Puri, Ph: 7873999980

*Terms & Conditions apply. ~Ex-showroom price. Features & specifications shown may vary or not be part of standard fitment & are subject to change without prior notice. Hyundai Motor India reserves the right to change specifications, colour, equipment and schemes at any time without prior notice. The black shade on glasses is due to lighting effect. Size, colour may vary due to lighting and positing effects. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads. Bluelink functionality is dependent on adequate power supply and uninterrupted network connectivity. The Bluelink system is designed in such a way that it makes vehicle theft difficult if its circuit and battery connection is uninterrupted. Hyundai SmartSense, the Advanced Driver Assistance System is not a substitute for safe and attentive driving. Its effectiveness depends on various factors. Availability of Hyundai SmartSense Features may differ by variants.^Upto 7 years extended warranty is applicable only for petrol variants. Extended Warranty and Shield of Trust Packages are on payable basis. The JioSaavn Music streaming service functionality may vary based on network connectivity /content provider platform functionality. For more details on JioSaavn, refer T&C and Privacy Policy on - https://www.jiosaavn.com/corporate/terms/. For more details, consult the nearest authorized dealer. INNOCEAN-007/24 ORI